ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨୬/୨୦୨୪ (୧୨+୮= ୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Friday, January 26/2024 Page 20 ₹ 7.00

୫୦ଶ ଭାଗ ୬୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 64 ମୂଲ୍ୟ ₹୭/-




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨୬/୨୦୨୪ Bhubaneswar, Friday, January 26/2024

# ମହାମେଣ୍ଟ ଛାଡ଼ିପାରନ୍ତି ନୀତୀଶ

## ଏନ୍‌ଡିଏକୁ ଫେରିବା ସମ୍ଭାବନା

### ବିଧାନସଭା ଭଙ୍ଗ ପାଇଁ ସୁପାରିସ କରିପାରନ୍ତି

**ପାଟନା,୨୫।୧**

ବିହାର ମହାମେଣ୍ଟ ସରକାରରୁ ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାର ବାହାରିଯିବାର ସଙ୍କେତ ଦେଇଥିବାରୁ ଇଣ୍ଡିଆ ମେଣ୍ଟ ସମ୍ଭାବନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୀତୀଶ ମହାମେଣ୍ଟରୁ ଦୂରେଇଯାଇ ଲୋକ ସଭା ନିର୍ବାଚନ ପାଇଁ ଭାଜପା ସହ ହାତ ମିଳାଇପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଗତ ଦୁଇଦିନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଯଥାକ୍ରମେ ପଶ୍ଚିମବଙ୍ଗ ଏବଂ ପଞ୍ଜାବରେ ଏଏପି କଂଗ୍ରେସ ସହ ମେଣ୍ଟ ନ କରି ଏକାକୀ ନିର୍ବାଚନ ଲଢ଼ିବ ବୋଲି କହିଥିଲେ। ଯଦି ନୀତୀଶ ମହାମେଣ୍ଟରୁ ଓହରନ୍ତି, ତେବେ ୨୦୧୩ରୁ ଇତିମଧ୍ୟରେ ଏହା ତାଙ୍କର ପଞ୍ଚମ ପଟ୍ଟ ପରିବର୍ତ୍ତନ ହେବ। ୩ ବର୍ଷ ପୂର୍ବେ ମହାମେଣ୍ଟ ଛାଡ଼ି ଏନ୍‌ଡିଏରେ ଯୋଗଦେଇଥିବା ୭୨ ବର୍ଷୀୟ ନୀତୀଶ ୨୦୨୨ରେ ପୁଣି ମହାମେଣ୍ଟକୁ ଫେରିଥିଲେ।

ନିକଟରେ ନୀତୀଶ ବଂଶବାଦ ରାଜନୀତିକୁ କଡ଼ା ସମାଲୋଚନା କରିଥିବାବେଳେ ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ଯାଦବଙ୍କ ଝିଅ ରୋହିଣୀ ଆଚାର୍ଯ୍ୟ ସୋସିଆଲ ମିଡିଆରେ ଏହାର ଦୃଢ଼ ଜବାବ ଦେଇଥିଲେ। ସେ ପରେ ଉକ୍ତ ପୋଷ୍ଟକୁ ଡିଲିଟ୍ କରିଥିଲେ ମଧ୍ୟ ଦୁଇ ଦଳ ମଧ୍ୟରେ ଫାଟ ବଢ଼ୁଥିବା ସ୍ପଷ୍ଟ ହୋଇଛି। କଂଗ୍ରେସର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଯୋଗଦେବେ ନାହିଁ ବୋଲି ନୀତୀଶ ଜଣାଇ ଦେଇଥିବାରୁ ବିରୋଧୀ ମେଣ୍ଟରେ ଏକତାକୁ ନେଇ ପ୍ରଶ୍ନ ଉଠିଛି। ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଆଶାୟୀ ଥିବା ନୀତୀଶ ଇଣ୍ଡିଆ ବ୍ଲକ୍‌ର ନିର୍ବାଚନ ପ୍ରସ୍ତୁତିରେ ଅସ୍ପଷ୍ଟତାକୁ ନେଇ ଖପ୍ପା ଥିବା ଏକ ସୂତ୍ରରୁ ଜଣାପଡ଼ିଛି। ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କୁ ଭାରତରତ୍ନରେ ସମ୍ମାନିତ କରିବା ପାଇଁ କେନ୍ଦ୍ର ନିଷ୍ପତ୍ତି ନେବା ମହାମେଣ୍ଟରେ ଫାଟ ସୃଷ୍ଟି ପାଇଁ ଏକ ଟର୍ନିଂ ପଏଣ୍ଟ ପାଲଟିଛି।



ନୀତିଶ କୁମାର

ନୀତୀଶଙ୍କ ଘରବାହୁଡ଼ାକୁ ନେଇ କୌଣସି ମନ୍ତବ୍ୟ ନ ଦେବାକୁ ରାଜ୍ୟ ଭାଜପା ନେତାମାନଙ୍କୁ କେନ୍ଦ୍ରୀୟ ନେତୃତ୍ୱରୁ ନିର୍ଦ୍ଦେଶ ଆସିଥିବା ଜଣାପଡ଼ିଛି। ଇତିମଧ୍ୟରେ ବିହାର ଭାଜପା ସଭାପତି ସମ୍ରାଟ ଚୌଧରୀ ଓ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ ଦଳୀୟ ନେତୃତ୍ୱକୁ ଭେଟିବା ଲାଗି ଦିଲ୍ଲୀ ଯାଇଥିବାବେଳେ ଜେଡିୟୁ ନେତା ଲଲନ ସିଂ, ବିଜୟ କୁମାର ଚୌଧରୀ ଓ ଅନ୍ୟମାନେ ବର୍ତ୍ତମାନର ସ୍ଥିତିକୁ ନେଇ ନୀତୀଶଙ୍କ ସହ ଆଲୋଚନା ଚଳାଇଛନ୍ତି। ଲାଲୁ ଯାଦବ ମ୍ୟାଜିକ୍ ସଂଖ୍ୟା ୧୨୨ ଯୋଗାଡ଼ କରିବା ପୂର୍ବରୁ ନୀତୀଶ ବିଧାନସଭା ଭଙ୍ଗ ସୁପାରିସ କରିପାରନ୍ତି ବୋଲି ଏକ ସୂତ୍ରରୁ କୁହାଯାଇଛି।

ନୀତୀଶଙ୍କୁ ବୁଝାଶୁଝା କରିବାକୁ ଲାଲୁ ଯାଦବ ଏବଂ କଂଗ୍ରେସ ପକ୍ଷରୁ ଉଦ୍ୟମ ଚାଲିଛି। କ୍ଷମତାରେ ରହିବାକୁ ହେଲେ ଆର୍‌ଜେଡି ପାଇଁ ଆଉ ୮ ବିଧାୟକଙ୍କ ଆବଶ୍ୟକତା ରହିଛି। ମହାମେଣ୍ଟରେ ଆର୍‌ଜେଡି ବୃହତ୍ ଦଳ ହୋଇଥିଲେ ମଧ୍ୟ ଜେଡିୟୁ ନେତା ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଇଥିଲା।

# ଏହା ଯୁଗାନ୍ତକାରୀ ପରିବର୍ତ୍ତନର ସମୟ

### ସାଧାରଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

**ନୂଆଦିଲ୍ଲୀ,୨୫।୧**

ଏହା ଯୁଗାନ୍ତକାରୀ ପରିବର୍ତ୍ତନର ସମୟ ବୋଲି ଭାରତର ୭୫ତମ ସାଧାରଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରକୁ ସମ୍ବୋଧନ କରି କହିଛନ୍ତି। ଅମୃତ କାଳ ସମୟ ଅଭୂତପୂର୍ବ ବୈଷୟିକ ପରିବର୍ତ୍ତନର ସମୟ। ଏହି ସମୟରେ ଭାରତକୁ ଏକ ନୂଆ ଉଚ୍ଚତାକୁ ନେଇଯିବା ପାଇଁ ଦେଶବାସୀଙ୍କୁ ସୁବର୍ଣ୍ଣ ସୁଯୋଗ ମିଳିଛି। ଏହି ଲକ୍ଷ୍ୟ ହାସଲ ଲାଗି ପ୍ରତ୍ୟେକ ନାଗରିକଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଟେଲିଭିଜନ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି। ଭାରତୀୟ ଅର୍ଥନୀତିର ଅସାଧାରଣ ପ୍ରଦର୍ଶନ ୨୦୨୪ ଓ ଏହା ପରେ ମଧ୍ୟ ଜାରି ରହିବା ନେଇ ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅମୃତ କାଳରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ମେଶିନ୍ ଲର୍ନିଂ ଭଳି ଅତ୍ୟାଧୁନିକ ପ୍ରଯୁକ୍ତି ଦୈନନ୍ଦିନ ଜୀବନର ଅଂଶବିଶେଷରେ ପରିଣତ ହୋଇଛି। ଏହାର ଭବିଷ୍ୟତକୁ ନେଇ ଚିନ୍ତା ପ୍ରକଟ କରାଯିବା ସତ୍ତ୍ୱେ ଯୁବ ବର୍ଗଙ୍କ ପାଇଁ ଏହା ଅନେକ ସୁଯୋଗ ଆଣିବାକୁ ଯାଉଛି। ବିଶ୍ୱର ବୃହତ୍ ଅର୍ଥନୀତି ମଧ୍ୟରେ ଭାରତ ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ପରିଚୟ ବଜାୟ ରଖିଛି। ଚଳିତ ଆର୍ଥିକ ବର୍ଷରେ ଏହା ୭.୩ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ନୂଆ ଜାତୀୟ ଶିକ୍ଷା ନୀତି ଅବହେଳିତ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ସମାନ ଶୈକ୍ଷିକ ଢାଞ୍ଚା ସୃଷ୍ଟି କରିଥିବା ରାଷ୍ଟ୍ରପତି କହିଛନ୍ତି।

ପାଶ୍ଚାତ୍ୟ ଗଣତନ୍ତ୍ରର ଧାରଣାଠାରୁ ବହୁ ପୁରୁଣା ଆମ ଗଣତାନ୍ତ୍ରିକ ବ୍ୟବସ୍ଥା। ସେଥିପାଇଁ ଭାରତକୁ ଗଣତନ୍ତ୍ରର ଜନନୀ କୁହାଯାଇଥାଏ ବୋଲି ମୁର୍ମୁ କହିଛନ୍ତି। ଏହି ଅବସରରେ ସେ ନିକଟରେ ପ୍ରାଣପ୍ରତିଷ୍ଠା ହୋଇଥିବା ଅଯୋଧ୍ୟାର ଭବ୍ୟ ରାମମନ୍ଦିରର ଉଚ୍ଚ ପ୍ରଶଂସା କରିଛନ୍ତି। ଏହା ଦେଶ ପାଇଁ ଏକ ଐତିହାସିକ ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ସେ କହିଛନ୍ତି।

## ୧,୧୩୨ ପୋଲିସଙ୍କୁ ବୀରତ୍ୱ, ସେବା ମେଡାଲ

**ନୂଆଦିଲ୍ଲୀ,୨୫।୧(ପି.ଟି.)**

ଭାରତର ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ପୂର୍ବ ସନ୍ଧ୍ୟାରେ ଦେଶର ୧,୧୩୨ ଜଣ ପୋଲିସ କର୍ମଚାରୀଙ୍କୁ ବିଭିନ୍ନ ବର୍ଗରେ ବୀରତ୍ୱ ଓ ସେବା ମେଡାଲରେ ସମ୍ମାନିତ କରାଯାଇଛି। ସେଥିରେ ରାଷ୍ଟ୍ରପତି ବୀରତ୍ୱ ମେଡାଲ(ପିଏମ୍‌ଜି), ବୀରତ୍ୱ ମେଡାଲ(ଜିଏମ୍), ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ମେଡାଲ (ପିଏସ୍ଏମ୍) ଏବଂ ପ୍ରଶଂସନୀୟ ସେବା ମେଡାଲ ରହିଛି। ଜମ୍ମୁ-କଶ୍ମୀର ପୋଲିସକୁ ସର୍ବାଧିକ ୭୨ ବୀରତ୍ୱ ମେଡାଲ ମିଳିବାକୁ ଥିବାବେଳେ ୬୫ଟି ସିଆର୍‌ପିଏଫ୍ ଯବାନଙ୍କୁ ମିଳିବ। ମହାରାଷ୍ଟ୍ରରୁ ୧୮, ଛତିଶଗଡ଼ରୁ ୨୬, ଝାଡ଼ଖଣ୍ଡରୁ ୨୩, ଓଡ଼ିଶାରୁ ୧୫, ଦିଲ୍ଲୀରୁ ୮ ଏବଂ ଏସ୍ଏସ୍‌ବିରୁ ୨୧ ଯବାନଙ୍କୁ ବୀରତ୍ୱ ସମ୍ମାନରେ ସମ୍ମାନିତ କରାଯିବ।

# ଜୟପୁରରେ ମୋଦି-ମାକରଁ ରୋଡ୍‌ଶୋ'

**ନୂଆଦିଲ୍ଲୀ,୨୫।୧**

ଭାରତ ଶୁକ୍ରବାର ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ କରୁଥିବାବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ଯୋଗଦେବେ। ଏଥିପାଇଁ ଗୁରୁବାର ଜୟପୁରରେ ପହଞ୍ଚିଥିବା ମାକରଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ରୋଡ୍‌ଶୋ'ରେ ସାମିଲ ହୋଇଛନ୍ତି। ଜନ୍ତରମନ୍ତରରୁ ସେମାନଙ୍କୁ ଏକ ଖୋଲାଗାଡ଼ିରେ ଶୋଭାଯାତ୍ରାରେ ହାୱା ମହଲ ନିଆଯାଇଥିଲା। ଉଭୟ ନେତା ରାସ୍ତା ପାର୍ଶ୍ୱରେ ଜନସାଧାରଣଙ୍କୁ ହାତ ହଲାଇ ଅଭିନନ୍ଦନ ଜଣାଇଥିଲେ। ମାକରଁ ଅମ୍ବର ବିମାନବନ୍ଦରରେ ଓହ୍ଲାଇ ଜନ୍ତରମନ୍ତର ଯାଇଥିବା ବେଳେ ସେଠାରେ ଭାରତ-ଫ୍ରାନ୍ସ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ନେଇ ଆଲୋଚନା କରିଥିଲେ।



ଏମାନୁଏଲ୍ ମାକରଁଙ୍କୁ ବିମାନ ବନ୍ଦରରେ ରାଜସ୍ଥାନ ରାଜ୍ୟପାଳ କଲରାଜ ମିଶ୍ରା, ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ସ୍ୱାଗତ କରୁଛନ୍ତି।

ବିମାନବନ୍ଦରରେ ଫ୍ରାନ୍ସ ପ୍ରତିନିଧିମାନଙ୍କୁ ରାଜ୍ୟପାଳ କଲରାଜ ମିଶ୍ରା, ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ସ୍ୱାଗତ କରିଥିଲେ। ଉତ୍ତରପ୍ରଦେଶର ବୁଲନ୍ଦସହର ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ମୋଦି ଦୁଇଘଣ୍ଟା ପରେ ଜୟପୁରରେ ପହଞ୍ଚିଥିଲେ।

## ଅଟୋ-ଟ୍ରକ୍ ଧକ୍କା: ୧୨ ଶ୍ରଦ୍ଧାଳୁ ମୃତ

**ଶାହାଜାହାଁପୁର, ୨୫।୧**

ବରେଲି-ଫାରୁକାବାଦ୍ ରାସ୍ତାର ସୁଗ୍‌ସୁଗି ଗ୍ରାମ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ମହିଳାଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ପୂର୍ଣ୍ଣିମା ଉପଲକ୍ଷେ ଜଲାଲାବାଦ୍ ପଟୁ ଅଟୋ ରିକ୍ସାରେ ୧୨ ଜଣ ଶ୍ରଦ୍ଧାଳୁ ଗଙ୍ଗା ସ୍ନାନ ପାଇଁ ଫାରୁକାବାଦର ଘାଟିଆ ଘାଟକୁ ଯାଉଥିବାବେଳେ ସାମ୍ନା ପଟୁ ଏକ ଟ୍ରକ୍ ମାଡ଼ିଯିବାରୁ ଘଟଣାସ୍ଥଳରେ ସମସ୍ତ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଖସି ପଳାଇଥିବାବେଳେ ଖୁବ୍‌ଶୀଘ୍ର ସମ୍ପୃକ୍ତ ଡ୍ରାଇଭରକୁ ଖୋଜି ଗିରଫ କରିବାକୁ ସୂଚନା ଦେଇଛି ପୋଲିସ୍। ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୋକ ପ୍ରକାଶ କରିଛନ୍ତି।

DADLS - 94

ଓଡ଼ିଶା ସରକାର

## ରୂପାନ୍ତରିତ ଓଡ଼ିଶା : ବିକାଶର ଜୟଯାତ୍ରା

- ପଞ୍ଚାୟତ ସ୍ତରରେ ମିଶନ ଶକ୍ତି ଗୃହ, ଇ-ପାଠାଗାର, ବ୍ୟାଙ୍କ୍ ସେବା, ଯୁବପିଢ଼ିଙ୍କୁ କ୍ରୀଡା ସୁବିଧା, ଡିଜିଟାଲ୍ ସେବା ଇତ୍ୟାଦି ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରକଳ୍ପକୁ କେନ୍ଦ୍ରକରି ପଞ୍ଚାୟତ ସ୍ତରରେ ଯୋଜନା ପ୍ରଣୀତ ହୋଇଛି ।
- ଗୁଣାତ୍ମକ ଶିକ୍ଷାପ୍ରତି ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ରାଜ୍ୟରେ ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ, ସ୍ମାର୍ଟ ଶ୍ରେଣୀଗୃହ ଏହା ପ୍ରମାଣିତ କରିଛି ।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ସାଧନ ଦିଗରେ ମାଇଲଖୁଣ୍ଟ ସଦୃଶ ।
- ଗ୍ରାମୀଣ ଓଡ଼ିଶାର ରୂପାନ୍ତରଣ ଓ ଗ୍ରାମାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଆମ ଓଡ଼ିଶା ନବୀନ ଓଡ଼ିଶାର ଆଭିମୁଖ୍ୟ ।
- ସବୁ ଗ୍ରାମାଞ୍ଚଳ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟରେ ବିଏସ୍‌କେୱାଇ ନବୀନ କାର୍ଡ ପ୍ରଚଳନ ।
- ସମଗ୍ର ବିଶ୍ୱରେ ଅଗଣିତ ଜଗନ୍ନାଥପ୍ରେମୀ ଏବଂ ଭକ୍ତଙ୍କୁ ଦିବ୍ୟ ଅନୁଭୂତି ପ୍ରଦାନ କରୁଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ।
- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଖୁବ୍ ଶୀଘ୍ର ଲୋକାର୍ପିତ ହେବାକୁ ଥିବା ସମଲେଇ ପ୍ରକଳ୍ପ ଓଡ଼ିଶାରେ ସାଂସ୍କୃତିକ ପରମ୍ପରାର ନୂତନ ଯୁଗ ପ୍ରବର୍ତ୍ତନ କରିଛି ।
- ରାଜ୍ୟ ସରକାରଙ୍କ ଆନ୍ତରିକ ପ୍ରଚେଷ୍ଟା ଫଳରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀଠାରେ କାର୍ଯ୍ୟକ୍ଷମ ହୋଇଛି ଏବଂ ରାଜ୍ୟରେ ଖୁବ୍ ଶୀଘ୍ର ରାଜ୍ୟର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି ।
- କୃଷି, ଶିଳ୍ପ ବିକାଶ ଓ ଅର୍ଥନୀତି କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି ।
- ରାଜ୍ୟର ବୈଧ ଆଧାର କାର୍ଡ଼ଧାରୀ ଯେକୌଣସି ବ୍ୟକ୍ତି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସୁଫଳ ପାଇବା ନିମନ୍ତେ ଯୋଗ୍ୟ ଅଟନ୍ତି ।
- ସରକାରୀ ଚିକିତ୍ସାଳୟରେ ରୋଗୀ ଏବଂ ସେମାନଙ୍କ ସହଯୋଗୀମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ସୁଖଦ ଅନୁଭୂତି ଯୋଗାଉଛି ଆମ ହସ୍ପିଟାଲ କାର୍ଯ୍ୟକ୍ରମ ।
- ବିଗତ ୨୪ ବର୍ଷ ମଧ୍ୟରେ ଓଡ଼ିଶା ଖାଦ୍ୟଶସ୍ୟ ଏବଂ ବିଦ୍ୟୁତ ଶକ୍ତିରେ ବଳକା ରାଜ୍ୟ ଭାବେ ଉଭା ହୋଇଛି ।
- ରାଜ୍ୟରେ ବିପୁଳ ପରିମାଣର ଇସ୍ପାତ ଉତ୍ପାଦନ ସହ ଓଡ଼ିଶା ଆଜି ପ୍ରଗତିର ରୂପାନ୍ତରଣ କ୍ଷେତ୍ରରେ ନୂତନ ଶିଖର ଛୁଇଁଛି ।
- ଉଦ୍ୟୋଗୀକରଣର ଅଭିବୃଦ୍ଧି ସହ ଓଡ଼ିଶା ଆଜି ଦକ୍ଷତା ବିକାଶର ଅଗ୍ରଣୀ ହବ୍ ରୂପେ ପରିଚିତି ଲାଭ କରିଛି ।
- ଷ୍ଟାର୍ଟ-ଅପ୍‌ର ଅନୁକୂଳ ବାତାବରଣ ସୃଷ୍ଟି ଲକ୍ଷ୍ୟରେ ରାଜ୍ୟ ସରକାର ନିରନ୍ତର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି ।
- ଶୁଷ୍କ ଓ ଉଚ୍ଚ ଜମିରେ ଜଳସେଚନ ସୁବିଧା ବ୍ୟାପକ କରିବା ଲକ୍ଷ୍ୟରେ ୨୭୨୩ କୋଟି ଟଙ୍କା ବ୍ୟୟରେ ଲୋୟର ସୁକତେଲ ପ୍ରକଳ୍ପ ଆରମ୍ଭ ହୋଇଛି । ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲାର ଏକ ଲକ୍ଷ ଏକର ଚାଷଜମି ଜଳସେଚିତ ହେବା ସହ ୮୦ ହଜାର କୃଷକ ଉପକୃତ ହେବେ ।
- ସହରାଞ୍ଚଳ ବିକାଶ ଲକ୍ଷ୍ୟରେ ରୋଜଗାର ସୃଷ୍ଟିକାରୀ ଯୋଜନା ମୁକ୍ତା କାର୍ଯ୍ୟକାରୀ ହୋଇଛି ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମେତ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଭଳି ଅନନ୍ୟ ଯୋଜନା ରାଜ୍ୟକୁ ନୂତନ ପରିଚୟ ପ୍ରଦାନ କରିଛି ।
- ପଶ୍ଚିମ ଓଡ଼ିଶାର କୃଷି କ୍ଷେତ୍ରରେ ବ୍ୟାପକ ଉନ୍ନତି ଲକ୍ଷ୍ୟରେ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଯାଇ ବରଗଡ଼ ଜିଲ୍ଲାର ବ୍ୟାପକ ଚାଷଜମିରେ ଜଳସେଚନ ଲକ୍ଷ୍ୟରେ ନିର୍ମାଣାଧୀନ ବୃହତ୍ ଜଳସେଚନ ପ୍ରକଳ୍ପ ମାଇଲଖୁଣ୍ଟ ସଦୃଶ ।
- ଲକ୍ଷ୍ମୀ ବସ୍ ସେବା ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳ ଓଡ଼ିଶାର ଯୋଗାଯୋଗରେ ବୈପ୍ଳବିକ ରୂପାନ୍ତରଣ ଆଣିଛି । ଗ୍ରାମୀଣ ବସ୍‌ଯାତ୍ରୀଙ୍କ ଯାତାୟାତ ସୁବିଧା ସାଙ୍ଗକୁ ବ୍ୟବସାୟ ଦିଗରେ ପରିବହନ ସେବାକୁ ଏହା ସୁବ୍ୟବସ୍ଥିତ କରିଛି ।
- ଓଡ଼ିଆ ଭାଷା-ସାହିତ୍ୟ ବିକାଶରେ ନୂତନ ଅଧ୍ୟାୟ ସୃଷ୍ଟି ହେବା ସହ ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଅଗ୍ରହ ସୃଷ୍ଟି ଲକ୍ଷ୍ୟରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି ।
- ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ରୋଜଗାର ସୃଷ୍ଟି ତଥା ଯୁବ ଉଦ୍ୟୋଗୀମାନଙ୍କୁ ମାଛଚାଷ ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ବାୟୋଫ୍ଲକ୍ (ଜୈବପୁଞ୍ଜ) ଜରିଆରେ ସଘନ ମାଛ ଓ ଚିଙ୍ଗୁଡ଼ି ଚାଷକୁ ସୁନିଶ୍ଚିତ କରିଛନ୍ତି ।
- ରାଜ୍ୟରେ ଦୁର୍ଗମ ତଥା ଅନଗ୍ରସର ଅଞ୍ଚଳ ସମେତ ସମଗ୍ର ଓଡ଼ିଶାରେ ଉନ୍ନତ ମାନର ଗମନାଗମନ ବ୍ୟବସ୍ଥା ସୁଗମ ହୋଇଛି । ପର୍ଯ୍ୟଟକ ଓ ଯାତ୍ରୀମାନଙ୍କୁ ମୌଳିକ ସୁବିଧା ପ୍ରଦାନ ଉଦ୍ଦେଶ୍ୟରେ ପ୍ରମୁଖ ରାସ୍ତାରେ ପଥପାର୍ଶ୍ୱ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଛି ।



ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0290/2324

ଲକ୍ଷ୍ମୀ
ସୁଜଳ
ଆମ ଓଡ଼ିଶା ନବୀନ ଓଡ଼ିଶା
Skilled in ODISHA

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨୬/୨୦୨୪ | Bhubaneswar, Friday, January 26/2024 | ପୃଷ୍ଠା-୧


# ଆଧାର କାର୍ଡରେ ୫,୦୦୦ ନକଲି ସିମ୍

ଆଧାର କାର୍ଡ ଭାରତୀୟଙ୍କ ପାଇଁ ଏକ ଜରୁରୀ ଦସ୍ତାବିଜ। କେନ୍ଦ୍ର ସରକାର ଏହାର ବ୍ୟବହାର ଉପରେ ଜୋର୍ ଦେଉଛନ୍ତି। ସ୍କୁଲରେ ପିଲାଙ୍କ ନାମଲେଖାଠୁ ନେଇ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପର୍ଯ୍ୟନ୍ତ ଅନେକ କାର୍ଯ୍ୟରେ ଆଧାର କାର୍ଡ ଦାଖଲକୁ ବାଧ୍ୟତାମୂଳକ କରାଯାଇଛି। ତେବେ ନାଗରିକମାନଙ୍କ ସମ୍ବେଦନଶୀଳ ତଥା ଗୋପନୀୟ ତଥ୍ୟ ସମ୍ବଳିତ ଏହି କାର୍ଡର ଦୁରୁପଯୋଗ କରାଯାଉଥିବା ନେଇ ବହୁ ଅଭିଯୋଗ ଆସିବାରେ ଲାଗିଛି। ବିଶେଷକରି ନୂଆ ସିମ୍ ପାଇବା ପାଇଁ ଦିଆଯାଉଥିବା ଆଧାର କାର୍ଡ ଜରିଆରେ ଏକାଧିକ ବେନାମି ସିମ୍ ପଞ୍ଜୀକରଣ କରାଯାଉଥିବା ଦେଖିବାକୁ ମିଳୁଛି। ଏଥିଯୋଗୁ ସାଇବର ଅପରାଧୀମାନେ ଲାଭବାନ ହେଉଛନ୍ତି। ନିକଟରେ ମୁମ୍ବାଇରେ ଏକ ସାଇବର ଅପରାଧ ମାମଲାର ତଦନ୍ତ ବେଳେ ଓଡ଼ିଶା ଲିଙ୍କ୍ ଧରାପଡ଼ିଥିଲା। ଅଭିଯୁକ୍ତମାନେ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ଟେଲିକମ୍ କମ୍ପାନୀଗୁଡ଼ିକର ସେଲିଂ ପଏଣ୍ଟ ଖୋଲି ଲୋକଙ୍କଠାରୁ ଆଧାର କାର୍ଡର ନକଲ ନେଉଥିଲେ। ତାହା ବଳରେ ସେମାନେ ୫,୦୦୦ରୁ ଊର୍ଦ୍ଧ୍ୱ ନକଲି ସିମ୍ କାର୍ଡ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଥିବା ପୋଲିସ ଜାଣିବାକୁ ପାଇଛି। ଏହି ମାମଲାରେ ୪ ଅଭିଯୁକ୍ତ ଗିରଫ ହୋଇଛନ୍ତି।




**କେନ୍ଦୁଝର,୨୫।୧**
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲାରେ ସରଳ ଲୋକଙ୍କୁ ଠକି ତାଙ୍କ ନାମରେ ସିମ୍‌କାର୍ଡ ବାହାରକରି ସାଇବର ଅପରାଧୀମାନଙ୍କୁ ବିକ୍ରି କରୁଥିଲେ। ସିମ୍ କାର୍ଡ ଜାଲିଆତିରେ ସମ୍ପୃକ୍ତ ବିଭିନ୍ନ ଟେଲିକମ୍ କମ୍ପାନୀର ୪ କର୍ମଚାରୀଙ୍କୁ କେନ୍ଦୁଝର ସାଇବର ଥାନା ପୋଲିସ ଗିରଫ କରି ଏହି ରାକେଟର ପର୍ଦ୍ଦାଫାଶ କରିଛି। ଅଭିଯୁକ୍ତମାନେ ହେଲେ ଘଷିପୁରା ଥାନା ଖଡିବିଲ ଗ୍ରାମର ରାଜକିଶୋର ଜେନା (୨୩), ତପନ ଜେନା(୩୦), ସୁବ୍ରତ ଜେନା(୨୪), ରାମଚନ୍ଦ୍ରପୁର ଥାନା ସାଇଁକୁଳ ଗ୍ରାମର ପ୍ରଦୀପ ମିଶ୍ର(୩୨)। ଅଭିଯୁକ୍ତମାନେ ୫୦୦୦ରୁ ଊର୍ଦ୍ଧ୍ୱ ସିମ୍ କାର୍ଡ ପ୍ରସ୍ତୁତ କରି ସାଇବର ଅପରାଧୀଙ୍କୁ ବିକ୍ରି କରିଛନ୍ତି। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ରାଜକିଶୋରଙ୍କ ମୋବାଇଲ ନମ୍ବରରୁ ଆକ୍ଟିଭେଟ ହୋଇଥିବା ସିମ୍ କାର୍ଡ ଉପରେ ବିଭିନ୍ନ ରାଜ୍ୟରେ ୩୦୦ଟି ମାମଲା ରୁଜୁ ହୋଇଛି। ଜାଲିଆତି କରି ଆକ୍ଟିଭେଟ୍ ହୋଇଥିବା ସିମ୍ ଅଚଳ କରିବାକୁ ଟେଲିକମ୍ କମ୍ପାନୀଙ୍କୁ କୁହାଯିବ ବୋଲି ଗୁରୁବାର ଖବରଦାତା ସମ୍ମିଳନୀରେ କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଦାଗଡୁ କହିଛନ୍ତି। ☞ **ପୃଷ୍ଠା–୨**

## ଧରିତ୍ରୀର ଛୁଟି

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୨୬ ତାରିଖ ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ୨୮ ତାରିଖ ସକାଳେ ପ୍ରକାଶ ପାଇବ।

## ଆଜିର ସମ୍ପାଦକୀୟ

### ବିକାଶଶୀଳ ଦେଶ ଓ ଜଳବାୟୁ ପରିବର୍ତ୍ତନ

ସୂଚନା: ଏ ସପ୍ତାହର 'ପିଲାଙ୍କ ଧରିତ୍ରୀ' ଶନିବାର ପରିବର୍ତ୍ତେ ଆଜି ପ୍ରକାଶ ପାଇଛି।

# ଅଯୋଧ୍ୟା ଯୋଗୁ ଛାଡ଼ପତ୍ର

**ଭୋପାଳ,୨୫।୧**

ସ୍ତ୍ରୀଙ୍କୁ ହନିମୁନ୍ ପାଇଁ ଗୋଆ ନେବାକୁ କହି ଅଯୋଧ୍ୟା ଏବଂ ବାରାଣସୀ ନେଇଥିବା ସ୍ୱାମୀଙ୍କୁ ଛାଡ଼ପତ୍ର ଦେବାକୁ ମହିଳା ଆବେଦନ କରିଛନ୍ତି। ତାଙ୍କ ବଦଳରେ ସ୍ୱାମୀ ପରିବାର ଲୋକଙ୍କୁ ପ୍ରାଥମିକତା ଦେଉଥିବା ସ୍ତ୍ରୀ ଅଭିଯୋଗ କରିଛନ୍ତି। ଦମ୍ପତିଙ୍କୁ କାଉନସେଲିଂ ପାଇଁ ପଠାଯାଇଛି। ଅଭିଯୋଗ ଅନୁଯାୟୀ, ମଧ୍ୟପ୍ରଦେଶର ଭୋପାଳରେ ଜଣେ ନବବିବାହିତା ସ୍ତ୍ରୀଙ୍କୁ ହନିମୁନ୍‌ରେ ଗୋଆ ନେବା ପାଇଁ ସ୍ୱାମୀ ପ୍ରତିଶ୍ରୁତି ଦେଇଥିଲେ। ଏହା ବଦଳରେ ସେ ଅଯୋଧ୍ୟା ନେଇ ପ୍ରତିଶ୍ରୁତି ଭଙ୍ଗ କରିଛନ୍ତି। ସେମାନେ ଅଯୋଧ୍ୟାରୁ ଫେରିବାର ୧୦ ଦିନ ପରେ ମହିଳା ବିବାହ ବିଚ୍ଛେଦ ପାଇଁ କୋର୍ଟରେ ଆବେଦନ କରିଛନ୍ତି। ଉଭୟ ସ୍ୱାମୀ ସ୍ତ୍ରୀ ଭଲ ବେତନରେ ଚାକିରି କରିଥିବାରୁ ହନିମୁନ୍ ପାଇଁ ବିଦେଶ ଯିବାକୁ ସମର୍ଥ ବୋଲି ମହିଳା ଜଣକ ଛାଡ଼ପତ୍ର ଆବେଦନରେ ଉଲ୍ଲେଖ କରିଛନ୍ତି। ତେବେ ସ୍ୱାମୀ ଜଣକ ତାଙ୍କ ମାଆବାପାଙ୍କ ଯତ୍ନ ନେବାକୁ ପ୍ରାଥମିକତା ଦେଇ ହନିମୁନ୍ ସ୍ଥାନ ପରିବର୍ତ୍ତନ କରିଥିଲେ ବୋଲି କାରଣ ଦର୍ଶାଇଛନ୍ତି। ସେମାନଙ୍କର ୫ ମାସ ପୂର୍ବରୁ ବିବାହ ହୋଇଥିଲା। ଜାନୁଆରୀ ୨୨ ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ପୂର୍ବରୁ ଉକ୍ତ ପବିତ୍ର ସହରକୁ ଯିବା ଲାଗି ମାଆ କହିଥିଲେ ବୋଲି ସ୍ୱାମୀ କହିଛନ୍ତି।










**ଆଜିର ମନ୍ତବ୍ୟ**
"ଜମ୍ମୁ-କଶ୍ମୀରରେ ଶାନ୍ତିର ନୂଆ ଯୁଗ ଆରମ୍ଭ ହୋଇଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠାରୁ କେନ୍ଦ୍ରଶାସିତ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣ ୬୬% କମିଛି।
– ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୁଅ ଭଲ ପଣ ଜଣାପଡ଼ିବ
ବୁଢ଼ା ଦିନେ ଯେବେ ପୋଷେ
ସ୍ୱାମୀ ଭଲ ଗୁଣ ଜଣାପଡ଼ିବ
ବୁଢ଼ୀ ହେଲେ ଯେବେ ରସେ।**

ଯେଉଁ ପୁତ୍ର ନିଜ ବୃଦ୍ଧ ପିତାମାତାଙ୍କ ସେବା ଶୁଶ୍ରୂଷା କରିବା ସହ ସେମାନଙ୍କ ଦାୟିତ୍ୱ ବହନ କରିଥାଏ, ସେ ହିଁ ଯୋଗ୍ୟ ପୁତ୍ର ବୋଲି ବିବେଚିତ ହୋଇଥାଏ। ସେହିଭଳି ଯେଉଁ ସ୍ୱାମୀ ଉତ୍ତର ବୟସରେ ବି ନିଜ ସ୍ତ୍ରୀ ପ୍ରତି ଆସକ୍ତିଭାବ ରଖିଥାଏ, ସେ ହିଁ ଉପଯୁକ୍ତ ସ୍ୱାମୀ ହୋଇପାରିଥାଏ। ଯୋଗ୍ୟ ପୁତ୍ର ଏବଂ ଉପଯୁକ୍ତ ସ୍ୱାମୀର ଯଥାର୍ଥ ଗୁଣକୁ ଏଠାରେ ବର୍ଣ୍ଣନା କରାଯାଇଛି।

**ପାଗ ଭିଡୁ ଭିଡୁ
କଚେରି ବରଖାସ୍ତ।**

ପ୍ରସ୍ତୁତ ହେଉ ହେଉ ସମୟ ଅତିକ୍ରାନ୍ତ। ବିଳମ୍ବରେ କାର୍ଯ୍ୟ ସିଦ୍ଧି ହୋଇପାରି ନ ଥାଏ। ଆଳସ୍ୟ ପରାୟଣ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ





ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କଳାକାର ସଂଘକୁ ମଜଭୁତ କରାଯିବ: ମୁଖ୍ୟମନ୍ତ୍ରୀ

## 'ଲୋକକଳା ମାଧ୍ୟମରେ ରୂପାନ୍ତରିତ ଓଡ଼ିଶା' ଅଭିଯାନର ଶୁଭାରମ୍ଭ

### ଜିଲା ପ୍ରଶାସନ କଳାକାରଙ୍କୁ ସମ୍ମାନ ଦେଇ ସେମାନଙ୍କ ଦେୟ ତୁରନ୍ତ ପ୍ରଦାନ କରୁ: ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର,୨୫।୧ (ଅନିଲ ଦାସ)




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସ ଜରିଆରେ 'ଲୋକକଳା ମାଧ୍ୟମରେ ରୂପାନ୍ତରିତ ଓଡ଼ିଶା' ଅଭିଯାନର ଶୁଭାରମ୍ଭ କରିଛନ୍ତି। ରାଜ୍ୟର ଲୋକକଳାକାରମାନଙ୍କ ଜରିଆରେ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) କାର୍ଯ୍ୟକ୍ରମ ଚାଲିବ। ଲୋକମାନେ ପାଇବେ ବିକାଶ ଓ ରୂପାନ୍ତରିତ ଓଡ଼ିଶାର ବାର୍ତ୍ତା। ଜନସାଧାରଣ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଜାଣିବା ସହିତ ବିକାଶ କାର୍ଯ୍ୟକ୍ରମରେ ସହଭାଗୀ ହୋଇପାରିବେ। ଏହି ଅଭିଯାନରେ ୧ ମାସ ଧରି ରାଜ୍ୟର ସମସ୍ତ ୫୧,୧୬୮ ଗାଁରେ ୨ ଲକ୍ଷରୁ ଅଧିକ କାର୍ଯ୍ୟକ୍ରମ କରାଯିବ। ଏଥିପାଇଁ ସାରା ରାଜ୍ୟରେ ୨୨ ହଜାର ଲୋକକଳାକାର ଦଳ ପଞ୍ଜୀକୃତ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଲୋକକଳାକାରମାନଙ୍କର ପ୍ରଶଂସାକରି କହିଛନ୍ତି ଯେ ଆମର ଲୋକକଳାକାରମାନେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ବାର୍ତ୍ତା ଲୋକଙ୍କୁ ଦେଉଛନ୍ତି। ଏହାଦ୍ୱାରା ଲୋକକଳାର ଆଦର ବଢୁଛି। କଳାକାରମାନେ ମଧ୍ୟ ରୋଜଗାର ପାଉଛନ୍ତି। ରାଜ୍ୟର ଲକ୍ଷ ଲକ୍ଷ ଲୋକଙ୍କୁ ଲୋକକଳାକାରମାନେ ସଶକ୍ତ କରୁଛନ୍ତି। ରାଜ୍ୟ ସରକାର କଳା ଓ କଳାକାରଙ୍କ ଉନ୍ନତି ପାଇଁ ସଙ୍କଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆମ କଳା ଓ କଳାକାରଙ୍କ ବିକାଶ ପାଇଁ ରାଜ୍ୟ ସରକାର ୨୦୧୦ରୁ କଳାକାର ସଂଘ ଗଠନ କରିଛନ୍ତି। ଏହି ଉପକ୍ରମ ପ୍ରଥମେ ଗଞ୍ଜାମ ଜିଲାରେ ଆରମ୍ଭ ହୋଇଥିଲା। ଏବେ ଏହା ସବୁ ଜିଲା ଓ ସବୁ ବ୍ଲକରେ କାର୍ଯ୍ୟକାରୀ ହୋଇପାରିଛି। ଆମ ରାଜ୍ୟର କଳାକାର ସଂଘ ସାରା ବିଶ୍ୱରେ ଅନନ୍ୟ। କଳାକାରମାନଙ୍କ ସହଯୋଗରେ ଆଜି ଏହି ସଂଘ ଆଗକୁ ବଢୁଛି। ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମରେ ଲକ୍ଷ ଲକ୍ଷ କଳାକାର ସାମିଲ ହେଉଥିବା ଜାଣି ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହ ମିଶନ ଶକ୍ତି ପରି ସବୁ କଳାକାର ସଂଘକୁ ଆହୁରି ମଜଭୁତ କରାଯିବ ବୋଲି କହିଛନ୍ତି। ସାରା ରାଜ୍ୟରେ ୨ ଲକ୍ଷରୁ ଅଧିକ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଏଥିପାଇଁ ସମସ୍ତ ଲୋକକଳାକାରଙ୍କୁ ମୁଖ୍ୟମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି। କଳାକାରମାନଙ୍କ ସହିତ ଆଲୋଚନା କରି ସେ କହିଛନ୍ତି ଯେ କଳାକାରମାନେ ମୋ ପରିବାରର ସଦସ୍ୟ ଭଳି। ଭଲ କାମ ଜାରି ରଖନ୍ତୁ, ମୁଁ ଓ ରାଜ୍ୟ ସରକାର ସବୁବେଳେ ସହଯୋଗ ଯୋଗାଇ ଦେବୁ। କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି ଯେ ଓଡ଼ିଶା ହେଉଛି ପାରମ୍ପରିକ କଳାର ଗନ୍ତାଘର। ରାଜ୍ୟ ସରକାର କଳାକାରମାନଙ୍କ କଲ୍ୟାଣ ପାଇଁ ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦୁଇଟି ବିଷୟ ଉପରେ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ପ୍ରଥମ କଥା ହେଲା କଳାକାରମାନଙ୍କ ସମ୍ମାନ। ସେମାନଙ୍କୁ ସମ୍ମାନ ଦେଇ ଜିଲା ପ୍ରଶାସନ ସେମାନଙ୍କ ସମସ୍ତ ଦେୟ ତୁରନ୍ତ ପ୍ରଦାନ କରିବା ଉଚିତ। ଦ୍ୱିତୀୟ କଥା ହେଉଛି ମିଶନ ଶକ୍ତି ଯେପରି ସୁଦୃଢ଼ ହୋଇଛି କଳାକାର ସଂଘଗୁଡ଼ିକ ମଧ୍ୟ ସେହିପରି ସୁଦୃଢ଼ ହେବା ଆବଶ୍ୟକ। ଏଥିପାଇଁ ଜିଲାପାଳ, ବିଡିଓ ଓ ସମ୍ପୂର୍ଣ୍ଣ ଜିଲା ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆଜି ଆମେ କାମ, ରୋଜଗାର ପାଉଛୁ ଓ ସମ୍ମାନ ମଧ୍ୟ ପାଉଛୁ। ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆମେ ଏକ ସ୍ୱତନ୍ତ୍ର ପରିଚୟ ପାଇଛୁ ବୋଲି କଳାକାର ସଂଘ କହିଛି। ସ୍ୱାଗତ ଭାଷଣ ଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ସଚିବ ସୁଜାତା କାର୍ତ୍ତିକେୟ ପାଣ୍ଡିଆନ କହିଛନ୍ତି ଯେ ଏହା ହେଉଛି ମୁଖ୍ୟମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ୨୦୦୯-୧୦ରୁ ରାଜ୍ୟ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ଏକ ମେଗା ଆଇସି କ୍ୟାମ୍ପେନରେ ପରିଣତ ହୋଇଛି। ଏଥିରେ ୧୦ ବିଭାଗର ୧୫ଟି ଯୋଜନାର ପ୍ରଚାର ପ୍ରସାର କରାଯିବ। ଏହା ମାଧ୍ୟମରେ ରାଜ୍ୟ ସରକାରଙ୍କ ଜନହିତକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକ ଲୋକଙ୍କ ପାଖରେ ସହଜରେ ଓ ସୁବିଧାରେ ପହଞ୍ଚି ପାରୁଛି। ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ, ଲୋକକଳାକାରମାନେ ସେମାନଙ୍କ କଳାଚାତୁରୀ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି କରିବେ। ପାରମ୍ପରିକ ଦଣ୍ଡନାଚ, ରାସ, କରମା ସାନି ପାଲା, ଦାସକାଠିଆ, ସଂକୀର୍ତ୍ତନ, ଛଉନୃତ୍ୟ, ଘୋଡ଼ାନାଚ, ମୋଗଲ ତାମସା, ପ୍ରହ୍ଲାଦ ନାଟକ, ସୁଆଙ୍ଗ, ରାମଲୀଳା, ଖଞ୍ଜଣି ଭଜନ, କେନ୍ଦରା ଗୀତ, ଚଙ୍କୁଳିଆ ପଣ୍ଡା, ଭାରତଲୀଳା, ସମ୍ବଲପୁରୀ ନୃତ୍ୟ, ଘୁମୁରା ନୃତ୍ୟ, ଢାପ ନୃତ୍ୟ, ବଣ୍ଡା, କୋୟା, ସାନ୍ତାଳୀ, ପରଜା, ଢେମସା ଆଦି ବିଭିନ୍ନ ପ୍ରକାର ଲୋକଗୀତ, ଲୋକନୃତ୍ୟ ଓ ଲୋକ ନାଟକରେ କଳାକାରମାନେ ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ସରକାରଙ୍କ ଲୋକହିତକର ଉନ୍ନୟନମୂଳକ ଯୋଜନାଗୁଡ଼ିକୁ ପ୍ରଚାର ପ୍ରସାର କରି ଜନସାଧାରଣଙ୍କୁ ସଚେତନ କରିବା ଏହି ଅଭିଯାନର ମୂଳଲକ୍ଷ୍ୟ।

# ସିବିଆଇ ଜାଲରେ କେନ୍ଦ୍ରୀୟ ଜିଏସ୍‌ଟି ଅଧିକାରୀ

## ଲାଞ୍ଚ ନେବାବେଳେ ଧରାପଡ଼ିଲେ

ରାଉରକେଲା,୨୫।୧ (ସଙ୍ଗୀତା ଜେନା)

ଟିକସ ଫାଙ୍କି ରୋକିବା ପାଇଁ ସରକାର ଯେଉଁ ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି ସେହି ଅଧିକାରୀ ଲାଞ୍ଚ ନେବା ବେଳେ ସିବିଆଇ ହାତରେ ଧରାପଡିବା ଘଟଣା ଲୋକଲୋଚନକୁ ଆସିଛି। ଟ୍ୟାକ୍ସ ଆସେସମେଣ୍ଟ କମ୍ କରିଦେବା ପାଇଁ ଜଣେ ଠିକାଦାରଙ୍କଠାରୁ ଲାଞ୍ଚ ନେବା ବେଳେ ରାଉରକେଲା ସିଭିଲଟାଉଶିପସ୍ଥିତ କେନ୍ଦ୍ରୀୟ ଜିଏସ୍‌ଟି କାର୍ଯ୍ୟାଳୟର ଅଧୀକ୍ଷକ ଅମରକାନ୍ତ କୁଅଁରଙ୍କୁ ସିବିଆଇ ଟିମ୍ ଗୁରୁବାର ଗିରଫ କରିଛି। ସବିଶେଷ ତଦନ୍ତ ଓ ଖାନତଲାସି ପରେ ସିବିଆଇ ଅଧିକାରୀମାନେ କୁଅଁରଙ୍କୁ ଧରି ଭୁବନେଶ୍ୱର ଫେରିଛନ୍ତି।

ସୂଚନା ଅନୁସାରେ, ରାଉରକେଲାସ୍ଥିତ କେନ୍ଦ୍ରୀୟ ଜିଏସ୍‌ଟି କାର୍ଯ୍ୟାଳୟରେ ଉକ୍ତ ଠିକାଦାରଙ୍କ ପ୍ରାୟ ୮ଲକ୍ଷ ଟଙ୍କାର ଟିକସକୁ ସାଢ଼େ ୩ ଲକ୍ଷ ଟଙ୍କାରେ ପରିବର୍ତ୍ତିତ କରିବା ପାଇଁ ଜିଏସ୍‌ଟି ଅଧୀକ୍ଷକ କୁଅଁର ୫୦ ହଜାର ଟଙ୍କା ଦାବି କରିଥିଲେ। ଉଭୟଙ୍କ ମଧ୍ୟରେ ମୂଲଚାଲ ପରେ ଗୁରୁବାର ପ୍ରଥମ କିସ୍ତି ଟଙ୍କା ଦେବାର ଥିଲା। ଏ ସମ୍ପର୍କରେ ଠିକାଦାର ଜଣଙ୍କ ସିବିଆଇକୁ ସୂଚନା ଦେଇଥିଲେ। ପୂର୍ବଯୋଜନା ଅନୁଯାୟୀ ଠିକାଦାର ଗୁରୁବାର ୨୦ ହଜାର ଟଙ୍କା ଦେବାକୁ ଉକ୍ତ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ସେ ଅଧୀକ୍ଷକ କୁଅଁରଙ୍କୁ ଲାଞ୍ଚ ଟଙ୍କା ଦେବାବେଳେ ପୂର୍ବରୁ ସେଠାରେ ଛପିରହିଥିବା ସିବିଆଇ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ।

# ଆଧାର କାର୍ଡରେ...

ପ୍ରଥମ ପୃଷ୍ଠାରୁ...

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ବିଭିନ୍ନ ଟେଲିକମ୍ କମ୍ପାନୀର ପଏଣ୍ଟ ଅଫ୍ ସେଲ୍(ପସ୍) ଏଜେଣ୍ଟ ଭାବେ ଦୋକାନ ଖୋଲି ସିମ୍ କାର୍ଡ ବିକ୍ରି କରୁଥିଲେ। ସିମ୍ କାର୍ଡ ପାଇଁ ଆସୁଥିବା ଲୋକଙ୍କ ଆଧାର କାର୍ଡ ଏବଂ ଟିପ୍ ଚିହ୍ନରେ ଏକାଧିକ ସିମ୍ ବାହାର କରୁଥିଲେ। ଉକ୍ତ ସିମ୍ କାର୍ଡକୁ ୫୦୦ ରୁ ୧୦୦୦ ଟଙ୍କାରେ ଝାଡ଼ଖଣ୍ଡ, ବିହାର, ରାଜସ୍ଥାନ ଆଦି ରାଜ୍ୟରେ ସାଇବର ଅପରାଧୀମାନଙ୍କୁ ବିକ୍ରି କରୁଥିଲେ। ଅଭିଯୁକ୍ତମାନେ ଗତ ୨ ବର୍ଷ ହେବ ଏହି କାରବାର କରି ଆସୁଥିଲେ। ଏମାନଙ୍କଠାରୁ ସିମ୍ କାର୍ଡ ପାଇଥିବା ସାଇବର ଅପରାଧୀ ଦେଶର ବିଭିନ୍ନ ଅଞ୍ଚଳରେ ଆର୍ଥିକ ଠକେଇ କରୁଥିଲେ। ମହାରାଷ୍ଟ୍ରର ଏକ ସାଇବର ଠକେଇ ମାମଲାରେ ତଦନ୍ତ ବେଳେ ଏହି ଜାଲିଆତି ଜଣାପଡ଼ିଥିଲା। ଏହାର ତଦନ୍ତ କେନ୍ଦୁଝରର ସାଇବର ପୋଲିସ କରିବା ପରେ ଅଭିଯୁକ୍ତଙ୍କ ସନ୍ଧାନ ମିଳିଥିଲା। ପରେ ସାଇବର ଥାନା ପକ୍ଷରୁ ଏକ ଟିମ୍ ଗଠନ ହୋଇ ଅଭିଯୁକ୍ତଙ୍କୁ ସାଇବର କ୍ରାଇମ ଏବଂ ଇକୋନୋମିକ୍ ଅଫେନ୍ସ, ଆଇଟି ଆକ୍ଟ ଅନୁଯାୟୀ ଗିରଫ କରାଯାଇଛି। ସେମାନଙ୍କଠାରୁ ୫୩୮ ସିମ୍‌କାର୍ଡ, ୧୮ଟି ମୋବାଇଲ ଫୋନ୍, ୫ଟି ବାୟୋମେଟ୍ରିକ ସ୍କାନର, ଲାପ୍‌ଟପ୍, ୭ଟି ବ୍ୟାଙ୍କ ପାସ୍ ବୁକ୍ ଏବଂ ଚେକ୍, ୨୫ଟି ଏଟିଏମ୍ କାର୍ଡ, ୨୫ଟି ପରିଚୟ ପତ୍ର, ୫୦୭୧ ନଗଦ ଟଙ୍କା ସମେତ ବହୁ ଲୋକଙ୍କ ଫଟୋ ଆଦି ସାମଗ୍ରୀ ଜବତ୍ ହୋଇଥିଲା। ଦୀର୍ଘ ୨ ବର୍ଷରେ ଲୋକଙ୍କୁ ଠକି ତାଙ୍କ ନାମରେ ସିମ୍‌କାର୍ଡ ବାହାର କରି ଯେଉଁ ସିମ୍ ବିକ୍ରି କରିଛନ୍ତି, ସେସବୁ ଚିହ୍ନଟ ପରେ ନିଷ୍କ୍ରିୟ କରିବା ପାଇଁ ପଦକ୍ଷେପ ନିଆଯାଉଛି। ସାଇବର ଥାନାରେ ଏକ ମାମଲା(ନଂ. ୫/୨୦୨୪) ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସାଇବର ଅପରାଧୀ ଗିରଫ ଅଭିଯୁକ୍ତମାନଙ୍କୁ ଠକେଇ ପରେ କୌଣସି ଭାଗ ଦେଉଥିଲେ କି ନାହିଁ ତାହାର ତଦନ୍ତ ପରେ ଜଣାପଡ଼ିବ ବୋଲି ଏସ୍‌ପି ନୀତିନ କୁଶଲକର ସୂଚନା ଦେଇଛନ୍ତି। ଏଥିସହ କେନ୍ଦୁଝର ଜିଲାରେ ସାଇବର ଠକେଇକୁ ରୋକିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ସାଇବର ଠକେଇର ଶିକାର ହେଲେ ତୁରନ୍ତ ହେଲପ୍ ଲାଇନ ନମ୍ବର ୧୯୩୦ରେ ଅଭିଯୋଗ କରିପାରିବେ ବୋଲି ସେ ସୂଚନା ଦେଇଛନ୍ତି। ଅପରେଶନରେ ଆଇପିଏସ୍ ରମେନ୍ଦ୍ର ପ୍ରସାଦ, ସାଇବର ଥାନା ଇନ୍ସପେକ୍ଟର ମୁନା ନାଏକ, ଏଏସ୍‌ଆଇ ଆଲୋକ ନାଏକ, କନଷ୍ଟେବଲ ଦେବରାଜ ବେହେରା ପ୍ରମୁଖ ସାମିଲ ଥିଲେ।

# କରେଣ୍ଟ ଲଗାଇ ହାତୀ ହତ୍ୟା

## ୪ ଶିକାରୀ ଗିରଫ, ୨ ଦାନ୍ତ ଜବତ

ନୟାଗଡ଼/ଦଶପଲ୍ଲା,୨୫।୧
(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜ ବାଣିଗୋଛା ସେକ୍ସନ ଦୁର୍ଗାପ୍ରସାଦ ବିଟ୍ ବାଇଶିପଲ୍ଲୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର ବିଲୁଆପଡା ଘାଟିରୁ ଏକ ଦନ୍ତାହାତୀର ଗଳିତ ମୃତଦେହକୁ ଗୁରୁବାର ଜବତ କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତି ଓ ମୃତଦେହରୁ ଖଣ୍ଡ ବିଖଣ୍ଡିତ ବିଦ୍ୟୁତ୍ ତାର ମିଳିବା ପରେ ହାତୀକୁ ବିଦ୍ୟୁତ୍ କରେଣ୍ଟ ଲଗାଇ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି। ଏହି ଘଟଣାରେ ବନ ବିଭାଗ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ୨ ହାତୀଦାନ୍ତ ଜବତ କରିଛି। ଏହି ଶିକାରରେ ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ୨୦ ବର୍ଷ ବୟସର ଏହି ହାତୀକୁ ୧୫ରୁ ୨୦ ଦିନ ତଳେ ବିଦ୍ୟୁତ୍ କରେଣ୍ଟ ଲଗାଇ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ହତ୍ୟାର ପୂରା ଗୁମର ଖୋଲିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ହାତୀର ଗଳିତ ମୃତଦେହ ପାଖରୁ ବିଦ୍ୟୁତ୍ ତାର ଜବତ କରାଯାଇଛି। ଗିରଫ ଶିକାରୀଙ୍କ ନାମକୁ ବନ ବିଭାଗ ପକ୍ଷରୁ ଗୋପନ ରଖାଯାଇଛି।

ଏନେଇ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ କୁହିଛନ୍ତି, ଦନ୍ତାହାତୀ ମରି ପଡିଥିବା ଖବର ମଙ୍ଗଳବାର ରାତିରେ ମିଳିଥିଲା। ବୁଧବାର ଖୋଜାଖୋଜି କରାଯାଇ ହାତୀର ମୃତଦେହକୁ ଠାବ କରାଯାଇଥିଲା। ଭୁବନେଶ୍ୱରରୁ ବନ ବିଭାଗର ସ୍ପେଶାଲ ଟ୍ୟାକ୍ସ ଫୋର୍ସ(ଏସ୍‌ଟିଏଫ୍)ଆସି ତଦନ୍ତ କରିଛନ୍ତି। ସାତକୋଶିଆର ପ୍ରାଣୀ ଚିକିତ୍ସକ ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇ ପଚରାଉଚୁରା ଚାଲିଛି। ମୃତହାତୀର ବୟସ ୨୦ ବର୍ଷ ବୋଲି ଅନୁମାନ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସମ୍ପୂର୍ଣ୍ଣ ଘଟଣା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ଦଶପଲ୍ଲା ରେଞ୍ଜର ସୁଦର୍ଶନ ଦେହୁରୀ କହିଛନ୍ତି, ହାତୀ ମୃତ୍ୟୁ ଖବର ଜଣାପଡିବା ପରେ ବନ ବିଭାଗ ପକ୍ଷରୁ ମୃତଦେହ ଠାବ କରିବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ହାତୀର ମୃତଦେହ ଠାବ ହୋଇଛି। ଏ ନେଇ ଏକ ମାମଲା(ନଂ.୩୮/୨୦୨୩-୨୪)ରୁଜୁ କରାଯାଇଛି। ୪ଜଣଙ୍କୁ ଗିରଫ କରାଯାଇ ପଚରାଉଚୁରା ଚାଲିଛି। ବ୍ୟବଚ୍ଛେଦ ସମୟରେ ହାତୀର ମୃତଦେହରୁ ଖଣ୍ଡ ବିଖଣ୍ଡିତ ବିଦ୍ୟୁତ୍ ତାର ମିଳିଛି। ହାତୀର ମୃତଦେହ ନିକଟରୁ ମିଳିଥିବା ବିଦ୍ୟୁତ୍ ତାର ସହ ଉକ୍ତ ତାର ମିଶୁଛି। ଏଣୁ ହାତୀକୁ ବିଦ୍ୟୁତ୍ କରେଣ୍ଟ ଦେଇ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ହାତୀକୁ ଶିକାର ପରେ ଦାନ୍ତ ଲୁଟ୍ ହୋଇଥିଲା। ଗିରଫ ହୋଇଥିବା ୪ ଶିକାରୀଙ୍କ ସହ ଅନ୍ୟ କେତେଜଣ ଲୋକ ଏଥିରେ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ୪ ଶିକାରୀଙ୍କୁ କୋର୍ଟ ଚାଲାଣ ପୂର୍ବରୁ ଆଉ କିଛି ସୂଚନା ମିଳିପାରିବ ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପରେ ନିକଟସ୍ଥ ଜଙ୍ଗଲରେ ଲୁଣ, ଚୂନ, ଫିନାଇଲ ପରି ଅନ୍ୟାନ୍ୟ ସାମଗ୍ରୀ ଦେଇ ଗଳିତ ମୃତଦେହକୁ ପୋତି ଦିଆଯାଇଛି ବୋଲି ସେ କହିଛନ୍ତି।


ହାତୀର ଗଳିତ ମୃତଦେହ (ବାମ)। ଜବତ ହାତୀ ଦାନ୍ତ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗଜକେଶରୀ ଯୋଗ ପ୍ରଭାବରେ କର୍ମକ୍ଷେତ୍ରରେ, ସମାଜରେ ପଲୋକପ୍ରିୟତା ହାସଲ କରିବେ। ସ୍ଥଗିତ କାମ ସୁବିଧାରେ ସମ୍ପନ୍ନ ହେବାରୁ ଖୁସି ଅନୁଭବ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ସ୍ନାୟବିକ ଦୁର୍ବଳତା କେତେକାଂଶରେ ଦୂର ହେବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଅଶ୍ୱିନୀ ନକ୍ଷତ୍ରର ମନ ଉଦାସ ରହିପାରେ।

**ବୃଷ** ଅନ୍ୟମାନଙ୍କ ସାହାଯ୍ୟରୁ ବିବାଦୀୟ ସ୍ଥିତି ଦୂରେଇଯିବ। ଶୁକ୍ରଙ୍କ ଦୁଃସ୍ଥାନ ସ୍ଥିତିଜନିତ ସମସ୍ୟା ଲାଗି ରହିଲେ ମଧ୍ୟ କର୍ମ ସମ୍ପାଦନ କରିପାରିବେ। ନିଜର ସମ୍ପର୍କୀୟ ବ୍ୟକ୍ତିମାନେ ଦୂରେଇ ଯିବାରୁ ପର ଲୋକଙ୍କୁ ଆପଣାର କରିବାକୁ ବାଧ ହୋଇପାରନ୍ତି। ବ୍ୟସ୍ତ ରହି ଘର ପାଇଁ ରହିଥିବା ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେବାର ସୂଚନା ରହିଛି।

**ମିଥୁନ** ଧନାଧିପ ଧନସ୍ଥାନସ୍ଥ ହେତୁ ଆଶା କରିଥିବା ଦିଗରୁ ଅର୍ଥପ୍ରାପ୍ତି ଘଟିବ। ଘରକଥା ପଛକୁ ପକାଇ ବାହାର ଲୋକଙ୍କ କାମରେ ବିଶେଷ ସମୟ ଦେଇପାରନ୍ତି। ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖବର ପାଇବା ସମ୍ଭାବନା ରହିଛି। ଜନସେବା ପ୍ରତି ମନ ବଳିବ କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀ କେହି ଚଞ୍ଚକତା ପ୍ରଦର୍ଶନ କରିପାରନ୍ତି।

**କର୍କଟ** ବୃହସ୍ପତିଙ୍କ ପ୍ରଭାବରେ କର୍ମଜଞ୍ଜାଳ ବୃଦ୍ଧି କାରଣରୁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରିବାକୁ ପଡ଼ିପାରେ। ପରିସ୍ଥିତି ସହ ଟକ୍କର ଦେଇ ଆଗକୁ ବଢିଲେ ସଫଳତା ମିଳିବ। ସଭାସମିତିରେ ଆଲୋଚନା ମଝିରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ବାଣିଜ୍ୟ, ଗବେଷଣା, ନିର୍ମାଣ ପ୍ରଭୃତି କ୍ଷେତ୍ର ମଧ୍ୟମ ପ୍ରକାରର ରହିବ।

**ସିଂହ** ବୁଧଙ୍କ ବୌଦ୍ଧିକତାରୁ କୌଶଳପୂର୍ଣ୍ଣ କଥନ ଶୈଳୀ ମାଧ୍ୟମରେ ଆଶା ପୂରଣ ହେବା ନିଶ୍ଚିତ। ବୁଝାମଣା ନେଇ ଅଶାନ୍ତିକର ପରିସ୍ଥିତି ଦେଖାଦେବାର ଆଶଙ୍କା ରହିଛି। ବାନ୍ଧବୀଙ୍କ ମିଥ୍ୟା ପ୍ରତିଶ୍ରୁତି ଉପରେ ଭରସା କଲେ ଅସୁବିଧାରେ ପଡ଼ିପାରନ୍ତି। ନୂତନ ଘର, ଗାଡ଼ି, କିମ୍ବା କିଛି ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇବାର ସୂଚନା ରହିଛି।

**କନ୍ୟା** ଏକାଦଶସ୍ଥ ଚନ୍ଦ୍ର ହେତୁ ଅର୍ଥକୁ କେନ୍ଦ୍ରକରି ଆକସ୍ମିକ କଳହର ସୂଚନା ରହିଛି। କିନ୍ତୁ ସଭାସମିତିରେ, ଆନୁଷ୍ଠାନିକ ତଥା କର୍ମକ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। କଥାବାର୍ତ୍ତାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ପାରିବାରିକ, ପରିବହନ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ତୁଳା** ଆଜିର ଶୁଭ ଚନ୍ଦ୍ର ପ୍ରଭାବରୁ ଯେଉଁ ଭଳି ଚିନ୍ତା କରୁଛନ୍ତି, ଠିକ୍ ସେହିପରି ହିଁ ହେବ। ବନ୍ଧୁମାନଙ୍କ ସାହାଯ୍ୟରୁ ଆର୍ଥିକ ସ୍ଥିତି ବେଶ୍ ମଜଭୁତ ରହିବ। ସଭାସମିତିରେ ନ୍ୟାୟୋଚିତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** ଭାଗ୍ୟସ୍ଥାନରେ ଚନ୍ଦ୍ର ଥିବାରୁ କାର୍ଯ୍ୟସିଦ୍ଧି ସହ ଅଭିଳଷିତ ଜିନିଷ ପାଇବେ। କୌଣସି ସାଧାରଣ କଥାକୁ କେନ୍ଦ୍ର କରି ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଜ୍ୟେଷ୍ଠା ନକ୍ଷତ୍ର ଜାତ ବ୍ୟକ୍ତି କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ।

**ଧନୁ** ଆଜି ଅଷ୍ଟମ ଚନ୍ଦ୍ର ହେତୁ ମାନସିକ ଅସ୍ଥିରତା ସୃଷ୍ଟି ସୂଚନା ରହିଛି। ନିଜ ଲୋକମାନେ ଦାଉ ସାଧିବା ପାଇଁ ଚେଷ୍ଟା କରିପାରନ୍ତି। ସାମାଜିକ ସ୍ତରରେ,ରାଜନୀତି କ୍ଷେତ୍ରରେ, ସଭାସମିତିରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ତଥାପି ଆପଣ କେତେକ କ୍ଷେତ୍ରରେ ହାତପାଆନ୍ତାରେ ସୁଯୋଗ ପାଇବେ।

**ମକର** ଶୁଭଚନ୍ଦ୍ରଜନିତ ଆନୁଷ୍ଠାନିକ କାମରେ ଦକ୍ଷତା ହେତୁ ପ୍ରଶଂସିତ ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଯାତ୍ରାରେ ଦୀର୍ଘ ସମୟଧରି ବନ୍ଧୁଙ୍କୁ ପ୍ରତୀକ୍ଷା କରି ରହିବାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**କୁମ୍ଭ** ଧନାଧିପ ଧନସ୍ଥ ଯୋଗୁ ଆର୍ଥିକ ଦୁରବସ୍ଥା ଦୂରେଇ ଯିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଶତଭିଷା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। କୌଣସି ଆନୁଷ୍ଠାନିକ କାର୍ଯ୍ୟ କିମ୍ବା ମାଙ୍ଗଳିକ କାମରେ ବ୍ୟସ୍ତ ରହିବେ। ବନ୍ଧୁଙ୍କ ନିକଟରେ ଥିବା ଟଙ୍କା ନିଜର ଅବହେଳାରୁ ଅନ୍ୟ ବାଟରେ ବ୍ୟୟ ହେବ।

**ମୀନ** ଧନସ୍ଥାନରେ ଗୁରୁ ହେତୁ ବନ୍ଧୁଙ୍କ ନିକଟରୁ ସକଳୁ ସକାଳୁ ଶୁଭ ଖବର ପାଇ ଖୁସି ହୋଇଯିବେ। ନିକଟ ସମ୍ପର୍କୀୟମାନେ କୌଣସି ଆଲୋଚନା ସକଶେ ଡାକିପାରନ୍ତି। ଦକ୍ଷତା ହେତୁ କର୍ମକ୍ଷେତ୍ରରେ କିମ୍ବା ନିଜ ପରିସରରେ ପ୍ରତିଷ୍ଠିତ ହେବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

ଆଜି ଜାନୁଆରୀ ୨୬ ତାରିଖ, ସାଧାରଣତନ୍ତ୍ର ଦିବସ, ଅନ୍ତର୍ଜାତୀୟ ସୀମା ଶୁଳ୍କ ଦିବସ, ପୁଷ୍ୟାଭିଷେକ, ଶ୍ରୀନଅରରେ ଉତ୍ସବ, ମାଘ ମାସ କୃଷ୍ଣ ପ୍ରତିପଦା ଶୁକ୍ରବାର, ରାଶି ନକ୍ଷତ୍ର-ଦିବା ଘ.୧୦।୨୮ ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ତପରେ ଅଶ୍ଳେଷା ନକ୍ଷତ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଦିବା ଘ.୦୬।୨୭ ଗତେ ଘ.୦୭।୧୧ ମଧ୍ୟେ, ଘ.୦୭।୫୫ ଗତେ ଘ. ୦୯।୧୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୦।୩୬ ଗତେ ଘ.୧୧।୫୯ ମଧ୍ୟେ ରାହୁ କାଳ।


SMART BAZAAR
Reliance
Growth is Life
ଫୁଲ୍ ପଇସା ଅସୁଲ୍ ସେଲ୍
24th - 28th Jan
Also On JioMart
କଣ ଫୁଲ୍ ପଇସା ଅସୁଲର ଜବରଦସ୍ତ ଅଫର୍ ଚାହୁଁଛନ୍ତି? ସ୍ମାର୍ଟ ବଜାର ଚାଲନ୍ତୁ
ଘରେ ବସି ଫୁଲ୍ ପଇସା ଅସୁଲ୍ ଅଫର୍ସ ଚାହୁଁଛନ୍ତି? ଜିଓମାର୍ଟ ଆପରେ ଶପିଂ କରନ୍ତୁ
ଅଫର୍ସ ଏଠାରେ ମଧ୍ୟ ଉପଲବ୍ଧ
SMART SUPERSTORE
fresh Signature
ଏବେ ଖୋଲାଅଛି
କେନ୍ଦୁଝର: ରବିସନ୍ସ ମଲ୍, ବଡ଼ବିଲ୍
ମାଜା / କୋକାକୋଲା / ସ୍ପ୍ରାଇଟ୍ / ଥମ୍ସ ଅପ୍ / ଫାଣ୍ଟା 600 ml (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 3 GET ANY 1 FREE
MRP ₹40 ଡେଣିକି / ୟୁନିଟ
ବିସ୍କୁଟ୍- ଲାର୍ଜ ପ୍ୟାକ୍ 300 g ତେଣିକି / ଲୋଟି ଚୋକୋ ପାଇ 336 g (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹120 ତେଣିକି / ୟୁନିଟ
ଚକୋଲେଟ୍ ହୋମ୍ ପ୍ୟାକ୍ (କାଡ୍‌ବରୀ ଡେରୀ ମିଲ୍କ /5 ଷ୍ଟାର /ନେଷ୍ଟଲେ କିଟକ୍ୟାଟ୍ / ମଞ୍ଚ / ହର୍ଶେ'ସ୍ କିସେସ୍ / ପର୍କ) 108 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹99 ତେଣିକି / ୟୁନିଟ
କ୍ଲୋଜଅପ୍ / କୋଲଗେଟ୍ ମ୍ୟାକ୍ସଫ୍ରେଶ୍ / ସ୍ୱର୍ଣ୍ଣ ବେଦଶକ୍ତି / ମେସୱାକ 300 g / ପେପ୍ସୋଡେଣ୍ଟ ଟୁଥପେଷ୍ଟ 500 g (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 1 GET ANY 1 FREE
MRP ₹195 ତେଣିକି
ହର୍ଲିକ୍ସ କ୍ଲାସିକ ମଲ୍ଟ 750 g
BUY 2 GET 1 FREE
MRP ₹449 ତେଣିକି
ପେଅର୍ସ ପ୍ୟୋର୍ ଆଣ୍ଡ ଜେଣ୍ଟଲ୍ ସୋପ୍ 125 g x 4 + 1 ଫ୍ରୀ
BUY 1 GET 1 FREE
MRP ₹372 ତେଣିକି
ବ୍ୟାଟର / ବ୍ରେଡ୍ / କେକ୍ / ପନୀର / ଫ୍ରୋଜନ୍ ସ୍ନାକ୍ସ / ଫ୍ରୋଜେନ୍ ଭେଜ୍ / ଆଇସ୍ କ୍ରିମ୍ / ଲସୀ / ମିଲ୍କ ପାନୀୟ / ପନିର୍ / ରସ୍କ 18 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
ସର୍ବନିମ୍ନ 26% ଛାଡ଼
MRP ₹10 ତେଣିକି
ସର୍ଫ ଏକ୍ସେଲ୍ / ଟାଇଡ୍ ଡିଟରଜେଣ୍ଟ ପାଉଡର 5 kg / ସର୍ଫ ଏକ୍ସେଲ୍ / ଏରିଏଲ୍ ମ୍ୟାଟିକ୍ ଲିକ୍ୱିଡ୍ (ଟପ୍ ଲୋଡ୍ / ଫ୍ରଣ୍ଟ ଲୋଡ୍) 3 ℓ ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
ଫ୍ଲାଟ୍ 33% ଛାଡ଼
MRP ₹685 ତେଣିକି
ସ୍ମାର୍ଟ ପ୍ରାଇସ୍ ₹459 ତେଣିକି
ହ୍ୱିସ୍ପର ଅଲଟ୍ରା କ୍ଲିନ XL +44s / ନାଇଟ୍ ଏକ୍ସଏଲ୍ XL + 40 / ଷ୍ଟେଫ୍ରୀ ଡ୍ରାଏ ମ୍ୟାକ୍ସ ସାନିଟାରୀ ନାପକିନ୍ସ 42s (ନିର୍ଦ୍ଦିଷ୍ଟ ପ୍ରକାରର)
50% ଛାଡ଼
MRP ₹575 ତେଣିକି
ସ୍ମାର୍ଟ ପ୍ରାଇସ୍ ₹288 ତେଣିକି
ଟାଟା ଟୀ ପ୍ରିମିଅମ୍ ଡଷ୍ଟ 500 g
ସଞ୍ଚୟ ₹30
MRP ₹190 ତେଣିକି
ସ୍ମାର୍ଟ ପ୍ରାଇସ୍ ₹160 ତେଣିକି
ପାର୍ଲେ ଜି ବିସ୍କୁଟ୍ 800 g
ସଞ୍ଚୟ ₹25
MRP ₹100 ତେଣିକି
ସ୍ମାର୍ଟ ପ୍ରାଇସ୍ ₹75 ତେଣିକି
₹60
nafed
ଭାରତ ଚଣା ଡାଲି 1 kg
ଏବେ ଉପଲବ୍ଧ
BHARAT DAL Chana Dal
ସଫୋଲା ଗୋଲ୍ଡ ରାଇସ୍ ବ୍ରାନ୍ ଏବଂ କର୍ଣ୍ଣ ଅଏଲ 3 ℓ + ଇଣ୍ଡିଆ ଗେଟ୍ ରେଗୁଲାର ବେସିକ୍ ବାସମତି ରାଇସ୍ 5 kg
ସ୍ମାର୍ଟ ପ୍ରାଇସ୍ ₹699
ଜଏଣ୍ଟ MRP ₹1215
ସଞ୍ଚୟ ₹516
ଫର୍ଚ୍ୟୁନ ସଲଫରଲେସ୍ ଚିନି 5 kg
ସ୍ମାର୍ଟ ପ୍ରାଇସ୍ ₹239 (₹47.80/kg)
MRP ₹320
ସଞ୍ଚୟ ₹81
ଉତ୍କଳ କାସ୍ପର ପ୍ରିମିଅମ ଏଚଏମଟି ରାଇସ୍ 10 kg
ସ୍ମାର୍ଟ ପ୍ରାଇସ୍ ₹649 (₹64.90/kg)
MRP ₹690
ସଞ୍ଚୟ ₹41
ଗୁଡ୍ ଲାଇଫ୍ ରିଫାଇନ୍ଡ ସନ୍‌ଫ୍ଲାୱର ଅଏଲ / କଚିଘାନୀ ସୋରିଷ ତେଲ 1 ℓ
ସ୍ମାର୍ଟ ପ୍ରାଇସ୍ ₹105/ ₹117
MRP ₹150 / ₹170
ସଞ୍ଚୟ ₹45 / ₹53
ଓମ୍‌ଫେଡ୍ ଘିଅ 1 ℓ
ସ୍ମାର୍ଟ ପ୍ରାଇସ୍ ₹685
MRP ₹720
ସଞ୍ଚୟ ₹35
ଚକି ଅଟା 5 kg
ସ୍ମାର୍ଟ ପ୍ରାଇସ୍ ₹185
MRP ₹250
ସଞ୍ଚୟ ₹65
କ୍ଲିନିକ୍ ପ୍ଲସ୍ / ସନ ସିଲ୍କ ସାମ୍ପୁ 1 ℓ (ନିର୍ଦ୍ଦିଷ୍ଟ ପ୍ରକାରର)
ସ୍ମାର୍ଟ ପ୍ରାଇସ୍ ₹299
MRP ₹810 ତେଣିକି
ସଞ୍ଚୟ ₹511 ତେଣିକି
ଲାଇଜୋଲ୍ ଫ୍ଲୋର କ୍ଲିନର 2 ℓ (ଫ୍ଲୋରାଲ/ସାଇଟ୍ରସ୍)
ସଞ୍ଚୟ ₹65
ଫ୍ରୀ ଲାଇଜୋଲ୍ 500 ml (ମଲ୍ଟି ପର୍ପସ୍)
MRP ₹440
ସ୍ମାର୍ଟ ପ୍ରାଇସ୍ ₹375
SINGER LYF
3 ବର୍ନର ଗ୍ଲାସ୍ ଟପ୍ ଗ୍ୟାସ୍ ଷ୍ଟୋଭ୍
ସ୍ମାର୍ଟ ପ୍ରାଇସ୍ ₹1999
MRP ₹7560 ତେଣିକି
LIVESMART
2000+ ଷ୍ଟାଇଲିସ୍ ଫେଶନ ₹499 ମଧ୍ୟରେ
ଟି-ଶାର୍ଟସ୍ ₹199 MRP ₹399
କୁର୍ତ୍ତା ₹199 MRP ₹399
ଡେନିମ୍ସ ₹399 MRP ₹999
ଲେଗିନ୍ସ ₹299 MRP ₹499
BERGNER
3 ପିସ୍ ଟ୍ରିପ୍ଲାୟ ଷ୍ଟେନଲେସ୍ ଷ୍ଟିଲ୍ କୁକୱେର୍ ସେଟ୍
ସ୍ମାର୍ଟ ପ୍ରାଇସ୍ ₹1599
MRP ₹5100
LA OPALA
ଓପାଲୱେର୍ ଡିନର୍ ସେଟ୍ (12 Pcs)
ସ୍ମାର୍ଟ ପ୍ରାଇସ୍ ₹599
MRP ₹1445
SUPERSPUN BED & BATH
Layers
ଡବଲ୍ ବେଡ୍‌ସିଟ୍ ସେଟ୍ ପିଲୋ କଭର ସହିତ (100% କଟନ୍)
ସ୍ମାର୍ଟ ପ୍ରାଇସ୍ ₹499
MRP ₹2099
safari ARISTOCRAT
ମିଡିୟମ ହାର୍ଡ ଟ୍ରଲି 65 cm (ନିର୍ଦ୍ଦିଷ୍ଟ ରଙ୍ଗ)
4 ହ୍ୱିଲ ଟ୍ରଲି । ଟିଏସଏ ଲକ
ସ୍ମାର୍ଟ ପ୍ରାଇସ୍ ₹2222
MRP ₹6999 ତେଣିକି
10% INSTANT DISCOUNT#
SBI card
#Min. Trxn.: ₹3,000; Max. Discount: ₹500 per Trxn. Valid only on one Trxn. per credit card. Validity: 24 Jan - 28 Jan 2024. T&C Apply.
Paytm CASHBACK
Get up to ₹300*
Cashback on minimum payment of ₹1500
Paytm Payments Bank Wallet
Minimum Assured ₹30 Cashback. Offer Valid Once per user from 23rd January to 28th January 2024. *T&C apply
Pay with MobiKwik
GET UPTO ₹300* CASHBACK
*T&C Apply : Minimum Assured Cashback ₹50. Min Transaction of ₹1000 | Valid Once Per User Valid from 23rd to 28th Jan 2024
ଆପଣଙ୍କ ନିକଟତମ ଷ୍ଟୋର୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ସର୍ତ୍ତ ଓ ନିୟମାବଳୀ ଲାଗୁ । ବ୍ୟାଙ୍କିଙ୍ଗ୍ କାର୍ଡ / ୱାଲେଟ୍ ଅଫର୍ସ କେବଳ ସ୍ମାର୍ଟ ବଜାର, ସ୍ମାର୍ଟ ସୁପରଷ୍ଟୋର ଏବଂ ଫ୍ରେଶ୍ ସିଗ୍ନେଚରରେ ବୈଧ ଅଟେ । ଅଫର୍ ଷ୍ଟକ୍ ଶେଷ ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର୍ ବିନା ବିଜ୍ଞପ୍ତିରେ ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଦ୍ରବ୍ୟର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନ ଉଦ୍ଦେଶ୍ୟ ପାଇଁ । ହୋମୱେୟାର ଏବଂ ଆପାରେଲସ ଅଫର୍ କେବଳ ସ୍ମାର୍ଟ ବଜାର ଏବଂ ସ୍ମାର୍ଟ ସୁପରଷ୍ଟୋରରେ ବୈଧ ଅଟେ । ସମସ୍ତ ଉତ୍ପାଦର ଏମ୍‌ଆରପିରେ ସମସ୍ତ ଟିକସ ସାମିଲ ଅଟେ । ରିହାତି ପ୍ରତିଶତକୁ ଅଫର୍ ପ୍ରାଇସ୍‌ର ନିକଟତମ ପ୍ରତିଶତକୁ ପୂର୍ଣ୍ଣାଙ୍କିତ କରାଯିବା ସମସ୍ତ ଅଫର୍ 28 ଜାନୁଆରୀ 2024 ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବାଇରେ କୋର୍ଟର ସ୍ୱତନ୍ତ୍ର ଅଧିକାର ଅଧୀନ ଅଟେ ।

ଯେଉଁମାନେ ସତ୍ୟ ପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି-ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରିଥାନ୍ତି। -ଶ୍ରୀମା

-ମାଘ ବ୍ରତାରମ୍ଭ, ପୁଷ୍ୟାଭିଷେକ, ରାଜାଭିଷେକ ଓ ୭୫ତମ ସାଧାରଣତନ୍ତ୍ର ଦିବସ



# ବିକାଶଶୀଳ ଦେଶ ଓ ଜଳବାୟୁ ପରିବର୍ତ୍ତନ





ଇଶାକ୍ ଦିୱାନ୍
ରିସର୍ଚ୍ଚ ଡାଇରେକ୍ଟର, ଫାଇନାନ୍ସ ଫର୍ ଡେଭଲପମେଣ୍ଟ ଲାବ୍

ଭେରା ସଙ୍ଗ୍ୱେ
ସିନିୟର ଫେଲୋ, ବ୍ରୁକିଙ୍ଗସ୍ ଇନ୍‌ଷ୍ଟିଚ୍ୟୁଟ

ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକୁ ୨୦୨୩ରେ ସେମାନଙ୍କ ଋଣ ପରିଚାଳନା କରିବାରେ ଯଦିଓ କଷ୍ଟକର ହୋଇଛି ତଥାପି ସେମାନେ ଚଳିତ ବର୍ଷ ଆହୁରି ଅଧିକ ଆହ୍ୱାନର ସମ୍ମୁଖୀନ ହେବା ସମ୍ଭାବନା ଅଛି। ଅଧିକାଂଶଙ୍କ ଉପରେ ଅପେକ୍ଷାକୃତ କମ୍ ଋଣ ଥିବାରୁ ସେମାନଙ୍କୁ ପରିଶୋଧରେ ଅସମର୍ଥ ବୋଲି ବିବେଚନା କରାଯାଏ ନାହିଁ। ଅନେକେ ବି ଋଣ ଆକାରରେ ଅତ୍ୟଧିକ ନଗଦ ପୁଞ୍ଜି ଆବଶ୍ୟକ କରନ୍ତି । ଅଧିକ ଅର୍ଥ ନ ପାଇଲେ ସେମାନେ ଋଣ ଶୁଝିବାରେ ଓ ସବୁଜ ପରିବର୍ତ୍ତନ ନିବେଶ ପାଇଁ ସଂଘର୍ଷ କରିଚାଲିଥିବେ । ଏହି ବିକାଶଶୀଳ ଦେଶଗୁଡ଼ିକ ନିକଟ ଅତୀତରେ କୋଭିଡ୍-୧୯ ମହାମାରୀ, ଯୁଦ୍ଧ ଯୋଗୁ ଖାଦ୍ୟ ଏବଂ ଶକ୍ତି ଯୋଗାଣ ଶୃଙ୍ଖଳାରେ ବ୍ୟାଘାତ ଏବଂ ବିଶ୍ୱର ମୁଦ୍ରାସ୍ଫୀତିରେ ବୃଦ୍ଧି ଭଳି ଅନେକ ବାହ୍ୟ ଝଟକାର ସମ୍ମୁଖୀନ ହୋଇଛନ୍ତି। ତେବେ ପୁଞ୍ଜି ବଜାରରେ ସେମାନଙ୍କ ପ୍ରବେଶକୁ ବନ୍ଦ କରିଦିଆଯାଇଛି। ଅବଧି ଶେଷ ହୋଇଥିବା ଋଣର ନବୀକରଣରେ ସେମାନଙ୍କୁ ବାଧା ଦିଆଯାଉଛି। ଋଣ ପରିଶୋଧ କରିବାରେ ସେମାନଙ୍କ ଟିକସ ଓ ରପ୍ତାନି ରାଜସ୍ୱର ଏକ ବୃହତ୍ ଅଂଶ ଦେବାକୁ ବାଧ କରାଯାଇଛି। ଭିତ୍ତିଭୂମିରେ ନିବେଶ, ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଏବଂ ଜଳବାୟୁ କାର୍ଯ୍ୟ ଭଳି ପ୍ରାଥମିକତାଗୁଡ଼ିକ ଲାଗି ପରିଶୋଧ କରିପାରୁନାହାନ୍ତି। ଆଗାମୀ କିଛି ବର୍ଷ ମଧ୍ୟରେ ଏହିସବୁ ଦେଶର ଦୃଷ୍ଟିକୋଣ ଆହୁରି ଖରାପ ହେବା ସମ୍ଭାବନା ରହିଛି। ଫାଇନାନ୍ସ ଫର୍ ଡେଭଲପମେଣ୍ଟ ଲାବ୍ (ଏଫ୍‌ଡିଏଲ୍)ର ଆକଳନ ଅନୁଯାୟୀ, ୨୦୨୪ ଏବଂ ୨୦୨୬ରେ ଅତି କମ୍‌ରେ ୨୦ ନିମ୍ନ ଏବଂ ମଧ୍ୟବିତ୍ତ ଆୟକାରୀ ଦେଶକୁ ଅଧିକ ଋଣ ପରିଶୋଧ କରିବାକୁ ପଡ଼ିବ। ଯେହେତୁ ସେମାନେ ଏହି ଋଣରେ ଘାଣ୍ଟି ହେଉଛନ୍ତି, ସେଥିପାଇଁ ସେମାନଙ୍କର ଦୁର୍ବଳ ବିତ୍ତୀୟ ସ୍ଥିତି ଆହୁରି ଖରାପ ହେବ । ଜଳବାୟୁ କାର୍ଯ୍ୟ ପାଇଁ ଏହା ଆଦୌ ଭଲ ନୁହେଁ ।

ଜଳବାୟୁ ପରିବର୍ତ୍ତନର ବିପଦ ସାରା ବିଶ୍ୱରେ ଅନୁଭୂତ ହେଉଛି। ବିଶେଷକରି ବିକାଶଶୀଳ ଦେଶଗୁଡ଼ିକରେ ଜଳବାୟୁ ବିପଦର ପ୍ରଭାବ ଅଧିକ । କିନ୍ତୁ ଗତବର୍ଷ ଏହି ପ୍ରସଙ୍ଗରେ ଅନ୍ତର୍ଜାତୀୟ ସମ୍ମିଳନୀ ଏକ ନିରାଶାଜନକ ବାର୍ତ୍ତା ଦେଇଥିଲା। ବିକଶିତ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ଲାଗି ପାଣ୍ଠି ଯୋଗାଣ ଅବଧି ୨୦୩୦କୁ ବଢ଼ାଇଥିବାବେଳେ ବିକାଶଶୀଳ ଦେଶଗୁଡ଼ିକର ନୀତି ନିର୍ଦ୍ଧାରକମାନେ ଗମ୍ଭୀର



ଆର୍ଥିକ ପ୍ରତିବନ୍ଧକ ବିରୋଧରେ ସଂଘର୍ଷ କରୁଛନ୍ତି। ସ୍ୱଳ୍ପ ମିଆଦୀ ବିପଦକୁ ଦୂରକରିବା ପାଇଁ ସେମାନେ ମଧ୍ୟମ ମିଆଦୀ ରଣନୀତି ଆପଣାଇବା ଯୋଗୁ ବିକାଶଶୀଳ ଓ ବିକଶିତ ଦେଶସବୁ ନୈରାଶ୍ୟଭାବ ପ୍ରକାଶ କରୁଛନ୍ତି। ଏହାସହ ଏକ ନୂତନ ବୈଶ୍ୱିକ ଅର୍ଥ ଯୋଗାଣ ଚୁକ୍ତି ପାଇଁ ଗତ ଜୁନ୍‌ରେ ପ୍ୟାରିସ୍‌ରେ ଅନୁଷ୍ଠିତ ବୈଠକରେ ନିରାଶା ପ୍ରକାଶ ପାଇଛି।

ମଲ୍ଟିଲାଟେରାଲ ଡେଭଲପମେଣ୍ଟ ବ୍ୟାଙ୍କ(ଏମ୍‌ଡିବି) ବା ବହୁଦେଶୀୟ ବିକାଶ ବ୍ୟାଙ୍କଗୁଡିକ ଜୀବନ ପ୍ରଦାନ କରିପାରନ୍ତି। କିନ୍ତୁ ସେମାନଙ୍କର କ୍ଷମତାକୁ ଶୀଘ୍ର ଦୃଢ଼ କରିବାକୁ ପଡିବ। ବିଶ୍ୱବ୍ୟାଙ୍କର ତଥ୍ୟ ଅନୁଯାୟୀ, ୨୦୨୨ରେ ଏମ୍‌ଡିବିରୁ ବିଶ୍ୱର ଗରିବ ଦେଶଗୁଡ଼ିକ ନେଇଥିବା ନୂତନ ରିହାତିଭିତ୍ତିକ ଋଣ ଏହିସବୁ ଦେଶର ପରିଶୋଧ ଦେୟଠାରୁ କମ୍ ଥିଲା, ଯାହାର ଏକ ବଡ଼ ଅଂଶ ଘରୋଇ ଏବଂ ଦ୍ୱିପାକ୍ଷିକ ଋଣଦାତାଙ୍କ ନିକଟକୁ ଯାଇଥିଲା। ବିକାଶଶୀଳ ଦେଶରୁ ପୁଞ୍ଜି ବାହାରକୁ ଅଧିକ ଚାଲିଯାଉଛି। ଉନ୍ନତ ଅର୍ଥ ବ୍ୟବସ୍ଥାରେ ସୁଧ ହାର ବୃଦ୍ଧି କରିବା ଯୋଗୁ ଏହା ଘଟୁଛି । ଏହା ଯୋଗୁ ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକର ନଗଦ ଆବଶ୍ୟକତା ବଢ଼ିଛି। ଦେଖିବାକୁ ଗଲେ ଋଣ ପରିଶୋଧ କରିବାକୁ ସଂଘର୍ଷ କରୁଥିବା ଦେଶଗୁଡ଼ିକୁ ସମର୍ଥନ କରିବାକୁ ଏମ୍‌ଡିବିଗୁଡ଼ିକର କାର୍ଯ୍ୟ ଏପର୍ଯ୍ୟନ୍ତ ଅସଙ୍ଗତ ରହିଆସିଛି। ଉଦାହରଣ ସ୍ୱରୂପ, ଉଭୟ କେନିଆ ଏବଂ ଇଥିଓପିଆ ସେମାନଙ୍କ ବେସରକାରୀ ତଥା ଚାଇନାର ଋଣଦାତାଙ୍କୁ ପରିଶୋଧ କରିବାକୁ ଚାପରେ ରହିଛନ୍ତି। ଏହି ଋଣଦାତାମାନେ ଏବେ ନୂଆ ଋଣ ଦେବା ଅପେକ୍ଷା ପୂର୍ବରୁ ଦେଇଥିବା ଋଣ ଓ ସୁଧ ଦେୟ ବାବଦରେ ଅଧିକ ସଂଗ୍ରହ କରୁଛନ୍ତି। କେବଳ କେନିଆ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କ ଏବଂ ଅନ୍ୟମାନଙ୍କଠାରୁ ଅବଧି ଶେଷ ହୋଇଥିବା ଋଣଗୁଡ଼ିକର ପରିଶୋଧ କରିବାକୁ ପୁଣି ପର୍ଯ୍ୟାପ୍ତ ବିତ୍ତୀୟ ସହାୟତା ପାଇଛି। ଅପରପଟେ ନିକଟ ବର୍ଷଗୁଡ଼ିକରେ ଇଥିଓପିଆ ପାଇଁ ଆର୍ଥିକ ସହାୟତା କମିଯାଇଛି। କେନିଆ ପାଇଁ ନିଆଯାଇଥିବା ଦୃଷ୍ଟିକୋଣ ସମାଧାନର ବାଟ ନୁହେଁ। ସାମ୍ପ୍ରତିକ ମାର୍କେଟ୍‌ରୁ ନଗଦ ଅର୍ଥ ପାଇପାରୁ ନ ଥିବା ସବୁ ଦେଶକୁ ସମାନ ପ୍ରକାର ସହାୟତା ଯୋଗାଇଦେବାକୁ ହେଲେ ଏମ୍‌ଡିବି ଏହାର ରିହାତିଭିତ୍ତିକ ଋଣ ୩ ଗୁଣ ବୃଦ୍ଧି କରିବାକୁ ହେବ, ଯାହା ସମ୍ପୂର୍ଣ୍ଣ ଗ୍ରହଣୀୟ ନୁହେଁ।

ଏକ ଉତ୍ତମ ଦୃଷ୍ଟିକୋଣ ନିଆଯିବା ଦରକାର, ଯାହା ସ୍ୱଳ୍ପମିଆଦୀ ଋଣ ସମସ୍ୟା ଏବଂ ଆବଶ୍ୟକ ଦୀର୍ଘକାଳୀନ ନିବେଶ ମଧ୍ୟରେ ବ୍ୟବଧାନକୁ ବନ୍ଦ କରିବା ଉପରେ ଧ୍ୟାନ ଦେବ। ନଗଦ ଋଣ ପାଇବାରେ ବାଧାର ସମ୍ମୁଖୀନ ହେଉଥିବା ଦେଶଗୁଡ଼ିକ ପାଇଁ ଅର୍ଥ ଆସିବାର ବାଟ ଖୋଲି ଏହା କରାଯିବା ଦରକାର। ଏଫ୍‌ଡିଏଲ୍ ଏବେ ଋଣଗ୍ରହୀତା, ଋଣଦାତା ଏବଂ ଏମ୍‌ଡିବି ମଧ୍ୟରେ ଏକ ଚୁକ୍ତି ପାଇଁ ପ୍ରସ୍ତାବ ଦେଇଛି। ଆଗାମୀ ଋଣର ଦେୟ ସମ୍ପର୍କରେ ପୁନଃ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ଅନୁମତି ଦେବା ଲାଗି ଏହି ପ୍ରସ୍ତାବ ଆଣିଛି। ୫-୧୦ବର୍ଷ ଯାଏ ଋଣ ପରିଶୋଧ ସମୟସୀମା ବଢ଼ାଇଲେ ଏମ୍‌ଡିବି ଦ୍ୱାରା ଯୋଗାଇ ଦିଆଯାଇଥିବା ଅର୍ଥ ଜଳବାୟୁ ଅନୁକୂଳ ନିବେଶ ପାଇଁ ବିତ୍ତୀୟ ସୁଯୋଗ ସୃଷ୍ଟି କରିବ। ବିପଦକୁ ନିୟନ୍ତ୍ରଣ କରିବାରେ ଆଇଏମ୍‌ଏଫ୍‌ର ଋଣ ନବୀକରଣ ସାହାଯ୍ୟ କରୁଥିବାବେଳେ ଏମ୍‌ଡିବିଗୁଡ଼ିକୁ ଏବକାର ସଂସ୍କାର ଯୋଜନା କାର୍ଯ୍ୟକାରୀ ଓ ଅଗ୍ରଗତିକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ ଏବଂ ଅର୍ଥଯୋଗାଣକୁ ବହୁଗୁଣିତ କରିବାକୁ ହେବ। ଗୁରୁତ୍ୱପୂର୍ଣ୍ଣ ହେଉଛି, ବେସରକାରୀ ଏବଂ ଦ୍ୱିପାକ୍ଷିକ ଋଣଦାତାମାନଙ୍କୁ ପୁନଃ ନୀତି ନିର୍ଦ୍ଧାରଣ ପାଇଁ ରାଜିହେବାକୁ ପଡ଼ିବ। ସେଥିପାଇଁ, ୨୦୨୦ରେ ଜି୨୦ର ପ୍ରସ୍ତାବରେ ପ୍ରାଇଭେଟ୍ ଋଣଦାତାମାନଙ୍କୁ ଅଂଶଗ୍ରହଣ କରିବା ପ୍ରୋତ୍ସାହନକୁ ଅନ୍ତର୍ଭୁକ୍ତ କରାଯାଇଛି। ସର୍ବଶେଷରେ ଋଣ ପରିଶୋଧ କରିବା କ୍ଷମତା ଥିବା ଦେଶଗୁଡ଼ିକରେ ସେମାନଙ୍କ ଅଭିବୃଦ୍ଧି ବଢ଼ାଇବା ଲାଗି ନିବେଶ କରାଯାଇଥିବାରୁ ଜାମ୍ବିଆ ଏବଂ ଶ୍ରୀଲଙ୍କାକୁ ଫାଶରେ ପକାଇଥିବା ଭଳି ଋଣ ସଙ୍କଟରୁ ସେମାନଙ୍କଠାରୁ କେହି ଲାଭ ଉଠାଇବା ଉଚିତ ନୁହେଁ। ବିଶ୍ୱର ସୁଧ ହାର ହ୍ରାସ ପାଉଥିବାରୁ ଆଗାମୀ ବର୍ଷରେ ଅର୍ଥନୈତିକ ଅଭିବୃଦ୍ଧି ଆଶା ବଢ଼ିବ, ଋଣଦାତାମାନେ ପୁଞ୍ଜିବଜାରକୁ ଫେରିପାରିବେ ଏବଂ ଋଣ ପରିଶୋଧ ଆରମ୍ଭ କରିପାରିବେ।

ଏସବୁ ପାଇଁ ନକ୍ସା ପ୍ରସ୍ତୁତ କରିବା ଆବଶ୍ୟକ। ବ୍ରାଜିଲରେ ହେବାକୁ ଥିବା ଜି -୨୦ ଶିଖର ସମ୍ମିଳନୀ ପାଇଁ ଏକ ବଡ଼ ଦାୟିତ୍ୱ ହେବ। ଋଣ ଆକାରରେ ପର୍ଯ୍ୟାପ୍ତ ଅର୍ଥ ଯୋଗାଣ ନିଶ୍ଚିତ କରିବାକୁ ଯୁକ୍ତିଯୁକ୍ତ ତଥା ବିତ୍ତୀୟ ସମନ୍ୱୟ ଆବଶ୍ୟକ। ଋଣ ନେଉଥିବା ଦେଶଗୁଡ଼ିକୁ ସବୁଜ ଅଭିବୃଦ୍ଧିରେ ନିବେଶ କରିବା ଲାଗି ପ୍ରେରିତ କରିବାକୁ ଆଇଏମ୍‌ଏଫ୍, ବିଶ୍ୱବ୍ୟାଙ୍କ ଏବଂ ଆଞ୍ଚଳିକ ବିକାଶ ବ୍ୟାଙ୍କଗୁଡିକ ମଧ୍ୟରେ ସମନ୍ୱୟ ଲୋଡ଼ା। ଯଦି ନଗଦ ଅର୍ଥ ସଙ୍କଟର ସମ୍ମୁଖୀନ ହେଉଥିବା ଦେଶଗୁଡିକୁ ସାହାଯ୍ୟ କରିବା ପାଇଁ କିଛି କରାଯାଇ ନାହିଁ, ତେବେ ଋଣଖିଲାପୀଙ୍କ ଅସ୍ଥିରତା ବିପଦକୁ ବିଶ୍ୱ ସାମ୍ନା କରିବ। ସବୁଜ ଆଡ଼କୁ ପରିବର୍ତ୍ତନ ଦିଗରେ ହେଉଥିବା ଅଗ୍ରଗତି ଗମ୍ଭୀର ଭାବେ କ୍ଷୁଣ୍ଣ ହେବ ଏବଂ ସମଗ୍ର ବିଶ୍ୱ ପାଇଁ ବିନାଶକ ପରିଣାମ ଆଣିବ। ଏମ୍‌ଡିଏଫ୍, ଆଇଏମ୍‌ଏଫ୍ ଓ ଅନ୍ୟାନ୍ୟ ବିତ୍ତୀୟ ସଂସ୍ଥାଗୁଡ଼ିକ ଋଣଦାତା ଓ ଗ୍ରହୀତାଙ୍କ ମଧ୍ୟରେ ନଗଦ ଅର୍ଥ ସଙ୍କଟ ଦୂର କରାଯାଇପାରିଲେ ଏହିପରି ପରିଣାମକୁ ରୋକାଯାଇପାରିବ।

## ତ୍ୟାଗ



ଅନୀତା ପଟ୍ଟନାୟକ

ସେଦିନ ଗୁଡୁଲ ମନରେ ଭାରି ଦୁଃଖ, କାରଣ ତା' ମନରେ ଉଙ୍କି ମାରୁଥିବା ପ୍ରଶ୍ନର କେହି ଉତ୍ତର ଦେଉନାହାନ୍ତି। ପାଟିର ଦୁଇଟି କାମ ଅଛି ଯଥା- କଥା କହିବା ଓ ଖାଦ୍ୟ ଗ୍ରହଣ କରିବା, ନାକର ଦୁଇଟି କାମ ଅଛି ଯଥା ପ୍ରଶ୍ୱାସ ନେବା ଓ ନିଃଶ୍ୱାସ ତ୍ୟାଗ କରିବା। ଶରୀରରେ ଏପରି ବ୍ୟବସ୍ଥା କାହିଁକି କରାଯାଇଛି ? ଗ୍ରହଣ କରୁଥିବା ବେଳେ ତ୍ୟାଗ କରିବା କ'ଣ ନିତାନ୍ତ ଆବଶ୍ୟକ। ଆଖି ଗ୍ରହଣ କରୁଛି କିନ୍ତୁ ସେ କିଛି ତ୍ୟାଗ କରୁନାହିଁ। କାନ ଶୁଣୁଛି କିନ୍ତୁ ସେ କିଛି ତ୍ୟାଗ କରୁନାହିଁ। ଚର୍ମ ଗ୍ରହଣ କରୁଛି ଓ ଝାଳ ତ୍ୟାଗ କରୁଛି। ମା'ଙ୍କୁ ପଚାରିବାରୁ ସେ କହିଲେ, ଏ ସବୁ ପ୍ରଶ୍ନର ଉତ୍ତର ମୁଁ ଦେଇପାରିବି ନାହିଁ, ତୁ ବାପାଙ୍କୁ ପଚାର।

ଗୁଡୁଲ ବାପାଙ୍କୁ ପଚାରିବାରେ ବାପା କହିଲେ, ଭଗବାନ ଶରୀର ପାଇଁ ନିୟମ ଓ ଶୃଙ୍ଖଳାବିଧି ରଖିଛନ୍ତି। ଶଗଡ଼ ଓ ଗାଡ଼ି ରେଳଧାରଣା ଉପରେ ଯାଇପାରିବେ ନାହିଁ। ପ୍ରତି ଯାନ ପାଇଁ ପୃଥକ୍ ପୃଥକ୍ ରାସ୍ତା ରହିଛି। ପ୍ରତିଟି ଯାନ ଆଗକୁ ଆଗକୁ ଗତି କରନ୍ତି ଓ ନିଜ ନିଜର ଗତିରେ ଲକ୍ଷ୍ୟସ୍ଥଳରେ ପହଞ୍ଚନ୍ତି। ବାପା କହିଲେ, ଆମେ ଅମ୍ଳଜାନ ଗ୍ରହଣ କରୁ ଓ ଅଙ୍ଗାରକାମ୍ଳ ତ୍ୟାଗ କରୁ। ଆମେ ଖାଦ୍ୟ ଖାଇବା ସହିତ ମଳକୁ ତ୍ୟାଗ କରୁ। ଜିଭର ତ୍ୟାଗ କରିବା ପାଇଁ ରାସ୍ତା ନ ଥିବା ହେତୁ ବାକସଂଯମ କରିବା ପାଇଁ କୁହାଯାଇଥାଏ। ଆଖିର ତ୍ୟାଗ କରିବା ପାଇଁ ରାସ୍ତା ନ ଥିବା ହେତୁ ଆଖି, କାନକୁ ବନ୍ଦ କରି ଧ୍ୟାନ କରିବା ପାଇଁ କୁହାଯାଇଥାଏ। ଧ୍ୟାନ କଲେ ଚର୍ମପରି ସ୍ପର୍ଶେନ୍ଦ୍ରିୟ ମଧ୍ୟ ତ୍ୟାଗ କରିବାକୁ ବାଧ ହୋଇଥାଏ। ଯେଉଁ ବ୍ୟକ୍ତିମାନେ କେବଳ ଗ୍ରହଣ କରନ୍ତି କିନ୍ତୁ କିଛି ତ୍ୟାଗ କରନ୍ତି ନାହିଁ ତାଙ୍କୁ କୃପଣ କୁହାଯାଏ।

ଗୁଡୁଲର ସ୍କୁଲରେ କିଛିଦିନ ପରେ ସନ୍ତରଣ ପ୍ରତିଯୋଗିତା ହେଲା। ସେଥିରେ ଅନେକ ଛାତ୍ରୀଛାତ୍ର ଭାଗ ନେଲେ। ସନ୍ତରଣ ସମୟରେ ପାଣିରେ ବୁଡ଼ି ମରିଯିବାର ସମ୍ଭାବନା ଥିବାରୁ ସ୍କୁଲରେ ଥିବା ଛୋଟ ପୁଷ୍କରିଣୀକୁ ସଫା କରାଗଲା। ସେହି ପାଣି ଭିତରେ ପିଲାମାନଙ୍କର ଗୋଡ଼ ତଳେ ଲାଗି ପାରୁଥିବା ପରି ଚଟାଣ ଥିଲା। କିନ୍ତୁ ଗୁଡୁଲ ପହଁରିବା ଜାଣି ନ ଥିବାରୁ ସେହି ଅଳ୍ପ ପାଣିରୁ ତାକୁ ଉଠାଯାଇ ବାହାରକୁ ଅଣାଗଲା। ସ୍କୁଲ ଶିକ୍ଷକ ତାକୁ କହିଲେ, ତତେ ଯଦି ପହଁରା ଜଣା ନ ଥିଲା ତୁ ଏପରି ପ୍ରତିଯୋଗିତାରେ ଭାଗ ନେଲୁ କାହିଁକି? ଗୁଡୁଲର ଭାରି ମନଦୁଃଖ ହେଲା ଓ ସେ ମା'ଙ୍କ ନିକଟରେ କିପରି ଭଲ ପହଁରାଳି ହୋଇପାରିବ ସେ କଥା ପଚାରିବାରୁ ସେ କହିଲେ, ମୁଁ ପହଁରା ଜାଣିନାହିଁ ତୁ ବାପାଙ୍କୁ ପଚାର। ବାପା କହିଲେ, 'ପହଁରୁଥିବା ଲୋକକୁ ତୁ ଅନୁଧ୍ୟାନ କଲେ ଦେଖିପାରିବୁ ସେ ଦୁଇ ହାତରେ ପାଣିକୁ ଆଡ଼ାଇ ଆଗକୁ ଠେଲି ହୋଇ ଯିବା ପାଇଁ ଶରୀର ମାଧ୍ୟମରେ ପ୍ରୟାସ କରେ। ଗୋଡ଼କୁ ମଧ୍ୟ ଜୋରରେ ବାଡ଼ାଇ ପାଣିକୁ ଆଡ଼େଇ ଦେବାକୁ ଚେଷ୍ଟା କରେ। ତେବେ ଯାଇ ଜଣେ ସନ୍ତରଣକାରୀ ଶରୀରକୁ ଆଗକୁ ଠେଲିଥାଇପାରେ। ତେଣୁ ସନ୍ତରଣ ସମୟରେ ଜଳକୁ ତ୍ୟାଗ କରିବାକୁ ପଡ଼ିଥାଏ ବା ଆଡ଼େଇ ଦେବାକୁ ପଡ଼ିଥାଏ। ଏପରି କରି ନ ପାରିଲେ ମୃତ୍ୟୁ ଅନିବାର୍ଯ୍ୟ। ଗୁଡୁଲ ସେଦିନ ବୁଝିପାରିଥିଲା ସୀମିତ ଖାଦ୍ୟ ଗ୍ରହଣ କରିବା ସହିତ ତ୍ୟାଗ କରିବା ମଧ୍ୟ ଅନିବାର୍ଯ୍ୟ। କଥା କହିବା ସହିତ ବାକ୍‌ସଂଯମ ଅନିବାର୍ଯ୍ୟ। ଦୃଷ୍ଟିଶକ୍ତିର ପ୍ରୟୋଗ ସହିତ ଧ୍ୟାନ ଅନିବାର୍ଯ୍ୟ। କର୍ଣ୍ଣରେ ଶୁଣିବା ସହିତ ତା'ର ସୀମିତ ପ୍ରୟୋଗ ଅନିବାର୍ଯ୍ୟ। ସେହିଦିନଠାରୁ କାନରେ କର୍ଣ୍ଣଯନ୍ତ୍ର ମାଧ୍ୟମରେ ମୋବାଇଲରୁ ଏଣୁତେଣୁ ଶୁଣିବା ବନ୍ଦ କଲା, ସିନେମା ଦେଖିବା ତ୍ୟାଗ କଲା ଓ ମୋବାଇଲ ଫୋନର ସଦୁପଯୋଗ କଲା। ଚର୍ମର ସୁରକ୍ଷା କଲା। ବିଭିନ୍ନ ପ୍ରକାର ପ୍ରସାଧନ ବନ୍ଦ କଲା। ଜିଭ ମାଧ୍ୟମରେ ଖାଦ୍ୟର ସ୍ୱାଦ ଚାଖିବା ସହିତ ସ୍ୱଳ୍ପ କଥା କହିବା ଓ ମଧୁର ସ୍ୱରରେ ବାକ୍ୟାଳାପ ଆରମ୍ଭ କଲା। ଫାଷ୍ଟଫୁଡ୍ ଖାଇବାଠାରୁ ଦୂରରେ ରହିଲା। ଭୋଜିଭାତରେ ସୀମିତ ଖାଦ୍ୟ ଗ୍ରହଣ କଲା। ଶରୀରକୁ ଭୋଗଠାରୁ ଆଡ଼େଇ ସମୟର ସଦୁପଯୋଗ କରି ମା'ବାପାଙ୍କ ସହିତ ମନ୍ଦିରକୁ ଯିବା ଆରମ୍ଭ କଲା। ଭଜନ ଓ ଧ୍ୟାନ ତାକୁ ଧୀରେ ଧୀରେ ଭଲ ଲାଗିଲା ଓ ସେ ଉପଲବ୍ଧି କଲା ଯେ ଭୋଗ ଓ ତ୍ୟାଗ ଗୋଟିଏ ମୁଦ୍ରାର ଦୁଇ ପାଖ ସଦୃଶ।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ**
**ମୋ : ୯୬୯୨୯୮୦୦୨୬**

## ଏଇ ଭାରତରେ

ସୁନେଲି ବାଉଁଶ କଥା ଶୁଣିଛନ୍ତି ? ଏମିତି କିସମ ବାଉଁଶ ଚାଷ କରୁଛନ୍ତି କେରଳର ଜନସନ ଭର୍ଗିସ। କେବଳ ଏହି ବାଉଁଶ ନୁହେଁ, ସେ ୧୭ ଏକରରେ ୧୪୦ କିସମର ବାଉଁଶ ଜଙ୍ଗଲ ସୃଷ୍ଟି କରିଛନ୍ତି। ଏବେ ସେଥିରେ ୧୦ ହଜାର ବାଉଁଶ ଅଛି। ହେଲେ ସୁନେଲି ବାଉଁଶ ତାଙ୍କ ଜଙ୍ଗଲର ମୁଖ୍ୟ ଆକର୍ଷଣ। ଏହାବ୍ୟତୀତ ଏଥିରେ ବହୁ ବିରଳ କିସମର ବାଉଁଶ ରହିଛି। ସବୁ ବାଉଁଶର ପତ୍ର ପ୍ରାୟ ଭିନ୍ନ । ଏହିସବୁ ବାଉଁଶକୁ ସେ ନାଗାଲାଣ୍ଡ, ମଣିପୁର, ସିକିମ, ଅରୁଣାଚଳ ପ୍ରଦେଶ, ଆସାମ, ତ୍ରିପୁରା, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ରର ବିଭିନ୍ନ ଜଙ୍ଗଲରୁ ସଂଗ୍ରହ କରିଛନ୍ତି। ଜନ୍‌ସନଙ୍କ ବୟସ ଏବେ ୫୭। ସେ କାଲିକଟରୁ ବିଜ୍ଞାନରେ ଡିଗ୍ରୀ ହାସଲ କରିବା ପରେ ପ୍ରଥମେ ଗୋଲମରିଚ ଚାଷ କରୁଥିଲେ। ତାହାକୁ ଛାଡ଼ି ବାଉଁଶ ଚାଷରେ ମନ ଦେଇଥିଲେ। ୨୦୧୦ରେ ଏହି କାର୍ଯ୍ୟ ଆରମ୍ଭ କରିବା ପରେ ଏବେ ୧୭ ଏକରରେ ବାଉଁଶ ଜଙ୍ଗଲ କରିବାକୁ ସକ୍ଷମ ହୋଇପାରିଛନ୍ତି। ଏହା ବ୍ୟତୀତ ସେ ଘରେ କୁଣ୍ଡରେ ୮୦ ପ୍ରକାର ବହୁ ପୁରୁଣା କିସମର ବାଉଁଶ ବଢ଼ାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୬ ଜାନୁଆରୀ ୧୯୭୫

- ତୈଳ ଉତ୍ପାଦନ କ୍ଷେତ୍ରରେ ସୋଭିଏତ ରୁଷିଆ ସମ୍ପ୍ରତି ଯୁକ୍ତରାଷ୍ଟ୍ର ଆମେରିକାକୁ ଟପିଯାଇ ପୃଥିବୀର ବୃହତ୍ତମ ତୈଳ ଉତ୍ପାଦନକାରୀ ରାଷ୍ଟ୍ରରେ ପରିଣତ।
- ବାଂଲାଦେଶର ନୂତନ ରାଷ୍ଟ୍ରପତି ରୂପେ ଶେଖ୍ ମୁଜିବର ରହମାନଙ୍କ ଦାୟିତ୍ୱଗ୍ରହଣ।
- ଯୁକ୍ତରାଷ୍ଟ୍ର ଆମେରିକା ଇସ୍ରାଏଲକୁ ୨୦୦ଟି ଅଳ୍ପଦୂରଗାମୀ ଆଣବିକ କ୍ଷେପଣାସ୍ତ୍ର ବିକ୍ରି କରିବା ନେଇ ଘୋଷଣା।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 7 | | | |
| 5 | 9 | | | | 6 | | 3 | |
| | | | | 1 | | 9 | | |
| | | | | 5 | | 6 | | 8 |
| | | 3 | | | 1 | | | 5 |
| | 2 | | | | | | 7 | |
| 1 | | 2 | | | | 8 | | 3 |
| | | | 8 | | | | | |
| | | 7 | | | | | 4 | 2 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 9 | 8 | 6 | 1 | 3 | 7 | 2 |
| 6 | 1 | 2 | 7 | 3 | 5 | 8 | 4 | 9 |
| 3 | 8 | 7 | 2 | 9 | 4 | 1 | 6 | 5 |
| 9 | 4 | 5 | 6 | 8 | 7 | 2 | 3 | 1 |
| 1 | 2 | 6 | 3 | 5 | 9 | 4 | 8 | 7 |
| 8 | 7 | 3 | 4 | 1 | 2 | 9 | 5 | 6 |
| 2 | 3 | 1 | 5 | 4 | 6 | 7 | 9 | 8 |
| 5 | 9 | 4 | 1 | 7 | 8 | 6 | 2 | 3 |
| 7 | 6 | 8 | 9 | 2 | 3 | 5 | 1 | 4 |

ଗତକାଲିର ଉତ୍ତର

# ଗଣତନ୍ତ୍ର କାହିଁ



ହରିହର ତ୍ରିପାଠୀ

ରାଜନୀତି ବିଜ୍ଞାନ ବିଷୟରେ ଜାଣିଥିବା ପ୍ରତ୍ୟେକ ବ୍ୟକ୍ତି ଗଣତନ୍ତ୍ରର ନାନାଦି ବ୍ୟାଖ୍ୟା କରିପାରେ। ତେବେ ଦେଶର ଏକ ସାଧାରଣ ଜନତା ଲାଗି ଗଣତନ୍ତ୍ର ଏକ ବ୍ୟାଖ୍ୟାର ବିଷୟବସ୍ତୁ ନୁହେଁ ବରଂ ଅନୁଭବର ବିଷୟ। ଭାରତର ଜନତା ଗଣତନ୍ତ୍ରକୁ ଅନୁଭବ କରନ୍ତି ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଦିନ ଏବଂ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସରେ। ଏହି ଦିନ ଦେଶର ଗଣତନ୍ତ୍ରରେ ରଙ୍ଗଲାଗେ, ଗଗନପବନ ମୁଖରିତ ହୁଏ ଗଣତନ୍ତ୍ରର ଜୟଗାନରେ। ନେତାମାନେ ବହୁପରିମାଣରେ ବିନମ୍ର ଦିଶନ୍ତି। ତ୍ରିରଙ୍ଗା ଫରଫର ଉଡ଼େ ସର୍ବତ୍ର। ହେଲେ ଠିକ୍ ପରଦିନ ଯେଉଁକଥାକୁ ସେଇକଥା। ଦେଶର ଗଣଟିଏ ଖୋଜିବାକୁ ଲାଗେ କେଉଁଠି ଅଛି ତା'ର ଶାସନ। ଅନୁଭବ କରିବାକୁ ସେ ଅସମର୍ଥ ହୁଏ ଯେ ଏ ଦେଶରେ ତା'ର କିଛି ମୂଲ୍ୟ ଅଛି !

ଭାରତବର୍ଷକୁ ଏକ ସାଧାରଣତନ୍ତ୍ର ରାଷ୍ଟ୍ର ଏଇଥି ପାଇଁ କୁହାଯାଏ ଯେ ଆମ ଦେଶର ଶାସକଗଣ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ। ସାଧାରଣ ଜନତା ହିଁ ଭୋଟ ଦେଇ ଏମାନଙ୍କୁ ବାଛିଥାନ୍ତି। ତେବେ ଭୋଟ ଦେବା ପର୍ଯ୍ୟନ୍ତ ସବୁ ଠିକ୍ ଥାଏ। ଗଣତନ୍ତ୍ର ବେଶ୍ ସୁଦୃଢ଼ ଲାଗେ କାରଣ ଏହି ସମୟରେ ହିଁ ଦେଶର ଜନତାଙ୍କୁ ନେତାମାନେ ଦେଶର ଭାଗ୍ୟବିଧାତା ବୋଲି ବିଚାରୁଥାନ୍ତି । ମାତ୍ର ଭୋଟ ପାଇ ନେତାଏ ଶାସନ କ୍ଷମତାକୁ ଗଲା ପରେ ଜନତାର ସ୍ୱାଧୀନତା ହୁଏ ଅପହୃତ !

କୁହାଯାଏ ଗଣତନ୍ତ୍ର ଶାସନରେ ସାଧାରଣ ଜନତାର ସ୍ୱର ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ହେଲେ ଆମ ଦେଶରେ ତାହା ହୁଏନା। ତା'ର ସ୍ୱର ଶୁଭେନା କେଉଁଠି। ତା'ଲାଗି ନୀତି, ନିୟମ ପ୍ରଣୟନ କରିବା ବେଳେ ତା'ର ସୁବିଧା, ଅସୁବିଧା କଥାକୁ ଶାସନ କ୍ଷମତାରେ ଥିବା ଲୋକେ ବିଚାର କରନ୍ତିନି। ତା' ଲାଗି ଯୋଜନା ପରେ ଯୋଜନା ହୁଏ, ତାକୁ ବିକଶିତ କରିବା ଲାଗି ସବୁ ପ୍ରୟାସ ଚାଲେ କିନ୍ତୁ ଫଳ କିଛି ମିଳେନା। ଏଠି ସାଧାରଣ ଜନତାଙ୍କୁ ଶାସନ କରୁଥିବା ନେତା, ଅମଲାଙ୍କ ସ୍ୱର ସବୁଠି ଶୁଭେ। ସାଧାରଣତନ୍ତ୍ର ଶାସନରେ ସାଧାରଣ ଲୋକଟିଏ ନିତିପ୍ରତି ହଇରାଣ ହରକତ ହୁଏ। ନିଜର ପିଲାମାନଙ୍କୁ ମଣିଷ କରି ଦେଶର ସଚେତନ ନାଗରିକ କରିସାରିବା ପରେ ବୃଦ୍ଧ ମାତାପିତା ଠିଆହୁଅନ୍ତି ହାତଯୋଡ଼ି ପଞ୍ଚାୟତ ଅଫିସ ବାରଣ୍ଡାରେ ବାର୍ଦ୍ଧକ୍ୟଭତ୍ତା ଗଣ୍ଡାକ ଲାଗି। ସେତକ ବି ତାଙ୍କୁ ସହଜରେ ମିଳେନା। ଜୀବନସାରା ଦେଶର ସେବା କରିସାରିଥିବା ଶିକ୍ଷକ, କର୍ମଚାରୀ ପେନ୍‌ସନ୍ ଲାଗି ଏ ଅଫିସ ସେ ଅଫିସ ଦୌଡ଼େ, କର୍ମଚାରୀଙ୍କୁ ଲାଞ୍ଚ ଦିଏ। ଦେଶର ଆତ୍ମା କୁହାଯାଉଥିବା କୃଷକକୁ ଋଣ ମଞ୍ଜୁର ହୋଇପାରେନା। କୃଷକମାନଙ୍କ ନିମନ୍ତେ ଆସିଥିବା ଅନୁଦାନ ରାଶିକୁ ହଡପ କରାଯାଏ। ଶିକ୍ଷକମାନେ ପାଠ ନ ପଢ଼ାଇ ରାଜରାସ୍ତାରେ ବସନ୍ତି ନିଜର ଦାବି ପାଇଁ ତେବେ ତାଙ୍କ କଥା ଶୁଣାଯାଏନା। ଦେଶର ଜମି ପଡ଼ିଆ ପଡ଼େ ଆଉ ଯୁବକ ଦାଦନ ଖଟେ କେଉଁ ସୁଦୂର ମୁଲକରେ ! ଏ ହେଉଛି ସାଧାରଣତନ୍ତ୍ର ରାଷ୍ଟ୍ର ଚିତ୍ର !

ଗଣତନ୍ତ୍ର କେବଳ ନାମକୁ ମାତ୍ର କାରଣ ଏ ଦେଶର ଜନତାଙ୍କ ଭିତରେ ଗରିବ ହେବାଲାଗି ଗଣଦୌଡ଼। ନାଁ କେମିତି ପଡିକାର୍ଡରେ ରହିବ,



କେମିତି ମିଳିବ ଇନ୍ଦିରା ଆବାସ, କେମିତି ମିଳିବ ବିଭିନ୍ନ ସବ୍‌ସିଡି ଏଇଥିରେ ବିତିଯାଏ ଜନତାର ଜୀବନ। ତା' ଭିତରେ ସେ ଭୁଲିଯାଏ ସେ ଦେଶର ମାଲିକ ବୋଲି। ଗଣତନ୍ତ୍ର ଶାସନର ୭୫ ବର୍ଷ ପୂର୍ତ୍ତି ପାଳନ କରୁଥିବା ଦେଶର ନାଗରିକଟିଏ ଏବେ ବି ପୋଲିସକୁ ଡରେ ବ୍ରିଟିଶ ସମୟର ଦାରୋଗା ପରି। ସର୍ବଦା ଈଶ୍ୱରଙ୍କୁ ଡାକୁଥାଏ ତାକୁ ଥାନାକୁ କେବେ ଯିବାକୁ ନ ପଡୁ।

ଏ ଦେଶରେ ସରକାର ଗଣତନ୍ତ୍ର କହିଲେ କେବଳ ନିର୍ବାଚନକୁ ବୁଝନ୍ତି। ନିର୍ବାଚନରେ ଜିତି କ୍ଷମତାକୁ ଆସିବା ପରେ ପୁଣି ପରବର୍ତ୍ତୀ ନିର୍ବାଚନ କେମିତି ଜିତିବେ, ଶାସନ ଡୋରିକୁ ନିଜ ହାତରେ ସବୁଦିନ ଲାଗି ରଖିପାରିବେ ସେଇ ଚିନ୍ତାରେ ରୁହନ୍ତି ଓ ସେଇ ଅନୁଯାୟୀ ଯୋଜନା କରିଚାଲନ୍ତି। ଏହି ପରିପ୍ରେକ୍ଷୀରେ ଜଣେ ଲୋକପ୍ରତିନିଧିର ଗୁରୁଦାୟିତ୍ୱ ରହିଛି। ଜଣେ ନେତା ହେବାର ଅର୍ଥ କେବଳ ବିଧାୟକଟିଏ , ସାଂସଦଟିଏ ବା ମନ୍ତ୍ରୀଟିଏ ହେବା ନୁହେଁ। ଜଣେ ବ୍ୟକ୍ତି ଯଦି ବାସ୍ତବରେ ଲୋକମାନଙ୍କର ପ୍ରତିନିଧି ହେବାକୁ ଚାହୁଁଥାନ୍ତି ତେବେ ସେ ସବୁବେଳେ ଲୋକମାନଙ୍କର ହିତ ସମ୍ବନ୍ଧରେ ଚିନ୍ତା କରିବା ଆବଶ୍ୟକ। ନିଜ ଅଞ୍ଚଳର ଲୋକେ ତାକୁ ଭୋଟ ଦେଇ ବିଧାୟକ ଅଥବା ସାଂସଦ କରି ନ ପାରନ୍ତି, ମାତ୍ର ମନରେ ଯଦି ଲୋକଙ୍କ ସେବା କରିବାକୁ ଇଚ୍ଛା ଥାଏ ତେବେ ଲୋକଙ୍କ ଲାଗି ସେ କିନ୍ତୁ ସ୍ଥିରମନସ୍କ ହୋଇ କାର୍ଯ୍ୟ କରିବା ଉଚିତ। ନିର୍ବାଚନ ସମୟରେ ପ୍ରାର୍ଥୀମାନେ ଯେମିତି ପରିଶ୍ରମ କରି ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗଳିକନ୍ଦି ବୁଲନ୍ତି ସେ ଅଭ୍ୟାସ ଜାରି ରହିବା ଦରକାର। ଏହାଫଳରେ ନିଜ ଲୋକମାନଙ୍କର ବାସ୍ତବ ସମସ୍ୟା ସମ୍ବନ୍ଧରେ ପ୍ରତ୍ୟକ୍ଷ ତଥ୍ୟ ଓ ଅନୁଭୂତି ସବୁବେଳେ ସେମାନଙ୍କ ପାଖରେ ରହିବ। ମାତ୍ର ଦୁଃଖର କଥା ଏ ଦେଶରେ ତାହା ହୁଏନା। ନିର୍ବାଚନ ପରେ ନେତା ରାଜଧାନୀବାସୀ ହୋଇଯାଆନ୍ତି। ଧାରଣା, ପ୍ରତିବାଦ ଆଦି ନିମନ୍ତେ ସାଧାରଣ ଜନତାଙ୍କୁ ରାଜଧାନୀ ରାଜରାସ୍ତାକୁ ବୁହାଯାଏ। ସାଧାରଣ ଜନତା ନେତାଙ୍କ କ୍ୱାର୍ଟର ଦୁଆରମୁହଁରେ ଯୋଡ଼ହସ୍ତ ହୋଇ ଛିଡ଼ା ହୁଅନ୍ତି। ଗଣତନ୍ତ୍ରର ମାଲିକ ପୁଣି ଗୁହାରିଆ ବନିଯାଏ ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ।

ତଥାପି ଜନତା କୁହେ ମୋ ଭାରତର ଗଣତନ୍ତ୍ର ବିଶ୍ୱରେ ସର୍ବଶ୍ରେଷ୍ଠ ଗଣତନ୍ତ୍ର। ଫରଫର ଉଡୁଥିବା ତ୍ରିରଙ୍ଗାକୁ ଦେଖିଲେ ତା'ର ମଥା ନଇଁଯାଏ। ଜାତୀୟ ସଙ୍ଗୀତ ଶୁଣିଦେବା ମାତ୍ରେ ବସିବା ଜାଗାରୁ ଉଠି ଠିଆ ହୋଇଯାଏ ସମ୍ମାନ ଜଣାଇବା ଲାଗି। ଦେଶର ସାଧାରଣ ଅଶିକ୍ଷିତ ଗଣଟିଏ ନିକଟରେ ଦେଶପ୍ରତି ଯେଉଁ ପ୍ରତିଶ୍ରୁତିବଦ୍ଧତା ଦେଖାଯାଏ ତାହା କାହିଁକି ଦେଖାଯାଏନା ଦେଶର ଶିକ୍ଷିତ, ବାବୁଭାୟା, ନେତା ଓ ପ୍ରଶାସକ ବା ଅମଲାମାନଙ୍କ ନିକଟରେ ? ଦେଶର ଭାଗ୍ୟଡୋରିକୁ ହାତରେ ଧରି ଶାସକ ବୋଲାଉଥିବା ବ୍ୟକ୍ତି ଜାଣିବା ଦରକାର ସାଧାରଣର ଶକ୍ତି ଅସୀମ। ସାଧାରଣର ସ୍ୱର ବହୁଦୂର ଶୁଭେ। ଆଉ ସବୁଠାରୁ ବଡ଼ କଥା ହେଲା ସାଧାରଣ ଜନତାକୁ ବହୁଦିନ ଧରି ଠକାଯାଇ ପାରେନା। ତେଣୁ ଗଣଙ୍କ ଭିତରୁ ଉଠୁଥିବା ସ୍ୱରକୁ ଶୁଣିବାକୁ ହେବ, ସେମାନଙ୍କ ସୁଖଦୁଃଖରେ ସାମିଲ ହୋଇ ସେମାନଙ୍କୁ ସମ୍ମାନର ସହିତ ବଞ୍ଚିବାକୁ ଦେବାକୁ ହେବ। ଦେଶର ସାଧାରଣ ଜନତାଙ୍କୁ ଭିକାରି ନ ବନାଇ ସେମାନଙ୍କ ଭିତରେ ରହିଥିବା ଶକ୍ତିକୁ ବାହାରକୁ ଆଣି ସେମାନଙ୍କୁ ଆତ୍ମନିର୍ଭରଶୀଳଭାବେ ବଞ୍ଚିବାର ସୁଯୋଗ ଦେଲେ ଯାଇ ଆମେ ଆମର ଦେଶକୁ କହିପାରିବା ବାସ୍ତବିକ ସାର୍ବଭୌମ ସାଧାରଣତନ୍ତ୍ର ରାଷ୍ଟ୍ର ବୋଲି।

**ମୋ: ୯୪୩୯୯୦୩୨୨୦**

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ଦିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବାଟାଲିଅନ

ମହାଶୟ,

ମନ୍ଦିରର ସୁରକ୍ଷା ଏବଂ ପ୍ରବଳ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ସରକାର ନିରାପତ୍ତା ବାହିନୀ ଗଠନ କରିବା ଉଚିତ। ପ୍ରତିଦିନ ଏପରି ଭିଡ଼ ହେଉଛି ଯେ ବାଟାଲିଅନ ପୋଲିସ ବାହିନୀ ନିୟନ୍ତ୍ରଣ କରିପାରୁନାହାନ୍ତି। ବହୁ ସମୟରେ ଦଳାଚକଟା ପରିସ୍ଥିତି ହେଉଛି। ବେଳେ ବେଳେ ବହୁ ଭକ୍ତ ଅଣନିଃଶ୍ୱାସୀ ହୋଇ ଚେତାଶୂନ୍ୟ ହୋଇ ପଡୁଛନ୍ତି। ଏଥିପାଇଁ ସରକାର ମନ୍ଦିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବାଟାଲିଅନ ଗଠନ କରିବାକୁ ଅନୁମୋଦନ କରିଥିବାରୁ ଆନ୍ତରିକ ଧନ୍ୟବାଦ । ଶ୍ରୀରାମ ମନ୍ଦିର ସୁରକ୍ଷା ପାଇଁ ଯେମିତି ସ୍ୱତନ୍ତ୍ର ନିରାପତ୍ତା ବାହିନୀ କରାଯାଇଛି ପୁରୀ ଶ୍ରୀମନ୍ଦିରର ନିରାପତ୍ତା ପାଇଁ ନିଶ୍ଚିତ ଭାବରେ ସ୍ୱତନ୍ତ୍ର ବାଟାଲିଅନ ଗଠନ ହେବା ଜରୁରୀ ମନେହୁଏ। ଏହା ହେଲେ ସେଠାରେ ଶାନ୍ତି ଶୃଙ୍ଖଳାର ସହ ଭକ୍ତମାନେ ଦିଅଁ ଦର୍ଶନ କରିବାକୁ ସକ୍ଷମ ହୋଇପାରିବେ।

**-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ସନ୍ଧ୍ୟାର ତାରା ଯାଇନି ନିଭି
ଜୋଛନା ବୋଳା ଆକାଶେ ବସି
ନୀରବ ନଦୀ ଉପରେ ତା'ର
ବଦନ ଶୋଭା ଦେଖଇ ହସି।
-(ନିଜ ଭୁଲ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

# ଓଡ଼ିଶାର ବିକାଶ ଅନ୍ୟମାନଙ୍କ ପାଇଁ ଆଦର୍ଶ

ଭୁବନେଶ୍ୱର,୨୫।୧(ଅନିଲ ଦାସ)


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ଆମ ଦେଶ ମହାତ୍ମା ଗାନ୍ଧୀ, ସୁଭାଷଙ୍କ ଦେଶ। ସତ୍ୟ, ଶାନ୍ତି, ଅହିଂସା, ନ୍ୟାୟ, ସମତା ଓ ବିକାଶର ରାସ୍ତାରେ ଆମେ ଚାଲୁଛୁ। ଆଜି ବିଭିନ୍ନ କ୍ଷେତ୍ରରେ ବିଶ୍ୱ ଦରବାରରେ ଭାରତର ପ୍ରତିଷ୍ଠା ବୃଦ୍ଧି ପାଉଛି।

ଦେଶର ବିକାଶରେ ସବୁ ରାଜ୍ୟର ଅବଦାନ ରହିଛି। ଓଡ଼ିଶାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗତ ୨୦ ବର୍ଷ ମଧ୍ୟରେ ଓଡ଼ିଶା ବିକାଶର ସବୁ କ୍ଷେତ୍ରରେ ନୂଆ ଇତିହାସ ସୃଷ୍ଟି କରିଛି। ଓଡ଼ିଶା ରୂପାନ୍ତର ପଥରେ ଆଗେଇ ଚାଲିଛି। ଓଡ଼ିଶାର ବିକାଶ ଅନ୍ୟମାନଙ୍କ ଆଦର୍ଶ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଶ୍ରେଷ୍ଠ ପରିଚୟ। ତାଙ୍କ ଇଚ୍ଛାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ସମଲେଇ ପ୍ରକଳ୍ପ ମଧ୍ୟ ଖୁବ୍‌ଶୀଘ୍ର ଲୋକାର୍ପିତ ହେବାକୁ ଯାଉଛି। ଆମର କୀର୍ତ୍ତି ହେଉଛି ଆମ ସ୍ୱାଭିମାନ ଓ ଅସ୍ମିତାର ପରିଚୟ। ସତ୍ୟବାଦୀଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ୍ ଲୋକାର୍ପିତ ହୋଇଛି। ଓଡ଼ିଆ ଭାଷା ସାହିତ୍ୟର ଅଭିବୃଦ୍ଧି କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଓଡ଼ିଶାର ଅର୍ଥନୈତିକ ବିକାଶ ଖୁବ୍ ଇମ୍ପ୍ରେସିଭ ଅଛି। ଜାତୀୟ ହାର ତୁଳନାରେ ଅଧିକ ଅଛି। ଗରିବୀ କମ୍ କରିବାରେ ଓଡ଼ିଶା ଏକ ଟପ୍ ପରଫର୍ମର। ନୀତି ଆୟୋଗ ରିପୋର୍ଟ କହୁଛି ଗତ ୯ ବର୍ଷ ମଧ୍ୟରେ ଏକ କୋଟିରୁ ଅଧିକ ଲୋକ ଗରିବୀରୁ ମୁକ୍ତ ହୋଇଛନ୍ତି। ଆମର ୫-ଟି ନୀତି ଯୋଗୁ ଗଭର୍ନାନ୍ସ ଚଳଚଞ୍ଚଳ ହେଉଛି। ସବୁ ଯୋଜନାର ସୁଫଳ ଲୋକ ଠିକ୍ ଭାବେ ପାଉଛନ୍ତି। ଶିକ୍ଷାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଯୋଗାଯୋଗ, ଜଳସେଚନ, ପରିବହନ, କ୍ରୀଡ଼ା ସବୁ କ୍ଷେତ୍ରରେ ରୂପାନ୍ତର ଓଡ଼ିଶାର ବିକାଶକୁ ଉଜ୍ଜ୍ୱଳ କରିଛି।

ମୋ ସରକାର ଗାଁକୁ ବିକାଶର କେନ୍ଦ୍ର କରିଛି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା, ପ୍ରସାର କରାଯାଉଛି। ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ କରାଯାଉଛି। ଲକ୍ଷ୍ମୀ ବସ୍ ଯୋଜନା ଗାଁରେ ଯୋଗାଯୋଗ କ୍ଷେତ୍ରରେ ରୂପାନ୍ତର ଆଣିଛି। ଗାଁର ସାମାଜିକ, ଆର୍ଥିକ ବ୍ୟବସ୍ଥାକୁ ଏହା ନୂଆ ଜୀବନ ଦେଇଛି। ଚାଷ ଓ ଚାଷୀର ଉନ୍ନତି ପାଇଁ ମୁଁ ସବୁବେଳେ ଗୁରୁତ୍ୱ ଦେଇ ଆସିଛି। ମା'ମାନେ କେବଳ ପରିବାର ନୁହେଁ ଆମ ସମାଜର ଶକ୍ତି। ମିଶନ ଶକ୍ତି ଆଜି ୭୦ ଲକ୍ଷ ମା'ମାନଙ୍କୁ ବିକାଶର ଅଂଶୀଦାର କରିଛି। ମା'ମାନଙ୍କ ଉପରେ ମୋର ଖୁବ୍ ଭରସା ଅଛି। ଷ୍ଟାର୍ଟଅପ୍ କ୍ଷେତ୍ରରେ ଆଜି ଓଡ଼ିଶା ରାଜ୍ୟମାନଙ୍କ ମଧ୍ୟରେ ଶୀର୍ଷରେ ରହିଛି। ଭାରତ ସରକାରଙ୍କଠାରୁ ଏଥିପାଇଁ ଆମେ ପୁରସ୍କାର ପାଇଛୁ। ଶିଳ୍ପ, ସୂଚନା ପ୍ରଯୁକ୍ତି, ଷ୍ଟାର୍ଟଅପ୍ ସବୁଥିରେ ଓଡ଼ିଶା ଏବେ ଆଗରେ ରହିଛି। ଆମର ନୀତି ଓ ଯୁବ ସମାଜର ପାରଦର୍ଶିତା ଯୋଗୁ ଆଇବିଏମ୍, ଡେଲୋଇଟି, ଆସେଞ୍ଚର, କଗ୍‌ନିଜାଣ୍ଟ ଭଳି ବହୁରାଷ୍ଟ୍ରୀୟ କମ୍ପାନୀ ସେମାନଙ୍କର ସଂସ୍ଥାଗୁଡ଼ିକ ପ୍ରତିଷ୍ଠା ପାଇଁ ଓଡ଼ିଶାକୁ ପସନ୍ଦ କରୁଛନ୍ତି। ସବୁ ଜୀବନ ମୂଲ୍ୟବାନ। ଏହି ନୀତିରେ ଆମର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବହୁ ଭଲ କାମ କରୁଛି। ଏହାକୁ ଆଗକୁ ନେଇ ଆମେ ବିଏସ୍‌କେୱାଇ-ନବୀନ କାର୍ଡ ଆରମ୍ଭ କରାଯାଇଛି। ଏହାଦ୍ୱାରା ରାଜ୍ୟର ଚାରି କୋଟିରୁ ଅଧିକ ଲୋକଙ୍କ ଚିକିତ୍ସା ଚିନ୍ତା ଦୂର ହୋଇଛି।

ଆମର ବିକାଶ ମଡେଲ ସମସ୍ତଙ୍କ ପାଇଁ ସୁଯୋଗ ଆଣିଛି। ସମସ୍ତେ ବିକାଶର ଅଂଶୀଦାର ହୋଇଛନ୍ତି। ସମସ୍ତଙ୍କ ସହଯୋଗରେ ଓଡ଼ିଶା ଆଗକୁ ବଢୁଛି। ସମସ୍ତଙ୍କ ସହଯୋଗରେ ନୂଆ,ଶ୍ରେଷ୍ଠ ଓ ସଶକ୍ତ ଓଡ଼ିଶା ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହିଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଡ. ବି.ଆର. ଆମ୍ବେଡକର, ଗୋପବନ୍ଧୁ ଦାସ, ମଧୁସୂଦନ ଦାସଙ୍କ ପରି ମହାନ୍ ସଂଗ୍ରାମୀମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଦେଶର ଶାନ୍ତି ଓ ସୁରକ୍ଷା ପାଇଁ ଶହୀଦ ହୋଇଥିବା ଯବାନମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।















# ହାତ ନ ଥାଇ କ୍ରିକେଟର

ଦୃଢ ଇଚ୍ଛାଶକ୍ତି ବଳରେ ସବୁ ସମ୍ଭବ। ଏଭଳି ଉକ୍ତିକୁ ପ୍ରମାଣିତ କରିଛନ୍ତି ଜମ୍ମୁ କଶ୍ମୀରର ଜଣେ ଯୁବକ। ହାତ ନ ଥିଲେ ମଧ ହାର ନ ମାନିବାର କଳା ତାଙ୍କୁ ବନାଇ ଦେଇଛି କ୍ରିକେଟର। ଏହି କ୍ରିକେଟରଙ୍କ ନାମ ହେଉଛି ଅମୀର ହୋସେନ୍ ଲୋନ୍। ଜଣେ ଦିବ୍ୟାଙ୍ଗ ଯାହାର ହାତ ନାହିଁ। ତଥାପି ସେ ବନିଯାଇଛନ୍ତି ଜଣେ କ୍ରିକେଟର। ନିଆରା ଢଙ୍ଗରେ ବ୍ୟାଟିଂ ବୋଲିଂ ଓ ଫିଲ୍ଡିଂ



ମୀର ହୋସେନ୍ ଲୋନ୍

କରନ୍ତି। କାନ୍ଧ ଓ ବେକର ସାହାରା ନେଇ ସେ ବ୍ୟାଟିଂ କରୁଥିବା ବେଳେ ଗୋଡ ସାହାଯ୍ୟରେ ବୋଲିଂ ଓ ଫିଲ୍ଡିଂ କରିଥାନ୍ତି। ଜମ୍ମୁ କଶ୍ମୀରର ବିଜବେହେରା ଅଞ୍ଚଳରେ ଅମୀରଙ୍କ ଜନ୍ମ। ୧୯୯୦ରେ ଜନ୍ମିତ ଏହି ବ୍ୟକ୍ତି ଜନ୍ମରୁ ଦିବ୍ୟାଙ୍ଗ ନ ଥିଲେ। ୧୯୯୭ ମସିହାରେ ୮ ବର୍ଷ ବୟସରେ ଖେଳୁ ଥିବା ସମୟରେ ଏକ ସ ମିଲ୍(କାଠଚିରା ମେସିନ୍) ତାଙ୍କର ହାତ କଟି ଯାଇଥିଲା। ତେବେ ନିଜ ପରସ୍ଥିତି ସହ ଲଢ଼ିବାର କଳା ତାଙ୍କୁ ବେଶ ଜଣା ଥିଲା। ନିୟମିତ ଭାବରେ ଅଭ୍ୟାସ ସହିତ ନିଜକୁ ଏଭଳି ଦକ୍ଷ କରିଥିଲେ କି ଜମ୍ମୁ କଶ୍ମୀର ଦଳ ସହ ଜାତୀୟ ଦଳର ପ୍ରତିନିଧିତ୍ୱ ମଧ କରିଥିଲେ। ବୋଲିଂ କରିବାର ଏକ ନିଆରା କୌଶଳ ବାହାର କରିଥିବା ବେଳେ ସମାନ ଭାବରେ ବ୍ୟାଟିଂ ପାଇଁ ମଧ ନିଆରା କୌଶଳ ବାହାର କରନ୍ତି। ୨୦୧୩ ମସିହାରେ ପ୍ରଥମ ଥର ଜମ୍ମୁ କଶ୍ମୀର ପାରା କ୍ରିକେଟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହି ମ୍ୟାଚ୍‌ରେ ଲୋନ୍‌ଙ୍କ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ଶୈଳୀର ଆଲୋଚନା ସବୁଠାରୁ ଅଧିକ ହୁଏ। ବର୍ତ୍ତମାନ ସେ ଜମ୍ମୁ କଶ୍ମୀର ପାରା କ୍ରିକେଟ ଦଳର ଅଧିନାୟକ ରହିଥିବା ବେଳେ ଭାରତୀୟ ପାରା କ୍ରିକେଟ ଦଳର ଜଣେ ପ୍ରମୁଖ ସଦସ୍ୟ ରହିଛନ୍ତି। ଏପରିକି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଲୋନଙ୍କ ଭିଡିଓ ମଧ ଭାଇରାଲ ହୁଏ। କିମ୍ବଦନ୍ତୀ କ୍ରିକେଟର ସଚିନ୍ ତେନ୍ଦୁଲକର, ଗୌତମ ଗମ୍ଭୀର ତାଙ୍କ ପ୍ରଶଂସାରେ ଶତମୁଖ ହୁଅନ୍ତି। ଭାରତୀୟ ଶିଳ୍ପପତି ଗୌତମ ଅଦାନୀ ସାହାଯ୍ୟର ହାତ ବଢାଇଥିବା ବେଳେ ସଚିନ୍ ତେନ୍ଦୁଲକର ମଧ ଟୁଇଟ୍ କରି ତାଙ୍କର ପ୍ରଶଂସା କରିଥିଲେ।

# କ୍ଲିନ୍ ସୁଇପ୍



ନିର୍ମଳ କୁମାର ମିଶ୍ର

**ଭାରତ–ଆଫଗାନିସ୍ଥାନ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଶେଷ ହୋଇଛି। ଭାରତ ୩ଟି ଯାକ ମ୍ୟାଚ ଜିତି କ୍ଲିନ୍ ସୁଇପ୍ କରିଛି। ଏହି ସିରିଜ ପାଇଁ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ଟି୨୦ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରି ନିଜ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି...**

୨୦୨୩ରେ ଭାରତର ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିଥିଲା। କ୍ରିକେଟର ୩ଟି ଫର୍ମାଟରେ ଘରୋଇ ମାଟିରେ ଏବଂ ବିଦେଶରେ ଭଲ ପ୍ରଦର୍ଶନ କରିଥିଲା। ୨୦୨୪ ଆରମ୍ଭରେ କେପ୍‌ଟାଉନ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ମ୍ୟାଚ ବିଜୟରୁ ନୂତନ ବର୍ଷ ଆରମ୍ଭ କରିଥିଲା ଟିମ୍ ଇଣ୍ଡିଆ। ଏକ ସମ୍ପୂର୍ଣ୍ଣ ଫର୍ମାଟର ସିରିଜ ଖେଳିବା ପାଇଁ ଦକ୍ଷିଣ ଆଫ୍ରିକା ଗସ୍ତ କରିଥିବା ଭାରତ ଟି୨୦ ସିରିଜକୁ ୧–୧ରେ ବରାବର କରିଥିବା ବେଳେ ଏକଦିବସୀୟ ସିରିଜକୁ ୨–୧ରେ ଜିତିଥିଲା। ଅନ୍ୟପକ୍ଷରେ ଡବ୍ଲ୍ୟୁଟିସି ଅନ୍ତର୍ଗତ ଟେଷ୍ଟ ସିରିଜକୁ ୧–୧ରେ ବରାବର ରଖିଥିଲା। ଏହି ୩ଟି ଫର୍ମାଟ ପାଇଁ ସୂର୍ଯ୍ୟକୁମାର ଯାଦବ, ଲୋକେଶ ରାହୁଲ ଓ ରୋହିତ ଶର୍ମା ଅଧିନାୟକ ମନୋନୀତ ହୋଇଥିଲେ। ସବୁଠାରୁ ରୋମାଞ୍ଚକ ଥିଲା ଟେଷ୍ଟ ସିରିଜ। ସେଞ୍ଚୁରିଅନ ଟେଷ୍ଟକୁ ଏକ ଇନିଂସ ଓ ୩୨ ରନ୍‌ରେ ହାରିବା ପରେ କେପ୍ ଟାଉନ ଟେଷ୍ଟ ଭାରତ ପାଇଁ ଅଗ୍ନିପରୀକ୍ଷା ସଦୃଶ ରହିଥିଲା। ୧୯୯୨ ପରଠାରୁ ୯ଥର ଦକ୍ଷିଣ ଆଫ୍ରିକା ଗସ୍ତ କରିଥିଲେ ମଧ ଭାରତୀୟ ଦଳ କେବେ ବି ଦକ୍ଷିଣ ଆଫ୍ରିକାରେ ଟେଷ୍ଟ ସିରିଜ ଜିତି ନ ଥିଲା। କେବଳ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ୨୦୧୦–୧୧ରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସିରିଜ ଡ୍ର ରଖିଥିଲା। କେପ୍ ଟାଉନ୍‌ର ଏକ ବିପଜ୍ଜନକ ପିଚରେ ଭାରତ ୭ ଉଇକେଟରେ ବିଜୟୀ ହୋଇ ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲର ୨ୟ ସ୍ଥାନରେ ରହିବାକୁ ସକ୍ଷମ ହୋଇଛି। ଅଷ୍ଟ୍ରେଲିଆ ପ୍ରତିପକ୍ଷ ପାକସ୍ତାନକୁ ୩–୦ରେ ଟେଷ୍ଟ ମ୍ୟାଚରେ ପରାସ୍ତ କରି ପଏଣ୍ଟ ଟେବୁଲ୍ ଶୀର୍ଷରେ ରହିଛି। ମାତ୍ର ମ୍ୟାଚ ରେଫରି କ୍ରିସ୍ ବ୍ରଡ୍‌ଙ୍କ ରିପୋର୍ଟ ପରେ କେପ୍ ଟାଉନ ପିଚକୁ ଆଇସିସି ବିପଜ୍ଜନକ ଘୋଷଣା କରଥିଲା। ଫଳରେ ଦକ୍ଷିଣ ଆଫ୍ରିକା ବୋର୍ଡକୁ ଶକ୍ତ ଧକ୍କା ଲାଗିଥିଲା। ମାତ୍ର ୫ଟି ସେସନ୍ ଓ ଦେଢଦିନର ଏହି ଟେଷ୍ଟ ମ୍ୟାଚ ସରିଥିଲା। ମାତ୍ର ୬୪୨ ବଲ ବା ୧୦୭ ଓଭରରେ ମ୍ୟାଚ ସମାପ୍ତ ହେବା ଦ୍ୱାରା ୯୧ ବର୍ଷର ରେକର୍ଡ ଭାଙ୍ଗିଥିଲା। ଏହି ଟେଷ୍ଟ ବିଜୟ ଭାରତର ଏକ ବଡ ସଫଳତା ରହିଥିଲା। ଭାରତ ୨୦୨୩ ସିଜନ୍ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ ବିଜୟରୁ ଆରମ୍ଭ କରିଥିବା ବେଳେ ବର୍ଷ ଶେଷକୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ମ୍ୟାଚ ପରାଜୟରେ ଶେଷ କରିଥିଲା।



ଟ୍ରଫି ସହ ରୋହିତ ଶର୍ମା।

୨୦୨୪ ରେ ଟିମ୍ ଇଣ୍ଡିଆ ପାଇଁ ବେଶ୍ ଖାସ ରହିଛି। ଏହି ବର୍ଷ ଟିମ୍ ଇଣ୍ଡିଆ ମୋଟ ୧୫ଟି ଟେଷ୍ଟ, ୧୮ଟି ଟି୨୦ ମ୍ୟାଚ ଏବଂ ମାତ୍ର ୩ଟି ଏକଦିବସୀୟ ମ୍ୟାଚ ଖେଳିବ। ଇତି ମଧ୍ୟରେ ଆଫଗାନିସ୍ତାନ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଶେଷ ହୋଇଛି। ଭାରତ ୩ଟି ଯାକ ମ୍ୟାଚ ଜିତି ସିରିଜକୁ କ୍ଲିନ୍ ସୁଇପ୍ କରିଛି। ଏହି ସିରିଜ ପାଇଁ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ଟି୨୦ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସୂଚନାଯୋଗ୍ୟ ନଭେମ୍ବରରେ ଟି୨୦ ବିଶ୍ୱକପ୍‌ରେ ଭାରତ ଆଡିଲେଡ୍‌ଠାରେ ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ପରାସ୍ତ ହେବା ପରେ ଏହି ଦୁଇ ଖେଳାଳିଙ୍କୁ ଆଉ ଏହି ଫର୍ମାଟରେ ଖେଳିବାର ସୁଯୋଗ ମିଳି ନ ଥିଲା। ଆଫଗାନିସ୍ତାନ ବିପକ୍ଷ ଟି୨୦ ସିରିଜରେ ପାଇଁ ଯୁବ ଖେଳାଳିଙ୍କୁ ନେଇ ପରୀକ୍ଷା ନୀରୀକ୍ଷା କରିଥିଲା ଜାତୀୟ ଚୟନ କମିଟି। ଋତୁରାଜ ଗାଏକ୍ୱାଡ୍, ଶ୍ରେୟସ ଆୟର, ଇଶାନ କିଶନ, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ୩ ଜଣ ଅଭିଜ୍ଞ ପେସ୍ ବୋଲର ଯଶପ୍ରୀତ୍ ବୁମରା, ମହମ୍ମଦ ସିରାଜ ଓ ମହମ୍ମଦ ଶାମିଙ୍କୁ ଏହି ସିରିଜରୁ ଦୂରେଇ ରଖାଯାଇଥିଲା। ରବୀନ୍ଦ୍ର ଜାଡେଜାଙ୍କୁ ବିଶ୍ରାମ ମିଳିଥିବାବେଳେ ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ ଏବଂ କୁଳଦୀପ ଯାଦବ ଭଲ ପ୍ରଦର୍ଶନ କରିଥିଲେ।

ଆଗକୁ ରହିଛି ବିଶ୍ୱର ସର୍ବଶ୍ରେଷ୍ଠ ଟି୨୦ ପ୍ରିମିୟର ଲିଗ୍ ଆଇପିଏଲ–୧୭। ୱେଷ୍ଟଇଣ୍ଡିଜ ଏବଂ ୟୁଏସ୍‌ରେ ହେବାକୁ ଥିବାଟି୨୦ ବିଶ୍ୱକପ ପାଇଁ ଆଇସିସି କାର୍ଯ୍ୟସୂଚୀ ଘୋଷଣା କରିବା ପରେ ଭଲ ଫର୍ମରେ ଥିବା ଭାରତୀୟ ଦଳ ଏହି ସୁଯୋଗକୁ କିପରି ହାତେଇବ ତାହା ପାଇଁ ବ୍ୟାପକ ପରୀକ୍ଷା କରୁଛି। ଗ୍ରୁପ୍ 'ଏ'ରେ ଭାରତ ତାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ପାକସ୍ତାନ ସହ ଆୟର୍ଲାଣ୍ଡ, ଆମେରିକା ଓ କାନାଡା ସହ ରହିଛି। ଭାରତ ଓ ପାକିସ୍ଥାନ ମଧ୍ୟରେ ଜୁନ ୯ରେ ହାଇ ଭୋଲଟେଜ ମ୍ୟାଚ ଖେଳାଯିବ। ଟି୨୦ ବିଶ୍ୱକପ ୨୦୨୪ ଏକ ନୂତନ ଫର୍ମାଟରେ ଖେଳାଯାଉଛି ଏବଂ ଏଥିରେ ୨୦ଟି ଦଳ ଅଂଶ ଗ୍ରହଣ କରୁଛନ୍ତି। ଏହି ମେଗା ଇଭେଣ୍ଟ ଜୁନ୍ ୧ରୁ ଆରମ୍ଭ ହୋଇ ୨୯ ପର୍ଯ୍ୟନ୍ତ ଚାଲିବ। ଭାରତର ସମସ୍ତ ମ୍ୟାଚ ଆମେରିକାରେ ଖେଳାଯିବ। ଜୁନ୍ ୫ରେ ଭାରତ ତା'ର ବିଶ୍ୱକପ ଅଭିଯାନ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚରୁ ଆରମ୍ଭ କରିବ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଯଦିଓ ୨୦୨୩ରେ ଭାରତ ଇଂଲଣ୍ଡରେ ଅନୁଷ୍ଠିତ ଡବ୍ଲ୍ୟୁଟିସି ଫାଇନାଲ ଏବଂ ଆଇସିସି ଏକଦିବସୀୟ ବିଶ୍ୱକପ ଫାଇନାଲ ହାରିଛି ତଥାପି ରୋହିତ ଶର୍ମାଙ୍କୁ ଆଗାମୀ ଟି୨୦ ବିଶ୍ୱକପରେ ଅଧିନାୟକ କରିବା ପାଇଁ ସୌରଭ ଗାଙ୍ଗୁଲି ଏବଂ ରବି ଶାସ୍ତ୍ରୀଙ୍କ ପରି ଅଭିଜ୍ଞ ପୂର୍ବତନ ଖେଳାଳି ମତବ୍ୟକ୍ତ କରିଛନ୍ତି। ଫଳରେ ବିସିସିଆଇର ସିନିୟର ସିଲେକସନ୍ କମିଟି ମୁଖ୍ୟ ଅଗରକର ଚାପରେ ରହିଛନ୍ତି। ଏହା ସତ୍ୟ ଯେ ବର୍ତ୍ତମାନ ରୋହିତ ଶର୍ମା ଓ ବିରାଟ କୋହଲି ଚମତ୍କାର ଫର୍ମରେ ଅଛନ୍ତି। ଆଫଗାନିସ୍ତାନ ବିପକ୍ଷରେ ଭାରତର ୩–୦ ସିରିଜ ବିଜୟ ପଛରେ ଏହି ଦୁଇ ଖେଳାଳିଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ରୋହିତ ଶର୍ମା ୨ଟି ମ୍ୟାଚରେ ଖାତା ଖୋଲି ପାରି ନ ଥିଲେ ହେଁ ତୃତୀୟ ଟି୨୦ରେ ଯେପରି ଶତକୀୟ ଇନିଂସ ଖେଳିଲେ ଏବଂ ସୁପର ଓଭରରେ ରିସ୍କ ନେଇ ସଫଳ ହେଲେ ତାହା ଏବେ ଆଲୋଚନାର ବିଷୟ ପାଲଟିଛି।




# ଡେଭିଡ୍ ୱାର୍ନର

**ଅଷ୍ଟ୍ରେଲିଆ କ୍ରିକେଟ ଦଳର ତାରକା ଖେଳାଳି ଡେଭିଡ୍ ୱାର୍ନର ଦିନିକିଆ ଓ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଦୀର୍ଘ ୧୪ ବର୍ଷର ସ୍ୱର୍ଣ୍ଣିମ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଏହି ଷ୍ଟାଇଲିଶ ଓପନର।**



ଅଷ୍ଟ୍ରେଲିଆ କ୍ରିକେଟ ଦଳର ଓପନର ଡେଭିଡ୍ ୱାର୍ନର ଦିନିକିଆ ଓ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଦୀର୍ଘ ୧୪ ବର୍ଷର ସ୍ୱର୍ଣ୍ଣିମ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଏହି ଷ୍ଟାଇଲିସ୍ ଓପନର। କ୍ୟାରିୟର ଆରମ୍ଭରୁ ନିଜ ଆକ୍ରମଣାତ୍ମକ ବ୍ୟାଟିଂ ପାଇଁ ଟି୨୦ ସ୍ପେଶାଲିଷ୍ଟର ମାନ୍ୟତା ପାଇଥିଲେ। ତେବେ ପରବର୍ତ୍ତୀ ସମୟରେ ନିଜ ଖେଳିବାର ଶୈଳୀକୁ ପରିବର୍ତ୍ତନ କରିବା ସହ ଉଭୟ ଟେଷ୍ଟ ଓ ଦିନିକିଆରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। କେବଳ ଚାମ୍ପିୟନ୍ସ ଟ୍ରଫିକୁ ଛାଡି ଅଷ୍ଟ୍ରେଲିଆ ଦଳ ପାଇଁ ସମସ୍ତ ଆଇସିସି ଟୁର୍ନାମେଣ୍ଟ ଜିତିବାର ରେକର୍ଡ ତାଙ୍କ ନାମରେ ରହିଛି। ଦୁଇ ଥର ଦିନିକିଆ କ୍ରିକେଟ ବିଶ୍ୱକପ୍ ଜିତିବା ସହିତ ଥରେ ଲେଖାଏ ଟି୨୦ ବିଶ୍ୱକପ୍ ଓ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ବିଜୟୀ ହୋଇଛନ୍ତି। ଏପରି କି ଆଇପିଏଲ୍‌ରେ ଅଧିନାୟକ ଭାବରେ ମଧ ଟ୍ରଫି ଜିତି ସାରିଛନ୍ତି ଡେଭିଡ୍ ୱାର୍ନର।

ଅକ୍ଟୋବର ୨୭, ୧୯୮୬ରେ ଅଷ୍ଟ୍ରେଲିଆର ପ୍ୟାଡିଙ୍ଗଟନ୍‌ରେ ୱାର୍ନରଙ୍କ ଜନ୍ମ। ଆରମ୍ଭରୁ କ୍ରିକେଟ ପ୍ରତି ଆଗ୍ରହୀ ଥିବାବେଳେ ୧୩ ବର୍ଷ ବୟସରେ କୋଚ୍ ତାଙ୍କୁ ବ୍ୟାଟିଂ ଷ୍ଟାନ୍ସ ବଦଳାଇବାକୁ ପରାମର୍ଶ ଦେଇଥିଲେ। ତେବେ ମା'ଙ୍କ ଜିଦ୍ କାରଣରୁ ୱାର୍ନର ବାମହାତୀ ବ୍ୟାଟିଂ କରିଥିଲେ। ୧୬ ବର୍ଷରୁ କମ୍ ବୟସ ବର୍ଗରେ ରନ୍‌ର ପାହାଡ ଛିଡା କରି ଅଷ୍ଟ୍ରେଲୀୟ ୧୯ ବର୍ଷରୁ କମ୍ ଦଳରେ ସାମିଲ ହୋଇଥିଲେ। ୨୦୦୯ରେ ପଦାର୍ପଣ କରିଥିବା ୱାର୍ନରଙ୍କୁ ଆରମ୍ଭରୁ ଟି୨୦ ବ୍ୟାଟର ଭାବେ ଗ୍ରହଣ କରାଯାଉଥିଲା। ମାତ୍ରାଧିକ ଆକ୍ରମଣାତ୍ମକ ବ୍ୟାଟିଂ କରିବା ସହ ସମସ୍ତ ବୋଲରଙ୍କ ପାଇଁ ସେ ଥିଲେ ଦୁଃସ୍ୱପ୍ନ। ତେବେ କ୍ରିକେଟର ଦୀର୍ଘତମ ଫର୍ମାଟରେ ନିଜକୁ ସାମିଲ କରିବା ପାଇଁ ଖେଳିବା ଶୈଳୀରେ ସାମାନ୍ୟ ପରିବର୍ତ୍ତନ ଆଣିଥିଲେ। ଏହି ପରିବର୍ତ୍ତନ ସହିତ ସେ ଅଷ୍ଟ୍ରେଲିଆ କ୍ରିକେଟ ଇତିହାସର ଅନ୍ୟତମ ସଫଳ ଓପନର ଭାବରେ ନିଜକୁ ପ୍ରତିଷ୍ଠିତ କରିଥିଲେ। ସେ ଜାତୀୟ ଦଳ ପାଇଁ ୧୧୨ ଟେଷ୍ଟ, ୧୬୧ ଦିନିକିଆ ଓ ୯୯ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟରେ ୨୬ ଶତକ ଓ ୩୭ ଅର୍ଦ୍ଧଶତକ ସହିତ ସେ ୮,୭୮୬ ରନ୍ ସ୍କୋର କରିଛନ୍ତି। ୧୬୧ ଦିନିକିଆ ମ୍ୟାଚ୍ ଖେଳି ସେ ୨୨ ଶତକ ଓ ୩୩ ଅର୍ଦ୍ଧଶତକ ସହିତ ୪୫.୩୦ ଆଭରେଜରେ ୬୯୩୨ ରନ୍ କରିଛନ୍ତି। ଅନ୍ୟପକ୍ଷରେ ୯୯ ଟି୨୦ ମ୍ୟାଚ୍‌ରୁ ଗୋଟିଏ ଶତକ ଓ ୨୪ ଅର୍ଦ୍ଧଶତକ ସହ ୨୮୯୪ ରନ୍ ସ୍କୋର କରିଛନ୍ତି। ଦିନିକିଆରେ ସେ ଅଷ୍ଟ୍ରେଲିଆର ଷଷ୍ଠ ସର୍ବାଧିକ ରନ୍ ସ୍କୋରର। ୨୨ ଶତକ ସହ ସେ ଦିନିକିଆରେ ସର୍ବାଧିକ ଶତକ ହାସଲକାରୀ ଅଷ୍ଟ୍ରେଲୀୟ ବ୍ୟାଟରଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର କିମ୍ବଦନ୍ତୀ ଅଧିନାୟକ ରିକି ପଣ୍ଟିଂ ୩୦ ଶତକ ସହ ତାଙ୍କଠାରୁ ଆଗରେ ରହିଛନ୍ତି। ତେବେ ପଣ୍ଟିଂ ତାଙ୍କ ଅପେକ୍ଷା ୨୪୦ ମ୍ୟାଚ୍ ଅଧିକ ଖେଳିଛନ୍ତି।

### ସଂକ୍ଷେପରେ ୱାର୍ନରଙ୍କ କ୍ୟାରିୟର

| ଫର୍ମାଟ | ମ୍ୟାଚ୍ | ଶତକ | ଅର୍ଦ୍ଧଶତକ | ରନ୍ |
|---|---|---|---|---|
| ଟେଷ୍ଟ | ୧୧୨ | ୨୬ | ୩୭ | ୮୭୮୬ |
| ଦିନିକିଆ | ୧୬୧ | ୨୨ | ୩୩ | ୬୯୩୨ |
| ଟି୨୦ | ୯୯ | ୧ | ୨୪ | ୨୮୯୪ |



### ଅଧିନାୟକତ୍ୱ

ୱାର୍ନରଙ୍କୁ ଅଷ୍ଟ୍ରେଲିଆ ଦଳର ଅଧିନାୟକ ଭାବେ ଦାୟିତ୍ୱ ନେବାକୁ କମ୍ ଦିନ ସୁଯୋଗ ମିଳିଥିଲା। ସେ ମାତ୍ର ୩ଟି ଦିନିକିଆ ଓ ୯ ଟି୨୦ରେ ଦଳର ନେତୃତ୍ୱ ନେଇଥିଲେ। ଦିନିକିଆରେ ତାଙ୍କର ବିଜୟ ରେକର୍ଡ ଶତପ୍ରତିଶତ ରହିଥିବା ବେଳେ ଟି୨୦ରେ ୮ ବିଜୟ ହାସଲ କରିଥିଲେ। ଏପରି କି ଦ୍ୱିତୀୟ ବିଦେଶୀ ଖେଳାଳି ଭାବରେ ସେ ନିଜ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦକୁ ଟାଇଟଲ ଜିତାଇବାରେ ସଫଳ ହୋଇଥିଲେ।

### ବିବାଦ

ୱାର୍ନର ସର୍ବଦା ପଡିଆ ଭିତର ବିବାଦରୁ ନିଜକୁ ଦୂରେଇ ରଖିଥାନ୍ତି। ତେବେ ସ୍ୟାଣ୍ଡ ପେପର୍ ଗେଟ୍ ମାମଲାରେ ତାଙ୍କର ସମ୍ପୃକ୍ତି ତାଙ୍କୁ କଳଙ୍କିତ କରିଛି। ଏହି ଘଟଣା ପାଇଁ ୱାର୍ନରଙ୍କୁ ଅନ୍ତର୍ଜାତୀୟ କ୍ରିକେଟରୁ ବର୍ଷେ ବାସନ୍ଦ ମଧ କରାଯାଇଥିଲା।

## ଖେଳ

ଆମଷ୍ଟହଭିନ ଟେରେସା ବର୍ମିଂହାମ
ହାଙ୍ଗଝୋ ଖେଳ ଦେଖି
ସଫଳତା ଠାରୁ ଅଧିକ ନିରାଶା
ଭାରତୀୟ ଲେଡି ହକି
ମିସ୍ ମ୍ୟାନେଜମେଣ୍ଟ ନଖି
ଦୀପ୍, କୌର, ରାଣୀ ବସିବାରୁ ଆଜି
ପ୍ୟାରିସ୍ ବାଟରେ ଛକି।
ପାକ୍ କ୍ରିକେଟର ସୋଏବ ମଲିକ
ତୃତୀୟ ଇନିଂସ ଖେଳି
ଅଭିନେତ୍ରୀ ସନା ଜାଭେଦ ବେକରେ
ପକାଇଲା ପ୍ରେମ ମାଳି
ସାନିଆ ପଡିଲା ବଳି
ସନା କହେ ଏକ ସନ୍ତାନରେ ଖୁସି
ମୋ ଫ୍ୟାମିଲି ଯିବ ଚଳି।
ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା
ରାମଲଲାଙ୍କର ଖେଳ
ତାଙ୍କ ଚରଣରେ ବିନମ୍ର ପ୍ରଣାମ
ଶୁଭ ଆଶୀର୍ବାଦ ଢାଳ
ଏକତା ହିଁ ଆମ ବଳ
ନିରାଶା ଭିତରେ
ଆଶାର ଆଲୋକ
ପ୍ରଭୁ କୃପା ମିଠା ଫଳ।

–ସୁବାସ ପ୍ରଧାନ







## ରାଜା ଛତ୍ର ସାଏ କରିଥିଲେ ମନ୍ଦିର

ଓଡ଼ିଶାର ଶକ୍ତିପୀଠ ମଧ୍ୟରୁ ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ସମ୍ବଲପୁରର ମାଁ ସମଲେଶ୍ୱରୀଙ୍କ ପୀଠ। ୧୬୫୭ରୁ ୧୬୯୫ ମସିହା ମଧ୍ୟରେ ସମ୍ବଲପୁରର ସପ୍ତମ ରାଜା ଛତ୍ର ସାଏଙ୍କ ଦ୍ୱାରା ବର୍ତ୍ତମାନର ମା' ସମଲେଶ୍ୱରୀ ମନ୍ଦିର ନିର୍ମାଣ ହୋଇଥିଲା। ସେ ସମୟରେ ଅଞ୍ଚଳର ୪୦ ଖଣ୍ଡ ମୌଜାବାସୀଙ୍କ ସେବା ଓ ପୂଜାର୍ଚ୍ଚନା ପାଇଁ ଏହି ମନ୍ଦିରକୁ ଅର୍ପଣ କରାଯାଇଥିଲା। 'ରାୟ' ସଂଜ୍ଞାଧାରୀ କ୍ଷେତ୍ରିୟ କୁଳରେ ସେବାୟତଙ୍କ ଦ୍ୱାରା ମହାନଦୀ କୂଳରେ ଅବସ୍ଥିତ ଏହି ଶକ୍ତିପୀଠରେ ଆଦିଶକ୍ତି, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ରୂପରେ ପୂଜିତ ହୋଇ ଆସୁଛନ୍ତି। ଏହି ଶକ୍ତିପୀଠର ରୂପାନ୍ତରଣ ସ୍ୱରୂପ ପାରିପାର୍ଶ୍ୱିକ ଅର୍ଥନୈତିର ବିକାଶ ପାଇଁ ପୁରୀ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ଉନ୍ନତୀକରଣ ସହିତ ପଶ୍ଚିମ ଓଡ଼ିଶାରେ ସମଲେଇ ପ୍ରକଳ୍ପ ନାମରେ ରାଜ୍ୟ ସରକାରଙ୍କ ପ୍ରୟାସ ବର୍ତ୍ତମାନ ପୂର୍ଣ୍ଣାଙ୍ଗ ରୂପ ନେବାକୁ ଯାଉଛି। ମା'ଙ୍କ ପୀଠ ରୂପାନ୍ତରଣ ପର୍ଯ୍ୟଟକଙ୍କ ପାଇଁ ଆଧୁନିକ ସୁବିଧା ଲବ୍ଧ ହେରିଟେଜ୍ କରିଡର୍ ରୂପ ନେଇଛି, ଯାହା ଆସନ୍ତା ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଉଦ୍‌ଘାଟନ ହେବ। ଏଥିପାଇଁ ଶୁକ୍ରବାର ଆଦ୍ୟପର୍ବ ସ୍ୱରୂପ କଳସ ଶୋଭାଯାତ୍ରା ଓ ଅଧିବାସ ଅନୁଷ୍ଠିତ ହେବ । ଅପରପକ୍ଷରେ ଦିନ ପାଖେଇ ଆସିବା ସହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସୁକତା ବୃଦ୍ଧି ପାଇବାରେ ଲାଗିଛି।



## ସାଂସ୍କୃତିକ, ଆଧ୍ୟାତ୍ମିକ ଚେତନାର କେନ୍ଦ୍ରବିନ୍ଦୁ

ଜଗତ୍‌ଜନନୀ ଶ୍ରଦ୍ଧା ସ୍ୱରୂପିଣୀ ପରମ ଆରାଧ୍ୟା ମା' ସମଲେଶ୍ୱରୀ ହେଉଛନ୍ତି ପଶ୍ଚିମ ଓଡ଼ିଶାର ଦେବୀ ଆରାଧନାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚେତନାର କେନ୍ଦ୍ରବିନ୍ଦୁ। ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀଙ୍କ ଐତିହାସିକ ମନ୍ଦିରର ରୂପାନ୍ତରଣ ସେହି ଚେତନାର ଏକ ପ୍ରତିଫଳନ। ପଶ୍ଚିମ ଓଡ଼ିଶାବାସୀଙ୍କ ସେହି ଭାବନାକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି କ୍ରମେ ୨୦୨୧ରୁ ଆରମ୍ଭ ହୋଇଥିବା ସମଲେଇ ପ୍ରକଳ୍ପ ଏବେ ଦିନକ ପରେ ଲୋକାର୍ପଣ ହେବାକୁ ଯାଉଛି। ମା'ଙ୍କ ପ୍ରତି ଭକ୍ତି ଓ ତାଙ୍କ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ୫-ଟି ରୂପାନ୍ତରଣ ମାଧ୍ୟମରେ କାର୍ଯ୍ୟକାରୀ ହୋଇଥିବା ସମଲେଇ ପ୍ରକଳ୍ପରେ ଭକ୍ତମାନଙ୍କ ଅବଶ୍ୟକତା ପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପ୍ରକଳ୍ପ ଆରମ୍ଭରୁ ହିଁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଲଗାତାର ଭାବେ ଏଠାକୁ ଗସ୍ତ କରି ରୂପାନ୍ତରଣ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରି ଆସିଛନ୍ତି।

## ଦିବ୍ୟ ମୁହୂର୍ତ୍ତକୁ ଅପେକ୍ଷା

ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବର ସମସ୍ତ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ। କେବଳ ସେହି ଦିବ୍ୟ ମୁହୂର୍ତ୍ତକୁ ଅପେକ୍ଷା। ହୋମ ଯଜ୍ଞ ଓ ଚଣ୍ଡୀପାଠରେ ପ୍ରକମ୍ପିତ ହେବ । ଏଥିପାଇଁ ମନ୍ଦିର ପରିସରରେ ଏକ ମୁଖ୍ୟ ମଣ୍ଡପ ସହିତ ପ୍ରସ୍ତୁତ ହୋଇଛି ମୋଟ ୫ଟି ଯଜ୍ଞମଣ୍ଡପ। ଉଦ୍‌ଘାଟନୀ ଉତ୍ସବରେ ସକାଳ ସାଢ଼େ ୮ଟାରୁ ଆରମ୍ଭ ହେବାକୁ ଥିବା ଯଜ୍ଞ ଓ ଚଣ୍ଡୀପାଠରେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସାମିଲ ହୋଇ ଆହୁତି ପ୍ରଦାନ କରିବେ। ପଶ୍ଚିମ ଓଡ଼ିଶାର ୧୧ ଜିଲ୍ଲାରୁ ପ୍ରାୟ ୩୦ ଜଣ ପଣ୍ଡିତ ଏଠାରେ ହୋମ ଯଜ୍ଞ ସହ ଚଣ୍ଡିପାଠ ସମ୍ପାଦନ କରିବେ। ଏହା ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହି ସେହିଦିନ ପୂର୍ଣ୍ଣାହୁତି ପଡ଼ିବ। ଏହି ଅବସରରେ ରାଜ୍ୟର ବିକାଶ ସହ ମାନବଜାତିର କଲ୍ୟାଣ ଓ ବିଶ୍ୱଶାନ୍ତି ପାଇଁ ମା'ଙ୍କ ଆରାଧନା କରାଯିବ। ଯଜ୍ଞ ଓ ଚଣ୍ଡିପାଠ ସମ୍ପାଦନ କରୁଥିବା ପଣ୍ଡିତମାନଙ୍କ ମଧ୍ୟରୁ ମୁଖ୍ୟ ଯଜ୍ଞ ମଣ୍ଡପରେ ୧୪ଜଣ ପଣ୍ଡିତ ଓ ଅନ୍ୟ ୪ଟି ଯଜ୍ଞ ମଣ୍ଡପରେ ୪ ଜଣ ଲେଖାଏ ପଣ୍ଡିତ ହୋମ ଯଜ୍ଞ ଓ ଚଣ୍ଡିପାଠ କାର୍ଯ୍ୟ ସମ୍ପାଦନ କରିବେ।



## ୪ରୁ ୪୪ ଏକରର ମନ୍ଦିର ପରିସର

ସମଲେଇ ମନ୍ଦିର ଏକ ସମୟରେ କେବଳ ୪ ଏକର ପରିସରରେ ରହିଥିଲା। ହେଲେ ୫-ଟି ରୂପାନ୍ତରଣ ପରେ ଆଜି ପ୍ରାୟ ୪୪ ଏକରର ପରିବ୍ୟାପ୍ତ ଅଞ୍ଚଳରେ ଝଲସୁଛି ମା' ସମଲେଶ୍ୱରୀଙ୍କ ଭବ୍ୟ ମନ୍ଦିର। ମନ୍ଦିର ପରିସରରେ ଲଗାଯାଇଥିବା ବିଭିନ୍ନ ପ୍ରକାର ସବୁଜିମା ପ୍ରାକୃତିକ ଭାବରେ ମନ୍ଦିର ପରିସରକୁ ସୁନ୍ଦର କରିପାରିଛି। ମନ୍ଦିର ନିର୍ମାଣ ପାଇଁ ସ୍ୱତନ୍ତ୍ର ଭାବେ ବ୍ୟବହୃତ ହୋଇଥିବା ଖଣ୍ଡୋଲାଇଟ ପଥର ଓଡ଼ିଶାର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟର ପ୍ରତୀକ ଭାବେ ଶୋଭା ପାଉଛି। ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ କଳାକୃତିକୁ ମନ୍ଦିର ପରିସରରେ ବିଶେଷରୂପେ ଧ୍ୟାନ ଦିଆଯାଇଛି। ଭବ୍ୟ ରୂପାନ୍ତରଣରେ ନିର୍ମିତ ହୋଇଥିବା ପ୍ରବେଶ ଦ୍ୱାର, ମନ୍ଦିର କାର୍ଯ୍ୟାଳୟ, ପୂଜକ ବିଶ୍ରାମାଳୟ, ଭେଣ୍ଡିଂ ଜୋନ୍ ଆଦିକୁ ମନ୍ଦିର ନିର୍ମାଣ ଶୈଳୀ ସହ ସମାନ୍ତରାଳ ଭାବେ ଐତିହପୂର୍ଣ୍ଣ ଢଙ୍ଗରେ ନିର୍ମାଣ କରାଯାଇଛି।



## ପର୍ଯ୍ୟଟକଙ୍କ ପାଇଁ କାଫେଟେରିଆ



ରୂପାନ୍ତରିତ ପ୍ରକଳ୍ପରେ ଭକ୍ତ ଓ ପର୍ଯ୍ୟଟକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ଏକ କାଫେଟେରିଆ ନିର୍ମାଣ କରାଯାଇଛି। ମିଶନ ଶକ୍ତିର ବିକାଶ ଲକ୍ଷ୍ୟରେ ସ୍ଥାନୀୟ କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହାର ଦାୟିତ୍ୱ ପ୍ରଦାନ କରାଯାଇଛି। ଏଠାରେ ଚା, କଫିର ବ୍ୟବସ୍ଥା ସହିତ ବିଭିନ୍ନ ପ୍ରକାର ପିଠା, ପଣା ଆଦି ସୁସ୍ୱାଦୁ ଖାଣ୍ଟି ସମ୍ବଲପୁରୀ ବ୍ୟଞ୍ଜନ ସହିତ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ପରିଚିତ କରିବା ଏହି କାଫେଟେରିଆର ମୂଳ ଲକ୍ଷ୍ୟ।

## ଆଜି କଳସ ଶୋଭାଯାତ୍ରା, ଅଧିବାସ

ସମଲେଇ ପ୍ରକଳ୍ପ ଲୋକାର୍ପଣ ଶନିବାର ହେବ। ଏହାର ପୂର୍ବଦିନ ଅର୍ଥାତ୍ ଶୁକ୍ରବାର ଆଦ୍ୟପର୍ବ ସ୍ୱରୂପ କଳସ ଶୋଭାଯାତ୍ରା ଏବଂ ଅଧିବାସ ଅନୁଷ୍ଠିତ ହେବ। ଏଥିରେ ମୋଟ ୧୧୦୦ କଳସ ସାମିଲ ହେବ। ପୂର୍ବାହ୍ନ ୧୦ଟା ସମୟରେ ସ୍ଥାନୀୟ ମହିଳା ଓ ପୁରୁଷମାନେ ମହାନଦୀର ମାରୱାଡ଼ି ପଡ଼ା ଘାଟରୁ ଜଳ ବହନ କରି ମା' ସମଲେଶ୍ୱରୀଙ୍କ ପୀଠରେ ସ୍ଥାପନ କରିବେ। ମୁଖ୍ୟ ଯଜ୍ଞମଣ୍ଡପରେ ୭୦୦ କଳସ ସ୍ଥାପନ ହେଉଥିବା ବେଳେ ଅନ୍ୟ ଚାରିଟି ମଣ୍ଡପରେ ୧୦୦ ଲେଖାଏ କଳସ ସ୍ଥାପନ କରାଯାଇ ବିଧି ଅନୁସାରେ ଅଧିବାସ ପୂଜା ସମ୍ପାଦନ କରାଯିବ। କଳସ ଶୋଭାଯାତ୍ରା ପୌର ପରିଷଦଛକ, ଦେଳେଇପଡ଼ା, ନନ୍ଦପଡ଼ା, କୁଞ୍ଜଲପଡ଼ା ଦେଇ ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିବ। ଏଥିରେ ୭୦ ଜଣ ବିଶିଷ୍ଟ ଦୁଇଟି ସ୍ଥାନୀୟ ସମ୍ପର୍ଦ୍ଧା ଦଳ, ହୀରାକୁଦର ଏକ ୩୫ ଜଣିଆ ଘଣ୍ଟ ଦଳ ଓ ଗଞ୍ଜାମର ଏକ ୧୫ ଜଣିଆ ଶଙ୍ଖୁଆ ଦଳ ଶଙ୍ଖ, ଘଣ୍ଟବାଦ୍ୟ ମଧ୍ୟରେ ଶୋଭାଯାତ୍ରାକୁ ବାଟ କଢ଼ାଇବେ। ଶୋଭାଯାତ୍ରାର ସର୍ବାଗ୍ରେ ଏକ ପ୍ରଚାର ଗାଡ଼ି ମା'ଙ୍କ ଭଜନ ପରିବେଷଣ କରି ଏକ ପ୍ରକାର ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରିବ।

## ମହାନଦୀ ଆଳତିରେ ପ୍ରକୃତି ପୂଜା



ସମଲେଇ ପ୍ରକଳ୍ପ ଉଦ୍‌ଘାଟନ ଦିନରୁ ମା' ସମଲେଇ ଘାଟରେ ଆରମ୍ଭ ହେବ ମହାନଦୀ ଆଳତି ଜନିତ ପ୍ରକୃତି ପୂଜା। ଏହା ଭକ୍ତଙ୍କୁ ଏକ ଆଧ୍ୟାତ୍ମିକ ଦିବ୍ୟ ଅନୁଭୂତି ପ୍ରଦାନ କରିବ। ଏଠାରେ ଭକ୍ତଙ୍କ ସୁବିଧା ପାଇଁ ନିର୍ମିତ ହୋଇଛି ୩୦ ମିଟର ଲେଖାଏ ତିନୋଟି ସ୍ଥାୟୀ ଟେନ୍‌ସାଇଲ୍ ଶେଡ୍। ଯଦ୍ୱାରା ଆଳତି ସମୟରେ ଭକ୍ତ ଖରା ବର୍ଷା ଆଦିରୁ ସୁରକ୍ଷିତ ରହି ପାରିବେ। ୨ହଜାର ଶ୍ରଦ୍ଧାଳୁ ଏକ ସଙ୍ଗରେ ଆଳତି ଦେଖିପାରିବେ। ସେହିପରି ଜାନୁଆରୀ ୨୭ ତାରିଖରୁ ମା'ଙ୍କ ମନ୍ଦିରରେ ସନ୍ଧ୍ୟା ଆଳତି ପୂର୍ବରୁ ପ୍ରତିଦିନ ସନ୍ଧ୍ୟାରେ ମହାନଦୀ ଆଳତି ଅନୁଷ୍ଠିତ ହେବାକୁ ଥିବା ବେଳେ ଉଦ୍‌ଘାଟନୀ ଦିବସରେ ମହାନଦୀ ଆଳତିର ନେତୃତ୍ୱ ନେବେ ଚନ୍ଦ୍ରହାସିନୀରୁ ଆସିଥିବା ଏକ ୭ ଜଣିଆ ପଣ୍ଡିତ ଦଳଙ୍କ ସହ ବ୍ରହ୍ମ ପଣ୍ଡିତ ମହାସଭାର ୭ ଜଣ ପଣ୍ଡିତ। ସେମାନେ ଏଠାରେ ମହାନଦୀ କୂଳରେ ଆଳତି ପାଇଁ ନିର୍ମିତ ମଞ୍ଚର ଦୁଇ ପାର୍ଶ୍ୱରେ ଛିଡ଼ା ହୋଇ ପ୍ରକୃତି ପୂଜା ସହ ମହାନଦୀ ଆଳତି ସମ୍ପାଦନ କରିବେ। ଏଥିରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନିଜେ ସାମିଲ ହୋଇ ମା' ସମଲେଶ୍ୱରୀ ଓ ମହାନଦୀ ପ୍ରତି ନିଜର ଭକ୍ତିପୂତ ନୈବେଦ୍ୟ ଅର୍ପଣ କରିବେ।

## ସମଲେଶ୍ୱରୀ ପୀଠରୁ...



"ସମଲେଇ ପ୍ରକଳ୍ପ ଲୋକାର୍ପଣ ପରିପ୍ରେକ୍ଷୀରେ ୨୭ ଓ ୩୧ ତାରିଖରେ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ପାରମ୍ପରିକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯିବ। ସମ୍ବଲପୁରର କଳାକାରମାନେ ଯେକୌଣସି କାର୍ଯ୍ୟକ୍ରମର ଶୁଭାରମ୍ଭ ପୂର୍ବରୁ ଆରାଧ୍ୟ ଦେବୀ ମା' ସମଲେଇଙ୍କ ଆଶୀର୍ବାଦ ଗ୍ରହଣ କରିଥାଉ। ଏବେ ବର୍ତ୍ତମାନ ମା'ଙ୍କ ପାଇଁ କାର୍ଯ୍ୟକ୍ରମ ପରିବେଷଣ କରିବାର ସୁଯୋଗ ମିଳିଥିବାରୁ ବହୁତ ଖୁସି ଲାଗୁଛି। କାର୍ଯ୍ୟକ୍ରମରେ ଡାଲଖାଇ, ରସରକେଲି, ଚୁଟକୁଚୁଟା ଆଦି ପାରମ୍ପରିକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବି।

-ଗୁରୁ ଡ. ମୋହିତ ସ୍ୱାଇଁ, ଲହରି ଅନୁଷ୍ଠାନ



"ମା' ସମଲେଇଙ୍କ ଆଶୀର୍ବାଦରୁ ପଶ୍ଚିମଓଡ଼ିଶାର ୧୧ଜିଲାର ଲୋକବାଦ୍ୟ କଳାକାର ଗୋଟିଏ ଡୋରିରେ ବାନ୍ଧିହେବାରେ ସକ୍ଷମ ହୋଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମା'ଙ୍କ ପାଇଁ ତିନିଟି କାର୍ଯ୍ୟକ୍ରମ ପରିବେଷଣ କରିବାର ସୁଯୋଗ ମିଳିଥିବାରୁ ନିଜକୁ ଧନ୍ୟ ମନେ କରୁଛି। ପୂର୍ବାହ୍ନରେ ପଶ୍ଚିମ ଓଡ଼ିଶାର ୧୧ ଜିଲାର କଳାକାର ଲୋକବାଦ୍ୟ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବୁ। ସନ୍ଧ୍ୟାରେ ମହାନଦୀ ଆଳତିରେ ବିଭିନ୍ନ ଲୋକବାଦ୍ୟରେ ଏହାକୁ ଅଳଙ୍କୃତ କରିବା ପରେ ମୁଖ୍ୟ ମଞ୍ଚରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବୁ।

-ଗୁରୁ ରଞ୍ଜନ ସାହୁ, ଉକିଆ ଅନୁଷ୍ଠାନ



"ମା' ସମଲେଇଙ୍କ ଆଶୀର୍ବାଦରୁ ଏଠାରେ ଆଲୋକ ସଜ୍ଜା କାର୍ଯ୍ୟ ମିଳିଛି। ଆମ ସଂସ୍ଥା ମଡର୍ଣ୍ଣ ଷ୍ଟେଜ୍ ସର୍ଭିସକୁ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ପରେ ସମ୍ବଲପୁରର ଆରାଧ୍ୟ ଦେବୀ ମା' ସମଲେଇଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ଏଠାରେ ମନ୍ଦିରକୁ ଆଧୁନିକ ଆଲୋକ ସଜ୍ଜାରେ ସଜ୍ଜିତ କରି ଭକ୍ତଙ୍କୁ ଆକୃଷ୍ଟ କରିବାକୁ ଲକ୍ଷ୍ୟ ରଖିଛି। ମୁଭ୍‌ଏଣ୍ଡ, ସର୍ପି, ବ୍ଲେଣ୍ଡର, ପ୍ରୋଫାଇଲ ଆଦି ବିଭିନ୍ନ ପ୍ରକାର ଆଲୋକମାଳାରେ ଲୋକାର୍ପଣକୁ ଅଧିକ ଭବ୍ୟ କରିବା ମୂଳ ଲକ୍ଷ୍ୟ। ଆମେ ୨୦ ଜଣିଆ ଦଳ ଏଠାରେ ଆଲୋକ ସଜ୍ଜାରେ ନିୟୋଜିତ ଅଛୁ। ସହଯୋଗୀ ଭାବେ ରାଜିନ୍ଦର ଓ ଅମରନାଥ ସାଜସଜ୍ଜା କାର୍ଯ୍ୟର ନେତୃତ୍ୱ ନେଇଛନ୍ତି।

-ରାଜକୁମାର, ଆଲୋକ କାରିଗର



ତୀର୍ଥଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବିଶ୍ରାମଗୃହ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଇଶାନ
ପରିବାରବର୍ଗ


କ୍ରୀଷ୍ଣା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦେଶର ଶକ୍ତି



*ଯୁବଶକ୍ତି ଦେଶର ଶକ୍ତି। ଦେଶକୁ ଆଗକୁ ନେବାରେ ଜଣେ ଜଣେ ସେନାପତି ଏହିମାନେ ହିଁ ବିକାଶର ସୂତ୍ରଧର। ଦେଶର ଭାଗ୍ୟ ନିର୍ଦ୍ଧାରକ ସାଜୁଥିବା ମତଦାତା ଭୂମିକାରେ ଏମାନେ ଅବତୀର୍ଣ୍ଣ ହୁଅନ୍ତି। ଶାସନ, ଶାସକ ଚୟନରେ ଏହି ଯୁବ ଭୋଟରଙ୍କ ମତଦାନ ସର୍ବଦା ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ମତଦାନ ପ୍ରକ୍ରିୟାରେ ଏମାନଙ୍କ ଶତପ୍ରତିଶତ ଅଂଶଗ୍ରହଣ ଦେଶପାଇଁ ଜରୁରୀ। ତେଣୁ ନୂଆ ଭୋଟରଙ୍କୁ ମତଦାନ ଲାଗି ଉତ୍ସାହିତ କରିବା ପାଇଁ ଜାନୁଆରୀ ୨୫ରେ ପାଳନ କରାଯାଉଛି ଜାତୀୟ ମତଦାତା ଦିବସ। ଏହି ଅବସରରେ ମତଦାନ ଲାଗି ଉତ୍ସାହ, ସାମ୍ନାରେ ଥିବା ବିଭିନ୍ନ ପ୍ରସଙ୍ଗରେ ଯୁବ ଭୋଟରଙ୍କ ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...*

## ସଂରକ୍ଷଣ କୋଟା ଉଠାଯାଉ



ପ୍ରଥମଥର ଭୋଟ ଦେବାକୁ ଯାଉଛି, ନିହାତି ଭାବେ ବହୁତ ଉତ୍ସାହ ରହିଛି। ପୂର୍ବଥର ଭୋଟର ଆଇକାର୍ଡ କୌଣସି କାରଣରୁ ହୋଇପାରି ନ ଥିଲା। ଏଥର ଆସି ଯାଇଛି। ପାଠ ପଢ଼ିବା ପରେ ଚାକିରି ଖଣ୍ଡେ ପାଇବା ଆଜିକା ଦିନରେ କଷ୍ଟକର ହୋଇପଡ଼ିଛି। ତେଣୁ ଓଡ଼ିଶାରେ ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ ଆଉ ଅଧିକ ସୃଷ୍ଟି ହେବା ଆବଶ୍ୟକ। ଜଣେ ଭାରତୀୟ ନାଗରିକ ହିସାବରେ ମୁଁ ନିହାତି ଚାହିଁବି ସଂରକ୍ଷଣ କୋଟା ଉଠାଯାଉ। କାରଣ ଭଲ ପାଠ ପଢ଼ି ଭଲ ମାର୍କ ରଖୁଥିବା ପିଲାଟେ ଆଜି ତା'ଠୁ କମ୍ ମାର୍କ ରଖି ଆଗକୁ ଯାଉଥିବା ପିଲା ପାଖେ ହାରି ଯାଉଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ଯଦି ସମାନ ତା'ହେଲେ ତାହା ସବୁ କ୍ଷେତ୍ରରେ ଏହାଲାଗୁ କରାଯାଉ।

**- ଦିବ୍ୟଦର୍ଶନ ସିଂ, ପିଜି ପ୍ରଥମ ବର୍ଷ ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ଓ୍ୱିମେନ ଷ୍ଟଡିଜ୍। ଜନ୍ମ-୨୦୦୨ ସେପ୍ଟେମ୍ବର ୨୩**

## ଆମେମାନେ ଗଣତନ୍ତ୍ରର ନିରପେକ୍ଷ ଅଙ୍ଗ



ଏଥର ମୁଁ ପ୍ରଥମ ଭୋଟ ଦେବି। ତେଣୁ ମତଦାନର ନୂଆ ଅନୁଭୂତି ମିଳିବ। ଆମେମାନେ ଗଣତନ୍ତ୍ରର ନିରପେକ୍ଷ ଅଙ୍ଗ। ଭୋଟ ଦେବା ଆମ କର୍ତ୍ତବ୍ୟ ଆଉ ଅଧିକାର ମଧ୍ୟ। ଜଣେ ଛାତ୍ର ହିସାବରେ କହିବି ପ୍ରଥମ ସମସ୍ୟା ଆମର ପ୍ଲେସମେଣ୍ଟ। ଏଥିସହ ବିଭିନ୍ନ ସମସ୍ୟାର ସମାଧାନ ଆମ ହାତରେ, ଆଉ ଏହା ରାଜନୀତି ଦ୍ୱାରା ସମାଧାନ କରାଯାଇପାରିବ ବୋଲି ଭାବୁଛି। ଆମେ ଯେତେ ସଚେତନ ହେବା, ଆଉ ଯିଏ ଆମ ସମସ୍ୟା ବୁଝି ସମାଧାନ କରିପାରିବ, ସେହିଭଳି ବ୍ୟକ୍ତିତ୍ୱକୁ ଗାଦିରେ ବସାଇବା ଜରୁରୀ। ଜଣେ ଭାରତୀୟ ନାଗରିକ ଭାବେ ମୁଁ ଆଶା ରଖିବି ଯେ, ରାଷ୍ଟ୍ରର ଉନ୍ନତି ସହ ବିଶେଷ କରି ମହିଳା ଏବଂ ପିଲାମାନଙ୍କ ଉପରେ ସର୍ବଦା ଦୃଷ୍ଟି ଦିଆଯାଉ।

**- ଅସୀମ ପରିଡ଼ା, ପିଜି ପ୍ରଥମ ବର୍ଷ ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ। ଜନ୍ମ-୨୦୦୧ ଡିସେମ୍ବର ୭**

## ସ୍ୱଚ୍ଛ ନିର୍ବାଚନ ହେଉ



ଭୋଟର ଆଇକାର୍ଡ ଏଯାଏ ମିଳିନି। କିନ୍ତୁ ଚିରୁକୁଟି ଦ୍ୱାରା ମୁଁ ପଞ୍ଚାୟତ ନିର୍ବାଚନରେ ଭୋଟ ଦେଇଥିଲି। ଏଥର ଭୋଟର ଆଇକାର୍ଡ ମିଳିଯିବ ବୋଲି ଶୁଣୁଛି। ପ୍ରଥମଥର ପାଇଁ ସାଧାରଣ ନିର୍ବାଚନରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ। ଉପଯୁକ୍ତ ନେତା ବାଛିବାକୁ ଚେଷ୍ଟା କରିବା ସହ ନିର୍ବାଚନ ପ୍ରକ୍ରିୟାକୁ ମଧ ଜାଣିପାରିବି। ରାଜ୍ୟ ହେଉ ବା ଦେଶ ସବୁଠି କିଭଳି ମହିଳାମାନଙ୍କୁ ସମ୍ମାନ, ସୁରକ୍ଷା ଓ ଶିକ୍ଷା ମିଳିବ ସେ ଦିଗରେ କାର୍ଯ୍ୟ ହେବା ଉଚିତ। ଏକ ସ୍ୱଚ୍ଛ ରାଜନୈତିକ ନିର୍ବାଚନ ନେଇ ମୁଁ ଆଶାବାଦୀ।

**- ମଧୁସ୍ମିତା ମହାନ୍ତି, ଯୁକ୍ତ୩ ସମାଜ ବିଜ୍ଞାନ ଛାତ୍ରୀ, ଚରମ୍ପା ମହାବିଦ୍ୟାଳୟ। ଜନ୍ମ-୨୦୦୩ ଜୁନ ୧୮**

## କ୍ରୀଡ଼ା କ୍ଷେତ୍ରରେ ଅଧିକ ନିଯୁକ୍ତି ମିଳୁ



ଭୋଟ ଦେବା ଆମ ଅଧିକାର, ଯାହା ଏଥର ମୋତେ ମିଳୁଛି। ବହୁତ ବି ଖୁସି ଅଛି। ବର୍ତ୍ତମାନ କ୍ରୀଡା କ୍ଷେତ୍ରରେ ଓଡ଼ିଶା ବେଶ୍ ନାଁ କଲାଣି। ମାତ୍ର କ୍ରୀଡ଼ା କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ଏକ ପ୍ରକାର ମୁଖ୍ୟ ସମସ୍ୟା ଭାବେ ରହିଛି। ଏପରିକି ନାନା କାରଣରୁ ବହୁ କ୍ରୀଡ଼ା ଛାତ୍ରୀଛାତ୍ର ପାଠ ଛାଡୁଛନ୍ତି। ତେଣୁ ସେମାନଙ୍କ ହଷ୍ଟେଲ ସୁବିଧା, ଫି କମ୍ ହେବା ଆବଶ୍ୟକ। କ୍ରୀଡ଼ା ଭିତ୍ତିଭୂମି ସଜାଡ଼ିବା ସହ ଯଦି ରୋଜଗାର ଆଉ ପାଠ ପଢିବାରେ ସହଯୋଗ ମିଳିପାରନ୍ତା ତା'ହେଲେ ବାସ୍ତବରେ ଓଡ଼ିଶା କ୍ରୀଡ଼ା କ୍ଷେତ୍ରର ଆହୁରି ଆଗକୁ ବଢ଼ନ୍ତା।

**- ପାପାଲି ପାତ୍ର, ବିପିଏଡ୍ ପ୍ରଥମ ବର୍ଷ ଛାତ୍ରୀ, ଜିସିପିଇ। ଜନ୍ମ-୨୦୦୩ ମାର୍ଚ୍ଚ ୨୭**

## ସାମ୍ପ୍ରତିକ ରୋଜଗାର କରିବା ମୁଖ୍ୟ ସମସ୍ୟା



ଛୋଟ ବେଳୁ ଘର ଲୋକେ ଭୋଟ ଦେବାର ଦେଖିଆସୁଛି। ମୁଁ ଯେବେ ପଚାରେ ମୋତେ କାହିଁ ନେଉନ ସେମାନେ କୁହନ୍ତି ତୋର ବୟସ ହେଇନି। ସେବେଠୁ ଇଚ୍ଛା। ଫାଇନାଲି ମୁଁ ଏଥର ଭୋଟ ଦେବାକୁ ଯାଉଛି। ପାଠ ପଢୁଛି। ପଢ଼ିବା ପରେ ମୁଖ୍ୟ ସମସ୍ୟା ହେଲା ରୋଜଗାର। ଚାକିରି ଖଣ୍ଡେ ପାଇବାକୁ ଆଜି ଯେଉଁ ଭଳି ସମସ୍ୟା ଉପୁଜିଛି ତାହା ନିହାତି ଭାବେ ଚିନ୍ତାର ବିଷୟ। ଭାରତରେ ଅପରାଧ ଅଧିକ ବଢ଼ି ଚାଲିଛି। ତା' ଉପରେ ବିଶେଷ ଧାନ ଦେବା ଆବଶ୍ୟକ। ଆମ ପରିବେଶ ଯେତେ ସୁରକ୍ଷିତ ରହିବ, ଆମେ ଶାନ୍ତିରେ କିଛି ଭାବି ପାରିବା ଆଉ କରିପାରିବା।

**- ଚନ୍ଦ୍ରଶେଖର ପାଢ଼ୀ, ଯୁକ୍ତ୩ ଶିକ୍ଷା ବିଭାଗ ଶେଷବର୍ଷ ଛାତ୍ର, ବିଜେବି କଲେଜ। ଜନ୍ମ-୨୦୦୩ ସେପ୍ଟେମ୍ବର ୧୫**

## ପ୍ରତି ଭୋଟ ମୂଲ୍ୟବାନ୍, ଯୋଗ୍ୟ ପ୍ରାର୍ଥୀଙ୍କୁ ଦେବି



ପ୍ରଥମଥର ଭୋଟ ଦେବି ତେଣୁ ବହୁତ ଖୁସି। ପ୍ରତିଟି ଭୋଟ ମୂଲ୍ୟବାନ୍। ତେଣୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଚାହିଁବି। ଜଣେ ଛାତ୍ରୀ ହିସାବରେ ବର୍ତ୍ତମାନ ଆଉ ଭବିଷ୍ୟତ ପାଇଁ ସଂରକ୍ଷଣ ବ୍ୟବସ୍ଥା ହେଉଛି ମୁଖ୍ୟ ସମସ୍ୟା। ତାହା ଉଠିବା ଆବଶ୍ୟକ। ଭୋଟ ପାଇବା ଆଶାରେ ସବୁ ପ୍ରକାର ସୁବିଧା, ସୁଯୋଗ, ସଂରକ୍ଷଣ କେବଳ ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କୁ ଦିଆଯାଉଛି। ମୋ ମତରେ ଏହା ବନ୍ଦ ହେବା ଜରୁରୀ। ସମସ୍ତେ ସବୁ ପ୍ରକାରର ସୁବିଧା ସୁଯୋଗ ପାଇବା ଦରକାର। ତେବେ ମହିଳାଙ୍କୁ ଅଧିକ ସୁରକ୍ଷା ଦିଆଯିବା ଆବଶ୍ୟକ। ସେମାନେ କିଭଳି ନିର୍ଭୟରେ ରହି ପାରିବେ ସେ ଦିଗକୁ ଧାନ ଦିଆଯାଉ।

**- ଦୀପାଞ୍ଜଳୀ ବିଶ୍ୱାଳ, ଇଣ୍ଟିଗ୍ରେଟେଡ୍ ବିଏଡ୍ ପ୍ରଥମବର୍ଷ ଛାତ୍ରୀ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ। ଜନ୍ମ-୨୦୦୫ ଜାନୁଆରୀ ୨୬**

## ଆଞ୍ଚଳିକ ସ୍ତରରେ ଉନ୍ନତି ହେଉ



ଏଥର ପ୍ରଥମ ଥର ଭୋଟ ଦେବି। ବହୁତ ଏକ୍ସାଇଟେଡ୍ ଅଛି। ଏହାପୂର୍ବରୁ ମୋର ସ୍ୱାଧୀନ ମତ ହେଲା, ଆଜି ବି ଗ୍ରାମାଞ୍ଚଳକୁ ଭଲ ରାସ୍ତାଟିଏ ନାହିଁ। ତେଣୁ ଆଞ୍ଚଳିକ ସ୍ତରର ଉନ୍ନତିକୁ ବିଶେଷ ଧାନ ଦିଆଯାଉ। ଆଉ ଜଣେ ଭାରତୀୟ ନାଗରିକ ହିସାବରେ ମୁଁ ଚାହିଁବି ଦାରିଦ୍ର୍ୟ ରେଖା ତଳେ ଥିବା ଲୋକଙ୍କୁ ସୁବିଧା ସୁଯୋଗ ଯୋଗାଇ ଦିଆଯାଉ। ରାଜ୍ୟ ହେଉ ବା କେନ୍ଦ୍ର, ଯେତେ ସବୁ ଯୋଜନା ଅଛି କିମ୍ବା ଆସୁଛି ତାହାର ସୁପରିଚାଳନା କରାଯାଉ। ଆମର ଯେତିକି ସ୍କିମ୍ ଅଛି, ତାକୁ ଯଦି ଧାନ ଦିଆଯିବ ତା'ହେଲେ ବି କେତେ ଉନ୍ନତି ହୋଇପାରିବ।

**- ତିଥିକ୍ଷା ରାୟ, ଯୁକ୍ତ୩ ମନୋବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ରୀ, ବିଜେବି କଲେଜ। ଜନ୍ମ-୨୦୦୩ ମେ ୧୫**

## ନାରୀ ସୁରକ୍ଷା, ବେରୋଜଗାରୀ ହ୍ରାସକୁ ଗୁରୁତ୍ୱ ଦିଆଯାଉ



ପ୍ରଥମଥର ଭୋଟ ଦେବାକୁ ଉତ୍ସାହିତ ଅଛି। ଭୋଟ ଦେବା ଆମର ନାଗରିକ ଅଧିକାର। ଏହା କାହା ସ୍ୱାର୍ଥରେ ଦିଆ ନ ଯାଉ। ସମସ୍ତେ ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେବା ଆବଶ୍ୟକ। ଏଥିସହିତ କିଛି ନୂଆ ଚେହେରାକୁ ମଧ ଆସନରେ ବସାଇବା ଦରକାର। ଯଦିଓ ଆମ ରାଜ୍ୟ ବା ଦେଶ ଉନ୍ନତି କରିଛି, ତଥାପି ସମସ୍ୟା ଏବେ ବି ସବୁ କ୍ଷେତ୍ରରେ ରହିଛି। ନାରୀଙ୍କୁ ସୁରକ୍ଷା ଦିଗରେ ଅଧିକ ଧାନ ଦିଆଯାଉ। ବେରୋଜଗାରିଙ୍କ ସଂଖ୍ୟା କିପରି କମିବ ସେଥିପ୍ରତି ପଦକ୍ଷେପ ନିଆଯାଉ।

**-ମୋନାଲିସା ସାହୁ, କମ୍ପିଟିଟିଭ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀ, ଭୁବନେଶ୍ୱର। ଜନ୍ମ-୨୦୦୩ ମାର୍ଚ୍ଚ ୮**

## ଭୋଟ ଦେବା ଅଧିକାର, ଦାୟିତ୍ୱ



ମୁଁ ପ୍ରଥମଥର ଭୋଟ ଦେବି। ଏବେ ମୋର ଦାୟିତ୍ୱ ବଢ଼ିଗଲା ଭଳି ଲାଗୁଛି। ଭୋଟର ରେଜିଷ୍ଟ୍ରେଶନ କରିବା ପରେ ଏବେ ପ୍ରାର୍ଥୀଙ୍କୁ ବୁଝିବାକୁ ଚେଷ୍ଟା କରୁଛି। ମୁଁ ଓଡ଼ିଶାର ଏକ ବିଶ୍ୱବିଦ୍ୟାଳୟରେ ପାଠ ପଢୁଛି। ମୋ ସହ ଅନ୍ୟ ଛାତ୍ରୀଛାତ୍ରମାନେ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଏବଂ ଷ୍ଟ୍ରାଇକ୍‌ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ବେରୋଜଗାର ଆଉ ଉଚ୍ଚଶିକ୍ଷା ପାଇବା ଭଳି ସମସ୍ୟାର ସ୍ଥାୟୀ ସମାଧାନ ହେବାର ଆବଶ୍ୟକତା ରହିଛି।

**-ଅଜନ୍ୟା ସାହୁ, ବିଟେକ୍ ପ୍ରଥମବର୍ଷ ଛାତ୍ରୀ, ଓୟୁଟିଆର୍। ଜନ୍ମ-୨୦୦୪ ସେପ୍ଟେମ୍ବର ୧**

## ଭୋଟ ଦେବାକୁ ଇଚ୍ଛା ନାହିଁ



ଭୋଟର ପରିଚୟ ପତ୍ର ପାଇଁ ଆବେଦନ କରିଛି। ଏଯାଏଁ ଭୋଟର କାର୍ଡ ମିଳିନି କେବଳ ଚିରିକୁଟି ଆସିଛି। ତେବେ ଭୋଟ୍ ଦେବାକୁ ସେମିତି କିଛି ଇଚ୍ଛା ନାହିଁ। କାରଣ ଯେଉଁ ପ୍ରତିନିଧି ବା ରାଜନୈତିକ ଦଳ ଆସନ୍ତୁ ନା କାହିଁକି କାମ କେହି ବି ଠିକ୍ ଭାବେ କରୁ ନାହାନ୍ତି। ଏବେ ମହିଳାଙ୍କ ସୁରକ୍ଷା, ଶିକ୍ଷା ସମାଜରେ ପ୍ରମୁଖ ସମସ୍ୟା ପାଲଟିଛି। ଯାହାକୁ କୌଣସି ସରକାର ଦୃଷ୍ଟି ଦେଉନାହାନ୍ତି।

**-ହୋଲିକା ପାଣି, ଭୁବନେଶ୍ୱର। ଜନ୍ମ- ୨୦୦୫ ମାର୍ଚ୍ଚ ୧୭**

## ଯୋଜନାର ସଫଳ ରୂପାୟନ ଜରୁରୀ



ଚଳିତ ବର୍ଷ ପ୍ରଥମ କରି ଭୋଟ୍ ଦେବି। ମାତ୍ର ଏଥିପାଇଁ ସେମିତି କିଛି ଉତ୍ସାହ ଲାଗୁନାହିଁ। କାରଣ ବାସ୍ତବରେ ଜନପ୍ରତିନିଧିମାନେ କିଛି କାମ କରୁ ନାହାନ୍ତି। ବସ୍ତି ଅଞ୍ଚଳରେ ରହୁଥିବାରୁ ଅନେକ ସମୟରେ ଆମେ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇ ରହୁଛୁ। ତେଣୁ ଯିଏ ଆମ ପାଇଁ କାମ କରିବେ ସେ ଭଳି ଲୋକଙ୍କୁ ଭୋଟ୍ ଦେବି। ସରକାର ପିଲାଙ୍କ ଶିକ୍ଷା କ୍ଷେତ୍ରରେ ଅନେକ ପଦକ୍ଷେପ ଗ୍ରହଣ କରୁଥିବାବେଳେ ସେଗୁଡିକର ବାସ୍ତବ ରୂପାୟନ ହୋଇପାରୁନାହିଁ। ସେହିପରି ସୋସିଆଲ ମିଡିଆର ବହୁଳ ବ୍ୟବହାର ଯୁବପିଢ଼ିଙ୍କ ଉପରେ କୁପ୍ରଭାବ ପକାଉଛି। ତେଣୁ ଯୁବପିଢ଼ି କିଭଳି ଏଥିରୁ ଦୂରେଇ ରହିବେ ସେ ନେଇ ସରକାର ପଦକ୍ଷେପ ନେବା ଆବଶ୍ୟକ।

**-କେ. ଇନ୍ଦୁ, ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀ, ପି.ଜେ. କଲେଜ, କେଶୁରା। ଜନ୍ମ- ୨୦୦୫ ସେପ୍ଟେମ୍ବର ୨୯**

## ଗ୍ରାମାଞ୍ଚଳରେ ଉନ୍ନତି ହେବା ଦରକାର



ଭୋଟର କାର୍ଡ ପାଇଁ ଆବେଦନ କରିଛି। ଭାବୁଛି ଖୁବ୍‌ଶୀଘ୍ର ଆସିଯିବ ଏବଂ ମୁଁ ଚଳିତ ବର୍ଷ ପ୍ରଥମ କରି ଭୋଟ୍ ଦେବାର ଅନୁଭବ ହାସଲ କରିବି। ଏହି ଦିନଟିକୁ ଅପେକ୍ଷା କରି ରହିଛି। ଜନପ୍ରତିନିଧି ବାଛିବାର ମୋର ଯେଉଁ ଅଧିକାର ରହିଛି ତାହାର ସଦୁପଯୋଗ କରିବି। ପୂର୍ବାପେକ୍ଷା ଗ୍ରାମାଞ୍ଚଳର ଉନ୍ନତି ହୋଇଥିଲେ ମଧ ଏବେ ବି ଅନେକ ଗ୍ରାମ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ସରକାରୀ ଯୋଜନା ଠିକ୍ ଭାବେ ପହଞ୍ଚିପାରୁନାହିଁ। ତେଣୁ ଏ ଦିଗରେ ଦୃଷ୍ଟି ଦିଆଯିବା ଦରକାର।

**-ଅଦିତି ପ୍ରିୟଦର୍ଶିନୀ, ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀ, ଢେଙ୍କାନାଳ ମହିଳା ମହାବିଦ୍ୟାଳୟ। ଜନ୍ମ- ୨୦୦୫ ଜାନୁଆରୀ ୧**

## ଖୁସି ଓ ଦାୟିତ୍ୱର ଦିବସ



ସରକାର ନିଯୁକ୍ତି ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ଏବେ ରାଜ୍ୟ ତଥା ଦେଶରେ ବେକାରୀ ସମସ୍ୟା ବଢ଼ି ଚାଲିଥିବାବେଳେ ଆପରାଧିକ ମାମଲା ବୃଦ୍ଧି ପାଉଛି। ତେଣୁ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି ସରକାରଙ୍କ ପ୍ରମୁଖ ଆହ୍ୱାନ ହେବା ଉଚିତ। ଯେଉଁ ସରକାର ବା ପ୍ରତିନିଧି ଏ ଦିଗକୁ ଦୃଷ୍ଟି ଦେବେ ମୁଁ ତାଙ୍କୁ ହିଁ ବାଛିବି। ପ୍ରଥମ କରି ଭୋଟ୍ ଦେବାକୁ ଯାଉଥିବାରୁ ଏହା ମୋ ପାଇଁ ଉଭୟ ଖୁସି ଓ ଦାୟିତ୍ୱର ବିଷୟ।

**-ଆଦିତ୍ୟ ନାରାୟଣ ସେଠୀ, ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର, ଢେଙ୍କାନାଳ ଅଟୋନୋମସ୍ କଲେଜ।** ଜନ୍ମ- ୨୦୦୪ ମାର୍ଚ୍ଚ ୧୧

## ପିସି କାରବାର ମୂଳପୋଛ ହେବା ଆବଶ୍ୟକ



ଛୋଟବେଳୁ ଦେଖି ଆସିଛି ଘରେ ବାପା ଆଉ ଅନ୍ୟମାନେ ଭୋଟ ଦିଅନ୍ତି। ତେଣୁ ମୁଁ ବି କେବେ ସାବାଳିକା ହେବି ଆଉ ଭୋଟ୍ ଦେବି ଅପେକ୍ଷା କରିଛି। ଏଥର ପ୍ରଥମ କରି ଭୋଟ୍ ଦେବାକୁ ଥିବାରୁ ଖୁସି ଲାଗୁଛି। ମାତ୍ର ଜଣେ ଯୋଗ୍ୟ ପ୍ରାର୍ଥୀକୁ ବାଛିବା ଦାୟିତ୍ୱର ବିଷୟ। ପ୍ରତ୍ୟେକ ନାଗରିକ ଏହି ଦାୟିତ୍ୱକୁ ଠିକ୍ ଭାବେ ତୁଲାଇବା ଦରକାର। ଏବେ ଛୋଟରୁ ବଡ ସବୁ କାମ ପାଇଁ ପିସି କାରବାର ହେଉଛି। ତେଣୁ ଯେଉଁ ସରକାର ଆସିବେ ସେ ଏହି ଲାଞ୍ଚ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଆବଶ୍ୟକ।

**-ଜି. ସାଇଲୁ, ଭୁବନେଶ୍ୱର। ଜନ୍ମ- ୨୦୦୫ ଜୁଲାଇ ୧୮**

**-ରିପୋର୍ଟ: ଅସମାପିକା ସାହୁ, ବନ୍ଦନା ସେଠୀ, ଶର୍ମିଷ୍ଠା ପାଣିଗ୍ରାହୀ**


### ପ୍ରଥମ ଜନ୍ମବାର୍ଷିକୀ



ଶ୍ରୀମାନ୍ ସଂକେତ କୁମାର (କ୍ରୀଷ୍ଣା)
ଦଣ୍ଡାସାହି, ବନମାଳିପୁର, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ଅଜା, ଆଈ, ସିଦ୍ଧାନ୍ତ, ରଶ୍ମି, ବୈକୁଣ୍ଠ, ଦୀପାଲି, ମିତାଲି, ବନ୍ଧୁ ଓ ପରିବାରବର୍ଗ।
ଧ-୨୪୭୦୪

### ପ୍ରଥମ ଜନ୍ମବାର୍ଷିକୀ



ସାକେତ (ଇଶାନ)
ଦର୍ଜୀସାହି, ପିପିଲି, ପୁରୀ
ଆଜିର ସକାଳ କେତେ ଯେ କୋମଳ
ଆଜିର ଦିବସ କେତେ ଯେ ସରସ
ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ସଦାସର୍ବଦା ଖୁସିରେ ରଖନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ମାମୁ, ମାଇଁ, ବାବା, ମାମା, ବଡ଼ମାମା, ବଡ଼ବାପା, ସିଦ୍ଧାନ୍ତ, ଶ୍ରୀନିବାସ, ପ୍ରାର୍ଥନା, କିରଣଦୀପ, ଶକ୍ତି, ସାଇଶ୍ରୀ, ସ୍ୱସ୍ତିକ, ଦେବେଶ, ବନ୍ଧୁ ଓ ପରିବାରବର୍ଗ।
ଧ-୨୪୭୪୩

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

CLASSIFIED DISPLAY
MORE SPACE * SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500 | 2,000 | 6,000 | 12,000 | 12,000 | 25,000 | 20,000 | 40,000 |

Hurry up... Hurry up... Hurry up...
B.Ed
Only @89,000/-
IMMEDIATELY CONTACT
B.Ed
COUNSELLING CENTER BHUBANESWAR
7606962458
8908210843
9124391142
8908210443

### ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008.
D-75298

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292.
D-75292

Bhubaneswar ସୁନ୍ଦରପଦା Xavier ମେଡ଼ିକାଲରୁ ୩କି.ମି. 10,80,000/-, 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295.
D-75297

Ready to move flat for sale near Centurian University and KIST Engineering College, Jatni. Contact- 7873000076, 8249415350.
D-2340

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622.
D-75296

Ready to move luxurious flat for sale at Acharya Vihar. Contact- 9437307086, 7978209277.
D-2286

**AFFIDAVIT**
I, Rajani Kanta Mahapatro, S/o– Surendra Nath Mahapatra, Resident of Ward No.-8, At- Radhakanta Street, P.O.-Purushottampur, Dist.-Ganjam, PIN-761018, Odisha, India declare by this affidavit No.- 474/23 dated: 16.09.2023 that now onwards I shall be known as Rajanikanta Mahapatra for all future purposes.
D-2357




Rent Esplanade Bhubaneswar Office space 1432sqft., Furnished, Parking. Call- 9776505301. D-2322




Spa Kerala body Massage best Therapist @699/- Bhubaneswar. Kajal-9337672475.
D-2344

Body massage by experience, good looking therapist @999/-, (Bhubaneswar). 9078484455.
D-2282

Newly open SPA positively health benefits with expert therapist. 9938843929.
D-75190

Newly open SPA positively health benefits (Expert therapist). Contact: 9124527170.
D-75191

Full body massage relax body mind by trend lady therapist. 8327754443.
D-75192

### ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି (୨୭/୦୧/୨୦୨୪)



ସ୍ୱ.ଅଚ୍ୟୁତାନନ୍ଦ ମଣ୍ଡଳ
ଆବିର୍ଭାବ : ୦୧.୦୪.୧୯୩୪ | ତିରୋଧାନ : ୦୮.୦୧.୨୦୨୩
ବୁଢ଼ୀ ଖମାରୀ, ବାରିପଦା, ମୟୂରଭଞ୍ଜ
ବାପା, ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବର୍ଷିକୀ ଉପଲକ୍ଷେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୨୩୫୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୨୬.୦୧.୨୦୨୪



ସ୍ୱ.ବିଦ୍ୟୁତ ଲତା ଦାଶ
ଆବିର୍ଭାବ : ତା.୧୦.୦୪.୧୯୫୧
ତିରୋଧାନ : ତା.୦୮.୦୧.୨୦୨୩
ଢୋଲ ବିରଞ୍ଚିଦାସ ପୁର, ଗଡକୁଣ୍ଡ, ପୁରୀ
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ : ପୁତ୍ର : ମିଲୁ, ଦିଲୁ, ପରିବାରବର୍ଗ, ବନ୍ଧୁ, ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ
ଧ-୨୩୫୪

### ଦ୍ୱାଦଶାହ ଉପଲକ୍ଷେ
ପରୋପକାରୀ, ମିଷ୍ଟଭାଷୀ, ନିଷ୍ଠାବାନ, ବରିଷ୍ଠ ଭେଷଜ ବିଶେଷଜ୍ଞ ତଥା ଆଜୀବନ ସତ୍ୟନିଷ୍ଠ ବ୍ୟକ୍ତିତ୍ୱ ଓ ସମାଜସେବୀ



ସ୍ୱ ଡାକ୍ତର ମିହିର କାନ୍ତ ପାଣିଗ୍ରାହୀ
(ଚିକିତ୍ସା ଓ ହସ ଥିଲା ତାଙ୍କ ଆୟୁଧ)
ଲିଙ୍ଗରାଜ ନଗର, ନୂଆ ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର
୧୭.୦୫.୧୯୫୦/୧୬.୦୧.୨୦୨୪
ଆପଣଙ୍କ ଆଶୀର୍ବାଦ ଭିକ୍ଷାର୍ଥୀ
ବିଶ୍ୱକେଶ, ଶିବାନନ୍ଦ, ମୃଣ୍ମୟକେଶ ଓ ପରିବାରବର୍ଗ
Mob.: 9437167607, 7749882080, 9437026891
ଧ-୨୩୫୮

# ଗଣତନ୍ତ୍ରର ମୂଲ୍ୟବୋଧ ଓ ଆଜିର ଗଣତନ୍ତ୍ର

ପରାଧୀନ ରାଷ୍ଟ୍ରଟି ସ୍ୱାଧୀନ ହେବା ଏବଂ ଶାସନ ବ୍ୟବସ୍ଥାରେ ଭିତ୍ତିପ୍ରସ୍ତର ସ୍ଥାପନରେ ଯେଉଁମାନଙ୍କ ତ୍ୟାଗ ଓ ବଳିଦାନ ଆମକୁ ସ୍ୱାଧୀନତାର ସ୍ୱାଦ ଚଖାଇଛି ସେମାନଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ ଶବ୍ଦକୋଷରେ ଶବ୍ଦର ଅଭାବ ପଡ଼ିବ। ସେହି ମହାମନୀଷୀମାନଙ୍କ ଅଦମ୍ୟ ସାହସ, ନିର୍ଭୀକତା, ମନ ଭିତରେ ଉଙ୍କିମାରୁଥିବା 'ପରାଧୀନ ଜର୍ଜରିତ ଦୁଃଖରୁ ବର୍ତ୍ତିବା'ର ପଣ, ଶେଷରେ ଇଂରେଜମାନଙ୍କୁ ଦେଶ ଛାଡ଼ିବାକୁ ବାଧ୍ୟ କରିଥିଲା, ସେଦିନ ଥିଲା ୧୯୪୭ ଅଗଷ୍ଟ ୧୪ର ମଧ୍ୟରାତ୍ରି। ପରଦିନ ଅର୍ଥାତ୍ ୧୫ ତାରିଖ ସକାଳୁ ସମସ୍ତ ଭାରତୀୟ ଖୁସିରେ ଆତ୍ମହରା ହୋଇ ସ୍ୱତଃ ଗାଇଲେ 'ଆମେ ଚଳାଇବା ଦେଶ ଆମରି, ଆମରି ନାଆରେ ଆମେ ନାଉରି'। ଯେଉଁଥିପାଇଁ ଭାରତୀୟଙ୍କ ଛାତି ଆଜି ଗର୍ବରେ ଫାଟିପଡୁଛି କେବଳ ସ୍ୱାଧୀନ ଭାରତର ନାଗରିକ ବୋଲି। ଏହି ମହାସଂଗ୍ରାମକୁ ଜିତିବାକୁ ଯାହାକୁ ମୁଖ୍ୟ ଆୟୁଧ କାରାଯାଇଥିଲା ତାହା ହେଉଛି 'ଅହିଂସା'। ଯେଉଁ ଅହିଂସା ନୀତି ପାଇଁ ଆଜି ସେ ସମସ୍ତ ଭାରତୀୟଙ୍କ ହୃଦୟରେ ଚିରଞ୍ଜୀବୀ ଓ ଜାତିର ପିତା ରୂପେ ସର୍ବପୂଜିତ, ସେ ହେଉଛନ୍ତି 'ମହାତ୍ମା ଗାନ୍ଧୀ'। ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ଓ ଲୋକଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ ସହିତ ଶୃଙ୍ଖଳା ବଜାୟ ରଖିବା ପାଇଁ ଏକ ଅନୁଶାସନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମ୍ବିଧାନ ପ୍ରଣୟନ କରାଯାଇଥିଲା, ଯାହାର ମୁଖ୍ୟ ପୁରୋଧା ଥିଲେ ଡ. ବି ଆର୍ ଆମ୍ବେଦକର। ଦେଶ ସ୍ୱାଧୀନ ପରେ ଯଦିଓ ସମ୍ବିଧାନ ପ୍ରସ୍ତୁତ ହୋଇଥିଲା, ପ୍ରକୃତରେ ଏହାର କାର୍ଯ୍ୟକାରୀ ଦିବସଟି ଥିଲା ୧୯୫୦ ଜାନୁଆରୀ ୨୬, ଯାହାକୁ ଆମେ ପ୍ରତିବର୍ଷ ସାଧାରଣତନ୍ତ୍ର, ଗଣତନ୍ତ୍ର ବା ଜନରାଜ୍ୟ ଦିବସ ବୋଲି ପାଳନ କରିଆସୁଛୁ। ଚଳିତ ବର୍ଷ ଗଣତନ୍ତ୍ର ଦିବସ ପରେଡ୍‌ରେ ପ୍ରଥମ ଥର ପାଇଁ ତିନି ସେନାରେ ମହିଳା ଅଗ୍ନିବୀର, ସୀମା ସୁରକ୍ଷା ବଳ ଓ ସଶସ୍ତ୍ର ବଳ ଚିକିତ୍ସା ସେବାରେ ମହିଳା ଦଳ ସାମିଲ ହେବା ଭାରତ ଇତିହାସରେ ଯୋଡ଼ିବ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ, ଯାହା ନାରୀଶକ୍ତିକୁ ଇଙ୍ଗିତ କରିବ।



ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ଆଜି ତା'ର ୭୫ ତମ ଜନରାଜ୍ୟ ଦିବସ ପାଳନ କରୁଛି। ସମସ୍ତଙ୍କୁ ଆଦରେଇନେବାର ମହାମନ୍ତ୍ର ବସୁଧୈବ କୁଟୁମ୍ବକମ୍ ଯାହା ବିବିଧତା ମଧ୍ୟରେ ଏକତା ଭଳି କଠିନ କାର୍ଯ୍ୟକୁ ସାମ୍ବିଧାନିକ ବ୍ୟବସ୍ଥାରେ ସାମିଲ କରି ତାହାକୁ ନିରବଚ୍ଛିନ୍ନ ଭାବରେ ସମ୍ପାଦନ କରିଆସୁଛି, ଯାହା ବିଶ୍ୱର କୌଣସି ଦେଶରେ ସମ୍ଭବ ହୋଇନାହିଁ। ଏହି ଶାସନ ବ୍ୟବସ୍ଥା ଭାରତୀୟ ଗଣତନ୍ତ୍ରରେ ଅଖଣ୍ଡତା ବଜାୟ ରଖି ଦୀର୍ଘ ୭୫ ବର୍ଷ ହେଲା ସାମ୍ବିଧାନିକ ମର୍ଯ୍ୟାଦାକୁ ବିଶ୍ୱ ଦରବାରରେ ଏକ ପରିଚିତ ରାଷ୍ଟ୍ରର ମାନ୍ୟତା ପାଇବାର ହକ ବନିବା ସହିତ ଅନେକ ପ୍ରଗତିଶୀଳ ରାଷ୍ଟ୍ରଙ୍କ ସହ ସମକକ୍ଷ ହେବାରେ ସାହସ ଜୁଟାଇଛି। ଗଣତନ୍ତ୍ର ଶାସନର ମୂଳ ଉଦ୍ଦେଶ୍ୟ ହେଲା ଭାରତ ଭଳି ବୃହତ୍ ଦେଶକୁ ଏକ ସାର୍ବଭୌମ, ସମାଜବାଦ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ କରିବା ସହ ସମସ୍ତ ମୌଳିକ ସୁବିଧାକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବା ପାଇଁ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି। ପ୍ରତ୍ୟକ୍ଷ ନିର୍ବାଚିତ ପ୍ରତିନିଧି ଦେଶ ପାଇଁ ସଂସଦକୁ ପରିଚାଳନା କରୁଥିବା ବେଳେ ରାଜ୍ୟ ପାଇଁ ବିଧାନସଭାକୁ ପରିଚାଳନା କରନ୍ତି। ଦେଖାଯାଇଛି ସମ୍ବିଧାନର ଦୁଇଟି ମର୍ଯ୍ୟାଦାପୂର୍ଣ୍ଣ ଗୃହ, ଉଭୟ ସଂସଦ ଓ ବିଧାନସଭାର ଗରିମା ରକ୍ଷା ଓ ଗଣତାନ୍ତ୍ରିକ ରାଷ୍ଟ୍ରର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବାରେ ବର୍ତ୍ତମାନର ରାଜନେତାଙ୍କ ଭୂମିକା ଦିନକୁ ଦିନ ସଙ୍କଟ ଆଡକୁ ଟାଣି ନେଉଛି। ଆଇନ କାନୁନ ପ୍ରଣୟନର ଅନୁଷ୍ଠାନ କୁହାଯାଉଥିବା 'ସଂସଦ ଓ ବିଧାନସଭା' ଗୃହରେ ସାଂସଦ ଓ ବିଧାୟକଙ୍କ କାରନାମା ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ପ୍ରତି ଉପହାସ ବୋଲି ମନେକରାଯାଉଛି। ସଂସଦ ଓ ବିଧାନସଭାକୁ ପୂରା ସମୟ ଚଳାଇ ନ ଦେବା, ବିନା ପ୍ରସଙ୍ଗରେ ହୋହଲ୍ଲା ଦ୍ୱାରା ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରି ଗୃହକୁ ଅଚଳ କରିଦେବା ସହ ସଂସଦୀୟ, ଗରିମାକୁ କ୍ଷୁଣ୍ଣ କରିବା, ଏବେ ରାଜନୈତିକ ଦଳଙ୍କର ଏକ ରୀତିମତ ଅଭ୍ୟାସରେ ପରିଣତ ହେଉଛି, ଯାହା ଗଣତନ୍ତ୍ର ପ୍ରତି ମହାବିପଦ ଆଣିଦେବ।

ବର୍ତ୍ତମାନର ଲୋକପ୍ରତିନିଧିମାନେ ଲୋକ ସଭା ଓ ବିଧାନସଭାକୁ ଏକ ମନୋରଞ୍ଜନ ସ୍ଥଳ ବୋଲି ଧରିନେଉଛନ୍ତି, ଏଥିରେ ରୋକ ଲଗାଇବାକୁ ହେଲେ ଦୃଢ଼ ଆଇନର ଆବଶ୍ୟକତାକୁ ଏଡ଼ାଇ ଦିଆଯାଇ ନ ପାରେ। ଗଣତନ୍ତ୍ରର ମୂଳ ମନ୍ତ୍ର ହେଉଛି ଶାସନ ବିକେନ୍ଦ୍ରୀକରଣ। ଏବେ କିନ୍ତୁ ଶାସନକୁ କେନ୍ଦ୍ରୀକରଣ ପଛରେ ସମସ୍ତେ ବ୍ୟସ୍ତ। ବିଶେଷ କିଛି ବ୍ୟକ୍ତି ବା ରାଜନୈତିକ ଦଳ ଚାହାନ୍ତି, ସବୁକିଛି ତାଙ୍କଦ୍ୱାରା ନିୟନ୍ତ୍ରିତ ହେଉ। ସମାଜରେ ପ୍ରତ୍ୟେକ ଘଟଣା ବା ଦୁର୍ଘଟଣାକୁ ରାଜନୀତୀକରଣ କରାଯାଉଛି ଯାହା ଆଦୌ ସ୍ପୃହଣୀୟ ନୁହେଁ।

ବର୍ତ୍ତମାନ ଜନପ୍ରତିନିଧି ଓ ପ୍ରଶାସକଙ୍କ ମଧ୍ୟରେ ସମନ୍ୱୟ ଅଭାବ ପରିଲକ୍ଷିତ ହେଉଛି, ଯେଉଁଥିପାଇଁ ଅନେକ ସୁବିଧା ସୁଯୋଗ ଲୋକଙ୍କ ପାଖରେ ଏବେ ବି ଅପହଞ୍ଚ। ଶାସନ ବ୍ୟବସ୍ଥାରେ ଉଭୟ ପ୍ରଶାସକ ଏବଂ ରାଜନେତାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ ଲାଗି ସମ୍ବିଧାନରେ ବିଧିବଦ୍ଧ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ଭ୍ରୂକ୍ଷେପ ନ କରିବା ଏକ ଗଣତନ୍ତ୍ର ବିରୋଧୀ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସଫଳତା ଆମକୁ ଚନ୍ଦ୍ର ପୃଷ୍ଠରେ ଅବତରଣ ସହିତ ସୂର୍ଯ୍ୟର ନିକଟତର ହେବାପାଇଁ ବାଟ କଢ଼ାଉଛି। ମାତ୍ର ବର୍ତ୍ତମାନ ଉଗ୍ର ଆଧୁନିକ କବଳିତ ସାମାଜିକ ସ୍ଥିତି ସହ ଲୋକଙ୍କ ପ୍ରବୃତ୍ତି ଦିନକୁ ଦିନ ବିଗିଡିବାରେ ଲାଗିଛି। ଏହାକୁ ସଜାଡିବାକୁ ହେଲେ ନୈତିକ ଶିକ୍ଷା ସହ ବୌଦ୍ଧିକ ଜ୍ଞାନ ହିଁ ଏକ ମାତ୍ର ରାସ୍ତା। ଦୀର୍ଘ ୭୭ ବର୍ଷର ସ୍ୱାଧୀନ ନାଗରିକ ହିସାବରେ ନିଜର ଆଚରଣ, ବ୍ୟବହାର ଓ ସମାଜ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବାରେ କେତେ ସକ୍ଷମ ତାହାକୁ ଆତ୍ମସମୀକ୍ଷା କରିବା ସହିତ ବିଗିଡ଼ିଥିବା ପରିସ୍ଥିତିରେ ସୁଧାର ଆଣିବା ହିଁ ହେବ ପ୍ରକୃତ ଦେଶପ୍ରେମ।

–ଡ. ଅଜୟ କୁମାର ନନ୍ଦ
ସହକାରୀ ପ୍ରାଧ୍ୟାପକ ଓ ଉପ ବିତ୍ତ ଅଧିକାରୀ,
କିସ୍ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

# ଆମ ସମ୍ବିଧାନ, ଆମ କଥା

ଆଜି ୭୫ତମ ସାଧାରଣତନ୍ତ୍ର ଦିବସ। ପିଲାମାନେ ଏହି ଦିବସଟିକୁ ଭଲ ଭାବେ ଜାଣିଛ ଆଉ ଆମେ ସମସ୍ତେ ଏହି ଦିନଟିକୁ ବିଦ୍ୟାଳୟରେ ଭାବ ଗମ୍ଭୀର ଓ ବଳିଦାନକୁ ସ୍ମରଣ ପୂର୍ବକ ପାଳନ କରିଥାଉ। ଦୀର୍ଘ ଦୁଇଶହ ବର୍ଷର ଇଂରେଜ ଶାସନର ଉତ୍ପୀଡ଼ନ ପରେ ଭାରତରେ ଉଦିତ ହେଲା ସ୍ୱାଧୀନତାର ନବୀନ ସୂର୍ଯ୍ୟ। ଶତ ଆନ୍ଦୋଳନ ଓ ଆତ୍ମ ବଳିଦାନର ପ୍ରତୀକ ଆମର ସ୍ୱାଧୀନତା। ୧୯୪୭ ଅଗଷ୍ଟ ୧୫ ତାରିଖରେ ଆମ ଦେଶ ସ୍ୱାଧୀନ ହେବା ପରେ ଆମେ ଆମକୁ ଶାସନ କରିବାକୁ ଏକ ନିଜସ୍ୱ ଖସଡ଼ା ପ୍ରସ୍ତୁତ କଲୁ। ତାକୁ ଆମ ଦେଶର ସମ୍ବିଧାନ ବୋଲି କୁହାଗଲା। ୧୯୫୦ମସିହା ଜାନୁଆରୀ ୨୬ ତାରିଖରେ ଆମ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ଡ. ବି.ଆର୍. ଆମ୍ବେଡକର ଥିଲେ ଆମ ସମ୍ବିଧାନର ପ୍ରଣେତା। ଆଉ ଆଜି ୭୫ବର୍ଷ ପରେ ଗର୍ବର ସହିତ କହିପାରୁଛେ ଯେ, ଆମେ ଭାରତୀୟ। ଆମ ସାମ୍ବିଧାନିକ ବ୍ୟବସ୍ଥାରେ ଆମ ଅଧିକାରଠାରୁ ଆରମ୍ଭ କରି ଦେଶ ଶାସନ ପର୍ଯ୍ୟନ୍ତ ପ୍ରତ୍ୟେକ ବିଷୟ ଉଲ୍ଲେଖ ରହିଛି। ଆବଶ୍ୟକ ସ୍ଥଳେ ଜନଗଣ ଓ ଦେଶର ସ୍ୱାର୍ଥ ଦୃଷ୍ଟିରୁ ଆମ ସମ୍ବିଧାନରେ ଅନେକ ସଂଶୋଧନ ମଧ୍ୟ ହୋଇଛି।



ସମ୍ବିଧାନରେ ସ୍ୱାଧୀନ ଭାରତର ଜାତୀୟ ସଙ୍ଗୀତ ଭାବେ 'ଜନ ଗଣ ମନ...'କୁ ବିବେଚନା କରାଯାଇଛି। ଏହାର ମୂଳ ଲେଖା ବଙ୍ଗଳାରେ ଲେଖାଯାଇଥିଲା ଏବଂ ଏହାକୁ ନୋବେଲ ବିଜେତା ରବୀନ୍ଦ୍ରନାଥ ଟାଗୋର ରଚନା କରିଥିଲେ। ୧୯୫୦ ଜାନୁଆରୀ ୨୪ ତାରିଖରେ ଏହାର ହିନ୍ଦୀ ରୂପାନ୍ତରଣକୁ ପ୍ରଥମ ସଂସଦୀୟ ଅଧିବେଶନରେ ସର୍ବସମ୍ମତିକ୍ରମେ ସମର୍ଥନ କରାଯାଇ ଏହାକୁ ଜାତୀୟ ସଙ୍ଗୀତର ମାନ୍ୟତା ପ୍ରଦାନ କରାଯାଇଥିଲା। ୧୯୧୧ ଡିସେମ୍ବର ୨୭ରେ କଲିକତାରେ ବସିଥିବା ଅଖିଳ ଭାରତୀୟ କଂଗ୍ରେସ ବୈଠକରେ ଏହାକୁ ପ୍ରଥମେ ଗାନ କରାଯାଇଥିଲା। ତେବେ ଏହାକୁ ଗାନ କରିବାର ବିଧି ରହିଛି। ୫୨ ସେକେଣ୍ଡ ମଧ୍ୟରେ ଏହାକୁ ଶେଷ କରିବାକୁ ହେବ। ଏଥିରେ ତ୍ରୁଟି ହେଲେ ଭାରତୀୟ ସମ୍ବିଧାନରେ ଦଣ୍ଡ ବ୍ୟବସ୍ଥା ମଧ୍ୟ ଉଲ୍ଲେଖ ରହିଛି।

ସମ୍ବିଧାନ ଏପରି ଏକ ଶବ୍ଦ ଯେଉଁଠି ଅନ୍ୟ ଯେକୌଣସି ଶବ୍ଦର ଗୁରୁତ୍ୱ ମଧ୍ୟ ଫିକା ପଡ଼ିଯାଇଥାଏ। ସବୁକିଛି ଉପରେ ସମ୍ବିଧାନକୁ ସ୍ଥାନ ଦିଆଯାଇଛି। ସମ୍ବିଧାନ କହିଲେ କେତେକ ଆବଶ୍ୟକ ତଥା ଗୁରୁତ୍ୱପୂର୍ଣ୍ଣ ନିୟମାବଳୀ, ଯେଉଁଥିରେ ସମ୍ପୂର୍ଣ୍ଣ ଦେଶ ପରିଚାଳିତ ହୋଇଥାଏ। ଦେଶର ସମ୍ବିଧାନରେ ଉଲ୍ଲେଖ କରାଯାଇଥିବା ପ୍ରତ୍ୟେକ ନିୟମକୁ ସେହି ଦେଶର ବ୍ୟକ୍ତିବିଶେଷଙ୍କୁ ମାନିବାକୁ ହୋଇଥାଏ। ଦେଶର ସାଧାରଣଲୋକଙ୍କ ସୁରକ୍ଷା, ଅଧିକାର ଏବଂ କର୍ତ୍ତବ୍ୟ ପ୍ରତି ସେଠାକାର ସମ୍ବିଧାନ ସର୍ବଦା ଯତ୍ନବାନ ରହିଥାଏ। ସମ୍ପୂର୍ଣ୍ଣ ଗଣତନ୍ତ୍ର ପ୍ରକ୍ରିୟା ଏବଂ ଏହାର ୪ଟି ସ୍ତମ୍ଭ ମଧ୍ୟ ସମ୍ବିଧାନ ଅନ୍ତର୍ଗତ। ଇତିହାସ କହେ ଯେ ଯେଉଁ ଦେଶରେ ନିଜ ସମ୍ବିଧାନକୁ ଗୁରୁତ୍ୱ ଦିଆଯାଇ ଶାସନ ବ୍ୟବସ୍ଥା ପରିଚାଳିତ କରାଯାଇଛି ସେ ଦେଶ ସେତେ ବିକଶିତ ଓ ସଭ୍ୟ ରାଷ୍ଟ୍ର ଭାବେ ଖ୍ୟାତିଲାଭ କରିଛି। ସମ୍ବିଧାନ ନ ଥିଲେ ଦେଶର ସବୁଆଡ଼େ ଅରାଜକତା ବ୍ୟାପିଯିବ। କେହି କହିବାକୁ ମାନିବା ତ ଦୂରର କଥା, କାହା କଥା ମଧ୍ୟ କେହି ଶୁଣିବେନି। ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢ଼ିଯିବ। ଗରିବ ଆହୁରି ଗରିବ ହୋଇଯିବ ଏବଂ ଧନୀ ଆହୁରି ଧନୀ। ଦେଶ ଆଉ ଦେଶ ହୋଇ ରହିବ ନାହିଁ, ଏକ ଅପରାଧର ପୃଷ୍ଠଭୂମି ପାଲଟିଯିବ। ମାତ୍ର ସମ୍ବିଧାନ ଏସବୁକୁ ରୋକିବା ପାଇଁ ଗୋଟିଏ ମାତ୍ର ବାଟ। ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ମଣିଷର ଏ ସମାଜରେ ନିଜ ହିସାବରେ ମୁଣ୍ଡ ଟେକି ବାଟ ଚାଲିବାର ଏବଂ ବଞ୍ଚିବାର ଅଧିକାର ରହିଛି। ଏହା ମଣିଷର ଜନ୍ମସିଦ୍ଧ ଅଧିକାର ବୋଲି ସମ୍ବିଧାନ କହିଛି। ଅନ୍ୟ ଅର୍ଥରେ କହିଲେ ସମ୍ବିଧାନ ବ୍ୟକ୍ତିକୁ ନିଜ ଦେଶରେ ସୁରକ୍ଷା ଦେଇଥାଏ। ଏକ ସୁସ୍ଥ ସମାଜଭିତ୍ତିକ ଦେଶରେ ଶାନ୍ତିରେ ନିଃଶ୍ୱାସ ପ୍ରଶ୍ୱାସ ନେବାକୁ ହେଲେ ଏକ ସୁସ୍ଥ ସମ୍ବିଧାନର ଆବଶ୍ୟକତା ରହିଛି। ତେବେ ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ ଯେ ଆମେ ଏପରି ଏକ ଦେଶରେ ନାଗରିକ ଯେଉଁ ଦେଶର ସମ୍ବିଧାନ ବିଶ୍ୱର ଏକ ଶକ୍ତିଶାଳୀ ସମ୍ବିଧାନ ଭାବେ ମାନ୍ୟତା ପାଇଛି। ପିଲାମାନେ ତୁମେ ତୁମ ଭାରତ ମାତାକୁ, ସମ୍ବିଧାନକୁ, ସମାଜକୁ ସର୍ବୋପରି ତୁମ ମାତାପିତା ଓ ବିଦ୍ୟାଳୟକୁ ଏହିପରି ଏକ ସ୍ମରଣୀୟ ଦିନରେ ମନେପକାଇବା ଜରୁରୀ।

ଦେଶରେ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେଲେ ଏକ ବିଧିବଦ୍ଧ ଆଇନ ବ୍ୟବସ୍ଥା ତଥା ସମ୍ବିଧାନର ଆବଶ୍ୟକତା ରହିଛି ବୋଲି ମାନବେନ୍ଦ୍ରନାଥ ରୟ ସର୍ବ ପ୍ରଥମେ ଚିନ୍ତା କରିଥିଲେ। ୧୮୮୭ରେ କଲିକତାର ଆରବେଲିଆ ଅଞ୍ଚଳର ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିବା ମାନବେନ୍ଦ୍ରନାଥ ପ୍ରଥମେ କମ୍ୟୁନିଷ୍ଟ ଚିନ୍ତାଧାରାରେ ବିଶ୍ୱାସ ରଖୁଥିଲେ। ପରେ ସେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଲେଖାରେ ପ୍ରଭାବିତ ହୋଇଥିଲେ। ଦେଶରେ କିପରି ଏକ ସୁଶାସନ ବ୍ୟବସ୍ଥା ପ୍ରଚଳନ କରାଯିବ ସେ ନେଇ ଦିନ ରାତି ଭାବିବାକୁ ଲାଗିଲେ। ପରେ ଏହାକୁ ଏକ ଲିଖିତ ତଥା ଚରିତାର୍ଥ ରୂପ ଦେଇଥିଲେ ବି.ଆର. ଆମ୍ବେଡକର। ସେତେବେଳେ ଦେଶର ଜଣେ ଆଇନ ବିଶାରଦ ତଥା ଜଣେ ପ୍ରମୁଖ ଚିନ୍ତାଶୀଳ ବ୍ୟକ୍ତି ଭାବେ ବି.ଆର.ଆମ୍ବେଡକରଙ୍କ ଖ୍ୟାତି ଦେଶ ତଥା ଦେଶ ବାହାରେ ରହିଥିଲା। ୧୮୫୭ରୁ୧୯୪୭ ପର୍ଯ୍ୟନ୍ତ ଦେଶରେ ଚାଲିଥିବା ବ୍ରିଟିଶ ଶାସନ ଅମଳରେ ଯେଉଁ ଯେଉଁ ନିୟମରେ ଦେଶ ପରିଚାଳିତ ହେଉଥିଲା ଏସବୁକୁ ଆମ୍ବେଡକର ନିଜ ରଚିତ ସମ୍ବିଧାନରେ ସ୍ଥାନ ଦେଇଥିଲେ। କେବଳ ସେତିକି ନୁହେଁ ଯୁକ୍ତ ରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ, ଫ୍ରାନ୍ସ, କାନାଡ଼ା, ସୋଭିଏଟ ୟୁନିଅନ ଆଦି ଦେଶର ନିୟମକୁ ମଧ୍ୟ ଭାରତୀୟ ସମ୍ବିଧାନରେ ସେ ପ୍ରଣୟନ କଲେ। ୧୯୪୯, ନଭେମ୍ବର୨୬ ତାରିଖରେ ଏହାକୁ ସ୍ୱାଧୀନ ଭାରତର ସଂସଦରେ ଉପସ୍ଥାପନ କରାଯାଇଥିଲା। ଆଜିର ଦିନରେ ଭାରତର ସମ୍ବିଧାନ ବିଶ୍ୱର ସର୍ବଦୀର୍ଘ, ସର୍ବୋତ୍ତମ ଏବଂ ସର୍ବଶ୍ରେଷ୍ଠ ସମ୍ବିଧାନର ମାନ୍ୟତା ପାଇଛି। ୧୯୫୦ ଜାନୁଆରୀ ୨୬ ରେ ଏହାକୁ ଦେଶରେ କାର୍ଯ୍ୟକାରୀ କରାଯାଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏଥିରେ ଦସ୍ତଖତ କରି ଏହାକୁ ଗୃହୀତ କରିଥିଲେ।

ପିଲାମାନେ ସାଧାରଣତନ୍ତ୍ର ଦିବସକୁ କେବଳ ବିଦ୍ୟାଳୟରେ ପାଳନ କରାଯାଉଥିବା ଏକ ଦିନଟିଏ ବୋଲି ଭାବିବ ନାହିଁ। ଏହି ଦିନନେ ସମାଜ ପ୍ରତି ତୁମର ଉତ୍ତରଦାୟିତ୍ୱ ରହିଛି।

– ଯଶସ୍ୱିନୀ ପଟ୍ଟନାୟକ
ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର–୮,
ସିଡିଏ, କଟକ


















# ଫାଇନାଲରେ ଓଡ଼ିଶା ଏଫ୍‌ସି



ମୁମ୍ବାଇ ସିଟି ଏଫ୍‌ସି ଖେଳାଳିଙ୍କ ଠାରୁ ବଲ୍ ଛଡାଇବାକୁ ପ୍ରୟାସ କରୁଛନ୍ତି ଡିଏଗୋ ମରିସିଓ(ମଝି)।

**ଭୁବନେଶ୍ୱର,୨୫।୧**
**(ସରୋଜ ଜେନା)**

ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ କଳିଙ୍ଗ ସୁପର୍ କପ୍ ଫାଇନାଲରେ ପ୍ରବେଶ କରିଛି ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଗୁରୁବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ମୁମ୍ବାଇ ସିଟି ଏଫ୍‌ସିକୁ ୧-୦ରେ ପରାସ୍ତ କରି କ୍ରମାଗତ ସଂସ୍କରଣର ଫାଇନାଲରେ ପ୍ରବେଶ କରିଛି ଓଏଫ୍‌ସି। ଫ୍ରି କିକ୍‌ରୁ ଡିଏଗୋ ମରିସିଓଙ୍କ ପ୍ରଥମ ହାଫ୍ ଗୋଲ୍ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା।

ଗୁରୁବାର ଉଭୟ ଦଳ ଆକ୍ରମଣାତ୍ମକ ଢଙ୍ଗରେ ଖେଳ ଆରମ୍ଭ କରିଥିଲେ। ତେବେ ଓଡ଼ିଶା ଖେଳାଳି ଆରମ୍ଭରୁ ବଲକୁ ନିୟନ୍ତ୍ରଣରେ ରଖିବାରେ ସଫଳ ହୋଇଥିଲେ। ପ୍ରଥମ ହାଫ୍‌ରେ ଉଭୟ ଦଳକୁ ଏକାଧିକ ସ୍କୋରିଂ ସୁଯୋଗ ମିଳିଥିଲା। ତେବେ ୪୩ ମିନିଟ ଯାଏ ମ୍ୟାଚ୍ ଗୋଲ ଶୂନ୍ୟ ରହିଥିଲା। ୪୩ ତମ ମିନିଟରେ ମୁମ୍ବାଇ ଅଧିନାୟକ ତଥା ଗୋଲକିପର ଫୁର୍ବା ଲାଚେମ୍ପାଙ୍କୁ ଫାଉଲ କାରଣରୁ ଓଏଫ୍‌ସିକୁ ଏକ ପେନାଲ୍ଟି କିକ୍ ମିଳିଥିଲା ଏହାକୁ ଗୋଲରେ ପରିଣତ କରି ଡିଏଗୋ ମରିସିଓ ଦଳକୁ ୧-୦ରେ ଆଗୁଆ କରିଥିଲେ।

ଦ୍ୱିତୀୟାର୍ଦ୍ଧରେ ମୁମ୍ବାଇ ସିଟି ପ୍ରତ୍ୟାବର୍ତ୍ତନର ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା।ଅନ୍ତିମ ୨୦ ମିନିଟ ମ୍ୟାଚ୍ ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଏହି ସମୟରେ ମୁମ୍ବାଇର ୩ ଜଣ ଖେଳାଳିଙ୍କୁ ରେଡ୍ କାର୍ଡ ମିଳିଥିଲା। ପ୍ରଥମ ହାଫ୍‌ରେ ଏକ ୟେଲୋ

**କଳିଙ୍ଗ ସୁପର୍ କପ୍**

କାର୍ଡ ପାଇଥିବା ଗୁରକୀରଟ ସିଂ ଦ୍ୱିତୀୟ ୟେଲୋ କାର୍ଡ ପାଇ ପଡିଆ ଛାଡିଥିବା ବେଳେ ଇଞ୍ଜୁରୀ ଟାଇମରେ ରଷ୍ଟିନ୍ ଗ୍ରିଫିଥ୍‌ସ ଓ ଜର୍ଜ ପେରେରା ଡିଆଜ୍‌ଙ୍କୁ ରେଡ କାର୍ଡ ମିଳିଥିଲା। କାର୍ଲୋସ ଡେଲଗାଡୋଙ୍କୁ ଫାଉଲ ମାରି ଗ୍ରିଫିଥ୍‌ସ ରେଡ୍ କାର୍ଡ ପାଇଥିଲେ। ଫାଇନାଲ ହୁଟର ବାଜିବା ସହ ଫାଇନାଲରେ ପହଞ୍ଚି ଯାଇଥିଲା ଓଡ଼ିଶା ଏଫ୍‌ସି। ଆଇଜାକ୍ ରାଲ୍‌ଟେଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଆଇଜାକ ଓ ଅହମଦ ଜାହୋହ ଓଏଫ୍‌ସି ପାଇଁ ଏକାଧିକ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ। ଆସନ୍ତା ୨୭ ତାରିଖରେ ଓଡ଼ିଶା ଓ ଇଷ୍ଟବେଙ୍ଗଲ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ।



ଗୁରୁବାର କଳିଙ୍ଗ ସୁପର କପ୍ ସେମିଫାଇନାଲରେ ଓଡ଼ିଶା ଏଫ୍‌ସିର ସମର୍ଥକ। **(ଫଟୋ: ବିକାଶ ନାୟକ)**

## ଅବସର ନେଇନାହାନ୍ତି ମେରିକମ୍

**ନୂଆଦିଲ୍ଲୀ, ୨୫।୧ (ପି.ଟି.)**



ଭାରତର ସେଲିବ୍ରିଟି ମହିଳା ବକ୍ସର ଏମ୍. ସି ମେରୀକମ୍ ଅବସର ଘୋଷଣା କରିଥିବା ବିଷୟ ସୋସିଆଲ ମିଡିଆରେ ଯେଉଁ ଖବର ପ୍ରକାଶ ପାଇଛି ସେ ତାହାକୁ ଖଣ୍ଡନ କରିଛନ୍ତି। ତାଙ୍କ ବକ୍ତବ୍ୟକୁ ଭୁଲ ଉପସ୍ଥାପନ କରାଯାଇଥିବା ସେ କହିଛନ୍ତି। ସେ ଏପର୍ଯ୍ୟନ୍ତ ଅବସର ନେବା କଥା ଚିନ୍ତା କରିନାହାନ୍ତି। ଏଭଳି କୌଣସି ଗୁରୁତ୍ୱପୂର୍ଣ୍ଣ ଘୋଷଣା ସେ ଖବରଦାତା ସମ୍ମିଳନୀ ଡକାଇ ବିଧିବଦ୍ଧ ଭାବେ ଘୋଷଣା କରିଥାନ୍ତେ। ୪୧ବର୍ଷୀୟ ମେରୀକମ୍ ହେଉଛନ୍ତି ୬ଥର ବିଶ୍ୱ ଚାମ୍ପିୟନ। ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ତାଙ୍କୁ ଶେଷ ଥର ଏକ ପ୍ରତିଯୋଗିତାରେ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ଦେଖିବାକୁ ମିଳିଥିଲା। ତେଣୁ ତାଙ୍କ ଅବସର ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ମଣିପୁରର ଏହି ଫ୍ଲାଇୱେଟ୍ ବକ୍ସର (୫୧କେଜି) କହିଛନ୍ତି ବୁଧବାର ସେ ଦିବ୍ରୁଗଡ଼ (ଆସାମ)ରେ ଏକ ସ୍କୁଲ ଇଭେଣ୍ଟରେ ଯୋଗ ଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ ପ୍ରେରଣା ଦାୟକ ଭାଷଣ ଦେଇଥିଲେ।

ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଆଇବିଏ) ନିୟମାନୁସାରେ ଏଲିଟ ସ୍ତରରେ ପୁରୁଷ ଓ ମହିଳା ବକ୍ସରମାନେ ୪୦ବର୍ଷ ବୟସ ପର୍ଯ୍ୟନ୍ତ ଭାଗ ନେଇପାରିବେ। ତାଙ୍କୁ ବର୍ତ୍ତମାନ ୪୧ ବର୍ଷ ବୟସ ହୋଇଥିବାରୁ ନିୟମ ଦୃଷ୍ଟିରୁ ସେ ଅଲିମ୍ପିକ୍ସରେ ଆଉ ଭାଗ ନେଇ ପାରିବେ ନାହିଁ। କିନ୍ତୁ ସେ ଏହି ବୟସରେ ନିଜକୁ ଅନଫିଟ୍ ମନେ କରୁ ନାହାନ୍ତି। କୌଣସି ପ୍ରତିଯୋଗିତାରେ ଭାଗ ନେବାର ସାମର୍ଥ୍ୟ ଏବେ ସୁଦ୍ଧା ତାଙ୍କ ନିକଟରେ ରହିଛି। ସୂଚନାଯୋଗ୍ୟ, ମେରୀ କମ୍ ଟୋକିଓ ଅଲିମ୍ପିକ୍ସ ପ୍ରି କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ପରେ ସେ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିବା ଲାଗି ଟ୍ରାଏଲ୍ସରେ ଭାଗ ନେଇଥିଲେ। ମାତ୍ର ସିଲେକ୍ସନ ବାଉଟ ବେଳେ ସେ ଆଘାତପ୍ରାପ୍ତ ହୋଇଥିଲେ। ତାଙ୍କର ଅସ୍ତ୍ରୋପଚାର ଆବଶ୍ୟକ ପଡ଼ିଥିଲା। ଏବେ ମେରୀକମ୍‌ଙ୍କୁ ଏବେ ପ୍ରଶାସନିକ ଭୂମିକାରେ ଦେଖିବାକୁ ମିଳୁଛି। ଭାରତ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ମୁଖ୍ୟ ବ୍ରିଜ ଭୂଷଣ ଶରଣଙ୍କ ବିରୋଧରେ ଆଗତ ଯୌନ ଶୋଷଣ ମାମଲାର ତଦନ୍ତ ପାଇଁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ତାଙ୍କୁ ଏକ ନିରୀକ୍ଷଣ କମିଟିର ମୁଖ୍ୟ ଭାବେ ନିଯୁକ୍ତି ଦେଇଥିଲା।

## ସେନ୍, ରାଜାୱତ ପରାସ୍ତ

**ଜାକର୍ତ୍ତା, ୨୫।୧ (ପି.ଟି.):** ଭାରତର ଲକ୍ଷ ସେନ୍ ଓ ପ୍ରିୟାଂଶ ରାଜାୱତ ସେମାନଙ୍କ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚରେ ସିଧାସଳଖ ଗେମ୍‌ରେ ପରାଜିତ ହୋଇ ଏଠାରେ ଚାଲିଥିବା ଇଣ୍ଡୋନେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସରୁ ବିଦାୟ ନେଇଛନ୍ତି। ତେବେ ଏହି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୫୦୦ ଟୁର୍ଣ୍ଣାମେଣ୍ଟରେ କିରଣ ଜର୍ଜ ଏକମାତ୍ର ଭାରତୀୟ ଭାବେ ତିଷ୍ଠି ରହିଛନ୍ତି। ଚାଇନାର ଲୁ ଗୁଆଙ୍ଗ ଜୁଙ୍କ ବିପକ୍ଷରେ ୨୧-୧୧, ୧୩-୨୧, ୨୧-୧୮ରେ ବିଜୟ ହାସଲ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଜର୍ଜ ଓପନିଂ ରାଉଣ୍ଡରେ ଫ୍ରାନ୍ସର ଟୋମା ଜୁନିୟର ପୋପୋଭଙ୍କୁ ୧୮-୨୧, ୨୧-୧୬, ୨୧-୧୯ରେ ହରାଇ ଦେଇଥିଲେ।

## ଏମ୍ଏମ୍‌ସିସି ଫାଇନାଲରେ

**ସୋନପୁର,୨୫।୧**
**(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଜିଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଚାଲିଥିବା ୩୫ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଗୁରୁବାର ପଞ୍ଚମ ଦିବସରେ ଏମ୍ଏମ୍‌ସିସି ସମ୍ବଲପୁର ଓ ଏସଓସି ବାଷ୍ଟର ଆସାନସୋଲ, ପଶ୍ଚିମବଙ୍ଗ ବିଜୟୀ ହୋଇଛନ୍ତି। ବର୍ଷା ଓ କୋହଲା ପାଗ ଯୋଗୁଁ ବୁଧବାର ବାତିଲ ହୋଇଥିବା ପ୍ରଥମ ସେମିଫାଇନାଲ ମାଚ୍ ଗୁରୁବାର ଖେଳା ଯାଇଥିଲା। ଏହି ମାଚ୍ ୧୮ ଓଭର ବିଶିଷ୍ଟ ଥିଲା। ଏଥିରେ ନାଗପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭର ଶେଷ ସୁଦ୍ଧା ୯ ଉଇକେଟ୍ ବିନିମୟରେ ମାତ୍ର ୯୯ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରୋହିତ ଗୁପ୍ତା ୪୧ ରନ ଓ ମନିଷ ପଟେଲ ୨୮ ରନ କରିଥିଲେ। ସମ୍ବଲପୁର ପକ୍ଷରୁ ପାର୍ଥ ବଶିଷ୍ଠ ୩ ଉଇକେଟ୍ ଓ ରଜତ ଶର୍ମା ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ସମ୍ବଲପୁର ଦଳ ରମଣ କୁମାରଙ୍କ ଅପରାଜିତ ୮୫ରନ ସହାୟତାରେ ୧୦୦ରନର ବିଜୟ ଲକ୍ଷ୍ୟକୁ କୌଣସି ଉଇକେଟ୍ ନ ହରାଇ ୧୦ ଓଭର ମଧ୍ୟରେ ହାସଲ କରିଥିଲା। ରମଣ କୁମାରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍ ବିରାଟ ଏକାଡେମୀ କଲିକତା ଓ ଏସଓସି ବାଷ୍ଟର ଆସାନସୋନ ମଧ୍ୟରେ ଖେଳା ଯାଇଥିଲା। ବିରାଟ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୧୪ ରନ

**ସର୍ବଭାରତୀୟ ଲାଲମନି କ୍ରିକେଟ୍**



ରମଣ କୁମାରଙ୍କୁ ପ୍ଲେୟର୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

କରିଥିଲେ। ଦଳ ପକ୍ଷରୁ ରବିନ ସିଂ ସର୍ବାଧିକ ୩୫ରନ କରିଥିଲେ। ଆସନସୋଲର ମିଥୁନ ମୁଖାର୍ଜୀ, ଆଦିତ୍ୟ ରାଜ ଓ ଅଜୟ ସୋନୁତି ଦୁଇଟି ଲେଖାଏ ଉଇକେଟ୍ ନେଇଥିଲେ। ୧୧୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଏସଓସି ବାଷ୍ଟର ଦଳ ସଚିନ ମିଶ୍ରଙ୍କ ୩୩ ରନ ସହାୟତାରେ ୧୬.୩ ଓଭରରେ ୫ ଉଇକେଟ ବିନିମୟରେ ଲକ୍ଷ୍ୟ ହାସଲ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ବିରାଟ ଏକାଡେମୀ ପକ୍ଷରୁ ସୁଧୀର ରାୟ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଆଦିତ୍ୟ ରାଜଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରା ଯାଇଥିଲା। ଇଣ୍ଡିଆନ ବ୍ୟାଙ୍କ୍ ସୋନପୁର ଶାଖା ପରିଚାଳକ ସମୀର ପଟେଲ ଅତିଥି ଭାବରେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଇନିଂସ ବିଜୟ ପଥରେ ଭାରତ 'ଏ'

**ଅହମଦାବାଦ, ୨୫।୧ (ପି.ଟି.):** ମୁମ୍ବାଇର ରନ୍ ମେସିନ ସର୍ଫରାଜ ଖାନ୍‌ଙ୍କ ୧୬୧ ରନ ଯୋଗୁ ଏଠାରେ ଚାଲିଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନ୍ ଅଫିସିଆଲ ଟେଷ୍ଟ ମ୍ୟାଚରେ ଭାରତ ଏ' ପାଇଁ ଇନିଂସ ବିଜୟ ସୁଯୋଗ ସୃଷ୍ଟି ହୋଇଛି। ପ୍ରଥମ ଦିନର ଅସମାପ୍ତ ସ୍କୋରରୁ ଆରମ୍ଭ କରି ଭାରତ 'ଏ' ମୋଟ ୪୮୯ ରନ ସଂଗ୍ରହ କରି ବିପୁଳ ୩୩୭ ରନର ଅଗ୍ରଣୀ ଲାଭ କରିଛି। ଅଭିମନ୍ୟୁ ଇଶ୍ୱରନ (୫୮) ଏବଂ ବାମହାତି ଦେବଦତ୍ତ ପଡିକଲ (୧୦୫) ଓପନିଂ ପାର୍ଟନରଶିପ୍‌ରେ ୧୬୨ ରନ ଯୋଗ କରିଥିଲେ। ବିପକ୍ଷ ଦଳର ଶ୍ରେଷ୍ଠ ବୋଲର ମାଥ୍ୟୁ ପଟ୍ସ (୬/୧୨୫) ନେଇଥିଲେ। ଏହି ଡାହାଣହାତି ସିମର ପୂର୍ବରୁ ଇଂଲଣ୍ଡ ସିନିୟର ଦଳ ତରଫରୁ ଖେଳି ସାରିଛନ୍ତି। ସର୍ଫରାଜ ୬ଷ୍ଠ ଉଇକେଟରେ ୱାଶିଂଟନ ସୁନ୍ଦର (୫୭)ଙ୍କ ସହ ୧୬୯ ରନ ଏବଂ ସ୍ପିନର ସୌରଭ କୁମାର (୭୭)ଙ୍କ ସହ ୭ମ ଉଇକେଟରେ ୯୬ ରନ ଯୋଗ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ଲାୟନ୍ସ : ୧୫୨
ଭାରତ 'ଏ': ୪୮୯ (ସର୍ଫରାଜ ଖାନ୍-୧୬୧, ଦେବଦତ୍ତ ପଡିକଲ-୧୦୫, ଅଭିମନ୍ୟୁ ଇଶ୍ୱରନ-୫୮, ୱାଶିଂଟନ ସୁନ୍ଦର-୫୭, ସୌରଭ କୁମାର-୭୭, ମାଥ୍ୟୁ ପଟ୍ସ-୬/୧୨୫)।

## ଆର୍ଯ୍ୟନ୍ ବେହେରାଙ୍କୁ ହାଉସ୍ ଅଫ୍ ବ୍ଲିଜ୍ ଟାଇଟଲ

**ଭୁବନେଶ୍ୱର,୨୫।୧**
**(ସରୋଜ ଜେନା)**

**ଚେସ୍ ରିପବ୍ଲିକ୍ ପ୍ରୋଟେସ୍ଟା**

ରାଜ୍ୟରେ ଚେସ୍‌ର ପ୍ରଚାର ପ୍ରସାର ପାଇଁ ସାଧାରଣତନ୍ତ୍ର ଦିବସ ଅବସରରେ ଚେସ୍ ରିପବ୍ଲିକ୍ ପ୍ରୋଟେସ୍ଟା ଆରମ୍ଭ ହୋଇଛି। ରାଜ୍ୟର ଉଦୀୟମାନ ଚେସ୍ ଖେଳାଳିଙ୍କ ପାଇଁଏକ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ହାଉସ୍ ଅଫ୍ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ୨ ଦିନିଆ ପ୍ରଶିକ୍ଷଣ ଶିବିରରେ ଆଇଏମ୍ ଏସ୍. ସତ୍ୟପ୍ରଜ୍ଞ ଓ କେ. ଭେନୁଗୋପାଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଓ ଇନ୍ ହାଉସ୍ କୋଚ୍ ରାଜେନ୍ଦ୍ର କୁମାର ସାହୁ ଖେଳାଳିଙ୍କ ସହ ନିଜ ଅଭିଜ୍ଞତା ଶେୟାର କରିଥିଲେ। ଗୁରୁବାର ଏକ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ୭୪ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟଟି ୧୧ ରାଉଣ୍ଡ ବିଶିଷ୍ଟ ରହିଥିଲା। ଯାଜପୁରର ଆର୍ଯ୍ୟନ ବେହେରା ୧୧ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ରହିଥିଲେ। ସ୍ୱସ୍ତିକ ଶୁଭମ ପଟ୍ଟନାୟକ ୮.୫ ପଏଣ୍ଟ ସହ ଦ୍ୱିତୀୟ ଓ ଶ୍ରୀହନ ସାବତ ୮ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଟପ୍-୨୦ ଖେଳାଳି ଜିଏମ୍ କେ. ଶଶୀକରଣଙ୍କ ସହିତ ମ୍ୟାଚ ଖେଳିବାର ସୁଯୋଗ ପାଇବେ।



ହାଉସ୍ ଅଫ୍ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟର ମ୍ୟାଚ୍।

## ଡବଲ୍ସ ଫାଇନାଲରେ ବୋପାନ୍ନା-ଏବ୍‌ଡେନ

**ମେଲବୋର୍ନ,୨୫।୧(ପି.ଟି.)**

ଅଷ୍ଟ୍ରେଲିଆନ ଓପନ ପୁରୁଷ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ରୋହନ ବୋପାନ୍ନା । ବୁଧବାର ବିଶ୍ୱର ବୟସ୍କ ଖେଳାଳି ଭାବେ ନମ୍ବର ୱାନ ହେବାର ଗୌରବ ହାସଲ କରିଥିବା ବୋପାନ୍ନା ଅଷ୍ଟ୍ରେଲିଆର ମାଥ୍ୟୁ ଏବ୍‌ଡେନଙ୍କୁ ସାଥୀ କରି ଅଣସିଡେଡ୍ ଟୋମାସ ମାକହାକ ଓ ଝିଝେନ୍ ଝାଙ୍ଗଙ୍କୁ ୬-୩, ୩-୬, ୭-୬(୧୦-୭) ସେଟ୍‌ରେ ପରାସ୍ତ କରିଛନ୍ତି। ୨ ଘଣ୍ଟା ୨ ମିନିଟ ଧରି ଏହି ମ୍ୟାଚ୍‌ଟି ଖେଳା ଯାଇଥିଲା। ପ୍ରଥମ ସେଟ୍‌ରେ ବୋପାନ୍ନା-ଏବ୍‌ଡେନ ସହଜ ବିଜୟ ହାସଲ କରିଥିଲେ। ତେବେ ଟୋମାସ ମାକହାକ ଓ ଝିଝେନ୍ ଝାଙ୍ଗ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ସେଟ୍‌କୁ ଜିତି ନେଇଥିଲେ। ନିର୍ଣ୍ଣାୟକ ତୃତୀୟ ସେଟ୍‌ରେ କେହି କାହାରିକୁ ଛାଡିବାକୁ ପ୍ରସ୍ତୁତ ନ ଥିଲେ। ତେବେ ଅଭିଜ୍ଞତାର ଫାଇଦା ଉଠାଇ ବୋପାନ୍ନା-ଏବ୍‌ଡେନ ଏହି ମ୍ୟାଚ୍‌କୁ ଟାଇବ୍ରେକରରେ ଜିତି ନେଇଥିଲେ। ଏହା ସହ କ୍ୟାରିୟରର ପ୍ରଥମ ଡବଲ୍ସ ଗ୍ରାଣ୍ଡସ୍ଲାମରୁ ଆଉ ପାଦେ ଦୂରରେ ରହିଛନ୍ତି ବୋପାନ୍ନା। ସେ ୨୦୧୦ ଓ ୨୦୨୩ରେ ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ। ଶନିବାର ହେବାକୁ ଥିବା ଫାଇନାଲ ମ୍ୟାଚ୍‌ରେ ବୋପାନ୍ନା-ଏବ୍‌ଡେନ ସିମୋନ ବୋଲେଲି ଓ ଆନ୍ଦ୍ରେ ଭାଭାସୋରିଙ୍କୁ ଭେଟିବେ। ଦ୍ୱିତୀୟ ସେମିଫାଇନାଲରେ ଏହି ଇଟାଲିଆନ୍ ଯୋଡି ୟାନିକ୍ ହାନ୍ଫମାନ ଓ ଡୋମିନିକ୍ କୋପରଙ୍କ ଯୋଡିକୁ ୬-୩, ୩-୬ ଓ ୭-୬(୫)ରେ ପରାସ୍ତ କରିଥିଲେ। ସୋମବାରରୁ ପୁରୁଷ ଡବଲ୍ସରେ ଏକ ନମ୍ବର ଖେଳାଳି ହେବାକୁ ଯାଉଥିବା ବୋପାନ୍ନା ଚତୁର୍ଥ ଭାରତୀୟ ଭାବରେ ସେ ଏହି ମାଇଲଖୁଣ୍ଟ ହାସଲ କରିବେ। ପୂର୍ବରୁ ଲିଆଣ୍ଡର ପେସ୍, ମହେଶ ଭୂପତି ଓ ସାନିଆ ମିର୍ଜାଙ୍କ ପରେ ସେ ଏଭଳି କୃତିତ୍ୱ ହାସଲ କରିଛନ୍ତି।

ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲ ମୁକାବିଲାରେ ପହଞ୍ଚିଛନ୍ତି ଡିଫେଣ୍ଡିଂ ଚାମ୍ପିୟନ ଆରିନା ସାବାଲେଙ୍କା ଓ କ୍ୱିନୱେନ୍ ଝେଙ୍ଗ। ଡିଫେଣ୍ଡିଂ ଚାମ୍ପିୟନ ସାବାଲେଙ୍କା ଗୁରୁବାର ୟୁଏସ୍ ଓପନ ଚାମ୍ପିୟନ କୋକୋ ଗଫ୍‌ଙ୍କୁ ୭-୬(୭-୨) ଓ ୬-୪ ସେଟ୍‌ରେ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲେ। ଏହା ସହିତ ୨୦୨୩ ୟୁଏସ୍ ଓପନ ଫାଇନାଲର ମଧୁର ପ୍ରତିଶୋଧ ନେଇଥିଲେ ସାବାଲେଙ୍କା। ରଡ୍ ଲାଭେର ଆରେନାରେ ଖେଳା ଯାଇଥିବା ଏହି ମ୍ୟାଚରେ ଆରମ୍ଭରୁ ସାବାଲେଙ୍କା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ୫-୨ରେ ଆଗୁଆ ରହିଥିବା ବେଳେ ସହଜରେ ପ୍ରଥମ ସେଟ୍ ଜିତିବା ନେଇ ଆଶା



ପୁରୁଷ ଡବଲ୍ସ ସେମିଫାଇନାଲ ମ୍ୟାଚ୍‌ରେ ରୋହନ୍ ବୋପାନ୍ନା ଓ ମାଥ୍ୟୁ ଏବଡେନ୍।

**ଅଷ୍ଟ୍ରେଲିଆନ ଓପନ**

କରାଯାଉଥିଲା। ତେବେ କୋକୋ ଗଫ୍ ଚମତ୍କାର ପ୍ରତ୍ୟାବର୍ତ୍ତନ କରିବା ସହିତ ମ୍ୟାଚ୍‌କୁ ୬-୬ ସ୍ଥିତିକୁ ନେଇ ଆସିଥିଲେ। ମ୍ୟାଚ ଟାଇବ୍ରେକରକୁ ଯାଇଥିବା ବେଳେ ଅଭିଜ୍ଞତାର ଉପଯୋଗ କରି ସାବାଲେଙ୍କା ଜିତି ନେଇଥିଲେ। ଦ୍ୱିତୀୟ ସେଟ୍ କଡା ସଂଘର୍ଷପୂର୍ଣ୍ଣ ରହିଥିଲା। ମାତ୍ର ନବମ ଗେମ୍‌ରେ ଗଫ୍‌ଙ୍କ ସର୍ଭିସ୍ ବ୍ରେକ୍ କରିବା ସହ ସାବାଲେଙ୍କା ୬-୪ରେ ଏହି ସେଟ୍‌କୁ ଜିତି ନେଇଥିଲେ। ଦ୍ୱିତୀୟ ସେମିଫାଇନାଲରେ ୧୨ ନମ୍ବର ସିଡ୍ କ୍ୱିନୱେନ୍ ଝେଙ୍ଗ ଓ ୯୩ ନମ୍ବର ସିଡ୍ ଦାୟନା ୟାସ୍ତ୍ରେମସ୍କା ପରସ୍ପରକୁ ଭେଟିଥିଲେ। ଉଭୟ ଖେଳାଳି ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ସେମିରେ ପ୍ରବେଶ କରିଥିଲେ। ତେବେ ୬-୪, ୬-୪ରେ ୟାସ୍ତ୍ରେମସ୍କାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ ଝେଙ୍ଗ। ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ସେମିଫାଇନାଲ ଖେଳୁଥିବା ୟାସ୍ତ୍ରେମସ୍କା ନର୍ଭସ ରହିଥିବା ବେଳେ ଉଭୟ ସେଟ୍‌ରେ ଝେଙ୍ଗ ତାଙ୍କ ସର୍ଭିସ୍ ବ୍ରେକ କରିବାରେ ସକ୍ଷମ ହୋଇଥିଲେ। ଏହା ସହ ୟାସ୍ତ୍ରେମସ୍କା ୫ଟି ଡବଲ ଫଲ୍ଟ କରିଥିଲେ। ଶନିବାର ରଡ୍ ଲାଭେର ଆରେନାରେ ଆରିନା ସାବାଲେଙ୍କା ଓ କ୍ୱିନୱେନ୍ ଝେଙ୍ଗଙ୍କ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨୬/୨୦୨୪ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Friday, January 26/2024 Page 20 ₹ 7.00

# କାନାଡା ନିର୍ବାଚନରେ ଭାରତର ହସ୍ତକ୍ଷେପ

## ତଦନ୍ତ ବ୍ୟାପକ କଲେ ଟ୍ରୁଡୋ

ନୂଆଦିଲ୍ଲୀ,୨୫।୧

ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜର ହତ୍ୟା ଘଟଣାକୁ ନେଇ ଗତ କିଛି ମାସ ହେଲା ଭାରତ ଏବଂ କାନାଡା ମଧ୍ୟରେ କୂଟନୈତିକ ବିବାଦ ଲାଗିରହିଥିବାବେଳେ ୨୦୧୯ ଏବଂ ୨୦୨୧ରେ ହୋଇଥିବା କାନାଡା ସାଧାରଣ ନିର୍ବାଚନରେ ଭାରତ ହସ୍ତକ୍ଷେପ କରିଥିବା ଅଭିଯୋଗ ହୋଇଛି। କାନାଡା ସରକାର ଏହାର ତଦନ୍ତକୁ ବ୍ୟାପକ କରିବେ ବୋଲି କହିଛନ୍ତି। ଗୋଇନ୍ଦା ରିପୋର୍ଟ ଗଣମାଧ୍ୟମରେ ପ୍ରଘଟ ହେବା ପରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ବୋଲି ଗତବର୍ଷ ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା। କାନାଡା ନିର୍ବାଚନରେ ଚାଇନା ହସ୍ତକ୍ଷେପ କରି ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସରକାର ପ୍ରତି ସମ୍ବେଦନଶୀଳ ପ୍ରାର୍ଥୀମାନଙ୍କୁ ସମର୍ଥନ କରୁଥିବା ଉକ୍ତ ଡକ୍ୟୁମେଣ୍ଟରେ ଅଭିଯୋଗ ହୋଇଥିଲା। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରଙ୍କୁ ତଦନ୍ତ ପରିସରକୁ ଅଣାଯିବ ବୋଲି ତଦନ୍ତ କମିଶନ ବୁଧବାର ସ୍ପଷ୍ଟ କରିଛନ୍ତି। କାନାଡା ସାଧାରଣ ନିର୍ବାଚନରେ


ଜଷ୍ଟିନ୍ ଟ୍ରୁଡୋ

ବିଦେଶୀ ଶକ୍ତିର ହସ୍ତକ୍ଷେପର ତଦନ୍ତ ପାଇଁ ସଂଘୀୟ କମିଶନ ନିଯୁକ୍ତ କରାଯାଇଥିବା ଗ୍ଲୋବାଲ ନ୍ୟୁଜ୍‌ରେ ଖବର ପ୍ରକାଶ ପାଇଛି। ନିର୍ବାଚନରେ ଭାରତ ହସ୍ତକ୍ଷେପ କରିଥିଲା କି ନାହିଁ ଏବଂ ଦୁଇଟି ନିର୍ବାଚନର ବାଲଟକୁ ପ୍ରଭାବିତ କରିବାରେ ନୂଆଦିଲ୍ଲୀର କୌଣସି ଭୂମିକା ଥିଲା କି ନାହିଁ, ତାହାର ତଦନ୍ତ ହେବ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ଅଭିଯୋଗ ସମ୍ପର୍କରେ କମିଶନ ସଂଘୀୟ ସରକାରଙ୍କୁ ଦସ୍ତାବିଜ୍ ଦାଖଲ କରିବାକୁ କହିଛନ୍ତି। ଆସନ୍ତା ୨୯ ତାରିଖରୁ କମିଶନ ପ୍ରାରମ୍ଭିକ ଶୁଣାଣି ଆରମ୍ଭ କରିବେ। ରାଷ୍ଟ୍ରୀୟ ସୁରକ୍ଷା ତଥ୍ୟ ଓ ଗୋଇନ୍ଦା ସୂଚନା ସର୍ବସାଧାରଣରେ ପ୍ରଘଟକୁ ନେଇ ରହିଥିବା ଚ୍ୟାଲେଞ୍ଜ ଓ ସୀମାକୁ ମଧ୍ୟ କମିଶନ ଅନୁଧ୍ୟାନ କରିବେ। କମିଶନଙ୍କ ☞ପୃଷ୍ଠା–୪

# ୩ରେ ଓଡ଼ିଶା ଆସିବେ ମୋଦି

**ଭୁବନେଶ୍ୱର,୨୫।୧(ଅନିଲ ଦାସ)**

ଆସନ୍ତା ଫେବୃଆରୀ ୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ସେ ଆଇଆଇଏମ୍ ସମ୍ବଲପୁରର ସମାବର୍ତ୍ତନ ଉତ୍ସବରେ ଯୋଗ ଦେବେ। ଆଇଆଇଏମ୍ କାର୍ଯ୍ୟକ୍ରମ ସହ କିଛି ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ଏହାସହିତ ସେ ସାଧାରଣ ସଭାରେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀଙ୍କ ଦଳୀୟ କାର୍ଯ୍ୟକ୍ରମ ନେଇ ସବିଶେଷ ତଥ୍ୟ ଦିଆଯିବ ବୋଲି ସେ କହିଛନ୍ତି।

# ଗୋପୀନାଥ, ଭାଗବତଙ୍କୁ ପଦ୍ମଶ୍ରୀ

## ୩୪ଜଣଙ୍କ ମଧ୍ୟରେ ୨ ଓଡ଼ିଆ


ଗୋପୀନାଥ ସ୍ୱାଇଁ


ଭାଗବତ ପ୍ରଧାନ

**ଭୁବନେଶ୍ୱର,୨୫।୧ (ଶର୍ମିଷ୍ଠା ପାଣିଗ୍ରାହୀ)**

୭୫ତମ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଗୁରୁବାର ଭାରତ ସରକାରଙ୍କ ପକ୍ଷରୁ ମର୍ଯ୍ୟାଦାଜନକ ପଦ୍ମ ପୁରସ୍କାର ଘୋଷଣା କରାଯାଇଛି। ଏଥର ୩୪ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିବ। ଏମାନଙ୍କ ମଧ୍ୟରେ ଓଡ଼ିଶାରୁ ଲୋକକଳା କ୍ଷେତ୍ରରେ ୨ବରିଷ୍ଠ ଗୁରୁ ରହିଛନ୍ତି। କୃଷ୍ଣଲୀଳାର ସଙ୍ଗୀତକାର ଗୁରୁ ଗୋପୀନାଥ ସ୍ୱାଇଁ ଓ ବରଗଡ଼ର ଶବ୍ଦ ନୃତ୍ୟ ଶିଳ୍ପୀ ଗୁରୁ ଭାଗବତ ପ୍ରଧାନ 'ପଦ୍ମଶ୍ରୀ' ପାଇବାକୁ ମନୋନୀତ ହୋଇଛନ୍ତି। ଲୋକକଳାର ☞ପୃଷ୍ଠା–୪

# ୨୭ରେ ସ୍କୁଲ, କଲେଜ ଛୁଟି

## ସମଲେଇ ପ୍ରକଳ୍ପର ଲୋକାର୍ପଣ

**ଭୁବନେଶ୍ୱର,୨୫।୧(ଅନିଲ ଦାସ)**

ଓଡ଼ିଶାର ପ୍ରମୁଖ ଶକ୍ତିପୀଠ ତଥା ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠର ବିକାଶ ପାଇଁ କରାଯାଇଥିବା ସମଲେଇ ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଜାନୁୟାରୀ ୨୭ରେ ଅନୁଷ୍ଠିତ ହେବ। ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ଦୃଷ୍ଟିରେ ରଖି ଆସନ୍ତା ୨୭ ତାରିଖ ରାଜ୍ୟର ସମସ୍ତ ସ୍କୁଲ ଓ କଲେଜ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ସେହି ଦିନ ଚତୁର୍ଥ ଶନିବାର ଯୋଗୁ ସମସ୍ତ ସରକାରୀ ଅଫିସ ମଧ୍ୟ ବନ୍ଦ ରହୁଛି। କାର୍ଯ୍ୟକ୍ରମରେ ଭକ୍ତମାନେ ଯୋଗଦେଇ ପାରିବେ।

DSPL - 581

Chilika
ODISHA
INDIA'S BEST KEPT SECRET.
OTDC

ଚତୁର୍ଥ ଜାତୀୟ
ଚିଲିକା
ବିହଙ୍ଗ ଉତ୍ସବ
୨୭ ରୁ ୨୯ ଜାନୁୟାରୀ ୨୦୨୪

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା
ଶୁଭ ଉଦ୍‌ଘାଟନ
ଲୋକସେବା ଭବନ, ଭୁବନେଶ୍ୱର
୨୭ ଜାନୁୟାରୀ ୨୦୨୪



ପ୍ରମୁଖ କାର୍ଯ୍ୟକ୍ରମ
- ଗାଇଡ୍‌ଙ୍କ ସହ ବିହଙ୍ଗ ପ୍ରଦର୍ଶନ ଓ ଭ୍ରମଣ
- ଏକ୍ସପର୍ଟଙ୍କ ସହ ଆଲୋଚନା ଓ କର୍ମଶାଳା
- ସଂରକ୍ଷଣ ପଦକ୍ଷେପ

4TH NATIONAL CHILIKA BIRDS FESTIVAL

ଅନ୍ୟାନ୍ୟ କାର୍ଯ୍ୟକ୍ରମ

| | | |
|---|---|---|
| କନ୍‌କ୍ଲେଭ | ଓଡ଼ିଶା ବାର୍ଡ ୱାଚର୍ ନନ୍ଦନକାନନ | ୨୬ ଜାନୁୟାରୀ |
| ବାର୍ଡ ୱାକ୍ସ | ନନ୍ଦନକାନନ ଏକାମ୍ର କାନନ | ୨୬ ରୁ ୨୮ ଜାନୁୟାରୀ |
| ଲେକ୍‌ଚର ୱାକ୍ | ନନ୍ଦନକାନନ କାଞ୍ଜିଆ ଲେକ୍ | ୨୯ ଜାନୁୟାରୀ |

OIPR-37001/13/0057/2324

DADLS-92



सत्यमेव जयते

ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ – ୨୦୨୪ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ, ଅଗ୍ରଣୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଅବସରରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି।

(ରଘୁବର ଦାସ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

ଓଡ଼ିଶା ସରକାର

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଆସନ୍ତୁ, ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା, ରୂପାନ୍ତରିତ ଓଡ଼ିଶା ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ–୨୦୨୪ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଏହି ପୁଣ୍ୟତିଥିରେ ଅଗଣିତ ସ୍ୱାଧୀନତା ସଂଗ୍ରାମୀ, ଦେଶଭକ୍ତମାନଙ୍କର ଅସୀମ ତ୍ୟାଗ, ତପସ୍ୟା ଓ ବଳିଦାନକୁ ସସମ୍ମାନେ ସ୍ମରଣ କରିବା ସହ ଆମ ସମ୍ବିଧାନର ମହାନ୍ ଉଦ୍ଦେଶ୍ୟ ଏବଂ ମୂଲ୍ୟବୋଧ ପ୍ରତି ବିଶ୍ୱାସ ରଖି ଏକ ସଶକ୍ତ, ସମୃଦ୍ଧ ଏବଂ ସ୍ୱାଭିମାନୀ ଓଡ଼ିଶା ଗଠନ ପାଇଁ ସମ୍ମିଳିତ ଭାବେ କଠିନ ପରିଶ୍ରମ କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0289/2324

# ଲିଙ୍ଗଗତ ଅସମାନତା ଦୂର ପାଇଁ ବେଦାନ୍ତର ପ୍ରୟାସ




ଭୁବନେଶ୍ୱର,୨୫।୧

ବେଦାନ୍ତ ଆଲୁମିନିୟମ ପକ୍ଷରୁ ରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ୟୁନିଟ୍‌ଗୁଡ଼ିକରେ ମଧ୍ୟ ରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ ପାଳନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଭାରତର ବୃହତ୍ ଆଲୁମିନିୟମ ଉତ୍ପାଦକ ଗ୍ରାମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼ଠାରେ କାର୍ଯ୍ୟ କରୁଥିବା ଅଞ୍ଚଳଗୁଡ଼ିକରେ ବାଳିକା ଓ କନ୍ୟା ସନ୍ତାନଙ୍କ ସଶକ୍ତୀକରଣ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ସାଙ୍ଗକୁ କମ୍ପାନୀ ତା'ର ପ୍ରତିଶ୍ରୁତିକୁ ଦୋହରାଇଛି। ଏପରିକି ଉନ୍ନତ ଶିକ୍ଷା ସହ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା, ଶିଶୁମାନଙ୍କ ପୁଷ୍ଟିହୀନତା ଦୂରକରିବା ଓ ଦକ୍ଷତା ବିକାଶ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବା ଆଦି ଉପରେ କମ୍ପାନୀ ବହୁ ପଦକ୍ଷେପ ଗ୍ରହଣ କରିଛି। ବିଶେଷକରି ସମାଜରେ ଲିଙ୍ଗଗତ ପାର୍ଥକ୍ୟ ଦୂରକରିବା ପାଇଁ କମ୍ପାନୀ ଚେଷ୍ଟା ବ୍ୟାପକ ପରିମାଣରେ କରୁଛି। ଚଳିତ ବର୍ଷ କାର୍ଯ୍ୟକ୍ରମର ଏକ ଅଂଶ ଭାବେ କମ୍ପାନୀ ଯୁବତୀଙ୍କ ମଧ୍ୟରେ ଆର୍ଥିକ ସ୍ୱାଧୀନତା ସୃଷ୍ଟି କରିବା ତଥା ଲିଙ୍ଗଗତ ପାର୍ଥକ୍ୟକୁ ଦୂରକରିବା ଲାଗି ପ୍ରୟାସ କରୁଛି।

ବେଦାନ୍ତ ଲିମିଟେଡ୍‌ର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ବାଳିକାମାନେ ସମାଜର ପ୍ରକୃତ ସମ୍ପତ୍ତି ହୋଇଥିଲାବେଳେ ସେମାନଙ୍କ ବିକାଶ ଆମ ପରିବାର ଓ ସମାଜର ଦାୟିତ୍ୱ। ଏପରିକି ସେମାନଙ୍କ ପାଇଁ ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ସୁବିଧା ପ୍ରଦାନ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଆମେ କେବଳ ଦୃଢ଼ ସ୍ଥାୟୀ ଶିଳ୍ପ ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ ନୁହେଁ, ଦୃଢ଼ ତଥା ସଶକ୍ତ ମହିଳା ସମାଜ ଗଠନ ପାଇଁ ମଧ୍ୟ ଆମେ ସର୍ବଦା ସମର୍ଥନ କରିଆସୁଛୁ।

# ଭଦ୍ରକରେ ତନିସ୍କର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍




ଭୁବନେଶ୍ୱର,୨୫।୧ (ଅଭୟ ଦାଶ)

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ଟାଟା ଗ୍ରୁପ୍‌ର ପ୍ରମୁଖ କମ୍ପାନୀ (ଅଳଙ୍କାର ରିଟେଲ ଚେନ୍) 'ତନିସ୍କ'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଗୁରୁବାର ଭଦ୍ରକର ଛାପୁଲିଆ ବାଇପାସ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ତନିସ୍କର ପୂର୍ବାଞ୍ଚଳ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ସୋମପ୍ରଭ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତନିସ୍କର ପୂର୍ବାଞ୍ଚଳ ଆଞ୍ଚଳିକ ବ୍ୟବସାୟ ପ୍ରବନ୍ଧକ ଆଲୋକ ରଞ୍ଜନଙ୍କ ସମେତ ତନିସ୍କର ଭଦ୍ରକ ଷ୍ଟୋରର ସ୍ୱତ୍ୱାଧିକାରୀ (ବ୍ୟବସାୟୀ ସହଯୋଗୀ) ଅବିନାଶ ଖେମ୍‌କା ଏବଂ ଖେମ୍‌କା ପରିବାରବୃନ୍ଦ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏପରିକି ୫୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ବ୍ରାଣ୍ଡର ପ୍ରମୁଖ ଅଳଙ୍କାର ଯଥା ଧରୋହର, ରିଭାହ, ଷ୍ଟ୍ରିଙ୍ଗ୍ ଇଟ୍ ଏବଂ ଦିବ୍ୟାନୀ ଓ ମିଆ ଭଳି ଡିଜାଇନ ସାଙ୍ଗକୁ ସୁନା,ହୀରା, କୁନ୍ଦନ ଓ ପୋଲକି ସମେତ ପିଲାଙ୍କ ପାଇଁ ଆକର୍ଷଣୀୟ ଡିଜାଇନର ଗହଣା ସମ୍ଭାର ଉପଲବ୍ଧ। ସେହିଭଳି ଉକ୍ତ ଷ୍ଟୋରରେ ମୁଦି ଓ କାନଫୁଲଠାରୁ ଆରମ୍ଭକରି ପେଣ୍ଡେଣ୍ଟ ,ନେକ୍‌ଲେସ, ବ୍ରେସ୍‌ଲେଟ୍ ଏବଂ ଚୂଡ଼ି ଭଳି ଭଳିକି ଭଳି ଅଳଙ୍କାର ଉପଲବ୍ଧ ରହିଛି। ଅପରପକ୍ଷରେ ଷ୍ଟୋର ପକ୍ଷରୁ ଉଦ୍‌ଘାଟନୀ ଅଫର ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ବିଶେଷକରି ଗ୍ରାହକମାନେ ପ୍ରତି କ୍ରୟ ଉପରେ ଏକ ମାଗଣା ସୁନାମୁଦ୍ରା ପାଇପାରିବେ। ଏହି ଅଫର ୨୦୨୪ ଜାନୁଆରୀ ୨୮ ପର୍ଯ୍ୟନ୍ତ ଉପଲବ୍ଧ ରହିଥିଲା ବେଳେ ହୀରା ଗହଣାର ମୂଲ୍ୟ ଉପରେ ତନିସ୍କ ଗ୍ରାହକଙ୍କୁ ୨୦% ପର୍ଯ୍ୟନ୍ତ ରିହାତି ଯୋଗାଇ ଦେଉଛି। ଏ ସମ୍ପର୍କରେ ତନିସ୍କର ପୂର୍ବାଞ୍ଚଳ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ସୋମପ୍ରଭ ସିଂହ କହିଥିଲେ, ଭଦ୍ରକର ଛାପୁଲିଆ ବାଇପାସ୍‌ଠାରେ ଆମର ଏହି ଏକ୍ସକ୍ଲୁସିଭ ଷ୍ଟୋରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏଠାରେ ମଧ୍ୟ ଗ୍ରାହକମାନେ ତନିସ୍କର ସମସ୍ତ ସୁବିଧା ସୁଯୋଗ ସହିତ ଡିଜାଇନ ଓ ନୂତନ କଲେକ୍ସନଗୁଡ଼ିକୁ ମଧ୍ୟ ପାଇପାରିବେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଜୋମାଟୋକୁ ଅନ୍‌ଲାଇନ ପେମେଣ୍ଟ ଏଗ୍ରିଗେଟର୍ ମଞ୍ଜୁରୀ

ଭୁବନେଶ୍ୱର,୨୫।୧(ଅନୁରାଧା ମହାରଣା)




ଜୋମାଟୋରୁ ଖାଦ୍ୟ ଅର୍ଡର କରିବା ସହ ଗ୍ରାହକ ଏଣିକି ଅନ୍‌ଲାଇନ ପେମେଣ୍ଟ ମଧ୍ୟ କରିପାରିବେ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଖାଦ୍ୟ ଏଗ୍ରିଗେଟ୍‌ର କମ୍ପାନୀ ଜୋମାଟୋକୁ ଏକ ଅନ୍‌ଲାଇନ ପେମେଣ୍ଟ ଏଗ୍ରିଗେଟର ହେବାକୁ ଅନୁମୋଦନ କରିଛି। ଏହି ଅନୁମୋଦନ ଗୁରୁବାରଠାରୁ ଲାଗୁ ହୋଇଛି। ବର୍ତ୍ତମାନ ଏହାର ପ୍ରଭାବ ହେତୁ ସୋମବାର କମ୍ପାନୀର ଶେୟାରରେ ବୃଦ୍ଧି ଦେଖିବାକୁ ମିଳିବ । କାରଣ ଶୁକ୍ରବାର ଗଣତନ୍ତ୍ର ଦିବସ ଅବସରରେ ଷ୍ଟକ୍ ମାର୍କେଟ ବନ୍ଦ ରହିବ। ଏହା ପରେ ଶନିବାର ଏବଂ ରବିବାର ଛୁଟି ରହିବ। ଜୋମାଟୋର ବହୁ ସଂଖ୍ୟକ ଗ୍ରାହକ ଅଛନ୍ତି ଯେଉଁମାନେ ଖାଦ୍ୟ ଅର୍ଡର ପାଇଁ ଦେୟ ଦେବାକୁ ୟୁପିଆଇ ପେମେଣ୍ଟ ବ୍ୟବହାର କରନ୍ତି। ବର୍ତ୍ତମାନ ଜୋମାଟୋ ଆପ୍ ଡାଉନଲୋଡ୍ ନ କରି ମଧ୍ୟ ପେମେଣ୍ଟ କରିହେବ। ଗୁରୁବାର ଜୋମାଟୋ ଶେୟାର ୦.୫୯ ପ୍ରତିଶତ ହ୍ରାସ ପାଇ ଶେୟାର ପିଛା ୧୩୫.୪୦ ଟଙ୍କାରେ ବନ୍ଦ ହୋଇଛି। ଏହି ଅନୁମୋଦନର ପ୍ରଭାବ ସୋମବାର ଏହାର ଶେୟାର ବଜାରରେ ଦେଖାଯିବ।




# ବାଲେଶ୍ୱରରେ ଭୋଲ୍ଟାସ୍ ବ୍ରାଣ୍ଡ୍ ଶପ୍ ଉଦ୍‌ଘାଟିତ

**ରାଜ୍ୟରେ ୧୯ତମ ଏବଂ ଦେଶରେ ୩୦୦ରୁ ଅଧିକ**

ଭୁବନେଶ୍ୱର,୨୫।୧




ଦେଶର ୧ ନମ୍ବର ଏୟାର କଣ୍ଡିସନର (ଏସି) କମ୍ପାନୀ ତଥା ଟାଟା ଗ୍ରୁପ୍‌ର ପ୍ରମୁଖ ସଂସ୍ଥା ଭୋଲ୍ଟାସ୍ ଲିମିଟେଡ୍‌ର ପ୍ରିମିୟମ ଆଉଟ୍‌ଲେଟ୍ 'ଭୋଲ୍ଟାସ୍ ବ୍ରାଣ୍ଡ୍ ଶପ୍' ଗୁରୁବାର ବାଲେଶ୍ୱରର ବି.ସି.ସେନ୍ ରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଭାରତ ସେଲ୍ସ ଏମ୍ପୋରିୟମ ଆନୁକୂଲ୍ୟରେ ଉକ୍ତ ଶପ୍‌ର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୋଲ୍ଟାସ୍‌ର ଆଞ୍ଚଳିକ ମୁଖ୍ୟ (ରିଜିଓନାଲ ହେଡ୍ ଇଷ୍ଟ-୨) ମାନସ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉଭୟ ଭୋଲ୍ଟାସ୍ ଲିମିଟେଡ୍ ଓ ଭାରତ ସେଲ୍ସ ଏମ୍ପୋରିୟମର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଭୋଲ୍ଟାସ୍ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ପ୍ରଦୀପ ବକ୍ସି କହିଥିଲେ, ବାଲେଶ୍ୱରଠାରେ ଆମେ ଆମର ୧୯ ତମ ବ୍ରାଣ୍ଡ୍ ଶପ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନକରି ବେଶ୍ ଉତ୍ସାହିତ ଅଛୁ। ଏଠାରେ ଉଭୟ ଭୋଲ୍ଟାସ ଏବଂ ଭୋଲ୍ଟାସ୍ ବେକର ସମସ୍ତ ଉତ୍ପାଦ ଗୁଣାତ୍ମକ ଓ ଉଚିତ ମୂଲ୍ୟରେ ପାଇପାରିବେ। ଏପରିକି ଏଠାରେ ଏସି, ୱାଟର ହିଟର,ଏୟାର କୁଲର୍ସ,କମର୍ସିଆଲ ରେଫ୍ରିଜେଟର ଭଳି ଅନେକ ଭୋଲ୍ଟାସ୍ ଉତ୍ପାଦ ଉପଲବ୍ଧ। ବିଶେଷକରି ଗ୍ରାହକଙ୍କୁ ଗୁଣାତ୍ମକ ଉତ୍ପାଦ ଯୋଗାଇବା ସହ ବିକ୍ରି ପରବର୍ତ୍ତୀ ସେବା ଯୋଗାଇଦେବାକୁ ଆମେ ବେଶ୍ ଗୁରୁତ୍ୱ ପ୍ରଦାନ କରିଥାଉ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ସୋସିଆଲ ମିଡିଆରେ ବଢୁଛି ନକଲି ଲୋନ୍ ଆପ୍

ଭୁବନେଶ୍ୱର,୨୫।୧(ଅନୁରାଧା ମହାରଣା)

**ଆସିପାରେ କଡ଼ା ନିୟମ**

ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ନକଲି ଲୋନ୍ ଆପ୍ ଖୋଲି ଲୋକଙ୍କୁ ଠକୁଥିବା ଅପରାଧୀଙ୍କ ପାଇଁ କେନ୍ଦ୍ର ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛନ୍ତି। ସାଇବର ଅପରାଧୀମାନେ ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରାମ୍ ପରି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ବ୍ୟବହାର କରୁଛନ୍ତି। ଉପଯୁକ୍ତ ଯାଞ୍ଚ ପରେ ବିଜ୍ଞାପନ ଚଲାଇବାକୁ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ଅନୁମତି ଦେବା ପାଇଁ ସରକାର କଡ଼ା ନିୟମ ଆଣିବାକୁ ଯାଉଛନ୍ତି। ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର କହିଛନ୍ତି, ଏଥିପାଇଁ ସୂଚନା ପ୍ରଯୁକ୍ତି(ଆଇଟି) ନିୟମକୁ ସଂଶୋଧନ କରାଯିବ। ସେ କହିଛନ୍ତି , ସୋସିଆଲ ମିଡିଆ ମାଧ୍ୟମରେ ନକଲି ଲୋନ୍ ଆପ୍ ବିସ୍ତାରକୁ ରୋକିବା ପାଇଁ ସରକାର ପଦକ୍ଷେପ ନେବାକୁ ଯାଉଛନ୍ତି। ସୋସିଆଲ ମିଡିଆରେ ନକଲି ଲୋନ୍ ଆପ୍ ବିରୋଧରେ କୌଣସି ବ୍ୟବସ୍ଥା ନ ଥିବାବେଳେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ବର୍ତ୍ତମାନ ଏକ ନିଃଶୁଳ୍କ ବିଜ୍ଞାପନ ଚଳାଇବାକୁ ଅନୁମତି ପ୍ରଦାନ କରିଥାଏ। ଏହି ଆଳରେ ସାଇବର ଅପରାଧୀମାନେ ଜନସାଧାରଣଙ୍କୁ ଠକିଥା'ନ୍ତି। ମେ' ମାସରେ ଲୋକ ସଭା ନିର୍ବାଚନ ହେବା ନେଇ ଅନୁମାନ କରାଯାଉଥିବାବେଳେ ଏହା ପରେ ଆଇଟି ନିୟମରେ ସଂଶୋଧନ କରାଯାଇପାରେ ବୋଲି ଆଶା କରାଯାଉଛି।










See Career Appointment on every **Wednesday & Saturday**


















# ବଜେଟରେ ୧୧୧୧ କୋଟି ମଞ୍ଜୁର ଦାବି

## ଜିନ୍ଦଲ ଷ୍ଟେନ୍‌ଲେସ୍‌ର ମହିଳା ଖେଳକୁଦ ପ୍ରତିଯୋଗିତା



କୃତୀ ମହିଳା ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କଳିଙ୍ଗନଗର, ୨୫।୧ (ଶୁଭାଶିଷ ରାଉତ):**

ଜିନ୍ଦଲ ଷ୍ଟେନଲେସ ଲିମିଟେଡ(ଜେଏସ୍‌ଏଲ୍) ପକ୍ଷରୁ ମହିଳା ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତ୍ରିଜଙ୍ଗା କଲୋନୀସ୍ଥିତ ଇଡ୍‌କୋ ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିନ୍ଦଲ ତରଫରୁ ପରିଚାଳିତ ସ୍କିଲ୍ ଟ୍ରେନିଂ ଯଥା: ସିଲାଇ ପ୍ରଶିକ୍ଷଣକେନ୍ଦ୍ର, ଜେଆଇଆଇଟି କମ୍ପ୍ୟୁଟର କେନ୍ଦ୍ରର ଛାତ୍ରୀଛାତ୍ର, ସହଜ ସାନିଟାରି ନାପକିନ ଓ ଅସ୍ମିତା ସେଣ୍ଟରରେ କାର୍ଯ୍ୟରତ ୧୮୦ରୁ ଊର୍ଦ୍ଧ୍ୱ ମହିଳା ଏଥିରେ ଯୋଗ ଦେଇଥିଲେ।

ପ୍ରତିଯୋଗିତାରେ ବାଟି ଚାମଚ, ଛୁଞ୍ଚି ସୂତା, ତିନି ଗୋଡ଼ିଆ ଦୌଡ଼, ୧୦୦ ମିଟର ଦୌଡ଼, ମ୍ୟୁଜିକ୍ ଚେୟାର, କବାଡି ଆଦି ଖେଳକୁଦ କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ତ୍ରିଜଙ୍ଗା ସରପଞ୍ଚ କାଗଜି ପାତ୍ର, ସମ୍ମାନିତ ଅତିଥି ଜେଏସ୍‌ଏଲ୍‌ର ପରିବେଶ ବିଭାଗ ମୁଖ୍ୟ ମୈତ୍ରୀ ଦେବ, ସିଏସ୍‌ଆର ମୁଖ୍ୟ ସୁକାନ୍ତ କୁମାର ରଥ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।

ଜିନ୍ଦଲ ଷ୍ଟେନଲେସ ଦ୍ୱାରା ଫୁଟବଲ ଖେଳିବା ପାଇଁ ଦିଲ୍ଲୀର ସୁଦେବା ଏକାଡେମୀରେ ତାଲିମ ନେଉଥିବା ସୁକିନ୍ଦା ଅଞ୍ଚଳର ଭାକୁଳ ମାଝି ଭାରତୀୟ ଫୁଟବଲ ଦଳରେ ସାମିଲ ହେବାପାଇଁ ତିନି ରାଉଣ୍ଡରୁ ଦୁଇ ରାଉଣ୍ଡରେ ଯୋଗ୍ୟତା ଅର୍ଜନ କରିଥିବାରୁ ତାଙ୍କୁ ସମ୍ମାନିତ କରଯାଇଥିଲା। କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟେନଲେସ ଲିମିଟେଡର ସଞ୍ଜୟ କୁମାର ମହାନ୍ତି, ତପନ କୁମାର ନାୟକ, ହେମନ୍ତ କୁମାର ବାହାଲିଆ ଏବଂ ଅଲେଖପୁର, ଦାନଗଦି, ସୋଲେଇ ଓ ରଣାଗୁଣ୍ଡି ଆଦି ଗ୍ରାମରୁ ଆସିଥିବା ଛାତ୍ରୀଛାତ୍ର ପରିଚାଳନା କରିଥିଲେ।

## ସୁକିନ୍ଦା ଅଧିଷ୍ଠାତ୍ରୀ ଦେବୀ ମା'ଖଣ୍ଡରାଇଙ୍କ ପୁଷ୍ୟାଭିଷେକ

**କାଳିଆପାଣି, ୨୫।୧ (ଅସିତ ମହାନ୍ତ):**

ସୁକିନ୍ଦା ଅଧିଷ୍ଠାତ୍ରୀ ଦେବୀ ମା' ଖଣ୍ଡରାଇଙ୍କ ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ରାଜା ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ କରାଯାଇଛି। ସୌରିକ ଅଞ୍ଚଳର ୧୨ ପ୍ରଧାନୀଙ୍କ ଉପସ୍ଥିତରେ ମା'ଙ୍କ ମୁଖ୍ୟପୂଜକ ମହେଶ୍ୱର ଦେହୁରୀ ପୂଜାଅର୍ଚ୍ଚନା କରିଥିଲେ। ମା'ଙ୍କ ପୀଠ ନିକଟ ଦେଇ ବହି ଯାଇଥିବା କାଳିଆମୂଳା ଝରଣା ଜଳରେ ମା'ଙ୍କୁ ଓ ତାଙ୍କ କାଳିଆ, ଧଳା ଘୋଡ଼ାକୁ ସ୍ନାନ କରି ଗଙ୍ଗା ଜଳ ଓ ଘୃତ୍ୟରେ ମାର୍ଜିତ କରି ନୂତନ ବସ୍ତ୍ରାଦି ପରିଧାନ କରାଯାଇଥିଲା। ପୁଷ୍ୟାଭିଷେକ ସମୟରେ ସୋରିକଙ୍କ ପାରମ୍ପାରିକ ବାଦ୍ୟ ଘୁମୁରା ବାଦ୍ୟ ପରିବେଷଣ କରାଯାଇଥିଲା। ଏଥିରେ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଓ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ସୁକିନ୍ଦା ଭାଜପାର ବରିଷ୍ଠ ସଂଗଠକ ଅମଳେନ୍ଦୁ ବେହୁରା, ଖଣି ଅଞ୍ଚଳ ସଂଗଠନ ପ୍ରମୁଖ ବେଣୁଧର ମହାନ୍ତ ପ୍ରମୁଖ ସାମିଲ ହୋଇ ମା'ଙ୍କ ଦର୍ଶନ କରିଥିଲେ।

## ସ୍ନାତକୋତ୍ତର ପରୀକ୍ଷାରେ ସଫଳତା: ଲୋପାମୁଦ୍ରା ପାଇବେ ସ୍ୱର୍ଣ୍ଣ ପଦକ



**ଚଣ୍ଡିଖୋଲ, ୨୫।୧ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଭୁବନେଶର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସଂସ୍କୃତି ଶିକ୍ଷା ବିଭାଗରେ ଶୀର୍ଷ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ସିହା ଗ୍ରାମର ଛାତ୍ରୀ ଲୋପାମୁଦ୍ରା ପ୍ରିୟଦର୍ଶିନୀ। ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳଙ୍କ ଦ୍ୱାରା ତାଙ୍କୁ ଏଥିପାଇଁ ସମ୍ମାନିତ କରାଯିବ ବୋଲି ଜଣାପଡିଛି। ଚଣ୍ଡିଖୋଲ କୋର୍ଟରେ କାର୍ଯ୍ୟରତ ଆଇନଜୀବୀ ଉଦୟନାଥ ସାହୁ ଏବଂ ଗୃହିଣୀ ପ୍ରିୟଦର୍ଶିନୀ ସାହୁଙ୍କ ଜ୍ୟେଷ୍ଠା କନ୍ୟା ଲୋପାମୁଦ୍ରା ଦଶମ ଶ୍ରେଣୀରୁ ସ୍ନାତକୋତ୍ତର ଯାଏ ତାଙ୍କ ଶିକ୍ଷାଯାତ୍ରାକୁ ବେଶ ସଫଳତାର ସହ ବଜାୟ ରଖି ଆସିଛନ୍ତି। ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟ ସଂସ୍କୃତି ଶିକ୍ଷା ବିଭାଗ ମୁଖ୍ୟ ଡ. ଆଶିଷ କୁମାର ମହପାତ୍ରଙ୍କ ସମେତ ବିଭାଗର ସମସ୍ତ ଅଧ୍ୟାପକଙ୍କୁ ଲୋପାମୁଦ୍ରା କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଭାଜପା ଯୁବମୋର୍ଚ୍ଚାର ନମୋ ନବ ମତଦାତା ସମ୍ମିଳନୀ

### ସାମିଲ ହେଲେ କୋରେଇ ଅଞ୍ଚଳର ଶତାଧିକ ଯୁବକ

**କୋରେଇ, ୨୫।୧ (ଚନ୍ଦ୍ରକାନ୍ତ ପତି):**

ଜାତୀୟ ମତଦାନ ଦିବସ ଅବସରରେ ଗୁରୁବାର କୋରେଇ ଭାଜପା ପକ୍ଷରୁ ଜହ୍ନାସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ନମୋ ନବମତଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଭାଜପା ଯୁବମୋର୍ଚ୍ଚା ପୂର୍ବତନ ସମ୍ପାଦକ ବିକ୍ରମ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ କୋରେଇ ନିର୍ବାଚନମଣ୍ଡଳୀର ସମସ୍ତ ଅଞ୍ଚଳରୁ ଶତାଧିକ ନବମତଦାତା ଯୋଗଦାନ କରି ପ୍ରଧାନମନ୍ତ୍ରୀଙ୍କ ସହିତ ସିଧାପ୍ରାସାରଣରେ ୧୦ ବର୍ଷର ସୁଶାସନ, ନମୋ ଭାରତର ପରିକଳ୍ପନା, ୨୦୪୭ରେ ନୂଆଭାରତ ଯାହାର ବିକାଶ ବିଶ୍ୱସ୍ତରରେ ଏକ ନମ୍ବର ହେବାକୁ ଯାଉଛି ଓ ଅର୍ଥନୀତି ୨୦ ଟ୍ରିଲିଅନକୁ ଛୁଇଁବାକୁ ଯାଉଛି ସେ ସମ୍ପର୍କରେ ଅବଗତ ହୋଇଥିଲେ। ନୂଆ ଭୋଟର ନବ ଭାରତର ପ୍ରାଣକେନ୍ଦ୍ର ହେବାକୁ ଯାଉଛନ୍ତି। ବିକଶିତ ଭାରତର ଏକ ବଡ଼ ଭାଗୀଦାରି ହେବାକୁ ଯାଉଛନ୍ତି। ଏହା ମୋଦିଙ୍କ ଗ୍ୟାରେଣ୍ଟି ବୋଲି ପ୍ରଧାନମନ୍ତ୍ରୀ ଉପସ୍ଥିତ ନବମତଦାତାଙ୍କୁ ବିଶ୍ୱାସ ଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ଅର୍ଥନୀତି ଆଦି କ୍ଷେତ୍ରରେ ଭାରତ ବିଶ୍ୱର ଏକ ନମ୍ବର ସ୍ଥାନ ଅଧିକାର କରିବାକୁ ଯାଉଥିବାରୁ ଏହି କାର୍ଯ୍ୟ ପାଇଁ ଯୁବକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ନବମତଦାତାଙ୍କୁ ଅଭାସୀ ମାଧ୍ୟମରେ ସମ୍ବୋଧିତ କରିଥିଲେ। ଦିଲ୍ଲୀସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ଜହ୍ନାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଉପସ୍ଥିତ ନବମତଦାତାଙ୍କୁ କୋରେଇ ଭାଜପା ନେତା ବିଶ୍ୱଜିତ ନାୟକ ଓଡ଼ିଶା ସରକାର ଭୋଟ ନେଇ ଶିକ୍ଷିତ ଯୁବକଙ୍କୁ ନିଯୁକ୍ତି ଦେବା ପରିବର୍ତ୍ତେ ଦାଦନ ଯିବାକୁ ବାଧ କରୁଛନ୍ତି ବୋଲି କହିଥିଲେ। ମଣ୍ଡଳ ସଭାପତି ପ୍ରମୋଦ ସାହୁ ଓଡ଼ିଶା ସରକାରଙ୍କ ନୂଆ ଓ ପାଇଁ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଠପଢ଼ା ଉପରେ କୁପ୍ରଭାବ ପଡୁଛି ବୋଲି ଆଲୋଚନା କରିଥିଲେ। ନୀଳମାଧବ ଚକ୍ର, ରବୀନ୍ଦ୍ର ବେହେରା, ଶଶିଭୂଷଣ ସେନାପତି, ବିଜୟ ଘଡ଼େଇ, ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ଅମ୍ଳାନ ସାହୁ, ନିରଞ୍ଜନ ଘଡ଼େଇ, ଅଯୋଧ୍ୟା ଜେନା ଓ ସଞ୍ଜୟ ବାରିକ ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ।

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ନବ ମତଦାତା ସମ୍ମିଳନୀ

**ଯାଜପୁର ଟାଉନ, ୨୫।୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ସହର ନିକଟ ମା' ମଣ୍ଡପଠାରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ନବମତଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲାର ବିଭିନ୍ନ କୋଣ ଅନୁକୋଣରୁ ନବମତଦାତା ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନବମତଦାତାମାନଙ୍କୁ ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେଇ ଉଚିତ୍ ପ୍ରାର୍ଥୀଙ୍କୁ ନିଜର ଭୋଟ୍ ଦେବାକୁ ଆହ୍ୱାନ ଦେବାସହ ଜଣେ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ନବଦାତାମାନେ କିପରି ନିଜର ମତଦାନ କରିପାରିବେ ଏବଂ ସେମାନଙ୍କ ପାରିପାର୍ଶ୍ୱିକଠାରେ ଥିବା ଭୋଟରମାନଙ୍କୁ ଭୋଟ୍ କେନ୍ଦ୍ରକୁ ଆଣି ମତଦାନ କରିପାରିବେ ସେ ନେଇ ଯୁବମୋର୍ଚ୍ଚା ପକ୍ଷରୁ ନୂତନ ଭୋଟମାନଙ୍କୁ ପରାମର୍ଶ ପ୍ରଦାନ କରାଯାଇଥିଲା। ସମ୍ମିଳନୀରେ ଯାଜପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ଯୁବପ୍ରତିନିଧି ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

### ଯାଜପୁରରୋଡ୍-ଧାମରା ରେଳପଥ ସଂଗ୍ରାମ ପରିଷଦ ପକ୍ଷରୁ ପ୍ରତିବାଦ ସଭା



ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ପରିଷଦ ପକ୍ଷରୁ ପ୍ରତିବାଦ ସଭା କରାଯାଉଛି।

**ଯାଜପୁର ଟାଉନ, ୨୫।୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର-କେନ୍ଦୁଝରରୋଡ ଧାମରା ଭାୟା ବିରଜାକ୍ଷେତ୍ର ନୂତନ ରେଳପଥର ସର୍ଭେ ଜାରି ରହିଛି। ତେଣୁ ଫେବୃଆରୀ ୧ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଉପସ୍ଥାପିତ ହେବାକୁ ଥିବା ବଜେଟରେ ଏହି ରେଳପଥ ପାଇଁ ୧୧୧୧ କୋଟି ଟଙ୍କା ବ୍ୟୟ ବରାଦ କରିବାକୁ ଦାବି ହୋଇଛି। ଏନେଇ ଗୁରୁବାର ଯାଜପୁର ରୋଡ ଧାମରା ରେଳପଥ ସଂଗ୍ରାମ ପରିଷଦ ପକ୍ଷରୁ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ପ୍ରତିବାଦ ସଭା କରାଯାଇଛି।

ପରିଷଦର ଅଧ୍ୟକ୍ଷ ରାମଚନ୍ଦ୍ର ଖୁଣ୍ଟିଆଙ୍କ ଆହ୍ୱାନ ଓ ଆବାହକ ସନ୍ତୋଷ ନନ୍ଦଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପରିଷଦର ସଂଯୋଜକ ପଦ୍ମାକର ଗୁରୁ ସଭା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଖୁଣ୍ଟିଆ ଯୋଗଦେଇ ଦୀର୍ଘ ୫୦ବର୍ଷ ଧରି ବିଭିନ୍ନ କମିଟି ଓ ସଂଗଠନ ପକ୍ଷରୁ ବରାହ-ବିରଜା, ଆଖଣ୍ଡଳମଣି, ଭିତରକନିକା ସହ ନୌବାଣିଜ୍ୟର ପ୍ରମୁଖ ବନ୍ଦର ଧାମରା କ୍ଷେତ୍ରକୁ ରେଳପଥ ସଂଯୋଗ ପାଇଁ ଦାବି ହୋଇଆସୁଛି। ଏହି ରେଳପଥ ପାଇଁ ବାରମ୍ବାର ସଂସଦରେ ଦାବି କରାଯାଇଥିବା ବେଳେ ଧାରଣା, ଅନଶନ, ପ୍ରତିବାଦ ସଭା, ରେଳରୋକ, ଆନ୍ଦୋଳନ ଏବଂ ସଂସଦ ଭବନ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ରେଳମନ୍ତ୍ରୀ ଏହି ପ୍ରସ୍ତାବକୁ ଗ୍ରହଣ କରି ଫାଇନାଲ ଲୋକେସନ ସର୍ଭେ ପାଇଁ ୨କୋଟି ୪୦ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ ବୋଲି କହିଥିଲେ।

ତେଣୁ କେନ୍ଦ୍ର ସରକାରଙ୍କ ଶେଷ ବଜେଟରେ ଏହି ରେଳପଥ ପାଇଁ ଉପରୋକ୍ତ ବ୍ୟୟବରାଦ କରିବାକୁ ପ୍ରତିବାଦ ସଭାରେ ଦାବି ଉପସ୍ଥାପିତ ହୋଇଥିଲା। ଏନେଇ ଯାଜପୁର ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ଅର୍ଥମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ୩ ମନ୍ତ୍ରୀଙ୍କ ସହ ରେଳ ବୋର୍ଡ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପରିଷଦ ପକ୍ଷରୁ ଏହି ଦାବିକୁ ନେଇ ଆସନ୍ତା ୩୧ ତାରିଖରେ ଭୁବନେଶ୍ୱର ପୂର୍ବତଟ ରେଳବାକପଇ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ। ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେବାକୁ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ପରିଷଦ ଉପାଧ୍ୟକ୍ଷ ମନୋଜ ରାଉତ, ଉପଦେଷ୍ଟା ବନ୍ଦିତା ପରିଡା, ଅଞ୍ଜଳ ଦାସ, ଦିଗମ୍ବର ଦାସ, ଉପସଭାପତି ମନୋଜ ବିଶ୍ୱାଳ, ଆରତୀ ଦେଓ, ନାରାୟଣ ଚନ୍ଦ୍ର ସାମନ୍ତ, ବିଦ୍ୟାଧର ମହାନ୍ତି, ସୁଲୋଚନା ଦାସ, ବନିତା ଦାସ, କନକଲତା ମଲିକ, ଲିପିକା ମଲିକ, କିଷାନ ପଣ୍ଡା, ରଞ୍ଜିତା ରାଉତ, କଳ୍ପନା ପଣ୍ଡା, ବିଳାସ ରାଉତ, ଅଜିତ ନାୟକ, ଇନ୍ଦ୍ରଜିତ ଦାସ ଓ ଅମରେଶ ପରିଡ଼ା ପ୍ରମୁଖ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। ଗଦାଧର ଦାସ ଧନ୍ୟବାଦ ଦେଇଥିଲେ।



**ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ**

ଏରସମା,(ଦୀପ୍ତି ରଞ୍ଜନ ଖଣ୍ଡୁଆଳ): ଏରସମା ଥାନା ଅନ୍ତର୍ଗତ କୁଜଙ୍ଗ ଯିବା ରାସ୍ତାର ପୋଡ଼ି ଛକ ନିକଟରେ ଗୁରୁବାର ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିକୁଦା ଥାନା ଅନ୍ତର୍ଗତ ଅଣିଲୋ ଗ୍ରାମର ରୁଦ୍ର ନାରାୟଣ ଜେନା(୨୮)। ତାଙ୍କ ମୃତଦେହ ଓ ବାଇକ୍ ରାସ୍ତାକଡ଼ ପୋଖରୀରୁ ଜବତ କରାଯାଇଛି। ମୃତକଙ୍କ ଜଣେ ସମ୍ପର୍କୀୟ ଭାଇ ମନମୋହନ ସାହୁଙ୍କ ଅଭିଯୋଗ ଅନୁଯାୟୀ, ଏରସମା ଥାନାରେ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା (ନଂ.୩୯/୨୪) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଛି।

# ଅସୁସ୍ଥ, ଶଯ୍ୟାଶାୟୀ, ଭିନ୍ନକ୍ଷମ ଘରେ ଦେବେ ଭୋଟ

**ଜାତୀୟ ମତଦାତା ଦିବସ**

ଜଗତ୍‌ସିଂହପୁର, ୨୫।୧
(ପ୍ରମୋଦ କୁମାର ନାୟକ)

୨୦୨୪ ସାଧାରଣ ନିର୍ବାଚନ ଗୁରୁତ୍ୱପୂର୍ଣ୍ଣ। ଏହିବର୍ଷ ବିଶେଷ ଭାବେ ଯୁବ ଏବଂ ନୂତନ ପଞ୍ଜୀକୃତ ଭୋଟରଙ୍କୁ ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ମତଦାନ ସୁଯୋଗ ଦିଆଯାଇଛି। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ଚତୁର୍ଦ୍ଦଶ ଜାତୀୟ ମତଦାତା ଦିବସ ପାଳନ ଅବସରରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଏହି ଭିଡିଓ ବାର୍ତ୍ତା ଦେଇଛନ୍ତି। ଜିଲାପାଳ ପାରୁଲ ପଟାୱାରୀ ଏଥିରେ ପୌରୋହିତ୍ୟ କରି ପ୍ରଥମେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ମତଦାତା ସଂକ୍ରାନ୍ତୀୟ ସଂକଳ୍ପ ପାଠ କରାଇଥିଲେ। ପ୍ରତ୍ୟେକ ନାଗରିକ ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖି ମତଦାନ କରିବାକୁ ଶପଥ ନେଇଥିଲେ। ଜିଲାପାଳ ଏକଥା ମଧ୍ୟ କହିଥିଲେ, ଚଳିତବର୍ଷ ଭାରତୀୟ ଗଣତନ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ୨୦୨୩ ଅକ୍ଟୋବରଠାରୁ ପ୍ରଥମ ସୋପନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହୋଇ ଜାନୁଆରୀ ୫ରେ ଚୂଡାନ୍ତ ତାଲିକା ପ୍ରକାଶ କରାଯାଇଛି। ଜିଲାରେ ଏବର୍ଷ ଇଲେକ୍ଟୋରାଲ ପପୁଲେଶନ ରେସିଓ ୭୬% ରହିଛି। ଏହାବାଦ ମୁଖ୍ୟ ନିର୍ବାଚନ ଅଧିକାରୀ ଏବର୍ଷ ଅସୁସ୍ଥ ଓ ଶର୍ଯ୍ୟାଶାୟୀ ଏବଂ ଭିନ୍ନକ୍ଷମମାନଙ୍କ ପାଇଁ ଘରେ ଭୋଟ ଦେବାର ସୁବିଧା କରିଛନ୍ତି। ନିର୍ବାଚନର ଥିମ ରହିଛି 'ମତଦାନର ନାହିଁ ବିକଳ୍ପ ଭୋଟ, ମୁଁ ଦେବି କଲି ସଂକଳ୍ପ'। ସଚେତନ ମତଦାତା ହିଁ ଭାରତର ଗଣତାନ୍ତ୍ରିକ ମହାପର୍ବରେ ସାମିଲ ହୋଇ ମହାନ ଲୋକତନ୍ତ୍ରକୁ ସୁଦୃଢ଼ କରିପାରିବେ ବୋଲି ଜିଲାପାଳ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲାପାଳ କେତେଜଣ ନୂଆ ଭୋଟରଙ୍କୁ ଇପିଆଇସି (ଇଲେକ୍‌ଶନ୍ ଫଟୋ ଆଇଡିନ୍‌ଟିଟି କାର୍ଡ)ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ କହିଥିଲେ, ନିର୍ବାଚନ ମହାପର୍ବର ବିଗୁଲ ବାଜି ସାରିଛି। ପ୍ରତ୍ୟେକ ସୁଦୃଢ଼ ଗଣତନ୍ତ୍ର ସୃଷ୍ଟି ଦିଗରେ ପ୍ରୟାସ କରିବା ଉଚିତ। କୌଣସି ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ବିବେକାନୁମୋଦିତ ହୋଇ ମତଦାନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ହୋଇଥିବା ଓଡ଼ିଆ ଓ ଇଂରାଜି ବକ୍ତୃତା, ରଙ୍ଗୋଲି ଏବଂ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଏଲ୍‌ଓ, ସୁପରଭାଇଜରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାର ୫ଜଣ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସହାୟକ ଜିଲାପାଳ ରାଜେଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ଜାତୀୟ ମତଦାତା ଦିବସ ଉପଲକ୍ଷେ ସକାଳେ ଜିଲା ପ୍ରଶାସନ ପକ୍ଷରୁ ସଚେତନତା ଶୋଭାଯାତ୍ରାର ଆୟୋଜନ ହୋଇଥିଲା। ଏହାକୁ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ ଶୁଭାରମ୍ଭ କରିଥିଲେ।



ଜାତୀୟ ମତଦାତା ଦିବସ ଉପଲକ୍ଷେ ଆୟୋଜିତ ସଚେତନତା ଶୋଭାଯାତ୍ରା।

## ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ତିର୍ତ୍ତୋଲ, ୨୫।୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତରେ ଗୁରୁବାର ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନାକର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବିଡିଓ ତପନ କୁମାର ସେନାପତି, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲାପରିଷଦ ସଭ୍ୟ ସୁନୀଲ କୁମାର ବେହେରା, ସରପଞ୍ଚ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ସମିତି ସଭ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ପୂର୍ବତନ ସମିତି ସଭ୍ୟ ବିଜୟ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ମୃଣ୍ମୟ କୁମାର ସ୍ୱାଇଁ, ମହେନ୍ଦ୍ର ପ୍ରଧାନ, ଚନ୍ଦ୍ର ମୋହନ ଦାଶ, ପ୍ରଳୟ କୁମାର ରାଉତ ପ୍ରମୁଖ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ପିଇଓ ଭୀମସେନ ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଛି। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



ସରପଞ୍ଚ ଓ ସହଯୋଗୀମାନେ ପଞ୍ଚାୟତ ଯୋଜନା ପୁସ୍ତିକା ପ୍ରଦର୍ଶନ କରୁଛନ୍ତି।

ଏରସମା,୨୫।୧(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକର ବିଭିନ୍ନ ପଞ୍ଚାୟତରେ ଗୁରୁବାର ସରକାରୀ ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନକାଦେଇପୁରରେ ସରପଞ୍ଚ ଜିତେନ୍ଦ୍ର ବେହେରା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ନାଏବ ସରପଞ୍ଚ ସନ୍ଦୀପ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ବାରିକ, ସମିତି ସଭ୍ୟା ସସ୍ମିତା ସାମଲ, ଜିଆରଏସ୍ ରଶ୍ମି ମଞ୍ଜରୀ ସ୍ୱାଇଁ, ଏମ୍‌ବିକେ ଗିରିବକ୍ଷଳା ମହାନ୍ତି ପ୍ରମୁଖ ଉପସ୍ଥିତ ହୋଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଗଡ଼ବିଶୁନିପୁରରେ ସରପଞ୍ଚ ରାଜେଶ ପ୍ରଧାନ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମିତି ସଭ୍ୟା ସୁଶ୍ରୀ ସଙ୍ଗୀତା ଗୁରୁ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ ମହାନ୍ତି, ଏମ୍‌ବିକେ ମିନତି ଦାସ ପ୍ରମୁଖ ଉପସ୍ଥିତ ହୋଇ ଯୋଜନାର ସଫଳତା ଉପରେ ବକ୍ତବ୍ୟ ଦେଇଥିଲେ। ଘୋଡ଼ା ନାଚ ଓ ଦାସକାଠିଆ ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା।

# ଜାହାଜ ମୁକୁଳାଇବା ପାଇଁ କୋର୍ଟରେ ଜବାବ ସୁଆଲ ଆରମ୍ଭ

**ଏମ୍‌ଭି ଦେବୀ ଜାହାଜରୁ କୋକେନ୍ ଜବତ ଘଟଣା**

କୁଜଙ୍ଗ,୨୫।୧ (ମନୋଜ ପ୍ରଧାନ)

କୋକେନ୍ ମିଳିବା ଘଟଣାରେ ୨୦୨୩ ନଭେମ୍ବର ୩୦ରୁ ପାରାଦୀପ ବନ୍ଦରରେ ଅଟକ ଥିବା ପାନାମା ଜାହାଜ ଏମ୍‌ଭି ଦେବୀକୁ ମୁକୁଳାଇବା ପାଇଁ କୁଜଙ୍ଗ କୋର୍ଟରେ ଗୁରୁବାରଠାରୁ ଜବାବ ସୁଆଲ ଆରମ୍ଭ ହୋଇଛି। ଏହି ଅବସରରେ କଷ୍ଟମ ବିଭାଗ ପକ୍ଷରୁ ଆଇନଜୀବୀ ମଳୟ କୁମାର ଦାସ ଯୁକ୍ତି ରଖିଥିଲେ ଯେ,ଜାହାଜଟି ବାହର ଦେଶର ହୋଇଥିବାରୁ ଥରେ ମୁକୁଳିଗଲେ ଆଉ ଆସିବ ନାହିଁ । ଅପରପକ୍ଷେ ଜାହାଜ ମାଲିକଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ ଯୁକ୍ତି ରଖିଥିଲେ, ଜାହାଜରୁ କୋକେନ ଜବତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଜାହାଜର ନାବିକ, କ୍ୟାପଟେନ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ କଷ୍ଟମ ବିଭାଗ କିମ୍ବା ତଦନ୍ତକାରୀ ସଂସ୍ଥା ଅଭିଯୁକ୍ତ ଦର୍ଶାଇ ପାରିନାହିଁ । ତେଣୁ ଜାହାଜ ଛାଡ଼ିବାକୁ ଅନୁମତି ଦିଆଯାଉ। ଏହାକୁ ମୁକୁଳାଇବା ପାଇଁ ମାଲିକାନା ଥିବା ଏସିଆନ ଶିପିଙ୍ଗ ଏଜେନ୍‌ସି ପକ୍ଷରୁ ଗତ ଡିସେମ୍ବର ୨୭ରେ ୨ଜଣ ଭିଏତ୍‌ନାମ ପ୍ରତିନିଧି କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ପହଞ୍ଚି ଆବେଦନ କରିଥିଲେ । ଅଦାଲତ ଆବେଦନକୁ ଗ୍ରହଣକରି ଜାନୁୟାରୀ ୨୫ ତାରିଖକୁ ଶୁଣାଣି ନିମନ୍ତେ ଧାର୍ଯ୍ୟ କରିଥିଲେ।

ସୂଚନାଯୋଗ୍ୟ, ଉକ୍ତ ଜାହାଜ ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ)ବର୍ଥରେ ଲାଗିଥିଲା। ନଭେମ୍ବର ୩୦ରାତିରେ ଜାହାଜର ୨ ନଂ କ୍ରେନ କ୍ୟାବିନ ମଧ୍ୟରୁ ୨୨ କିଲୋ କୋକେନ୍ ଜବତ କରାଯାଇଥିଲା। ଏହାର ମୂଲ୍ୟ ୨୨୦ କୋଟି ଟଙ୍କା ହେବ। ସେବେଠାରୁ କଷ୍ଟମ୍ସ ବିଭାଗ କୋକେନ୍‌ସମ୍ପର୍କରେ ତଦନ୍ତ ଚଳାଇଛି। କିନ୍ତୁ ଏପର୍ଯ୍ୟନ୍ତ କୋକେନ୍ କିପରି ଓ କେଉଁ ପରିସ୍ଥିତିରେ କ୍ରେନ୍ ଭିତରକୁ ଯାଇଥିଲା ତା'ର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଅଭିଯୁକ୍ତ କିଏ ତାହା ମଧ୍ୟ ଜଣାପଡିନାହିଁ। ଏପରିସ୍ଥିତିରେ ତଦନ୍ତ ନିମନ୍ତେ କଷ୍ଟମ ବିଭାଗ ଉକ୍ତ ଜାହାଜରେ ୨୧ ଜଣ ନାବିକ ଓ କର୍ମଚାରୀଙ୍କୁ ନଜରବନ୍ଦୀ କରି ରଖିଛି।

# ବିର୍ସା ମୁଣ୍ଡା ବିଦ୍ୟାଳୟକୁ ଏଏମ୍‌ଏନ୍‌ଏସ୍‌ର ସହାୟତା



ପାରାଦୀପ,୨୫।୧(ଶରତ ରାଉତ)

ପାରାଦୀପସ୍ଥିତ ମଧୁବନରେ ଥିବା ଅନୁସୂଚିତ ଜନଜାତି ବିର୍ସା ମୁଣ୍ଡା ନବପ୍ରଭାତ ବିଦ୍ୟାଳୟରେ ଗୁରୁବାର ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ ପକ୍ଷରୁ କିଛି ଉପକରଣ ଦିଆଯାଇଛି। ଏହାଦ୍ୱାରା ସେଠାରେ ପଢୁଥିବା ୨୫୦ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏଥିରେ କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି ଓ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ।

# ୧୩୩୩ କୋଟିର ବାର୍ଷିକ ଯୋଜନା ଅନୁମୋଦିତ

**୧୫ତମ ଜିଲା ଯୋଜନା କମିଟି ବୈଠକ**

ଜଗତ୍‌ସିଂହପୁର, ୨୫।୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁରରେ ଜିଲା ଯୋଜନା କମିଟିର ୧୫ତମ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ଯୋଜନା ଅଟକଳ ଉପରେ ଆଲୋଚନା ହୋଇଥିଲା। ଚଳିତବର୍ଷ ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଓ ଗମନାଗମନ ଆଦି ଉପରେ ପ୍ରାଧାନ୍ୟ ଦିଆଯିବ ବୋଲି ସେ କହିଥିଲେ। ଏହି ଅବସରରେ ୧୩୩୩ କୋଟି ୨୭ ଲକ୍ଷ ଟଙ୍କାର ବାର୍ଷିକ ଯୋଜନା ରାଶି ଅନୁମୋଦିତ ହୋଇଥିଲା। ବୈଠକରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ ଉପନିର୍ଦ୍ଦେଶକ ସବିତା ସାହୁ ସ୍ୱାଗତ ଭାଷଣ ଦେବା ସହ ବୈଠକର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ ମୁଦୁଲି, ଏମ୍‌ପି ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଜିଲା ପରିଷଦ ସଭାପତି ମନୋଜ ଭୋଇ, ଜିଲାପାଳ ପାରୁଲ ପଟାୱାରି, ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ବିଭିନ୍ନ ଜିଲା ପରିଷଦ ଜୋନର ସଭ୍ୟାସଭ୍ୟ, ବ୍ଲକ ଅଧ୍ୟକ୍ଷା, ଅଧ୍ୟକ୍ଷ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଶିକ୍ଷକ ଭବନ ଶିଳାନ୍ୟାସକୁ ପୂରିଲାଣି ୨୬ ମାସ

**ନୂଆଗାଁ,୨୫।୧(ଧନେଶ୍ୱର ସାହୁ)**



ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଶିକ୍ଷକ ଭବନ ଗୃହ ନିର୍ମାଣ ପାଇଁ ଦଶପଲ୍ଲା ବିଧାୟକ ଭୂମି ପୂଜା କରିବାର ଦୀର୍ଘ ୨୬ ମାସ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ଅଧାପନ୍ତରିଆ ଭାବେ ପଡି ରହିଛି। ଏପରିକି ଗୃହର ପୁନାଦି ପରେ ଆଉ ଆଗେଇ ପାରୁନି ନିର୍ମାଣ କାର୍ଯ୍ୟ। ଯାହାକୁ ନେଇ ଶିକ୍ଷକମାନଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି।

ଶିକ୍ଷାର ବିକାଶ ପାଇଁ ଅନେକ ଯୋଜନା ମାଧ୍ୟମରେ ବହୁ ଅର୍ଥ ବ୍ୟୟ କରାଯାଉଥିଲେ ମଧ୍ୟ ଶିକ୍ଷାଦାନ ଦେବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଥିବା ଶିକ୍ଷକମାନଙ୍କ ବୈଠକ କରିବା, ରହଣୀସ୍ଥଳ, କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଭଳି କାର୍ଯ୍ୟ ପାଇଁ ଗୃହଟିଏ ନାହିଁ। ସମସ୍ତ ବ୍ୟବସ୍ଥା ଥାଇ ଶିକ୍ଷକ ଭବନଟିଏ ନିର୍ମାଣ କରିବା ପାଇଁ ନୂଆଗାଁ ବ୍ଲକର ୧୫୭ ସ୍କୁଲର ପ୍ରାୟ ୪୪୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ବହୁବାର ଗୁହାରି କରିବା ପରେ ୨୦୨୧ ନଭେମ୍ବର ୧୪ ତାରିଖ ଶିଶୁ ଦିବସ ଅବସରରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମାଇଛେଲିଠାରେ ଶିକ୍ଷକ ଭବନ ପାଇଁ ଭୂମି ପୂଜା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଶିକ୍ଷକମାନଙ୍କୁ ଦ୍ୱିତୀୟ ଭଗବାନ ବୋଲି କହିବା ସହ ଶିକ୍ଷକ ଭବନ ଯଥାଶୀଘ୍ର ଶେଷ କରାଯିବ ବୋଲି କହିଥିଲେ। ଶିକ୍ଷକ ଭବନ ନିର୍ମାଣ କରିବା ପାଇଁ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନ ଦେଇ କାର୍ଯ୍ୟାରମ୍ଭ କରାଯାଇଥିଲା। ଭୂମିପୂଜନ କାର୍ଯ୍ୟକୁ ଇତିମଧ୍ୟରେ ଦୀର୍ଘ ୨୬ ମାସରୁ ଅଧିକ ଦିନ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ନିର୍ମାଣ ହୋଇ ପାରିନାହିଁ। ଶିକ୍ଷକ ଭବନର ପୁନାଦି

### ଆଗେଇ ପାରୁନି ଶିକ୍ଷକ ଭବନ ଗୃହ ନିର୍ମାଣ କାର୍ଯ୍ୟ

ପଡି ପିଲର ପାଇଁ ଛଡ ବନ୍ଧା ହୋଇ ରହିଛି। ପିଲର ଛଡଗୁଡ଼ିକରେ କଳଙ୍କି ଲାଗି ତାହା ନଷ୍ଟ ହେବାକୁ ବସିଲାଣି। ଅନ୍ୟପଟେ ବନ୍ଧା ଯାଇଥିବା ପିଲର ଛଡ ଓ ବିଧାୟକଙ୍କ ପ୍ରତିଶ୍ରୁତି ନୂଆଗାଁ ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅଟ୍ଟହାସ୍ୟ କରୁଥିବା ଭଳି ଲାଗୁଛି ବୋଲି କ୍ଷୋଭର ସହ କହିଛନ୍ତି ଶିକ୍ଷକମାନେ। ଶିକ୍ଷକ ଭବନ ନିର୍ମାଣ ବିଳମ୍ବ ହେବା ବାବଦରେ ମାଇଛେଳି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦୀପକ ରଞ୍ଜନ ରାଉତଙ୍କୁ ପଚାରିବାରେ ଯାହା ଅନୁଦାନ ଆସିଥିଲା ସେଥିରେ ଏତିକି କାମ ହୋଇଛି। ଆମ ଓଡ଼ିଶା ନବୀନ ଓଡିଶା ଯୋଜନାରେ ଅନୁଦାନ ଦିଆଯାଇଛି। କାମ ଆରମ୍ଭ କରାଯିବ ବୋଲି ଯନ୍ତ୍ରୀ ରାଉତ କହିଛନ୍ତି।

# କନ୍ୟା ସନ୍ତାନ ଦିବସରେ 'ଅଲୋଡ଼ା ଝିଅ' ମଞ୍ଚସ୍ଥ

**ନୟାଗଡ଼,୨୫।୧ (ଲୋକନାଥ ମିଶ୍ର)**

ଜିଲାସ୍ତରୀୟ ଜାତୀୟ କନ୍ୟା ଦିବସ ପାଳନ ଅବସରରେ କ୍ଷୁଦ୍ର ନାଟକ 'ଅଲୋଡ଼ା ଝିଅ ' ନୟାଗଡ଼ ସହରର କେସି କ୍ଲବ ପରିସରରେ ମଞ୍ଚସ୍ଥ ହୋଇଥିଲା। ନୟାଗଡ଼ ଏନଏସି ଉଚ୍ଚ ବିଦ୍ୟାଳୟ ଓ ବିରୁଡ଼ା ଏମ୍.ଜି. ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ନୟାଗଡ଼ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଅନୁଷ୍ଠିତ ଏହି ନାଟକ ଦର୍ଶକଙ୍କୁ ମନ ଛୁଇଁ ଥିଲା। ସାମ୍ପ୍ରତିକ ସମାଜରେ କନ୍ୟା ସନ୍ତାନ ପ୍ରତି ଆଗ୍ରହ ବଢୁନି। ଝିଅଟିଏ ଜନ୍ମ ନେଲେ ଲୋକଦେଖାଣିଆ ମିଠା ବଣ୍ଟାଯାଏ। କିନ୍ତୁ ଅନ୍ତର ଭିତରେ ଶ୍ରଦ୍ଧା ନ ଥାଏ। ଅନେକ ସମୟରେ ଶିଶୁ କନ୍ୟାକୁ ଡଷ୍ଟବିନ, ନଦୀକୂଳ, ଅଳିଆଗଦା, ରାସ୍ତାକଡ଼ ଓ ଗଛମୂଳେ ଫୋପାଡ଼ି ଦିଆଯାଉଛି। ଶିଶୁ ଅନ୍ୟ ଦ୍ୱାରା ଅଥବା ସରକାରୀ ଅନୁଷ୍ଠାନ ଦ୍ୱାରା ପ୍ରତିପାଳିତ ହୋଇ ଛୋଟରୁ ବଡ଼ ହୁଏ। ପ୍ରଧାନ ଶିକ୍ଷକ ଦୁର୍ଗାକାନ୍ତ ଆଚାର୍ଯ୍ୟଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି ଓ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ପୌରପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବସନ୍ତ ନାୟକ, ନୟାଗଡ଼ ବ୍ଲକ୍ ଶିକ୍ଷାଧିକାରୀ ନିମାଇଁ ଚରଣ ପ୍ରଧାନ ପ୍ରମୁଖ ଅତିଥି ରୁପେ ଯୋଗ ଦେଇଥିଲେ।




# ସଚେତନ ଚିରକୁଟିରେ ତ୍ରୁଟିପୂର୍ଣ୍ଣ ଲେଖାକୁ ନେଇ ଅସନ୍ତୋଷ

**ନୟାଗଡ଼,୨୫।୧ (ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ୧୪ ତମ ଜାତୀୟ ଭୋଟର ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଭୋଟର ଦିବସରେ ମୁଁ ନିଶ୍ଚୟ ଭୋଟ ଦେବି ବୋଲି ସଂକଳ୍ପ ପାଠ କରାଯାଇଥିଲା। ତେବେ ଭୋଟର ଦିବସ ଗୁରୁବାର ପୂର୍ବାହ୍ନ ୧୦ଟାରେ ହେବ ବୋଲି ପୂର୍ବରୁ ନିର୍ଦ୍ଧାରିତ ହୋଇ ସୂଚନା ଦିଆଯାଇଥିଲା। ତେବେ ଭୋଟର, ଖବରଦାତା, ରାଜନୈତିକ ଦଳର ନେତାମାନେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅପେକ୍ଷା କରି ରହିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଭା ବିଳମ୍ବରେ କରାଯାଉଥିବାରୁ ପ୍ରତିବାଦ କରି କେତେଜଣ ଖବରଦାତା ଉଦ୍‌ବେଗ ପ୍ରକାଶ କରି ଚାଲି ଆସିଥିଲେ।

**ଜାତୀୟ ଭୋଟର ଦିବସ**




ଅନ୍ୟପକ୍ଷେ ଜାତୀୟ ଭୋଟର ଦିବସ ଅବସରରେ ବଣ୍ଟନ ହୋଇଥିବା ଚିରିକୁଟିରେ ତ୍ରୁଟିପୂର୍ଣ୍ଣ ଶବ୍ଦକୁ ନେଇ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଚିରୁକୁଟିରେ ସୁଦୃଢ଼ ଗଣତନ୍ତ୍ର ମତଦାନ କରନ୍ତୁ; ମତଦାତା ଭାବେ ଗୌରବାନ୍ୱିତ ହୁଅନ୍ତୁ ଲେଖା ରହିଛି। ଏହି ଲେଖାର ସୁଦୃଢ଼କୁ ସୃଦୃଢ଼ ବନାନ ରହିଛି। ସେହିଭଳି ଗୌରବାନ୍ୱିତକୁ ଗୌରବାନ୍ନିତ ଲେଖା ରହିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଡେପୁଟି କଲେକ୍ଟର(ନିର୍ବାଚନ) ରିମା ହାସଦା ଉପସ୍ଥିତ ଥିଲେ।

# ନୂଆଗାଁ ବ୍ଲକରେ ଜାତୀୟ ମତଦାତା ଦିବସ ପାଳିତ

**ନୂଆଗାଁ,୨୫।୧(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପରିସରରେ ଗୁରୁବାର ଚତୁର୍ଦ୍ଦଶ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ନୂଆଗାଁ ବିଡିଓ ବାସୁଦେବ ନାୟକ ମତଦାନ ବିଷୟରେ ଉପସ୍ଥିତ ଥିବା ବୁଥସ୍ତରୀୟ ଅଧିକାରୀ ଓ ବୁଥ୍ ସୁପରଭାଇଜରମାନଙ୍କୁ ବୁଝାଇଥିଲେ। ଭାରତ ଭଳି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିଜର ମତଦାନ କରି ଜନ ପ୍ରତିନିଧି ବାଛିବା ଅଧିକାର ସମସ୍ତ ଭୋଟରମାନଙ୍କ ରହିଛି। ତେଣୁ ନିଜ ଅଧିକାରକୁ ନ ଭୁଲି ସମସ୍ତେ ନିଜର ମତଦାନ କରିବା ପାଇଁ ଲୋକମାନଙ୍କୁ ବୁଝାଇବା ଆମମାନଙ୍କର କର୍ତ୍ତବ୍ୟ ବୋଲି ବିଡିଓ ନାୟକ କହିଥିଲେ। ତେବେ ବର୍ତ୍ତମାନ ଅନେକ ଶିକ୍ଷିତ ଲୋକ ବିଶେଷ ଭାବେ ମହିଳାମାନେ ନିଜର ମତଦାନକୁ ଏଡାଇ ଦେଉଥିବା ଏକ ସର୍ଭେରୁ ଜଣା ପଡିଛି। ତେଣୁ କୌଣସି ମତଦାତା ନିଜର ଅଧିକାରକୁ ନ ଭୁଲି ଗଣତନ୍ତ୍ର ରାଷ୍ଟ୍ରରେ ନିଜର ମତଦାନ କରନ୍ତୁ ବୋଲି ବିଡିଓ ବୁଝାଇ ଥିଲେ। ନୂଆଗାଁ ଜିପିଓ ସାଧୁଚରଣ ସାହୁ , କମ୍ପ୍ୟୁଟର ପ୍ରୋଗ୍ରାମର ତୁଷାରକାନ୍ତ ପାଣିଗ୍ରାହୀ ମତଦାତା ଦିବସ ବିଷୟରେ ଉପସ୍ଥିତ ଲୋକମାନଙ୍କୁ ବୁଝାଇଥିଲେ।

# ୨୦ ବସ୍ତା ଦେଶୀ ମଦ ପାଉଚ୍ ଜବତ

## ୨ ଚୋରା ଚାଲାଣକାରୀ ଜେଲ୍ ଗଲେ

**ରଣପୁର,୨୫।୧ (ସୁକାନ୍ତ କିଶୋର ଡାକୁଆ)**



ନୟାଗଡ଼ ଜିଲା ରଣପୁର ଅଞ୍ଚଳରେ ଦିନକୁ ଦିନ ବେଆଇନ ମଦ କାରବାର ବଢୁଛି। ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେବା ପରେ ଅବକାରୀ ପୋଲିସ ପକ୍ଷରୁ ଚଢ଼ାଉ କଡ଼ାକଡି କରାଯାଇଛି। ରଣପୁର ଅବକାରୀ ଥାନା ପୋଲିସ ବୁଧବାର ବିଳମ୍ବିତ ରାତିରେ ନୟାଗଡ଼ ରଣପୁର ରାସ୍ତାର ସାନଗଡ଼ରୁ ଏକ ଟାଟାଏସି ଗାଡ଼ି (ନଂ.ଓଡ଼ି ୦୨ବିଭି୨୯୭୭) ଯାଞ୍ଚ କରିବା ପରେ ସେଥିରେ ଚୋରା ଚାଲାଣ ହେଉଥିବା ୨୦ବସ୍ତା ଦେଶୀ ମଦ ପାଉଚ ଜବତ କରାଯାଇଛି। ଏହି ଘଟଣାରେ ୨ ଯୁବକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଏକତାଳ ଗ୍ରାମର ମନୋଜ ପାତ୍ର ଓ କଟକ ଜିଲା ବାଙ୍କୀ ଥାନା ଅଧୀନ ସୁବର୍ଣ୍ଣପୁରର ରବୀନ୍ଦ୍ର ମହାପାତ୍ର। ଉଭୟେ ଦେଶୀମଦ ଧରି ବାଙ୍କୀ ଅଭିମୁଖେ ଯାଉଥିବା ବେଳେ ଅବକାରୀ ପୋଲିସ ଚଢ଼ାଉ କରିଥିଲା। ଗୁରୁବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି। ଜବତ ଦେଶୀ ମଦର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ପୋଲିସ ପ୍ରକାଶ କରିଛି।

सत्यमेव जयते
Government of India

ସବୁ ଦେଶବାସୀଙ୍କୁ
75 ତମ
ସାଧାରଣତନ୍ତ୍ର ଦିବସର
ଶୁଭେଚ୍ଛା

"ବର୍ତ୍ତମାନର ସମୟ ଭାରତର ବିକାଶ ପାଇଁ ଅମୃତକାଳ ଅଟେ । ଆଜି, ଭାରତ ଯୁବ ଶକ୍ତିର ପୁଞ୍ଜି ଓ ଉତ୍ସାହରେ ପୂରି ରହିଛି । ଆଜି ଆମେ, ଏପରି ଏକ ମୋଡ଼ରେ ଛିଡ଼ା ହୋଇଛୁ, ଯେଉଁଠି ପ୍ରତ୍ୟେକ ପ୍ରୟାସ, ପରବର୍ତ୍ତୀ ଏକ ହଜାର ବର୍ଷର ଭାରତ ପାଇଁ ମୂଳଦୁଆକୁ ମଜଭୁତ କରିବ ।"
- ନରେନ୍ଦ୍ର ମୋଦୀ



କର୍ତ୍ତବ୍ୟ ପଥରୁ ଗଣତନ୍ତ୍ର ଦିବସ ସମାରୋହର ସିଧା ପ୍ରସାରଣ ସକାଳ ୨:୦୦ଟାରୁ ଦୂରଦର୍ଶନ ନେଟୱର୍କରେ
CBC 22201/13/0231/2324

## ସଂକ୍ଷେପରେ

### ଆଇସିୟୁରେ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ



ଚଣ୍ଡିଖୋଲ,୨୫।୧ (ପ୍ରଦୀପ୍ତ କୁମାର ପୃଷ୍ଟି): ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ ଗୁରୁତର ଅସୁସ୍ଥ ହୋଇ ଏବେ କଟକ ବଡ଼ ଡାକ୍ତରଖାନା ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ସେ ତାଙ୍କ ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲି ପଡ଼ିଆସ୍ଥିତ ବାସଭବନରେ ବୁଧବାର ପଡ଼ିଯିବା ପରେ ଗୁରୁତର ହୋଇଥିଲେ। ତାଙ୍କୁ ଯାଜପୁର ଜିଲା ପ୍ରଶାସନ ତରଫରୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କ ଅବସ୍ଥାରେ ସୁଧାର ନ ଆସିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନନ୍ତର କରାଯାଇଥିଲା। ୪ ଜଣ ସ୍ପେଶାଲ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା ଦାୟିତ୍ୱରେ ଅଛନ୍ତି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା, ଆଇନଜୀବୀ ପ୍ରକାଶ ଦାଶ ଓ ଭାଜପା ନେତା ଅମର ନାୟକ ପ୍ରମୁଖ ତାଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି।

### ବରୁଆଁ ପାକ୍ସରେ ଧାନମଣ୍ଡି ଉଦ୍‌ଘାଟିତ

ଯାଜପୁର ସଦର,୨୫।୧ (ସମର ବିଜୟ ଶରଣ): ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ମେଳଣ ପଡ଼ିଆସ୍ଥିତ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଗୁରୁବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପାକ୍ସ ସଭାପତି ବ୍ରଜକିଶୋର ପାଢ଼ୀଙ୍କ ତତ୍ତ୍ୱାବଧାନରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ବିଜୟ କୁମାର ଦଲାଇ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ମହେଶ୍ୱରପୁର ସରପଞ୍ଚ ସୁଜିତ ରାୟ, ଉପର ବରୁଆଁର ସେକ୍ ଗୋଲାମ ଅଲ୍ଲି, ଯୁବ ସଂଗଠକ ଅମିତ ରାଉତ, ଆର ଏମ୍ବରୁ ଦେବ ବୋଷ, ପାକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ରାଜକିଶୋର ଦାସ ଓ ସମସ୍ତ ବୋର୍ଡଙ୍କ ସମେତ ଉପର ବରୁଆଁ, କୁସୁନପୁର, କବୀରପୁର, ମହେଶ୍ୱରପୁର କଚେରୀ ଗାଁ, ଜଗଦୀଶପୁର, ପୁରୁଷୋତ୍ତମପୁର, ପାଣ୍ଡିଆ ଗୋପୀନାଥପୁର, ମାପୁର, ସ୍ୱପ୍ନେଶରପୁର, ଗୋପୀନାଥପୁର, ବେଣୀପୁର, ନିଶ୍ଚନ୍ତା, ବ୍ରାହ୍ମଣବାଛପୁର, ଜୟପୁର ଓ ମିରପାଟଣା ଅଞ୍ଚଳରୁ ପ୍ରଦୀପ ତରାଇ, କ୍ଷେତ୍ରବାସୀ ମଲିକ, ରବି ବେହେରା, ଦୁଷ୍ମନ୍ତ ବାରିକ, ଜିତେନ୍ଦ୍ର ବିଶ୍ୱାଳ ଏବଂ ମଧୁସୂଦନ ସାହୁ ପ୍ରମୁଖ ଚାଷୀ ଯୋଗଦେଇଥିଲେ। ପାକ୍ସର ପ୍ରମୋଦ ସାହୁ, ବିନୋଦ ବିହାରୀ ବେହେରା, ପଦ୍ମନାଭ ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଚଳିତ ବର୍ଷ ପ୍ରଥମ ଭାଗରେ ୩୦୦୦ କୁଇଣ୍ଟାଲ ଧାନ କିଣା ଯିବାକୁ ଲକ୍ଷ୍ୟ ଥିବାବେଳେ ୨୨୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଚାଷୀଙ୍କଠାରୁ ଏଫଏକ୍ୟୁ ଧାନ କୁଇଣ୍ଟାଲ ପିଛା ୨୧୮୩ ଟଙ୍କା ଓ ଏ ଗ୍ରେଡ୍ କୁଇଣ୍ଟାଲ ପିଛା ୨୨୦୩ ଟଙ୍କାରେ କିଣା ହେବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

### ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

ଝୁମ୍ପୁରୀ,୨୫।୧(ସରୋଜ ନାୟକ): ଦଶରଥପୁର ବ୍ଲକ୍ ବିରିପଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଅଧ୍ୟକ୍ଷ ଶରତ ଚନ୍ଦ୍ର ପରିଡ଼ା ଉଦ୍‌ଘାଟନ କରିବା ସହ ଜଗନ୍ନାଥ ସଂସ୍କୃତି ଓ ଚେତନା ସମ୍ପର୍କରେ ମତ ରଖିଥିଲେ। ଅଧ୍ୟାପକ ରାମମୋହନ ଦେବତା, ନରେନ୍ଦ୍ର ଶତପଥୀ ଜଗନ୍ନାଥ ସଂସ୍କୃତି ଓ ଆଦିବାସୀ ପରମ୍ପରା ଉପରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରଶାନ୍ତ ନନ୍ଦ, ପ୍ରକାଶ ଧଳ ଓଡ଼ିଆ ଭାଷା ସମ୍ମିଳନୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିବାବେଳେ କଣ୍ଠଶିଳ୍ପୀ ଚନ୍ଦନ ବାରିକ ଓ ବଳରାମ ରଣା ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ପରେ କୁଇଜ୍, ହସ୍ତାକ୍ଷର, କବିତା ଲିଖନ, ଗଳ୍ପ, କ୍ଷୁଦ୍ର ରଚନା, କବିତାପାଠ, ଜଗନ୍ନାଥ ଭଜନ, ଓଡ଼ିଆ ବ୍ୟାକରଣ ଦକ୍ଷତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୈବଲ୍ୟ ଜେନା, ପ୍ରତାପ ତ୍ରିପାଠୀ, ଅଜୟ ବେହେରା, ସନ୍ତୋଷ ଦାସ, ଅଧ୍ୟାପିକା କାନ୍ତିଲତା ତ୍ରିପାଠୀ, ପ୍ରଶାନ୍ତ ଆଚାର୍ଯ୍ୟ, ମନୋରଞ୍ଜନ ଜେନା, ସନ୍ତୋଷ ରାଉତ, ତୁଷାର ସାମଲ, ବୈକୁଣ୍ଠନାଥ ସେନାପତି ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଶଶୀଭୂଷଣ ମହାଲିକ ଧନ୍ୟବାଦ ଦେଇଥିଲେ।

# ଆସିଲେନି ବହୁ ଅଧିକାରୀ

## ଓଲାଶୁଣୀ ଗୁମ୍ଫା ମେଳା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ



ବୈଠକରେ ପୋଲିସ, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଚଣ୍ଡିଖୋଲ,୨୫।୧(ପ୍ରଦୀପ୍ତ କୁମାର ପୃଷ୍ଟି): ଓଡ଼ିଶାର ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫା ମେଳା ଫେବୃଆରୀ ୬ରୁ ଆରମ୍ଭ ହେବ। ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ବ୍ରହ୍ମଲୀନ ଦିବସ ମାଘ କୃଷ୍ଣପକ୍ଷ ଏକାଦଶୀ ତିଥିରେ ପଡୁଥିବାରୁ ସେହି ଦିନଠାରୁ ଗୁମ୍ଫା ମେଳା ଆରମ୍ଭ ହୋଇଥାଏ। ଏଥିପାଇଁ ଗୁରୁବାର ଓଲାଶୁଣୀ ପାହାଡ଼ ଶୀର୍ଷଦେଶରେ ଥିବା ଗଣେଶ ମଣ୍ଡପ ପରିସରରେ ଯାଜପୁର ଅତିରିକ୍ତ ଜିଲାପାଳ ଶୁଭେନ୍ଦୁ ସାମଲଙ୍କ ଅଧ୍ୟକ୍ଷତାରେ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗଦେବା ପାଇଁ ୧୮ ତାରିଖରେ ଦର୍ପଣ ତହସିଲଦାର ମାନସ ତ୍ରିପାଠୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ହେଲେ ବହୁ ବିଭାଗର ଅଧିକାରୀ ବୈଠକରେ ଯୋଗଦେଇ ନ ଥିଲେ। ଫଳରେ ଏହାକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା।

ଯାଜପୁର ଜିଲା ପାନୀୟ ଜଳ ଯୋଗାଣ, ଅବକାରୀ, ଗ୍ରାମ୍ୟ ଉନ୍ନୟନ, ଜଙ୍ଗଲ, ସ୍ୱାସ୍ଥ୍ୟ, ଯୋଗାଣ, ପର୍ଯ୍ୟଟନ ଓ ଏଣ୍ଡାଓମେଣ୍ଟ ବିଭାଗ ପକ୍ଷରୁ କୌଣସି ଅଧିକାରୀ ଆସି ନ ଥିଲେ। ଯେହେତୁ ଏହା ଏକ ବଡ଼ ମେଳା ଏବଂ ତାହା ୧୦ ଦିନ ଧରି ଚାଲିବ ତେଣୁ ଏଠାରେ ଦୈନିକ ଲକ୍ଷାଧିକ ଲୋକଙ୍କ ସମାବେଶ ହେବା ସମ୍ଭାବନା ରହିଛି। ସେଥିପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତି ନିହାତି ଆବଶ୍ୟକ ଥିଲା।

ବୈଠକରେ ମଠାଧୀଶ ମହନ୍ତ ଡ. ନାମାନନ୍ଦ ଦାସ ଆଶୀର୍ବଚନ ପ୍ରଦାନ କରିବା ପରେ ଆଲୋଚନା ଆରମ୍ଭ ହୋଇଥଲା। ଯାଜପୁର ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ବାଲିଚନ୍ଦ୍ରପୁର ଥାନା ଆଇଆଇସି ପ୍ରମୋଦିନୀ ସାହୁ, ମାହାଙ୍ଗା ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକ, ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ବିଦ୍ୟୁତ୍ ବିଭାଗର ସୁଶାନ୍ତ କୁମାର ଆଚାର୍ଯ୍ୟ ଓ ମାହାଙ୍ଗା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ମେଳା ସମୟରେ ବିଦ୍ୟୁତ୍ କାଟ, ପାହାଡ଼ ପାଦ ଦେଶରୁ ଶୀର୍ଷ ଦେଶ ପର୍ଯ୍ୟନ୍ତ ଆଲୋକୀକରଣ, ପରିମଳ ଓ ପରିଚ୍ଛନ୍ନତା, ପାନୀୟ ଜଳ ଯୋଗାଣ, ଅବକାରୀ ନୀତି, ରାସ୍ତା ମରାମତି ସହ ମେଳା ସମୟରେ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମେଳାକୁ ଶୃଙ୍ଖଳିତ କରିବା ପାଇଁ ଆଇନଶୃଙ୍ଖଳା ଓ ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଏସ୍‌ଡିପିଓ ସୂଚନା ଦେଇଥିଲେ।

ପ୍ରଶାସନିକ ପ୍ରସ୍ତୁତି ବୈଠକ ପାଇଁ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଓ ବିଧାୟକଙ୍କୁ ପତ୍ର ଦିଆ ଯାଇ ନ ଥିବା ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଥିଲେ। ଓଲାଶୁଣୀ ଗୁମ୍ଫା ଉନ୍ନୟନ ପରିଷଦ ପକ୍ଷରୁ ଶରତ ସିଂହ, ଦିଲୀପ ସାମଲ, ରତିକାନ୍ତ ସାମଲ, ଅଶୋକ ସାମଲ, ଦେବାଶିଷ ସିଂହ, ଶ୍ରୀକାନ୍ତ ସାମଲ, ବୈନେତୟ ଦାସ, ଶୁଭେନ୍ଦୁ ଭୂୟାଁ, ଦାମୋଦର ସ୍ୱାଇଁ ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଲେଖ ଚନ୍ଦ୍ର ସାମଲ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ତହସିଲଦାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସୌମିତ୍



@ ସାଗରିକା



@ ପ୍ରଦୀପ୍ତ



@ ତାପସ



@ ସୌମ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

## ଧର୍ମଶାଳା ମହିଳା ଜୁନିୟର କଲେଜ

ଧର୍ମଶାଳା,୨୫।୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଧୀନ ଦେଉଳିସ୍ଥିତ ଧର୍ମଶାଳା ଯୁକ୍ତ ୨ ମହିଳା କଲେଜର ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅଧ୍ୟକ୍ଷା ନମିତା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଗୌତମ ଜେନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଜଗନ୍ନାଥ ହୃଦୟରଠାକୁର ବୋଲି କହିବା ସହିତ ଓଡ଼ିଆ ଭାଷା ବିକାଶ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ଯୋଗଦେଇ ରାଜ୍ୟ ସରକାର ସ୍କୁଲ୍ କଲେଜଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରିଛନ୍ତି ବୋଲି କହିଥିଲେ। ଏଥିରେ ଅଧ୍ୟାପିକ ମାଙ୍ଗଳିକା ଦାସ ସୂଚନା ଦେଇଥିଲେ। ପ୍ରବାସିନୀ ପ୍ରଧାନ, କବିତା ସାମଲ, ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ସୂର୍ଯ୍ୟମଣି ବାରିକ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବରୁ ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା, କବିତା ଲିଖନ, କବିତା ଆବୃତ୍ତି, ନୃତ୍ୟ, ସଙ୍ଗୀତ, ପ୍ରବନ୍ଧ ଲିଖନ, ଜଗନ୍ନାଥ ସଂସ୍କୃତି ଆଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସୋନାଲି ସାହୁ ଧନ୍ୟବାଦ ଦେଇଥିଲେ।

# ୨୭ରୁ କଳିଙ୍ଗନଗର ମହୋତ୍ସବ

କଳିଙ୍ଗନଗର,୨୫।୧(ଶୁଭାଶିଷ ରାଉତ): କଳିଙ୍ଗନଗର ମହୋତ୍ସବ ଚଳିତବର୍ଷ ଇଣ୍ଡଷ୍ଟ୍ରିଆଲ କନକ୍ଲେଭ ନାମରେ ପାଳିତ ହେବ। ଏହା ଆସନ୍ତା ୨୭ ତାରିଖରୁ ଫେବୃଆରୀ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମହୋତ୍ସବର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ ଓ ଓଲିଉଡର ପ୍ରସିଦ୍ଧ କଳାକାର ଏବଂ କଣ୍ଠଶିଳ୍ପୀ ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିବେ।

ଏନେଇ ଦାନଗଦି ବ୍ଲକ ନିକଟ ମଙ୍ଗଳପୁର ପଞ୍ଚାୟତ ତେଲିବାହାଳି ମହାପାଟ ପଡିଆରେ ପ୍ରସ୍ତୁତି ଚାଲିଛି। ଏହି ଅବସରରେ ଗୁରୁବାର ବାଘବାହାଳିସ୍ଥିତ ଜେସିଡିଏଲ୍ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଥର ପାଇଁ ଶିଳ୍ପ ସଂସ୍ଥାମାନଙ୍କ ଦାରା ସିଧାସଳଖଭାବେ ଅୟୋଜିତ ହେବାକୁ ଯାଉଥିବା କନକ୍ଲେଭ ପାଇଁ ଟାଟା ଷ୍ଟିଲ ଓ ଜିନ୍ଦଲ ଷ୍ଟେନଲେସ ପ୍ରମୁଖ ଆୟୋଜକ ଭାବେ ଦାୟିତ୍ୱ ନେଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିନ୍ଦଲର ବରିଷ୍ଠ ପ୍ରଶାସକ ନୀଳମାଧବ ରଥ କନକ୍ଲେଭର ଆବାହକ ରହିଛନ୍ତି। ଜେସିଡିଏଲ ସିଇଓ ସନ୍ତୋଷ କୁମାର ଦାସ କନକ୍ଲେଭ ପରିଚାଳନା କମିଟିରେ ରହିଥିବାବେଳେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ନବକୃଷ୍ଣ ଦାଶ କମିଟିର ଅଧ୍ୟକ୍ଷ ଓ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଉପଦେଷ୍ଟା ରହିଛନ୍ତି। ୭ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ଜିନ୍ଦଲ ଷ୍ଟେନଲେସ ଏବଂ ଟାଟା ଷ୍ଟିଲ ପ୍ରତ୍ୟେକ ଦୁଇଦିନର କାର୍ଯ୍ୟକ୍ରମ କରାଇବା ପାଇଁ ନିଷ୍ପତ୍ତି ହୋଇଛି। ଶିଳ୍ପାଞ୍ଚଳର ଅନ୍ୟ ଶିଳ୍ପାନୁଷ୍ଠାନ ଭାଗୀଦାରୀରେ ଅବଶିଷ୍ଟ ୩ ଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ସହଯୋଗ କରିବ ବୋଲି ସୂଚନା ଦିଆଯାଇଛି।

# ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣ ସ୍ପନ୍ଦନ ଶ୍ରୀଜଗନ୍ନାଥ



ଅଭିମନ୍ୟୁ ସାମନ୍ତ ସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବରୀ,୨୫।୧( ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ୍ ଅଧୀନ ବାଲିଆ ଅଭିମନ୍ୟୁ ସାମନ୍ତ ସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ନୂଆ-ଓ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତିପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ମଳୟ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ କାମଦେବ ଶତପଥୀ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପାଞ୍ଜଳି ପ୍ରଦାନ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଥିସହିତ ଶ୍ରୀଜଗନ୍ନାଥ ସଂସ୍କୃତି ଆମ ଜୀବନର ମୌଳିକତାକୁ ସଂସ୍କାରିତ ଚେତନାଭିମୁଖି କରାଏ ସେ ବୋଲି କହିବା ସହ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣର ସ୍ପନ୍ଦନ ଶ୍ରୀଜଗନ୍ନାଥ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ତଥା କାର୍ଯ୍ୟକ୍ରମର ସଂଯୋଜକ ପ୍ରାଧ୍ୟାପକ ପ୍ରମୋଦ କୁମାର ଦାସ, ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ଦାଶ ଯୋଗଦାନ କରି ଶ୍ରୀଜଗନ୍ନାଥ ଚେତନା ଓ ଆଜିର ପରିକ୍ରମା ବ୍ୟବସ୍ଥାର ସୁ ଆୟୋଜନ ବିଷୟରେ ବାଖ୍ୟା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଭଜନ, ଜଣାଣରେ ବିଭିନ୍ନ ନୃତ୍ୟ ପଦର୍ଶନ କରାଯାଇଥିଲା। ପୂର୍ବରୁ ଶ୍ରୀଜଗନ୍ନାଥ ଚେତନା ଉପରେ ଆୟୋଜିତ ବକ୍ତୃତା, ପ୍ରବନ୍ଧ, କୁଇଜ, ଓଡ଼ିଆ ହସ୍ତାକ୍ଷର ଓ ନୃତ୍ୟ ଆଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସୃତ କରିଥିଲେ। ପ୍ରଗତୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦଗ୍ଧ କବିସେବକ ଶରତ ଜେନା ଧନ୍ୟବାଦ ଦେଇଥିଲେ।

# ରସୁଲପୁର ବ୍ଲକରେ ଭୋଟର ଦିବସ ପାଳିତ

ରସୁଲପୁର,୨୫।୧(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏଥିରେ ବ୍ଲକ ଅଞ୍ଚଳର କେତେଜଣ ନୂତନ ଭୋଟରଙ୍କୁ ମତଦାନ ସମ୍ପର୍କରେ ସଚେତନ କରାଯାଇଛି। ବିଡିଓ ଅବନିକାନ୍ତ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ଭୋଟର ଦିବସର ମହତ୍ତ୍ୱ ସଂପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ସହ ନୂତନ ଭୋଟର କିଭଳି ଇଭିଏମ୍ ସହାୟତାରେ ଭୋଟଦାନ କରି ପାରିବେ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହାଛଡ଼ା 'ଆମେ ଭାରତର ନାଗରିକମାନେ, ଗଣତନ୍ତ୍ର ଉପରେ ବିଶ୍ୱାସ ରଖି, ଆମ ଦେଶର ଗଣତାନ୍ତ୍ରିକ ପରମ୍ପରା ତଥା ମୁକ୍ତ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ସମ୍ମାନ ରକ୍ଷା କରିବାକୁ ପ୍ରତିଜ୍ଞା କରିଛୁ ଏବଂ ପ୍ରତ୍ୟେକ ନିର୍ବାଚନରେ ନିର୍ଭୟରେ ଏବଂ ଧର୍ମର ବିଚାର ଦ୍ୱାରା ପ୍ରଭାବିତ ନ ହୋଇ ଭୋଟ ଦେବୁ' ବୋଲି ଶପଥ ପାଠ କରିଥିଲେ। ଏବିଡିଓ ଦିବ୍ୟକାନ୍ତି ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଧନ୍ୟବାଦ ଦେଇଥିଲେ।

# ପଠନଶୀଳ ମନୋବୃତ୍ତି ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ

କାଏମା,୨୫।୧(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ୍ ଅଧୀନ କାଏମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଂଶତମ ବାର୍ଷିକ ଉତ୍ସବ ବିଦ୍ୟାମନ୍ଦିର ପରିସରରେ ପାଳିତ ହୋଇଯାଇଛି। ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥିଭାବେ ବାବା ଭୈରବାନନ୍ଦ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମନୋଜ କୁମାର ଦାସ ଓ ମୁଖ୍ୟବକ୍ତାଭାବେ ଶିକ୍ଷାବିକାଶ ସମିତି ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ମହାନ୍ତି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଇଂ. ଚିତ୍ତରଞ୍ଜନ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ରୀତାରାଣୀ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଜିର ଶିଶୁ ଆଗାମୀ ଦିନର ଭବିଷ୍ୟତ, ନୈତିକ ଶିକ୍ଷା, ସୁଦ୍ଧ ଚରିତ୍ର ଓ ପଠନଶୀଳ ମନୋବୃତ୍ତିକୁ ଛାତ୍ରୀଛାତ୍ର ଐକକେନ୍ଦ୍ରିକ କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହ ଦେଶର ସୁସ୍ଥ ନାଗରିକ ହୋଇପାରିବେ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ନାଟକ ଓ ନୃତ୍ୟ ପରିବେଷଣ କରିଥିଲେ। ଶିଶୁମନ୍ଦିର ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ଆଚାର୍ଯ୍ୟାଆଚାର୍ଯ୍ୟ ଓ ସେବିକା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଚାଳନା କମିଟି କୋଷାଧ୍ୟକ୍ଷ ସୁକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।



କାଏମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

# ଗଣତନ୍ତ୍ର ପାଇଁ ଭାରତ ମାଟି ଗର୍ବିତ

## ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ




ମତଦାତା ଦିବସରେ ଉପସ୍ଥିତ ଅତିଥିବୃନ୍ଦ।

ଯାଜପୁର,୨୫।୧(ହର୍ଷବର୍ଦ୍ଧନ ବେହେରା): ଜିଲା ପ୍ରଶାସନ ଓ ଯାଜପୁର ପୌର ପରିଷଦ ମିଳିତ ଆନୁକୂଲ୍ୟରେ ଗୁରୁବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ୧୪ ତମ ଜାତୀୟ ମତଦାତା ଦିବସ ୨୦୨୪ ପାଳିତ ହୋଇଯାଇଛି। ଉପଜିଲାପାଳ ତଥା ଭୋଟର ପଞ୍ଜିକରଣ ଅଧିକାରୀ ଗୋପୀନାଥ କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶୁଭେନ୍ଦୁ କୁମାର ସାମଲ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ନବକ୍ରିଷ୍ଣ ଜେନା, ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଡେପୁଟି କଲେକ୍ଟର କ୍ଷୀରୋଦ କୁମାର ଦାସ, ଡେପୁଟି କଲେକ୍ଟର ପ୍ରଦ୍ୟୁମ୍ନ କୁମାର ଦାସ ଯୋଗଦେଇ ଗଣତନ୍ତ୍ର ଆମର ଆତ୍ମା ବୋଲି କହିବା ସହ ପ୍ରତ୍ୟେକ ନାଗରିକ ଗଣତନ୍ତ୍ରକୁ ସୁଦୃଢ଼ କରିବା ନିମନ୍ତେ ମତଦାନ ସାବ୍ୟସ୍ତ କରିବା ଉଚିତ। ଚଳିତ ବର୍ଷ ନିର୍ବାଚନରେ ପ୍ରତ୍ୟେକ ନାଗରିକ ନିଜ ନିଜ ମତଦାନ କେନ୍ଦ୍ରକୁ ଆସି ନିଜର ମତଦାନ ସାବ୍ୟସ୍ତ କରି ମତଦାନର ହାର ବୃଦ୍ଧି କରିବା ନିମନ୍ତେ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଗଣତନ୍ତ୍ର ପାଇଁ ଭାରତ ମାଟି ଗର୍ବିତ। ଏଣୁ ସମସ୍ତ ନାଗରିକ ଏପରି ମହାନ କର୍ତ୍ତବ୍ୟ ଓ ଦାୟିତ୍ୱ ପଥରୁ ବିଚ୍ୟୁତ ନ ହୋଇ ମତଦାନ ସାବ୍ୟସ୍ତ କରି ନିଜର ଭବିଷ୍ୟତ ଉଜ୍ଜ୍ୱଳ କରିବା ସହ ଗଣତନ୍ତ୍ରକୁ ସୁଦୃଢ ଓ ଉଜ୍ଜ୍ୱଳ କରିବା ନିମନ୍ତେ ଉପଜିଲାପାଳ କୁଅଁର ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷର ବାର୍ତ୍ତା ମୁଁ ବି ଭୋଟ ଦେବି, ରାଷ୍ଟ୍ର ଗଠନରେ ମୋ ଭୋଟ ସବୁଠାରୁ ମୂଲ୍ୟବାନ ବୋଲି ସେ କହିଥିଲେ। ଜିଲାରେ ଜାନୁଆରୀ ୫ ତାରିଖ ୨୦୨୪ ରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ଭୋଟର ତାଲିକାରେ ଭୋଟରଙ୍କ ସଂଖ୍ୟା ୧୫ ଲକ୍ଷ ୩୦ ହଜାର ୨୪୦ ବୋଲି ସୂଚନା ପ୍ରଦାନ କରିଥିଲେ। ଶ୍ରେଷ୍ଠ ବୁଥ୍‌ସ୍ତରୀୟ ଅଧିକାରୀ, ସୁପରଭାଇଜର ଏବଂ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଓଡିଆ ବକ୍ତୃତା, କୁଇଜ୍ ଓ ରଙ୍ଗୋଲି ଆଦି କୃତି ପ୍ରତିଯୋଗୀଙ୍କୁ ସଭାପତି ଓ ଅତିଥି ବୃନ୍ଦ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଜିଲା ପରିଷଦ କାର୍ଯ୍ୟାଳୟ ପରିସରରୁ ମେଡିକାଲ ଛକ ପର୍ଯ୍ୟନ୍ତ ସଚେତନତା ରାଲିକୁ ପୂର୍ବାହ୍ନ ୮ ଘଟିକା ସମୟରେ ଉପଜିଲାପାଳ କୁଅଁର ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ପୌର ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଢ଼ୀଯୋଶୀ ସ୍ୱାଗତ ଭାଷଣ ଏବଂ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ, ଜିଲା ପରିଷଦ ଓ ପୌର ପରିଷଦ କାର୍ଯ୍ୟାଳୟ ଓ ଜିଲା ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

**ଦିଲୀପ ୨୯ନଂ. ଜୋନ୍ ଭାଜପା ସଭାପତି**

ରାଜକନିକା, (ସଞ୍ଜୟ କୁମାର ଦାଶ): କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକ ଭାଜପା ୨୯ନଂ. ଜୋନ ନୂତନ ସଭାପତି ଭାବେ ଦିଲୀପ ପରିଡାଙ୍କୁ ନିଯୁକ୍ତି ମିଳିଛି। ଏହାକୁ ନେଇ ପରିଡା ରାଜ୍ୟ ସଭାପତି ମନମୋହନ ସାମଲ, ଜିଲା ସଭାପତି କିଶୋର ପଣ୍ଡା ଓ ଜିଲା ଉପ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଗୁରୁ ଦାୟିତ୍ୱକୁ ସୁଚାରୂ ରୂପେ ତୁଲାଇବେ ବୋଲି ସେ କହିଛନ୍ତି। ତାଙ୍କୁ ଏହି ଦାୟିତ୍ୱ ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ଦିଆଯାଇଛି।

## ସଂକ୍ଷେପରେ

### ବ୍ଲକସ୍ତରୀୟ କଳାକାର ପ୍ରଶିକ୍ଷଣ ଶିବିର

ଡେରାବିଶ, ୨୫।୧ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ୨ ଦିନିଆ ବ୍ଲକସ୍ତରୀୟ କଳାକାର ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ବିଡିଓ ଦାଶରଥି ଜେନା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଦେବାଶିଷ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଭାବରେ ଏବିଡିଓ ଭଞ୍ଜ କିଶୋର ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଶ୍ମୀ ଦେବୀ ଯୋଗଦେଇଥିଲେ। ଏହ ପ୍ରଶିକ୍ଷଣ ଶିବିରରେ ବ୍ଲକ ଅଞ୍ଚଳର ୮୦ ଜଣ କଳକାର ପ୍ରଶିକ୍ଷିତ ହୋଇଥିଲେ। ଏହି କଳାକାରମାନେ ପାଲା, ଦାସକାଠିଆ, କେନ୍ଦରା, ଘୋଡ଼ାନାଚ, ଶଖି କଣ୍ଢେଇ ନାଚ ଓ ସଂକୀର୍ତ୍ତନ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବେ ବୋଲି ଅତିଥିମାନେ କହିଥିଲେ। ଏଥିରେ ରିସୋର୍ସ ପର୍ସନ ଭାବେ ବସନ୍ତ କୁମାର ଦାସ ଯୋଗ ଦେଇଥିଲେ। ଏହାକୁ ଡେରାବିଶ ବ୍ଲକ କଳାକାର ସଂଘର ଉପସଭାପତି ନିରାକାର ମହାରଣା ପରିଚାଳନା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ।

### ଭାଜପାର ଯୁବ ମତଦାତା ସମ୍ମିଳନୀ

ତିର୍ତ୍ତୋଲ, ୨୫।୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲରେ ଭାଜପା ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ଯୁବ ମତଦାତା ସମ୍ମିଳନୀ ଗୁରୁବାର ଆନନ୍ଦ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସୁଧୀର କୁମାର ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମାଧ୍ୟମରେ, ଉପସ୍ଥିତ ଯୁବ ଭୋଟରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଦେଶରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଯୁବ ଭୋଟରମାନେ ବହୁ ସଂଖ୍ୟାରେ ଭାଗ ନେଇ ଏକ ସ୍ଥିର ଏବଂ ପୂର୍ଣ୍ଣ ବହୁମତରେ ସରକାର ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରୁ ଶତାଧିକ ଯୁବ ଭୋଟର ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବମୋର୍ଚ୍ଚା ପଦାଧିକାରୀଙ୍କ ସମେତ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ମଣ୍ଡଳ ସଭାପତି ଏବଂ ଯୁବମୋର୍ଚ୍ଚାର ସମସ୍ତ ମଣ୍ଡଳ ସଭାପତି ଉପସ୍ଥିତ ଥିଲେ। ଜିଲା ଉପସଭାପତି ସୁଶିଲ ସାହୁ, ସମ୍ପାଦକ ଆଶିଷ ସାମଲ, ସଂଯୋଜକ ସନ୍ତୋଷ ନାୟକ, ସର୍ମପଣ ଓଝା, ରାକେଶ ଦାସ, ରାକେଶ ମହାପାତ୍ର, ସ୍ମୃତି ରଞ୍ଜନ ଖୁଣ୍ଟିଆ, ଯୁବ ମୋର୍ଚ୍ଚା ମଣ୍ଡଳ ସଭାପତି ହରିଶଙ୍କର ମହାନ୍ତି, ଶୁଭ୍ରକାନ୍ତ ରଣା, ନିହାର ରଞ୍ଜନ ମହାପାତ୍ର , ସରୋଜ ସାହୁ, ବିଭୁତି ବେହେରା, ନିଶିକାନ୍ତ ନାୟକ, ଚିତ୍ତ ରଞ୍ଜନ ନନ୍ଦି, ମଣ୍ଡଳ ସଭାପତି ରୁପକ ଖୁଣ୍ଟିଆ, ସୁନନ୍ଦ ବିଶ୍ୱାଳ , ବିଶଜିତ ଦାଶ, ଶିବପ୍ରସାଦ ସାହୁ , ତରୁଣ କୁମାର ଦାସ ଏବଂ ସୁଦର୍ଶନ ପଣ୍ଡା, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଫେବୃଆରୀ ୧୬ରେ ବିଶ୍ୱଶାନ୍ତି ମହାଯଜ୍ଞ

ପଟ୍ଟାମୁଣ୍ଡାଇ, ୨୫।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବଣିକ ସଂଘ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞର ପାରମ୍ପରିକ ରୀତିନୀତି ଅନୁଯାୟୀ ଗୁରୁବାର ଶୁଭ ଦିଆଯାଇଛି। ଏହି ଉପଲକ୍ଷେ ପଣ୍ଡିତ ବ୍ରହ୍ମାନନ୍ଦ ନନ୍ଦ ଓ ଭ୍ରମରବର ତ୍ରିପାଠୀଙ୍କ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇ ଯଜ୍ଞର ଶୁଭ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଡ଼ା ଲେଙ୍କା, ପୂର୍ବତନ ପୌର ଉପାଧ୍ୟକ୍ଷ ସୁମନ୍ତ ପାତ୍ର, କାଉନସିଲର ବିଦ୍ୟାଧର ସେଠୀ, ଗୋପୀବଲ୍ଲଭ ନାୟକ, ସ୍ୱରୂପାନନ୍ଦ ସାମଲ, ଲାସ୍ୟମୟୀ ସାହୁ, ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, ଉପଦେଷ୍ଟା କିରଣ କୁମାର ଭୂୟାଁ, ରବୀନ୍ଦ୍ର ସାହୁ, ବ୍ରଜ କିଶୋର ସାହୁ, କିଶୋର ଜେନା, ବ୍ରଜ କିଶୋର ତ୍ରିପାଠୀ ପ୍ରମୁଖ ବହୁ ସଦସ୍ୟ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ଥାନା ସବ୍‌ଇନ୍ସପେକ୍ଟର ହରିହର ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ମହାଯଜ୍ଞ ଫେବୃଆରୀ ୧୬ରୁ ଆରମ୍ଭ ହୋଇ ୨୫ ତାରିଖରେ ପୂର୍ଣ୍ଣାହୁତି ଦିଆଯିବ ବୋଲି କାର୍ଯ୍ୟକ୍ରମ ସ୍ଥିର କରାଯାଇଛି।

# ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଭୋଟରଙ୍କ ଧାରଣା

ପଟ୍ଟାମୁଣ୍ଡାଇ, ୨୫।୧ (କଳ୍ପତରୁ ନାୟକ)



ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ସମ୍ମୁଖରେ ପଞ୍ଚାୟତବାସୀ ଧାରଣା ଦେଇଛନ୍ତି।

**ବଡ଼ପଡ଼ା ପଞ୍ଚାୟତ ଉପନିର୍ବାଚନ ଭୋଟର ତାଲିକା ପ୍ରକାଶନରେ ବିଳମ୍ବ**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା ସରପଞ୍ଚଙ୍କ ପରଲୋକ ପରେ ଉପନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନର ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏ ନେଇ ଗତ ୨୨ରେ ପଞ୍ଚାୟତ କାର୍ଯ୍ୟାଳୟରେ ୱାର୍ଡ ୱାଇଜ ପ୍ରାଥମିକ ଭୋଟର ତାଲିକା ପ୍ରକାଶନ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ମାତ୍ର ବ୍ଲକ ରିଟର୍ଣ୍ଣିଂ ଅଫିସର ଭାବେ ଦାୟିତ୍ୱରେ ଥିବା ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂସୁ ସାହୁ ୨୫ ତାରିଖ ସୁଦ୍ଧା ତାଲିକା ପ୍ରକାଶନ ନ କରିବାରୁ ଗୁରୁବାର ପୂର୍ବାହ୍ନ ୧୦ଟାର ପଞ୍ଚାୟତବାସୀ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ଅନଶନରେ ବସିଥିଲେ। ଏ ସମ୍ପର୍କରେ ଖବରପାଇ ପଟ୍ଟାମୁଣ୍ଡାଇ ରିଟର୍ଣ୍ଣିଂ ଅଫିସର ବିଡିଓ ସାହୁ ଅପରାହ୍ନ ସାଢେ ୩ ଟାରେ ଜିପିଓଙ୍କୁ ପଠାଇ ଭୋଟର ତାଲିକା ଲଗାଇଥିବା ପଞ୍ଚାୟତବାସୀ କହିଛନ୍ତି।

୨୦୨୩ ଅକ୍ଟୋବରରେ ବଡ଼ପଡ଼ା ସରପଞ୍ଚ ସୌଦାମିନୀ ସେଠୀଙ୍କର ପରଲୋକ ହୋଇଥିଲା। ଏହି ପଞ୍ଚାୟତରେ ଉପନିର୍ବାଚନ କରାଇବା ପାଇଁ ରାଜ୍ୟ ନିର୍ବାଚନ ଆୟୁକ୍ତ ନିର୍ଦ୍ଦେଶନାମା ଚିଠି ନଂ.୧୪୩ ଜାନୁଆରୀ ୧୦ରେ ଜାରି କରିଛନ୍ତି। ଓଡ଼ିଶା ଗ୍ରାମ ପଞ୍ଚାୟତ ସେକସନ (୯) ରୁଲ ୫ (୧) ଧାରା ୧୯୬୫ ଅନୁଯାୟୀ ଜାନୁଆରୀ ୧୭ରୁ ୨୦ ତାରିଖ ଭିତରେ ତାଲିକା ପ୍ରସ୍ତୁତ କରିବା ଓ ୨୨ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟରେ ୱାର୍ଡ ୱାଇଜ ପ୍ରାଥମିକ ଭୋଟର ତାଲିକା ପ୍ରକାଶନ ପାଇଁ ଦିନଧାର୍ଯ୍ୟ କରାଯାଇଥିଲା। ଏହାର ଆପତ୍ତି ଅଭିଯୋଗ ପାଇଁ ୨୨ରୁ ୩୦ ତାରିଖ ଭିତରେ କରିବାକୁ ଦିନ ଧାର୍ଯ୍ୟ ହୋଇଛି। ମାତ୍ର ବ୍ଲକ ରିଟର୍ଣ୍ଣିଂ ଅଫିସର ଭାବେ ଦାୟିତ୍ୱରେ ଥିବା ପଟ୍ଟାମୁଣ୍ଡାଇ ବିଡିଓ ୨୫ ତାରିଖ ସୁଦ୍ଧା ତାଲିକା ପ୍ରକାଶନ ନ କରିବାରୁ ପଞ୍ଚାୟତବାସୀ ଧାରଣାରେ ବସିଥିଲେ। ପଞ୍ଚାୟତବାସୀ ଦେବାଶିଷ ଦାଶ, ପାରେଶ୍ୱର ସେଠୀ, ଅଭୟ ସେଠୀ, ରବୀନ୍ଦ୍ର ସେଠୀ, ପ୍ରମୋଦ କର, ସୁରଥ ମଲିକ, ପ୍ରଶାନ୍ତ ସିଂ, ମଳୟ ସେଠୀ, ସୁସନ ପାଢୀ, ପ୍ରଶାନ୍ତ ପଣ୍ଡା ପ୍ରମୁଖ କହିଛନ୍ତି, ୨୨ ତାରିଖରେ ପଞ୍ଚାୟତ ଅଫିସ ବନ୍ଦ ରହିଥିଲା। ଦିନ ୩ଟା ସୁଦ୍ଧା ୱାର୍ଡ ୱାଇଜ ପ୍ରାଥମିକ ଭୋଟର ତାଲିକା ପ୍ରକାଶନ ନ ପାଇବାରୁ ଅଭିଯୋଗ କରିବାକୁ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯାଇଥିଲୁ। ମାତ୍ର ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା ପାଇଁ ଅଧା ଦିନ ଛୁଟି ରହିଥିବାବେଳେ ବ୍ଲକ ଅଫିସ ସେହି ଦିନ ତମାମ ବନ୍ଦ ରହିଥିବାରୁ ଅଭିଯୋଗ କରି ନ ପାରି ନିରାସରେ ଫେରିଥିଲୁ। ୨୪ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରି ଗୁରୁବାର ଧାରଣା ଦେଇଛୁ। ଅପରାହ୍ନ ସାଢେ ୩ ଟାରେ ପଞ୍ଚାୟତ କାର୍ଯ୍ୟାଳୟରେ ୱାର୍ଡ ୱାଇଜ ପ୍ରାଥମିକ ଭୋଟର ତାଲିକା ପ୍ରକାଶ କରାଇଛନ୍ତି। ମାତ୍ର ଏଥିରେ ବହୁତ ତ୍ରୁଟି ଥିବା ପରିଲକ୍ଷିତ ହୋଇଛି। ବହୁ ଭୋଟରଙ୍କ ନାମ ଏଥିରେ ନ ଥିବା ବେଳେ ୨୬, ୨୭, ୨୮ ତାରିଖ ୩ ଦିନ ଛୁଟି ରହୁଛି। ଆପତ୍ତି ଅଭିଯୋଗ କରିବା ୨୯ ତାରିଖ ଗୋଟିଏ ଦିନରେ ସମ୍ଭବ ପର ନୁହେଁ। ବ୍ଲକ ରିଟର୍ଣ୍ଣିଂ ଅଫିସର ଅପାରଗତା ପାଇଁ ବହୁ ଭୋଟର ମତଦାନରୁ ବଞ୍ଚିତ ହେବେ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।

# ଭାଜପା ଯୁବ ମୋର୍ଚ୍ଚାର ନମୋ ନବ ମତଦାତା ସମ୍ମିଳନୀ



ମାର୍ଶାଘାଇ ମା' ଗୋଜବାୟାଣୀ ପୀଠରେ ଭାଜପା କର୍ମକର୍ତ୍ତାମାନେ ନବ ମତଦାତା ସମ୍ମିଳନୀରେ ସାମିଲ ହୋଇଛନ୍ତି।

ରାଜକନିକା/ମାର୍ଶାଘାଇ, ୨୫।୧
(ସଞ୍ଜୟ କୁମାର ଦାଶ/ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ରାଜକନିକା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ଖେଳପଡ଼ିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନମୋ ନବ ମତଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ଜିଲା ଭାଜପା ଯୁବମୋର୍ଚ୍ଚା ଉପ-ସଭାପତି ସନ୍ତୋଷ କରଙ୍କ ସଭାପତିତ୍ୱ, ଜିଲା ଯୁବ ମୋର୍ଚ୍ଚା ସଂଯୋଜକ ଦୀପକ କୁମାର ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜକନିକା ଅଞ୍ଚଳର ଶତାଧିକ ଯୁବତୀଯୁବକ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ମୋଦି ଭିସି ମାଧ୍ୟମରେ ସମସ୍ତ ନୂଆ ଭୋଟରଙ୍କୁ ସମ୍ବୋଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରେୟସ ଦାସ, ଜିଲା ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସିଲୁ ସିଂ, କାର୍ଯ୍ୟକାରିଣୀ ସଦସ୍ୟ ଅଞ୍ଚଳ ନାୟକ, ଜିଲା ସଂଯୋଜକ ସୁଜିତ ବେହେରା, ୨୮ ନଂ. ଜୋନ ସଭାପତି ରାଜେନ୍ଦ୍ର ବେହେରା, ୨୯ ନଂ. ଜୋନ ସଭାପତି ଦିଲୀପ ପରିଡା, ୨୮ ନଂ. ଜୋନ ଯୁବ ମୋର୍ଚ୍ଚା ସଭାପତି ପ୍ରୀତିରଞ୍ଜନ ନାୟକ, ଆଇଟି ସେଲ୍ ସଂଯୋଜକ ଜଗନ୍ନାଥ ସାମଲଙ୍କ ସମେତ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ସେହିପରି ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମା' ଗୋଜବାୟାଣୀ ପୀଠରେ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାଜପାର ରାଜ୍ୟ ଓବିସି ମୋର୍ଚ୍ଚାର ଉପସଭାପତି ଡ. ଦୁର୍ଗା ପ୍ରସନ୍ନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଭିସି କାର୍ଯ୍ୟକ୍ରମରେ ନିର୍ବାଚନମଣ୍ଡଳୀର ଯୁବତୀଯୁବକମାନେ ଯୋଗଦେଇ ନୂତନ ଭାରତ ଗଢିବାକୁ ସଂକଳ୍ପ ନେଇଥିଲେ। ଭାଜପା ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ରଶ୍ମି ରଞ୍ଜନ ରାଉତରାୟ, ସମ୍ପାଦକ ତୋଫାନ ମଣ୍ଡଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ, ଜିଲା ଉପସଭାନେତ୍ରୀ ଜାନକୀ ପ୍ରଧାନ, ନିର୍ବାଚନମଣ୍ଡଳୀ ସଂଯୋଜକ ସରୋଜକାନ୍ତ ସାହୁ, ଗୋବରୀ ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ, ମାର୍ଶାଘାଇ ମଣ୍ଡଳ ସଭାପତି ପ୍ରକାଶ ଚନ୍ଦ୍ର ଦାସ, ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରଦୀପ ସେଠୀ, ସୌବଲ୍ୟ ବାହାଲିଆ, ଜୀବନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜଗନ୍ନାଥ ସଂସ୍କୃତି ସଚେତନତା ଗୃହ ଉଦ୍‌ଘାଟିତ

ପାଟକୁରା ୨୫।୧ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ବେତାରୀ ପଞ୍ଚାୟତ ପରକଣାଠାରେ ଆମ ଓଡ଼ିଶା ନବୀନ ଓଡ଼ିଶାରେ ନିର୍ମିତ ଜଗନ୍ନାଥ ସଂସ୍କୃତି ସଚେତନତା ଗୃହ ଉଦ୍‌ଘାଟିତ ହୋଇଯାଇଛ। ପୌଷ ପୂର୍ଣ୍ଣିମା ଅବସରରେ ଏଠାରେ ଆୟୋଜିତ ଲକ୍ଷ୍ମୀ ପୂଜାରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପାଟକୁରା ବିଜେଡି ନେତା ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୫ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ସଚେତନତା ଗୃହକୁ ଉଦ୍‌ଘାଟନ କରିଥିଲେ। ମା' ଲକ୍ଷ୍ମୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ବାରିକ, ଗୋକୁଳାନନ୍ଦ ବେହେରା, ଭବାନୀ ପଣ୍ଡା, ବିଶ୍ୱଜିତ ପଣ୍ଡା, ଜ୍ଞାନରଞ୍ଜନ ମିଶ୍ର, କମଳାକାନ୍ତ ମିଶ୍ର, ଜ୍ୟୋର୍ତ୍ତିନ୍ଦୁ ଦାସ, ଜ୍ୟୋତିରଞ୍ଜନ ସେନାପତି, ଦେବାଶିଷ ମିଶ୍ର, କୈଳାସ ଦାସ, ଗୌରାଙ୍ଗ ନାୟକ, ବସନ୍ତ ବେହେରାଙ୍କ ସମେତ ଉକ୍ତ ଲକ୍ଷ୍ମୀ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଗାଧୁଆଘରେ ପଡ଼ି ମହିଳା ମୃତ

ରାଜନଗର, ୨୫।୧ (ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ପଞ୍ଚାୟତ ଅନ୍ତର୍ଗତ ବନବିହାରୀପୁର ଗାଁର ନିମାଇଁ ଖଟୁଆଙ୍କ ସ୍ତ୍ରୀ ଜ୍ୟୋସ୍ନାରାଣୀ (୩୫) ଗାଧୁଆ ଘରେ ପଡ଼ି ମୃତ୍ୟୁ ଘଟିଛି। ଅପରାହ୍ନରେ ଜ୍ୟୋସ୍ନାରାଣୀ ଗାଧୁଆ ଘରେ ଶୌଚ ହେବା ସମୟରେ କୌଣସି କାରଣରୁ ସେଠାରେ ପଡ଼ି ଅଚେତ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ନ ପାଇ ଖୋଜାଖୋଜି କରିଥିଲେ। ଦେଢ଼ ଘଣ୍ଟା ପରେ ଗାଧୁଆ ଘରୁ ଅଚେତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରାଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜ୍ୟୋସ୍ନାରାଣୀଙ୍କ ସ୍ୱାମୀ ନିମାଇଁ ପରିବାର ପ୍ରତିପୋଷଣ ପାଇଁ ରାଜ୍ୟ ବାହାରେ କାର୍ଯ୍ୟ କରନ୍ତି। ଘରେ ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସୌମିତ୍



@ ସାଗରିକା



@ ପ୍ରଦୀପ୍ତ



@ ତାପସ



@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଟ୍ଟାମୁଣ୍ଡାଇ ପୌର ପରିଷଦରେ ମୁକ୍ତା ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୨୫।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌର ପରିଷଦରେ ମୁକ୍ତା ଯୋଜନା ସମ୍ପର୍କିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଉପାଧ୍ୟକ୍ଷା ଅନୁପ୍ରିୟା ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି ଯୋଗ ଦେଇ ସହର ରୂପାନ୍ତକରଣରେ ମୁକ୍ତା ଏକ ଅଭିନବ ଯୋଜନା ବୋଲି ମତପ୍ରକାଶ କରିଥିଲେ। ମୁକ୍ତା ଯୋଜନାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ଓ ପରିଚାଳନା ସମ୍ପର୍କରେ କାର୍ଯ୍ୟକ୍ରମ ସଂଯୋଜିକା ଶୁଭଦର୍ଶନୀ ତରାଇ, ମୁକ୍ତା ଟିମ ଟ୍ରେନର କବିବ୍ରତ ଦାସ, ନଳିନୀକାନ୍ତ ସେନାପତି, ଜେ.ବି. ସୁନ୍ଦରରାୟ, ସିଏମଏମ୍ ମାମିନି ପଣ୍ଡା ଓ ସିଓ ତପସ୍ୱିନୀ ଦାଶ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ପୌର ପରିଷଦର ୧, ୨, ୩, ୪ ନଂ. ୱାର୍ଡର ମହିଳା ଏସ୍ଏଚ୍‌ଜିଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମ ୨୪ଦିନ ଧରି ଚାଲିବ ବୋଲି ଜଣାପଡ଼ିଛି।



ପୌର କାର୍ଯ୍ୟାଳୟରେ ଅନୁଷ୍ଠିତ ମୁକ୍ତା କାର୍ଯ୍ୟକ୍ରମ ଯୋଗ ଦେଇଥିବା ଏସ୍ଏଚ୍‌ଜି ମହିଳାମାନେ।

# ଓଡ଼ିଆ ଭାଷା ସମ୍ମିଳନୀ, ଶ୍ରୀଜଗନ୍ନାଥ ସଂସ୍କୃତି ଉତ୍ସବ

ପଟ୍ଟାମୁଣ୍ଡାଇ, ୨୫।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରମାକାନ୍ତ ଆଚାର୍ଯ୍ୟ ମୁଖ୍ୟଅତିଥି ଓ ଓଡ଼ିଆ ବିଭାଗ ଅଧ୍ୟାପକ ମନୋରଞ୍ଜନ ଆଚାର୍ଯ୍ୟ ମୁଖ୍ୟବକ୍ତା, ରାଜନୀତି ବିଜ୍ଞାନ ଅଧ୍ୟାପକ ପଞ୍ଚାନନ ମଲ୍ଲିକ ସମ୍ମାନିତ ବକ୍ତା, ଇତିହାସ ବିଭାଗ ଅଧ୍ୟାପକ ଡ. ରାଜେନ୍ଦ୍ର ପାତ୍ର ଓ ଅଧ୍ୟାପିକା ପୁଷ୍ପାଞ୍ଜଳି ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସର୍ବଧର୍ମ ସମନ୍ୱୟ ପ୍ରତୀକ ବୋଲି ମତ ରଖିଥିଲେ। ଛାତ୍ରୀ ସ୍ନିଗ୍ଧାଞ୍ଜଳୀ ପତି ଧନ୍ୟବାଦ ଦେଇଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଡ. ହୟଗ୍ରୀବଙ୍କୁ ପଲ୍ଲୀପ୍ରାଣ ସମ୍ମାନରେ ସମ୍ମାନିତ

ରାଜକନିକା, ୨୫।୧
(ସଞ୍ଜୟ କୁମାର ଦାଶ)

କନିକା ପୂଜ୍ୟପୂଜା ପରିଷଦର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ପ୍ରରିପ୍ରେକ୍ଷୀର ବର୍ଣ୍ଣାଢ୍ୟ ପରିବେଶରେ ଡାଳିକାଏନ୍ଦା ଗାଁର ଡ. ହୟଗ୍ରୀବ ଗୁରୁଙ୍କୁ ପଲ୍ଲୀପ୍ରାଣ ସମ୍ମାନରେ ସମ୍ମାନିତ କରାଯାଇଛି। ପରିଷଦର ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ସଭାପତିତ୍ୱ ତଥା ସାମାଜିକ କର୍ମୀ କପିଳ ଚରଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ସାହିତ୍ୟିକ ପ୍ରଫେସର ଡ. ନଟବର ଶତପଥୀ, ସାହିତ୍ୟିକ ଡ. ଅଭୟ କୁମାର ଦ୍ୱିବେଦୀ ଓ କନିକା ତହସିଲଦାର ଅଶୋକ କୁମାର ଦେହୁରୀ ପ୍ରମୁଖ ଯୋଗଦେଇ ଡ. ଗୁରୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମାଟିର ପୁଅ ତଥା ମୁମ୍ବାଇର ଗୁରୁଜୀ ଗ୍ରୁପ୍ ଅଫ୍ କମ୍ପାନୀର ଫାଉଣ୍ଡର ତଥା ଚେୟାରମ୍ୟାନ ଭାବେ ଡ. ଗୁରୁ ମା', ମାଟି ଓ ମଣିଷ ମନସ୍କତା ସମାଜ ସେବାରେ ନିଜକୁ ସାମିଲ କରି ଅଞ୍ଚଳର ଗରିବ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ପାଠ ପଢା କ୍ଷେତ୍ରରେ ସହଯୋଗ କରୁଛନ୍ତି।



ଅତିଥିମାନେ ଡ. ହୟଗ୍ରୀବ ଗୁରୁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଜିଲାରେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ତାଲିକାଭୁକ୍ତ

କେନ୍ଦ୍ରାପଡ଼ା/ରାଜନଗର, ୨୫।୧
(ଜଗନ୍ନାଥ ଧଳ/ଭାସ୍କର ରାଉତରାୟ)





କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ମତଦାତା ଦିବସ ଆଲୋଚନାଚକ୍ରରେ ସାମିଲ ହୋଇଥିବା ଅଧିକାରୀ ଓ ଅନ୍ୟମାନେ।

ଭାରତର ଗଣତାନ୍ତ୍ରିକ ଶାସନରେ ଭୋଟରଙ୍କ ମୁଖ୍ୟ ଭୂମିକା ରହିଛି। ସେମାନଙ୍କ ପ୍ରତ୍ୟେକ ଭୋଟ ଶାସନର ବ୍ୟବସ୍ଥାର ନିୟାମକଙ୍କୁ ନିର୍ବାଚିତ କରିବାରେ କ୍ଷମତା ଅଛି। ଦେଶରେ ସୁଶାସନ ପାଇଁ ପ୍ରତ୍ୟେକ ସାବାଳକ ଭୋଟର ତାଲିକାରେ ନିଜ ନାମ ପଞ୍ଜୀକୃତ କରିବା ସହ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବା ଆବଶ୍ୟକ। ଭୋଟ ବର୍ଜନ ଏକ ସାମ୍ବିଧାନିକ ବ୍ୟବସ୍ଥା ନୁହେଁ। ଏପରି ମନୋଭାବକୁ ପରିହାର କରି ନିଜ ମନୋନିତ ପ୍ରାର୍ଥୀଙ୍କୁ ଶାସନ କ୍ଷମତା ଦେବା ଆବଶ୍ୟକ ବୋଲି ଜାତୀୟ ମତଦାତା ଦିବସରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଗୁରୁବାର ମତ ପ୍ରକାଶ ପାଇଛି। ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଡିଏମ୍ ନିଲୁ ମହାପାତ୍ର ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏଡିଏମ୍ ମହାପାତ୍ର କହିଥିଲେ ଯେ, ଜିଲାରେ ଅଦ୍ୟାବଧି ଭୋଟରଙ୍କ ସଂଖ୍ୟା ୧୨୫୫୦୮୯। ଚଳିତବର୍ଷ ଦୁଇଟି ପର୍ଯ୍ୟାୟରେ ସଂଶୋଧନ ତାଲିକା ପ୍ରକାଶ ପାଇଛି। ନୂତନ ତାଲିକାର ଭୋଟରଙ୍କ ମଧ୍ୟରେ ପ୍ରାୟ ୯୮ ପ୍ରତିଶତ ଯୁବବର୍ଗ ଅଛନ୍ତି। ଜିଲାର ଯୁବବର୍ଗ ସଚେତନ ଥିବା ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ନୂତନ ୫ ଜଣ ଯୁବ ଭୋଟରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ୧୦ଜଣ ଲେଖାଏ ବିଏଲଓ, ସୁପରଭାଇଜର, କୃତୀ ପ୍ରତିଯୋଗୀଙ୍କୁ ଏଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା।

**ଜାତୀୟ ମତଦାତା ଦିବସ**

ଆଲୋଚନାଚକ୍ରରେ ଡେପୁଟି କଲେକ୍ଟର ଶିବାଶିଷ ପରିଡା, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରୀୟଦର୍ଶିନୀ, ଡିଆଇପିଆରଓ ଆଲୋକ କୁମାର ମହାନ୍ତି, ଏଡିପିଆରଓ ଅଶୋକ କୁମାର ବଳିଆରସିଂହଙ୍କ ସମେତ ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ସଭା ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ସହର ମଧ୍ୟରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସେହିପରି ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଜାତୀୟ ମତଦାତା ଦିବସ କାର୍ଯ୍ୟକ୍ରମରେ ବିଡିଓ ନିଶାନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଶାରଦା ପ୍ରସାଦ ନାୟକ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ବ୍ଲକ ଯୋଗାଣ ଅଧିକାରିଣୀ ଅଳକା ମଲ୍ଲିକ, ମତ୍ସ୍ୟ ଅଧିକାରିଣୀ ମୋନାଲିସା ରାଉତ, ଜିପିଇଓ ଧର୍ମେନ୍ଦ୍ର କୁମାର ଦାଶ, ଓଡ଼ିଶା ଜିବୀକା ମିଶନର ବ୍ଲକ ସଂଯୋଜକ ରଶ୍ମୀ ରଞ୍ଜନ ଦାଶ, ଚନ୍ଦ୍ର ଶେଖର ହାଁସଦା, ବିଏସ୍ଏସ୍ଓ ମନୋଜ କୁମାର ବେହେରା ପ୍ରମୁଖ ଯୋଗଦେଇ ଜାତୀୟ ମତଦାତା ଦିବସ ସମ୍ପର୍କରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ରାଜ୍ୟସ୍ତରକୁ ମନୋନୀତ ହେଲେ ଶ୍ରଦ୍ଧା ସୋହାନୀ

ଖଣ୍ଡପଡ଼ା,୨୫।୧(ଅଜୟକୁମାରମହାରଣା)

ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ନୟାଗଡ଼ ଜିଲା ବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗୀତାରେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରଦ୍ଧା ସୋହାନୀ ଆଚାର୍ଯ୍ୟ ବ୍ଲକସ୍ତରରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗୀତାର ଅଂଶ ଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ପରେ ସେ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗୀତାରେ ପ୍ରଥମସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗୀତାକୁ ମନୋନୀତ ହୋଇଛନ୍ତି । ଏ ସଂକ୍ରାନ୍ତରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ ସୂଚନା ପ୍ରଦାନ କରିଛନ୍ତି । ଏହି ଅବସରରେ ଗତ ୮ ତାରିଖରେ ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗୀତାରେ ଛାତ୍ରୀ ସୋହାନୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ ।

### ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

ଖଣ୍ଡପଡ଼ା,୨୫।୧(ଅଜୟ କୁମାର ମହାରଣା):

ସିଧାମୂଳା ଗ୍ରାମବାସୀଙ୍କ ପକ୍ଷରୁ ଚଳିତ ମାସ ୧୬ରୁ ଆରମ୍ଭ ହୋଇଥିବା ୯ଦିନ ବ୍ୟାପୀ ଷୋଡ଼ଷତମ ବାର୍ଷିକ ଉତ୍ସବ ରାମଚରିତ ମାନସ ନବାହ୍ନ ପାରାୟଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଆଧାତ୍ମିକ କାର୍ଯ୍ୟକ୍ରମରେ ପବିତ୍ର ମୋହନ କର ବ୍ୟାସ ଭାବେ ଯୋଗଦେଇ ଅଧିବାସ ଓ ଘଟ ସ୍ଥାପନ କରିଥିଲେ । ପ୍ରତିଦିନ ସନ୍ଧ୍ୟାରେ ଅନୁଷ୍ଠିତ ରାମଚରିତ ମାନସ ପାରାୟଣରେ ବକ୍ତା ଭାବେ ଖୋର୍ଦ୍ଧା ସମ୍ପଡାର ଗୋପାଳ ଚନ୍ଦ୍ର ରାୟଗୁରୁ, ଢେଙ୍କାନାଳର ରୀନାରାଣୀ ନାୟକ, ଖୋର୍ଦ୍ଧାର ଗୁରୁ ଚରଣ ମହାପାତ୍ର, ବାଙ୍କୀ ବୈଦେଶ୍ୱରର ଦେବରାଜ ଦାସ ପ୍ରମୁଖ ଯୋଗଦେଇ ମାନସ ପାରାୟଣ ଓ ରାମଚରିତର ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରବଚନ ପ୍ରଦାନ କରିଥିଲେ । ଗୁରୁବାର ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

### କୃଷି ରଥ ଓ ସୂଚନା ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ

ନୟାଗଡ଼,୨୫।୧(ଲୋକନାଥ ମିଶ୍ର):

ନୟାଗଡ଼ ଜିଲା କୃଷି ମୁଖ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ୧୮ ଲକ୍ଷ ୭୦ ହଜାର ବ୍ୟୟରେ ନିର୍ମିତ କୃଷି ସୂଚନା ପରାମର୍ଶ କେନ୍ଦ୍ରକୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ସେହିପରି ବହୁମୁଖୀ କୃଷି ଗୋଦାମ ଗୃହ ଓ ଜିଲା ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିପାଇଁ ୫୩ ଲକ୍ଷ ଅଟକଳ ରହିଛି। ଅନ୍ୟପକ୍ଷେ କୃଷି ରଥର ଶୁଭାରମ୍ଭ କରିଛନ୍ତି। ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ପରେ ବିଧାୟକ ଟ୍ରାକ୍ଟର ଚଳାଇବା ସହିତ କୃଷି ରଥକୁ ଚଳାଇଥିଲେ।

# ୧୩ ବର୍ଷରେ ଗଲାଣି ୧୨ହାତୀର ଜୀବନ

## ୨୦୧୫-୧୬ ବର୍ଷରେ ୪ ହାତୀ ମୃତ

ନୟାଗଡ଼,୨୫।୧(ଲୋକନାଥ ମିଶ୍ର):

ନୟାଗଡ଼ ବନଖଣ୍ଡରେ ସଙ୍କଟରେ ଗଜରାଜ। ୧୩ ବର୍ଷରେ ୧୨ ହାତୀର ମୃତ୍ୟୁ ଚିନ୍ତାର କାରଣ ପାଲଟିଛି । ଏଥିରୁ ଅଧିକାଂଶ ହାତୀକୁ ଶିକାର କରାଯାଉଥିବା ଅଭିଯୋଗ ରହିଛି । ଗୁରୁବାର ପୁଣି ଏକ ଦନ୍ତାହାତୀର ଗଳିତ ମୃତଦେହ ଠାବ ହୋଇଛି । ଉଦ୍ଧାର ହାତୀର ବ୍ୟବଚ୍ଛେଦ ପରେ ଶରୀରର ବିଭିନ୍ନ ସ୍ଥାନରୁ ବିଦ୍ୟୁତ୍ ତାର ମିଳିବା ପରେ ବିଦ୍ୟୁତ୍ କରେଣ୍ଟ ଦେଇ ହାତୀକୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହେଉଛି। ହାତୀର ମୃତ୍ୟୁ ପରେ ବନବିଭାଗ ତତ୍ପରତା ଦେଖାଏ । କିଛି ଦିନ ପରେ ହାତୀର ସୁରକ୍ଷା ପାଇଁ ପଦକ୍ଷେପ ନାହିଁ ବୋଲି ଅନୁରୂପ ଅଭିଯୋଗ ଉଠିଛି । ଏହି କ୍ରମରେ ପ୍ରତି ବର୍ଷ ହାତୀ ମୃତ୍ୟୁ ଲାଗି ରହୁଛି । ନୟାଗଡ଼ ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ୨୦୧୧-୧୨ରେ ୧ଟି, ୨୦୧୨-୧୩ରେ ୧ଟି, ୨୦୧୪-୧୫ରେ ୨ଟି, ୨୦୧୫-୧୬ରେ ୪ଟି, ୨୦୧୭-୧୮ରେ ୧ଟି, ୨୦୧୯ରୁ ୨୦୨୧ରେ ୨ଟି, ୨୦୨୩-୨୪ରେ ୧ଟି ହାତୀର ମୃତ୍ୟୁ ହୋଇଛି । ୨୦୧୫ -୧୬ ଆର୍ଥିକ ବର୍ଷରେ ସବୁଠାରୁ ଅଧିକ ହାତୀର ମୃତ୍ୟୁ ହୋଇଛି । ଏ ସଂକ୍ରାନ୍ତରେ ଅନୁଧ୍ୟାନ କଲେ ବନବିଭାଗର ହାତୀ ପାଇଁ ଚିନ୍ତା ନ ଥିବା ପରି ମନେ ହେଉଛି ।

**ଗାଁ ଓ ସହର ମୁହାଁ ହାତୀ :** ଜଙ୍ଗଲରେ ଖାଦ୍ୟ ଓ ପାଣିର ଅଭାବ ଦେଖା ଦେଉଛି । ଲୋକମାନେ ଜଙ୍ଗଲରେ ଘର କରି ରହିବା ପରେ ହାତୀର ଚଲାପଥ ଓ ବାସସ୍ଥାନ ପରିବର୍ତ୍ତନ ହେବାରେ ଲାଗିଛି । ଏଣୁ ଖାଦ୍ୟ ଓ ପାନୀୟ ଅନ୍ୱେଷଣରେ ହାତୀ ଗାଁ ଓ ସହର ମୁହାଁ ହେଉଛି । ନୟାଗଡ଼ ସହର ନୟାଗଡ଼ ଡିଏଫ୍‌ଓ ଓ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟରେ ଏକ ଦନ୍ତା ହାତୀ କିଛି ମାସ ତଳେ ଦେଖିବାକୁ ମିଳିଥିଲା । ସେହିପରି ଧାନ, ଆଖୁ ଫସଲ ସମୟରେ ନୟାଗଡ଼ ବନଖଣ୍ଡର ବିଭିନ୍ନ ଗାଁ ନିକଟକୁ ହାତୀପଲ ଆସି କ୍ଷୟକ୍ଷତି କରନ୍ତି। ଅଧିକାଂଶ ଚାଷୀ ହାତୀ ଦ୍ୱାରା ଫସଲର କ୍ଷତିପୂରଣ ପାଇ ନ ଥାନ୍ତି । ଏହି କାରଣରୁ କେତେଜଣ ଚାଷୀ ବି ଉତ୍ତେଜିତ ହୋଇ ହାତୀକୁ ମାରୁଥିବା କୁହାଯାଉଛି ।

**ଚଲାପଥରେ ବିଦ୍ୟୁତ୍ କରେଣ୍ଟ:** ହାତୀ ଚଲାପଥରେ କରେଣ୍ଟ ଦିଆଯାଉଥିବାରୁ ବିଭିନ୍ନ ସମୟରେ ହାତୀର ମୃତ୍ୟୁ ହୋଇଛି । ଯାହାର ନଜିର ଦଶପଲ୍ଲା ରେଞ୍ଜରେ ଗୁରୁବାର ପ୍ରମାଣ ମିଳିଛି । ସେହିପରି ଚଲାପଥରେ କଖାରୁ ଓ ଖାଦ୍ୟ ପଦାର୍ଥରେ ବିଷ ଦେଇ ହତ୍ୟା କରାଯାଉଛି । ସ୍ଥଳ ବିଶେଷରେ ଗୁଳି କରି ହତ୍ୟା କରାଯାଉଛି । ଶିକାରୀ ହାତୀକୁ ମାରିବା ପାଇଁ ବିଭିନ୍ନ ପ୍ରକାରର ତରିକାରେ ଶିକାର କରୁଛି । ଏନେଇ ପରିବେଶବିତ୍ ବିଭୁ ପ୍ରସାଦ ଦାଶ କୁହନ୍ତି, ଜଙ୍ଗଲରେ ହାତୀଙ୍କ ପାଇଁ ଖାଦ୍ୟ ଓ ପାଣି ବ୍ୟବସ୍ଥା କରାଯିବା ଦରକାର । ହାତୀ ଯେପରି ଗାଁ ଓ ସହର ମୁହାଁ ନହେବେ ସେମାନଙ୍କ ପାଇଁ ବ୍ୟବସ୍ଥା କରିବା ଦରକାର । ଶିକାରୀମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଦରକାର । ହାତୀ ମୃତ୍ୟୁ ସମୟରେ ଏହାକୁ ଗୁରୁତର ସହ ନେଇ ମୃତ୍ୟୁର ଠିକ କାରଣ ଖୋଜିବା ଦରକାର । ହାତୀ ମୃତ୍ୟୁର ପ୍ରକୃତ କାରଣକୁ ନ ଲୁଚାଇ ସତ୍ୟ ପ୍ରକାଶ କରିବା ଦରକାର । ହାତୀ ମୃତ୍ୟୁକୁ ରୋକିବାକୁ ଶିକାରୀ ଉପରେ ନଜର ସହ ଏନେଇ ସଚେତନତା କରିଯିବା ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୌମିତ୍


@ ସାଗରିକା


@ ପ୍ରଦୀପ୍ତ


@ ତାପସ


@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀନୀଳମାଧବ ଜୀଉଙ୍କ ଦେବାଭିଷେକ

## ଠାକୁରଙ୍କ ସୁନାବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

ଖଣ୍ଡପଡ଼ା,୨୫।୧(ଅଜୟ କୁମାର ମହାରଣା)

ପବିତ୍ର ପୌଷ ପୂର୍ଣ୍ଣମୀ ଅବସରରେ ଶ୍ରୀନୀଳମାଧବଜୀଉଙ୍କ ଦେବାଭିଷେକ ଗୁରୁବାର ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଭୋର ୫ଟାରେ ଶ୍ରୀଜୀଉଙ୍କ ପହଡ଼ ଭଙ୍ଗ ଓ ମଙ୍ଗଳ ଆଳତି ପରେ ମଇଲମ, ତଡପ ଲାଗି ଓ ଅବକାଶ ବଢିଥିଲା । ଏହାପରେ ରୋଷ ହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ଭଅଣ୍ଡ ପୂଜା ଧୂପ ଓ ହୋମ ପୂର୍ବ ନିର୍ଘଣ୍ଟ ବିଧି ବିଧାନ କ୍ରମେ ଅନୁଷ୍ଠିତ ହୋଇଯାଇଛି । ସାଢେ ୧୧ଟାରେ ଅମୃତ ମଣୋହି ହୋଇ ଛତିଶା ନିଯୋଗୀ ତଥା ପାଟ ପଡୁଆରର ସଂକୀର୍ତ୍ତନ ଛତିତ୍ରାସ ସହ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ଧୋବେଇ ନାୟକ ଓ ଦେବୋତ୍ତର ମ୍ୟାନେଜର ହରିହର ଦାଶ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମନ୍ଦିରକୁ ଅଙ୍କୁରାରୋପଣ ସାମଗ୍ରୀ ସହ ଠାକୁରଙ୍କ ଲାଗିହେବା ପାଇଁ ସୁନା ଅଳଙ୍କାର ନେଇଯାଇଥିଲେ । ଶ୍ରଦ୍ଧାଳୁ ଦୁଷ୍ମନ୍ତ କୁମାର ସ୍ୱାଇଁ ମା'ଙ୍କୁ ପ୍ରଥମ ଭେଟି ପ୍ରଦାନ ପରେ ପୂଜାର୍ଚ୍ଚନା କରି ଶ୍ରୀଜୀଉଙ୍କ ନିକଟକୁ ନିମନ୍ତ୍ରଣ କରି ଆଣିଥିଲେ । ଆଜିର ତିଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମା'ଲକ୍ଷ୍ମୀ ବିଜେ ହେବା ପରେ ନୀଳମାଧବ ଜୀଉଙ୍କ ଶ୍ରୀପ୍ରୟର ଲାଗି ଅଭିଷେକ ନୀତି ସୁନାବେଶ ସମ୍ପନ୍ନ ହୋଇଥିଲା । ପ୍ରାୟ ମଧ୍ୟାହ୍ନ ସାଢେ ୧୨ଟା ସମୟରେ ମଧ୍ୟାହ୍ନ ଧୂପ ନୀତି ଅନୁଷ୍ଠିତ ହୋଇଥିଲା । ଶ୍ରୀଜୀଉଙ୍କ ପାଟବସ୍ତ୍ର ଲାଗି ହେବା ପରେ ଅପରାହ୍ନ ଗୋଟାଏ ସମୟରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ସାହାଣ ମେଲା ହୋଇଥିଲା । ଭକ୍ତମାନେ ଠାକୁରଙ୍କ ସୁନା ବେଶ ଦର୍ଶନ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଥିଲେ ।


ସୁନାବେଶରେ ଶ୍ରୀଜୀଉ।

### ଜାତୀୟ ମତଦାତା ଦିବସ ପାଳିତ

ଖଣ୍ଡପଡ଼ା,୨୫।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ପରିସରରେ ଗୁରୁବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅଙ୍କୁର ଅଭିଳାଷ, ଜିପିଇଓ ଅନିତ କୁମାର ବଡସେଟ ଓ ବ୍ଲକ୍ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ମତଦାତା ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ । ଏକ ସୁସ୍ଥ ଗଣତନ୍ତ୍ର ଗଠନ ନିମନ୍ତେ ଅନୁଷ୍ଠିତ ସାଧାରଣ ନିର୍ବାଚନ ଠାରୁ ଆରମ୍ଭ କରି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କିଭଳି ଶତ ପ୍ରତିଶତ ମତଦାନ ହୋଇପାରିବ ସେ ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ । ପଞ୍ଚାୟତ ଲୋକପ୍ରତିନିଧି, ବୁଦ୍ଧିଜୀବି ଓ ଯୁବଗୋଷ୍ଠୀ ପ୍ରମୁଖ ଏ ଦିଗରେ ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି ଯୁକ୍ତ ଦୁଇ ମହିଳା ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ଅଜିତ କୁମାର ବସନ୍ତରାୟ ଓ ଅଧ୍ୟାପିକା ବିଶ୍ୱଭାରତୀ ମହାରଣା ପ୍ରମୁଖ ଯୋଗଦେଇ ଜାତୀୟ ମତଦାନ ଦିବସ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିବା ସହ ରାଜନୀତି କ୍ଷେତ୍ରରେ ଯୁବବର୍ଗର ଭୋଟରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନେ ରାଜନୈତିକ ପ୍ରକ୍ରୀୟାରେ ସକ୍ରୀୟ ଅଂଶ ଗ୍ରହଣ କଲେ ଏକ ସୁସ୍ଥ ଗଣତନ୍ତ୍ର ଗଠନ ହୋଇ ପାରିବ ବୋଲି ଅଧ୍ୟାପିକା ବିଶ୍ୱଭାରତୀ ମହାରଣା ମତ ଦେଇଥିଲେ। ଏହି ଅବସରରେ ନୂତନ ଯୁବ ଭୋଟର (ଛାତ୍ରୀ)ମାନେ ସଂକଳ୍ପ ପାଠ କରିଥିଲେ।

### କୋର୍ଟ ପରିସରୁ ଚୋରି ମହଙ୍ଗା ପଡିଲା

# ୨ଚୋରଙ୍କୁ ୧୪ ମାସ ଜେଲ

ନୟାଗଡ଼,୨୫।୧(ଲୋକନାଥ ମିଶ୍ର):

ନୟାଗଡ ଜିଲା ଜଜ କୋର୍ଟ ପରିସରରେ ଥିବା ଏକାଧିକ ବାଥ୍‌ରୁମରୁ ଷ୍ଟିଲ ୱାଟର ଟେପ ଚୋରି ଘଟଣାର ରାୟ ଗତ ମଙ୍ଗଳବାର ପ୍ରକାଶ ପାଇଛି । ନୟାଗଡ଼ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସାବିତ୍ରୀ ଦାସ ଚୋରି ଘଟଣାର ବିଚାର କରି ନୟାଗଡ ପୁରୁଣା ସହରର ଦୁଇ ଚୋର ଆଲୋକ ଡାକୁଆ ଓ ତାପସ ଦାସଙ୍କୁ ୧୪ ମାସ ଜେଲଦଣ୍ଡ ଓ ୧ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ୧ମାସ ଅଧିକ ଜେଲ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଜାନୁଆରୀ ୩ ଓ ୪ରେ ନୟାଗଡ ଜିଲା ଜଜ କୋର୍ଟ ପରିସରରେ ଥିବା ଏକାଧିକ ବାଥ୍ ରୁମରୁ ଷ୍ଟିଲ ୱାଟର ଟେପ ଚୋରି ହୋଇଥିଲା । ଏହି ଘଟଣାରେ ନୟାଗଡ ଟାଉନ ଥାନା ପୋଲିସ ଆଲୋକ ଡାକୁଆ ଓ ତାପସ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୨ ଚୋରଙ୍କ ଜାମିନ ନାମଞ୍ଜୁର ପରେ ଜେଲରେ ଅଛନ୍ତି । ଉଭୟ ଚୋରଙ୍କ ନାଁରେ ୩୨୩, ୪୫୪, ୩୮୦ ଓ ୩୪ ଆଇପିସି ଦଫା ରହିଥିବାବେଳେ ୪୫୪ ଦଫାରେ ୧୪ ମାସ ଜେଲଦଣ୍ଡ ଓ ୧ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ୧ମାସ ଅଧିକ ଜେଲ ଭୋଗିବାକୁ ନିର୍ଦ୍ଦେଶ ରହିଛି । ସେହିଭଳି ୩୮୦ ଦଫାରେ ୧୨ ମାସ ଜେଲଦଣ୍ଡ ଓ ୧ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ୧ମାସ ଅଧିକ ଜେଲ ଭୋଗିବାକୁ ନିର୍ଦ୍ଦେଶ ଅଛି । ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରମୋଦ ଦିଗାଲ, ମଦନ ମୋହନ ପଣ୍ଡା ଓ ଆଶୁତୋଷ ସମାନ୍ତରାୟ ମକଦ୍ଦମା ଲଢୁଥିଲେ ।

# ଭାଷା,ସାହିତ୍ୟ ଓ ସଂସ୍କୃତି କାର୍ଯ୍ୟକ୍ରମ ଉଦ୍‌ଯାପିତ

ଓଡ଼ଗାଁ,୨୫।୧(ଆଦର୍ଶ କୁମାର ପଟ୍ଟନାୟକ ):

ସ୍ଥାନୀୟ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଆନୁକୂଲ୍ୟରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଓଡିଆ ସାହିତ୍ୟ ଶୀର୍ଷକ ଆଲୋଚନା ଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବ ତଥା ଆଲୋଚନାଚକ୍ରରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଫେସର ଉଦୟନାଥ ସାହୁ ମୁଖ୍ୟବକ୍ତା,ପ୍ରଫେସର ରାମନାଥ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜଗନ୍ନାଥ ସଂସ୍କୃତି ଓ ଉତ୍କଳୀୟ ପରମ୍ପରା ସର୍ବଧର୍ମ ସମନ୍ୱୟ ପ୍ରତୀକାତ୍ମକର ପ୍ରାମାଣିକ ତଥ୍ୟ ପ୍ରଦାନ କରିଥିଲେ । ପ୍ରଥମ ଭାରତୀୟ ଆର୍ଯ୍ୟ ଭାଷା ଭାବେ ଓଡ଼ିଆ ଭାଷା ୨୦୧୪ରେ ଶାସ୍ତ୍ରୀୟ ମାନ୍ୟତା ପାଇଥିଲା । ଆଦିକବି ସାରଳା ଦାସଙ୍କ ସ୍ୱରଚିତ ପ୍ରାଦେଶିକ ସାହିତ୍ୟ ଓଡିଆ ଭାଷା ଏକକ ଚେଷ୍ଟାରେ ମହାଭାରତର ସୃଷ୍ଟି। ଜଗନ୍ନାଥ ଦାସଙ୍କ ଭାଗବତ, ବଳରାମ ଦାସଙ୍କ ଦାଣ୍ଡି ରାମାୟଣ ଏବଂ ପଞ୍ଚସଖାଙ୍କ ଓଡିଆ ଭାଷା ସାହିତ୍ୟରେ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଗୌଡିୟ ଓ ବୈଷ୍ଣବ ଧର୍ମ ପ୍ରଚାରକମାନଙ୍କର ଅପୂର୍ବ ସମନ୍ୱୟ ଏବଂ ଓଡ଼ଗାଁ ରଘୁନାଥଜୀଉଙ୍କ ଭୂମିକା ସମ୍ପର୍କରେ ପ୍ରଫେସର ଦାଶ ତଥ୍ୟ ଉପସ୍ଥାପନ କରି ଜଗନ୍ନାଥ ରାମ ବୋଲି ପ୍ରମାଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ସାହୁ ଭାଗବତର ଅଧ୍ୟାୟ ତୁଣ୍ଡେ ତୁଣ୍ଡେ ପାଠ କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମହାବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ଡ଼ ଚିତ୍ତରଞ୍ଜନ ଦାଶ ସଭାପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ ସହିତ ପ୍ରାରମ୍ଭିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପକ ଅରୂପାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ସାହିତ୍ୟ,ଜଗନ୍ନାଥ ସଂସ୍କୃତିକୁ ନେଇ ପ୍ରତିଯୋଗିତା

## ବଉଳସାହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ନୟାଗଡ଼,୨୫।୧(ଲୋକନାଥ ମିଶ୍ର):

ନୟାଗଡ଼ ବ୍ଲକ ବଉଳସାହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଓଡ଼ିଆ ଭାଷା ସାହିତ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତିର ପ୍ରଚାରକ ତଥା ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ଜଗନ୍ନାଥ ସଂସ୍କୃତିରେ ଭକ୍ତ ଓ ଭଗବାନଙ୍କ ସମ୍ପର୍କ ଉପରେ ଟିପ୍ପଣୀ ଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ସରୋଜ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଅଧ୍ୟାପିକା,ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଆଲୋକ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭା କାର୍ଯ୍ୟ ପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଜଗନ୍ନାଥ ସଂସ୍କୃତି ଆଧାରିତ ଓଡ଼ିଆ ଭଜନ, ଓଡ଼ିଆ ସ୍ଲୋଗାନ ଓ ଓଡ଼ିଆ କବିତା ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ୫ ଦିନ ଧରି ଚାଲିବ ବୋଲି ଅଧ୍ୟକ୍ଷ ଜେନା ସୂଚନା ଦେଇଛନ୍ତି।


ନୂଆ -ଓ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ।

# ଚମ୍ପତିପୁରରେ ପାସେଞ୍ଜର ହଲ୍ଟ ଦାବି ଜୋର ଧରିଲା

- ଇଟାମାଟିରେ ଜାତୀୟ ରାଜପଥ ଅବରୋଧ
- ରାସ୍ତାରୋକୋରୁ ନ ଓହରିଲେ ପିଠିରୁ ଚୋପା ଛଡାଇଦେବୁ କହିବାରୁ ଉତ୍ତେଜନା
- ଆଇଆଇସି କ୍ଷମା ମାଗିବା ପରେ ପରିସ୍ଥିତି ଶାନ୍ତ ପଡିଲା

ନୟାଗଡ଼,୨୫।୧(ଲୋକନାଥ ମିଶ୍ର):

ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳପଥର ନୟାଗଡ଼ ବ୍ଲକ୍ ଚମ୍ପତିପୁରଠାରେ ରେଲୱେ ପାସେଞ୍ଜର ହଲଟ୍ ପାଇଁ ବହୁ ଦିନ ହେଲା ଦାବି ହୋଇ ଆସୁଛି । ହେଲେ ଅଞ୍ଚଳବାସୀଙ୍କ ଦାବିକୁ ଅଣଦେଖା କରାଯିବା ପରେ ବାଲୁଙ୍କେଶ୍ୱର ରେଲୱେ ସଂଗ୍ରାମ ସମିତି ଇଟାମାଟି ଓ ଚମ୍ପତିପୁର ପକ୍ଷର ଗୁରୁବାର ଇଟାମାଟିଠାରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା । ଇଟାମାଟିର ପୂର୍ବତନ ସରପଞ୍ଚ ମନୋଜ କୁମାର ସାହୁଙ୍କ ନେତୃତ୍ୱରେ ରାସ୍ତାରୋକୋ ହୋଇଥିଲା। ଖବର ପାଇ ନୟାଗଡ଼ ତହସିଲଦାର, ନୟାଗଡ଼ ଏସ୍‌ଡିପିଓ ଓ ରେଳ ବିଭାଗର ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ମାର୍ଚ୍ଚ ମାସରେ ରେଲୱେ ପାସେଞ୍ଜର ହଲଟ ନିର୍ମାଣ ହେବାକୁ ପ୍ରତିଶ୍ରୁତି ଦେବା ପରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଥିବା ରାସ୍ତାରୋକୋ ମଧ୍ୟାହ୍ନରେ ହଟିଥିଲା । ତେବେ ରାସ୍ତାରୋକୋ ଚାଲୁଥିବା ସମୟରେ ଜଣେ ଆଇଆଇସି ଆନ୍ଦୋଳନକାରୀଙ୍କୁ କହିଥିଲେ ରାସ୍ତାରୋକୋରୁ ଓହରିବ ନାଁ ବାଡେଇକି ପିଠିରୁ ଚୋପା ଛଡାଇଦେବୁ ପରି ଧମକ ଦେବା ପରେ ଚାପା ଉତ୍ତେଜନା ଦେଖା ଦେଇଥିଲା । ତେବେ ଏସ୍‌ଡିପିଓଙ୍କ ହସ୍ତକ୍ଷେପ ପରେ ଆଇଆଇସି କ୍ଷମା ମାଗିବା ପରେ ଉତ୍ତେଜନା ଥମିଥିଲା ।

ଅଭିଯୋଗ ଅନୁଯାୟୀ, ଇଟାମାଟି ଏକ ବ୍ୟବସାୟିକ ଅଞ୍ଚଳ । ପୁଣି ଇଟାମାଟିରେ ସ୍କୁଲ, କଲେଜ, ଥାନା, ବ୍ୟାଙ୍କ ପରି ଅନେକ ଅଫିସ ରହିଛି । ଇଟାମାଟି ଆଖପାଖରେ ଲାଠିପଡା, ଗମ୍ଭାରିଡିହି, ବିରୁଡା, ଇଙ୍କିରି, ରାଜପାଟଣା, କାଳିକାପ୍ରସାଦ, ଚମ୍ପତିପୁର, ବାଉଁଶିଆପଡା, ନାଚୁଗାଁ ପରି ୧୫ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗାଁ ରହିଛି । ଏହି ଗାଁ ଗୁଡ଼ିକର ପ୍ରାୟ ୫୦ ହଜାର ଲୋକ ରେଳ ସେବା ପାଇବାରେ ହଇରାଣ ହୋଇ ଆସୁଛନ୍ତି । ବ୍ୟବସାୟୀ ପ୍ରତିଷ୍ଠାନ ମଧ୍ୟ ହଇରାଣ ହେଉଛନ୍ତି । ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ମାଣିକାଗୋଡାଠାରୁ ନୟାଗଡ଼ ଜିଲାର ନୟାଗଡ଼ ଷ୍ଟେଶନ ମଧ୍ୟରେ ଆଉ ଷ୍ଟେଶନ ନାହିଁ । ଏଣୁ ଚମ୍ପତିପୁର ଠାରେ ଏକ ପାସେଞ୍ଜର ହଲ୍‌ଟ କରାଗଲେ ଇଟାମାଟି ସମେତ ଆଖପାଖ ଅଞ୍ଚଳର ଲୋକ ରେଳ ସେବା ପାଇବାରେ ସୁବିଧା ହୁଅନ୍ତା । ହେଲେ ରେଳବାଇ ବିଭାଗ ସ୍ଥାନୀୟ ଲୋକଙ୍କ ଦାବିକୁ ଅଣଦେଖା କରି ଆସୁଛି ବୋଲି ଅଭିଯୋଗ ରହିଛି । ଏନେଇ ଆନ୍ଦୋଳନକାରୀ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ମଧ୍ୟ ଦେଇଥିଲେ । ପୁଣି ରେଳମନ୍ତ୍ରୀ, ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ଅବଗତ କରାଇଥିଲେ । ଏନେଇ ଆନ୍ଦୋଳନକାରୀ ସନ୍ତୋଷ କୁମାର ସାହୁ କୁହନ୍ତି, ରେଳମନ୍ତ୍ରୀ ଓଡ଼ିଶାର। ହେଲେ ଇଟାମାଟି ଓ ଆଖପାଖ ଅଞ୍ଚଳର ୮ବର୍ଷ ହେଲା ହୋଇ ଆସୁଥିବା ଦାବି ପାସେଞ୍ଜର ହଲଟକୁ ପୂରଣ କରୁ ନାହାନ୍ତି। ଏଭଳିସ୍ଥଳେ ଲୋକେ ରାସ୍ତାରୋକୋ କରିବାରୁ ଜଣେ ଆଇସିସି ପିଠିରୁ ଚୋପା ଛଡାଇ ଦେବେ କହିଥିଲେ । ଏହା ପ୍ରଚାରିତ ହେବା ପରେ ପୋଲିସର ଗୁଣ୍ଡାରାଜ ନେଇ ଅସନ୍ତୋଷ, ଉଦ୍‌ବେଗ ଓ ଉତ୍ତେଜନା ବଢ଼ିଥିଲା । ତେବେ ଆଇଆଇସି କ୍ଷମା ମାଗିବା ପରେ ସ୍ଥିତି ବଦଳି ଯାଇଥିଲା । ଇଟାମାଟିର ପୂର୍ବତନ ସରପଞ୍ଚ ମନୋଜ ସାହୁ କୁହନ୍ତି, ରେଳ ବିଭାଗର ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ଅନୁସାରେ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଅପେକ୍ଷା କରିବୁ । ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବୁ ବୋଲି କହିଛନ୍ତି। କଂଗ୍ରେସର ଜିଲା ସଭାପତି ରଣଜିତ ଦାଶ କୁହନ୍ତି, ଆନ୍ଦୋଳନକାରୀଙ୍କୁ ଲଲିପପ ଦେଖାଇ ଆନ୍ଦୋଳନକୁ ଚତୁରତାର ସହ ଏଡାଇ ଦିଆଗଲା । ମାର୍ଚ୍ଚ ମାସରେ ଆଚରଣ ବିଧି ଲାଗୁ ହେବାକୁ ଯାଉଥିବାରୁ ପାସେଞ୍ଜର ହଲ୍‌ଟ ଦାବି ପୂରଣ ହୋଇ ନ ପାରେ । ଆମେ ଆନ୍ଦୋଳନରେ ସାମିଲ ହୋଇ ଏନେଇ ପ୍ରଶାସନକୁ ଅବଗତ କରାଇଛୁ ବୋଲି କହିଛନ୍ତି ।


ରାସ୍ତାରୋକୋ କରିଥିବା ଲୋକମାନଙ୍କୁ ପୋଲିସ ଅଧିକାରୀ ବୁଝାଶୁଝା କରୁଛନ୍ତି ।

**ମେ’ ୬ରୁ ଓଜେଇଇ**

ଭୁବନେଶ୍ୱର,୨୫।୧(ଅସମାପିକା ସାହୁ)- ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ପାଇଁ ମେ’ ୬ରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମୋଟ ୩୩ଟି କେନ୍ଦ୍ରରେ ପରୀକ୍ଷା ହେବ। ରାଜ୍ୟ ଭିତରେ ୩୦ଟି ଓ ରାଜ୍ୟ ବାହାରେ ୩ଟି କେନ୍ଦ୍ରରେ ଓଜେଇଇ ପରୀକ୍ଷା କରାଯିବ। ଏଥିପାଇଁ ଗୁରୁବାରଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ଗୁରୁବାର ଓଜେଇଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଏମ୍ସ ଭୁବନେଶ୍ୱର ପକ୍ଷରୁ ଡ୍ରୋନ୍ ସ୍ୱାସ୍ଥ୍ୟସେବା ଆରମ୍ଭ



ଡ୍ରୋନ୍ ସେବା ଆରମ୍ଭ ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସଙ୍କ ସହ ଅନ୍ୟମାନେ।

**୩୫ ମିନିଟ୍‌ରେ ପହଞ୍ଚିଲା ରକ୍ତ**

ଭୁବନେଶ୍ୱର, (ଅସମାପିକା ସାହୁ)/ ଟାଙ୍ଗୀ,୨୫।୧ (ରଘୁନାଥ ସାହୁ)

ଏମ୍ସ ଭୁବନେଶ୍ୱର ପକ୍ଷରୁ ଗୁରୁବାର ଡ୍ରୋନ୍ ସ୍ୱାସ୍ଥ୍ୟ ସେବାର ଶୁଭାରମ୍ଭ କରାଯାଇଛି। ମଙ୍ଗଳବାର ହୋଇଥିବା ସଫଳ ପରୀକ୍ଷଣର ଦୁଇଦିନ ପରେ ଏହି ଜାତୀୟ ଅନୁଷ୍ଠାନ ସ୍ୱଳ୍ପ ସମୟ ମଧ୍ୟରେ ଜରୁରୀକାଳୀନ ପରିସ୍ଥିତିରେ ଆବଶ୍ୟକ ଚିକିତ୍ସା ସାମଗ୍ରୀ ସହିତ ରକ୍ତ ଆଦିର ପରିବହନ ପାଇଁ ଡ୍ରୋନ୍ ବ୍ୟବହାର ଆରମ୍ଭ କରିଛି। ଏମ୍ସ ଭୁବନେଶ୍ୱର ପରିସରରୁ ପ୍ରାୟ ୬୦ କି.ମି. ଦୂରରେ ଅବସ୍ଥିତ ଖୋର୍ଦ୍ଧା ଜିଲାର ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜଣେ ଜରୁରୀ ରୋଗୀଙ୍କ ପାଇଁ ଏଠାରୁ ଗୋଟିଏ ୟୁନିଟ୍ ରକ୍ତ ପଠାଯାଇଥିଲା। ଏହି ଦୂରତାକୁ ଡ୍ରୋନ୍ ମାତ୍ର ୩୫ ମିନିଟ୍‌ରେ ଅତିକ୍ରମ କରିଥିଲା। ଫଳରେ ସେଠାରେ ଚିକିତ୍ସାଧୀନ ରକ୍ତହୀନତା ରୋଗୀଙ୍କ ଜରୁରୀ କାର୍ଯ୍ୟରେ ଏହା ଉପଯୋଗ ହୋଇଛି। ଏପରିକି ଏହି ଡ୍ରୋନ୍ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବିଭିନ୍ନ ପରୀକ୍ଷା ପାଇଁ ଆବଶ୍ୟକ ରକ୍ତ ନମୁନା ସଂଗ୍ରହ କରି ଏମ୍ସକୁ ଆଣିଛି। ସ୍ୱାସ୍ଥ୍ୟସେବାରେ ଡ୍ରୋନ୍ ପ୍ରୟୋଗ ରାଜ୍ୟ ତଥା ଦେଶରେ ପ୍ରଥମ ବୋଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି। ଡ୍ରୋନ ମାଧ୍ୟମରେ ରୋଗୀଙ୍କୁ ରକ୍ତ ବ୍ୟାଗ ଯୋଗାଣ ସଫଳ ହୋଇଥିବାରୁ ଆନନ୍ଦିତ ଥିବା ଡା. ବିଶ୍ୱାସ କହିଛନ୍ତି। ପ୍ରାୟ ୧୨ କିଲୋଗ୍ରାମ ଓଜନ ବିଶିଷ୍ଟ ଏହି ଡ୍ରୋନ୍ ୨ରୁ ୫ କେ.ଜି. ପର୍ଯ୍ୟନ୍ତ ଚିକିତ୍ସା ସାମଗ୍ରୀ ସହିତ ରକ୍ତ ଆଦି ପରିବହନ କରିବାର କ୍ଷମତା ରଖିଛି। ଏହା ଘଣ୍ଟା ପ୍ରତି ୯୦ କି.ମି. ବେଗରେ ଗତି କରିପାରିବ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ଏମ୍ସ ପରିସରରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ଭାରପ୍ରାପ୍ତ ଡିଡିଏ ରଶ୍ମି ରଞ୍ଜନ ସେଠୀଙ୍କ ସମେତ ଅନ୍ୟ ଡାକ୍ତର ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୋଲିସ ବିଭାଗରେ ଓଡ଼ିଶାରୁ ୨୮ ଜଣଙ୍କୁ ପଦକ

ଭୁବନେଶ୍ୱର,୨୫।୧ (ସତ୍ୟଜିତ୍ ରାଉତ)

ସାହାସିକତା, ଉଲ୍ଲେଖନୀୟ କାର୍ଯ୍ୟ ଓ ପ୍ରଶଂସନୀୟ ସେବା ପାଇଁ ବିଭିନ୍ନ ସେବା ବର୍ଗରେ ପଦକ ଘୋଷଣା କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଗୁରୁବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତବର୍ଷ ପୋଲିସ ସେବା ବର୍ଗରେ ଓଡ଼ିଶାରୁ ମୋଟ ୨୮ ଜଣଙ୍କୁ ପଦକ ପ୍ରଦାନ କରାଯିବ। ଉଲ୍ଲେଖନୀୟ ସେବା ପାଇଁ ଓଡ଼ିଶାରୁ ଦୁଇ ପୋଲିସ ଅଧିକାରୀ ରାଷ୍ଟ୍ରପତି ପଦକ ପାଇବେ। ସେମାନେ ହେଲେ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ତଥା ନିକଟରେ ଓପିଏସ୍‌ଡବ୍ଲ୍ୟୁସିର ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ନେଇଥିବା ସନ୍ତୋଷ ବାଲା ଓ କନ୍‌ଷ୍ଟେବଲ୍ ସଞ୍ଜୁକ୍ତା ପଟ୍ଟନାୟକ। ସେହିପରି ସାହାସିକତା ପାଇଁ ପଦକ ପାଇବାକୁ ମନୋନୀତ ୧୫ଜଣ ହେଲେ ଏସ୍‌ଆଇ ଅରୁଣ କୁମାର ଭୁଇ, ରମାକାନ୍ତ ସାହୁ, ହାବିଲଦାର ମୋତିରାମ ସାହୁ, କମାଣ୍ଡୋ ପ୍ରକାଶ ମାଝୀ, ନିରଞ୍ଜନ ସାହୁ, ଯଦୁମଣି ଭୁଇ, ଉମେଶ ସେଠ୍, ଭୁବନ କୁମ୍ଭାର, ସଞ୍ଜୟ କୁମାର ଗୁରୁ, ବିଶ୍ୱଜିତ ଦାସ, କନ୍‌ଷ୍ଟେବଲ୍ ଲକ୍ଷ୍ମଣ ନାୟକ, ସତ୍ୟ ଓଡ଼ି, କାନା ବେଟି, ସିଟି ସତ୍ୟବାଦୀ ଭୋଇ ଓ ସୁରଜ କୁମାର ସାହୁ। ପ୍ରଶଂସନୀୟ ସେବା ପାଇଁ ଓଡ଼ିଶାରୁ ପଦକ ପାଇଁ ମନୋନୀତ ହୋଇଥିବା ୧୧ଜଣ ପୋଲିସ ଅଫିସର ହେଲେ ଆଇଜି ସତ୍ୟବ୍ରତ ଭୋଇ, ଏସ୍‌ପି ସାରଦା ପ୍ରସାଦ ପ୍ରଧାନ, ଡିଏସ୍‌ପି ପ୍ରଦୀପ କୁମାର ସାମଲ, ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଇନ୍ସପେକ୍ଟର ରଶ୍ମିରଞ୍ଜନ ମହାପାତ୍ର, ଡେପୁଟି କମାଣ୍ଡାଣ୍ଟ ରଜତ କେର୍‌କେଟା, ଡ୍ରାଇଭର ହାବିଲଦାର ଦିଲୀପ କୁମାର ନାୟକ, ଏଏସ୍‌ଆଇ ବିଜୟ କୁମାର ପ୍ରଧାନ, ସିପାହୀ ବନମାଳି ରାୟ, ସିପାହୀ ନାମ୍ ବାହାଦୁର ଛେତ୍ରୀ ଓ କନ୍‌ଷ୍ଟେବଲ ଆରତି ସାହୁ। ତେବେ ପଦକ ପାଇବାକୁ ମନୋନୀତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ବୁଧବାର ରାଜ୍ୟ ପୋଲିସ ପକ୍ଷରୁ ସାମାଜିକ ଗଣମାଧ୍ୟମ ଜରିଆରେ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା, ଅଗ୍ନିଶମ, ଜେଲ ବିଭାଗରେ ୫ଜଣଙ୍କୁ ପଦକ

ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା, ଅଗ୍ନିଶମ ସେବା ଓ ଜେଲ ବିଭାଗରେ ଓଡ଼ିଶାରୁ ୫ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ପଦକ ପ୍ରଦାନ କରାଯିବ। ହୋମ୍‌ଗାର୍ଡ ଓ ବେସାମରିକ ପ୍ରତିରକ୍ଷା ବର୍ଗରେ ସିଭିଲ୍ ଡିଫେନ୍ସ ଭଲ୍ୟୁଣ୍ଟିୟର୍ ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯିବ। ସେହିପରି ଅଗ୍ନିଶମ ସେବା ବର୍ଗରେ ଦୁଇ ଜଣ, ହୋମଗାର୍ଡ ଓ ବେସାମରିକ ବର୍ଗରେ ଜଣେ ଏବଂ ଜେଲ ବିଭାଗ (କରେକ୍ସନାଲ୍ ସର୍ଭିସ)ରେ ଜଣଙ୍କୁ ପ୍ରଶଂସନୀୟ ସେବା ପାଇଁ ପଦକ ପ୍ରଦାନ ପାଇଁ ଘୋଷଣା କରାଯାଇଛି। ସେମାନେ ହେଲେ ଲିଡିଂ ଫାୟାରମାନ୍ ରାଜେନ୍ଦ୍ର କୁମାର ସ୍ୱାଇଁ, ତାରାକାନ୍ତ ମହାପାତ୍ର, ହୋମ୍‌ଗାର୍ଡ ଭଲ୍ୟୁଣ୍ଟିୟର୍ ରାଜେନ୍ଦ୍ର କୁମାର ଜେନା ଓ ଚିଫ୍ ୱାର୍ଡର ଘନଶ୍ୟାମ ପାଇକ। ସ୍ୱାଧୀନତା ଦିବସ ଅବସରରେ ସମସ୍ତଙ୍କୁ ଏହି ପଦକ ପ୍ରଦାନ କରାଯିବ।

# ନିରପେକ୍ଷ ମତଦାନ କଲେ ଗଣତନ୍ତ୍ର ସୁଦୃଢ଼ ହେବ: ରାଜ୍ୟପାଳ

ଭୁବନେଶ୍ୱର,୨୫।୧(ଅନିଲ ଦାସ)

**ରାଜ୍ୟସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ**




ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଲୋକସେବା ଭବନର କନ୍‌ଭେନଶନ ସେଣ୍ଟର ସମ୍ମିଳନୀ କକ୍ଷରେ ୧୪ତମ ଜାତୀୟ ମତଦାତା ଦିବସ ସମାରୋହରେ ପାଳିତ ହୋଇଯାଇଛି। ରାଜ୍ୟପାଳ ରଘୁବର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ତଥା ଦେଶର ଭୋଟରମାନେ ସଚେତନ ରହି ନିରପେକ୍ଷ ଭାବେ ମତଦାନ କଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ ବୋଲି କହିଛନ୍ତି । ପ୍ରତ୍ୟେକ ନାଗରିକ ଯେଉଁମାନଙ୍କ ବୟସ ୧୮ବର୍ଷ ହୋଇଥିବ ସେମାନେ ଭୋଟର ତାଲିକାରେ ନିଶ୍ଚିତ ଭାବେ ନାମ ପଞ୍ଜୀକରଣ କରିବା ଉଚିତ। ୧୯୫୧-୫୨ରେ ଅନୁଷ୍ଠିତ ପ୍ରଥମ ସାଧାରଣ ନିର୍ବାଚନରେ ଦେଶର ୧୭ କୋଟିରୁ ଅଧିକ ଭୋଟର ଅଂଶଗ୍ରହଣ କରିଥିଲେ। ଶତକଡ଼ା ୪୫% ମତଦାନ ହୋଇଥିବା ବେଳେ ୨୦୧୯ ସାଧାରଣ ନିର୍ବାଚନରେ ଦେଶର ୯୦ କୋଟିରୁ ଅଧିକ ଭୋଟର ଅଂଶଗ୍ରହଣ କରିଛନ୍ତି। ଶତକଡ଼ା ୬୮% ମତଦାନ ହୋଇଥିଲା ବୋଲି ରାଜ୍ୟପାଳ କହିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ବାଚନ ଆୟୋଗଙ୍କ ଠିକ୍ ମାର୍ଗଦର୍ଶନ ଓ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଯୋଗୁ ରାଜ୍ୟରେ ଭୋଟର, ବିଶେଷକରି ମହିଳା ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଉଛି । ୧୯୫୧-୫୨ ସାଧାରଣ ନିର୍ବାଚନରେ ୪୫% ମହିଳା ଭୋଟର ଅଂଶଗ୍ରହଣ କରିଥିବା ବେଳେ ୨୦୧୯ ସାଧାରଣ ନିର୍ବାଚନରେ ୬୭% ମହିଳା ଭୋଟର ଅଂଶଗ୍ରହଣ କରିଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା କରାଯାଉଥିବା ବ୍ୟାପକ ଭୋଟର ସଚେତନତା କାର୍ଯ୍ୟକ୍ରମ ଯୋଗୁ ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ୭୯% ମହିଳା ଭୋଟର ଅଂଶଗ୍ରହଣ କରିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ସୂଚନା ଦେଇଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସ୍ୱାଗତ ଅଭିଭାଷଣ ଦେଇ ଜାତୀୟ ମତଦାତା ଦିବସ ପାଳନ ଅବସରରେ ରାଜ୍ୟର ଭୋଟରମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ଦିବସ ଦେଶ, ରାଜ୍ୟ, ଜିଲା ବୁଥ୍‌ସ୍ତରରେ ଓ ଦିଲ୍ଲୀଠାରୁ ପଲ୍ଲୀସ୍ତରରେ ପାଳନ କରାଯାଉଥିବା ପ୍ରକାଶ କରିଥିଲେ ।

# ବିନୋଦ କୁମାରଙ୍କୁ ଅଷ୍ଟମଥର ଜେଲ

ଭୁବନେଶ୍ୱର,୨୫।୧ (ସୂର୍ଯ୍ୟକାନ୍ତ ବେହେରା)

**ଓଆର୍‌ଏଚ୍‌ଡିସି ଗୃହ ଋଣ ଦୁର୍ନୀତି ମାମଲା**




ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚ୍‌ଡିସି) ଦ୍ୱାରା ଏକ ବିଲ୍ଡର ସଂସ୍ଥାକୁ ଅନୁଚିତ ଅନୁଗ୍ରହ ଦେଖାଇ ଜାଲ୍ କାଗଜପତ୍ର ମାଧ୍ୟମରେ ଗରିବ ଲୋକଙ୍କ ନାଁରେ ଋଣ ହଡ଼ପ ମାମଲାର ରାୟ ଗୁରୁବାର ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନସ କୋର୍ଟରେ ପ୍ରକାଶ ପାଇଛି। ବହିଷ୍କୃତ ଆଇଏଏସ୍ ଅଫିସର ତଥା ନିଗମର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ବିନୋଦ କୁମାରଙ୍କୁ ପୁଣି ୩ବର୍ଷ ଜେଲଦଣ୍ଡ ହୋଇଛି। ଏହି ଦଣ୍ଡାଦେଶକୁ ମିଶାଇ ବିନୋଦ କୁମାର ଅଷ୍ଟମଥର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥିସହ ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ୪ଜଣ ଅଭିଯୁକ୍ତଙ୍କୁ ମଧ୍ୟ ସମାନ ଦଣ୍ଡରେ ଦଣ୍ଡିତ କରାଯାଇଛି। ସେମାନେ ହେଲେ ‘ଓଆର୍‌ଏଚ୍‌ଡିସି’ର ତତ୍କାଳୀନ କମ୍ପାନୀ ସେକ୍ରେଟାରି ସ୍ୱସ୍ତି ରଞ୍ଜନ ମହାପାତ୍ର, ପୂର୍ବତନ ଆକାଉଣ୍ଟ ଅଫିସର ପ୍ରଦୀପ କୁମାର ରାଉତ, ପୂର୍ବତନ ଲୋନ ଅଫିସର ସତ୍ୟପ୍ରକାଶ ବେହେରା ଓ ପୂର୍ବତନ ଆସିଷ୍ଟାଣ୍ଟ ସିଷ୍ଟମ ଆନାଲିଷ୍ଟ ଜ୍ଞାନେନ୍ଦ୍ର ସ୍ୱାଇଁ। ଏଥିସହ ସମସ୍ତ ଅଭିଯୁକ୍ତଙ୍କୁ ୫୦ ହଜାର ଲେଖାଏ ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ସତ୍ୟ ନାରାୟଣ ଷଡ଼ଙ୍ଗୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ବିନୋଦ କୁମାର ୨୦୦୦ ଜାନୁଆରୀ ୪ରୁ ୨୦୦୧ ଏପ୍ରିଲ ୧୫ ପର୍ଯ୍ୟନ୍ତ ଓଆର୍‌ଏଚ୍‌ଡିସିର ଏମ୍‌ଡି ଥିଲେ। ଏହି ସମୟରେ ବିଲ୍ଡର ସଂସ୍ଥା ଏମ୍/ଏସ୍ ସିତାରା ବିଲ୍ଡକନ୍ ପ୍ରାଇଭେଟ୍ ଲିଃ କର୍ତ୍ତୃପକ୍ଷଙ୍କ ସହ ବିନୋଦ କୁମାରଙ୍କ ସମେତ ଦୋଷୀ ସାବ୍ୟସ୍ତ ହୋଇଥିବା ସହକର୍ମୀମାନେ ଆପରାଧିକ ଷଡ଼ଯନ୍ତ୍ର କରିଥିଲେ। ବିଲ୍ଡର ସଂସ୍ଥା ପକ୍ଷରୁ ୩ଟି ପର୍ଯ୍ୟାୟରେ ୩୦ ଲକ୍ଷ ଟଙ୍କାର ଗୃହ ଋଣ ଆବେଦନ କରାଯାଇଥିଲା। ବିନୋଦ ଓ ଅନ୍ୟମାନେ ନିୟମ ଉଲ୍ଲଂଘନ କରି ଏହି ଋଣ ଦେଇଥିଲେ। ଏହା ଜଣାପଡ଼ିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଅଭିଯୋଗ କରାଯାଇଥିଲା। ଭିଜିଲାନ୍ସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ। ଉଲ୍ଲେଖଯୋଗ୍ୟ, ଦୋଷୀ ସାବ୍ୟସ୍ତ ହୋଇଥିବା ବିନୋଦଙ୍କ ବିରୋଧରେ ରାଜ୍ୟ ସରକାର ମୋଟ ୨୭ଟି ଭିଜିଲାନ୍ସ ମାମଲା କରିଥିବାବେଳେ ଏହାକୁ ମିଶାଇ ୮ଟିରେ ସେ ଦୋଷୀ ସାବ୍ୟସ୍ତ ହେବା ସହ ଜେଲ୍ ଦଣ୍ଡାଦେଶ ପାଇଛନ୍ତି। ବିନୋଦ ପ୍ରତି ମାମଲାରେ ୩ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ୨୦୧୮ ଜୁଲାଇ ୩ରେ ସେ ପ୍ରଥମଥର ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିଲେ।



# ଜୟସ୍ୱାଲଙ୍କ ଅର୍ଦ୍ଧଶତକରେ ଭାରତ ଦୃଢ଼

**ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ**

## ଅଶ୍ୱିନ, ଜାଡେଜାଙ୍କୁ ୩-୩

**ହାଇଦ୍ରାବାଦ,୨୫ା୧(ପି.ଟି.)**

ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଭାରତ ବିପକ୍ଷ ପ୍ରଥମ ଟେଷ୍ଟରେ ଇଂଲଣ୍ଡର ବାଜବଲ୍ ରଣନୀତି ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଭାରତୀୟ ସ୍ପିନରଙ୍କ ଚମତ୍କାର ବୋଲିଂ ବଳରେ ଇଂଲଣ୍ଡ ପ୍ରଥମ ଇନିଂସ ୨୪୬ ରନ୍‌ରେ ସୀମିତ ରହିଥିଲା। ଜବାବରେ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଭାରତ ୧ ଉଇକେଟ ହରାଇ ୧୧୯ ରନ୍ ସଂଗ୍ରହ କରିଛି।

### ବାଜ୍‌ବଲ ବିଫଳ

ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ ନେଇଥିଲା। ତେବେ ଭାରତୀୟ ସ୍ପିନ ସହାୟକ ଟ୍ରାକ୍‌ରେ ଇଂଲଣ୍ଡର ବାଜ୍‌ବଲ ରଣନୀତି ସମ୍ପୂର୍ଣ୍ଣ ଫେଲ ମାରିଥିଲା। ଏପରିକି ପ୍ରଥମ ଉଇକେଟରେ ଦୁଇ ଓପନର ୫୫ ରନ୍ ଯୋଡିଥିଲେ। ଜ୍ୟାକ୍ କ୍ରଲି ୨୦ ଓ ବେନ୍ ଡକେଟ ୩୫ ରନ୍ ସ୍କୋର କରିଥିଲେ। ତେବେ ୧୨ତମ ଓଭରରେ ବେନ୍ ଡକେଟ୍‌ଙ୍କୁ ଆଉଟ କରି ଅଶ୍ୱିନ ଭାରତକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ।


ଯଶସ୍ୱୀ ଜୟସ୍ୱାଲ


ଅକ୍ଷର ପଟେଲ

ପରବର୍ତ୍ତୀ ୩ ଉଇକେଟ ମାତ୍ର ୫ ରନ୍ ମଧ୍ୟରେ ପଡିଥିଲା। ଜନି ବେୟାରଷ୍ଟୋ(୩୭) ଓ ଇଂଲଣ୍ଡ ଜୋ ରୁଟ୍ (୨୯) ଚତୁର୍ଥ ଉଇକେଟରେ ୬୧ ରନ୍ ଯୋଡିଥିଲେ। ତୃତୀୟ ସ୍ପିନର ଭାବେ ଖେଳୁଥିବା ଅକ୍ଷର ପଟେଲ ଏହି ଯୋଡି ଭାଙ୍ଗିବା ପରେ ଇଂଲଣ୍ଡ ଆଉ ଏକ ମିନି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମଧ୍ୟକ୍ରମରେ ବିଫଳତା କାରଣରୁ ଇଂଲଣ୍ଡ ୧୫୫ ରନ୍‌ରେ ୭ ଉଇକେଟ ହରାଇଥିଲା। ତେବେ ଅଧିନାୟକ ବେନ୍ ଷ୍ଟୋକ୍ସ ୭୦ ରନ୍‌ର ଏକ ଚମତ୍କାର ଇନିଂସ ଖେଳିବା ସହ ଦଳୀୟ ସ୍କୋର ୨୪୬ରେ ପହଞ୍ଚାଇଥିଲେ। ଟମ୍ ହାର୍ଟଲେ(୨୩)ଙ୍କ ସହିତ ୩୮ ରନ୍ ଯୋଡିଥିବା ବେଳେ ମାର୍କ ଉଡ୍(୧୧)ଙ୍କ ସହ ୪୧ ରନ୍ ଯୋଡିଥିଲେ ଷ୍ଟୋକ୍ସ। ଶେଷ ଖେଳାଳି ଭାବରେ ଆଉଟ ହେବା ପୂର୍ବରୁ ଷ୍ଟୋକ୍ସ ୬ ଚୌକା ଓ ୩ ଛକା ସହ ୮୮ ରନ୍ ସ୍କୋର କରିଥିଲେ। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ନେଇଥିବା ବେଳେ ଅକ୍ଷର ପଟେଲ ଓ ଯଶପ୍ରୀତ ବୁମରା ୨ଟି ଲେଖାଏ ଉଇକେଟ ନେଇଥିଲେ।

### ଜୟସ୍ୱାଲଙ୍କ ବାଜ୍‌ବଲ

ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ଓ ରୋହିତ ଶର୍ମା ଇନିଂସ ଓପନ କରିଥିଲେ। ଅଧିନାୟକ ରୋହିତ ଶର୍ମା ଧୀମା ବ୍ୟାଟିଂ କରୁଥିବା ଜୟସ୍ୱାଲ ହିଁ ପ୍ରକୃତ ବାଜ୍‌ବଲ କ୍ରିକେଟ ଖେଳିଥିଲେ। ରୋହିତ ଶର୍ମା(୨୪) ଓ ଯଶସ୍ୱୀ ଜୟସ୍ୱାଲ(୭୬*) ପ୍ରଥମ ଉଇକେଟରେ ୧୨.୨ ଓଭରରେ ୮୦ ରନ ଯୋଡିଡିଲେ। ତେବେ ଜୟସ୍ୱାଲ ଆକ୍ରମଣାତ୍ମକ ବ୍ୟାଟିଂ କରି ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ରୋହିତ ଶର୍ମା ୨୪ ରନ୍ କରି ଜ୍ୟାକ ଲିଚ୍‌ଙ୍କ ବଲରେ ଆଉଟ ହୋଇଥିବା ବେଳେ ଷ୍ଟମ୍ପ ଅପସାରଣ ବେଳକୁ ଗିଲ୍ ୧୪ ଓ ଜୟସ୍ୱାଲ ୭୬ ରନ୍ କରି ବ୍ୟାଟିଂ କରୁଛନ୍ତି। ଜୟସ୍ୱାଲ ୭୦ ବଲ୍ ଖେଳି ୯ ଚୌକା ଓ ୩ ଛକା ମାରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ ୨୪୬/୧୦ (ବେନ୍ ଷ୍ଟୋକ୍ସ-୭୦, ଜନି ବେୟାରଷ୍ଟୋ-୩୭, ବେନ୍ ଡକେଟ୍-୩୫, ଆର. ଅଶ୍ୱିନ-୩/୬୮, ରବୀନ୍ଦ୍ର ଜାଡେଜା-୩/୮୮, ଯଶପ୍ରୀତ ବୁମରା-୨/୨୮, ଅକ୍ଷର ପଟେଲ-୨/୩୩)।ଭାରତ ପ୍ରଥମ ଇନିଂସ୧୧୯/୧ (ଯଶସ୍ୱୀ ଜୟସ୍ୱାଲ-୭୬*, ରୋହିତ ଶର୍ମା-୨୪, ଜ୍ୟାକ୍ ଲିଚ୍-୧/୨୪)।

# କୋହଲି ଆଇସିସି ଦିନିକିଆ କ୍ରିକେଟର ଅଫ୍ ଦି ଇୟର

**ଦୁବାଇ,୨୫ା୧(ପି.ଟି.)**



ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନସିଲ୍ (ଆଇସିସି) ପକ୍ଷରୁ ଗୁରୁବାର ୨୦୨୩ ବର୍ଷ ପାଇଁ ଦିନିକିଆ କ୍ରିକେଟର ଅଫ୍ ଦି ଇୟର ଘୋଷଣା କରାଯାଇଛି। ଭାରତୀୟ କ୍ରିକେଟ ଖେଳାଳି ବିରାଟ କୋହଲି ଅନ୍ୟମାନଙ୍କୁ ପଛରେ ପକାଇ ଆଇସିସିର ଏହି ପୁରସ୍କାର ହାତେଇଛନ୍ତି। ଭାରତରେ ଖେଳାଯାଇଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ ଆଧାରରେ କୋହଲିଙ୍କୁ ମନୋନୀତ କରାଯାଇଛି। ୨୦୨୩ରେ ସେ ୧୩୭୭ ରନ୍ ସଂଗ୍ରହ କରିଥିଲେ। ଏହାମଧ୍ୟରେ ୬ ଶତକ ଓ ୮ ଅର୍ଦ୍ଧଶତକ ସାମିଲ ଥିଲା। ଖାସ୍‌କରି ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ କୋହଲିଙ୍କ ପ୍ରଦର୍ଶନ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ୧୧ ମ୍ୟାଚରୁ ରେକର୍ଡ ୭୬୫ ରନ୍ ସ୍କୋର କରିବା ସହ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ମଧ୍ୟ ହୋଇଥିଲେ। ଏହାକୁ ମିଶାଇ କୋହଲି ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ୭ଥର ଆଇସିସି ପୁରସ୍କାର ହାସଲ କରିଛନ୍ତି। ୪ ଥର ଦିନିକିଆରେ ସେ ଶ୍ରେଷ୍ଠ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ୨୦୧୨, ୨୦୧୭ ଓ ୨୦୧୮ରେ ମଧ୍ୟ କୋହଲି ଦିନିକିଆରେ ଶ୍ରେଷ୍ଠ ଖେଳାଳିହୋଇଥିଲେ।ଏହା ବ୍ୟତୀତ ୨୦୧୮ରେ ଟେଷ୍ଟ କ୍ରିକେଟର ପୁରସ୍କାର ହାସଲ କରିଥିବା ବେଳେ ୨୦୧୭ ଓ ୨୦୧୮ ବର୍ଷରେ ଶ୍ରେଷ୍ଠ ଅନ୍ତର୍ଜାତୀୟ ଖେଳାଳି ଭାବରେ ଆଇସିସି ପକ୍ଷରୁ ସାର୍ ଗାର୍‌ଫିଲ୍ଡ ସୋବର୍ସ ପୁରସ୍କାର ପାଇଥିଲେ।

ବିରାଟ କୋହଲିଙ୍କ ବ୍ୟତୀତ ଶୁବମନ ଗିଲ୍, ଦିନିକିଆ ବିଶ୍ୱକପ୍‌ର ସର୍ବାଧିକ ଉଇକେଟ ହାସଲକାରୀ ମହମ୍ମଦ ଶାମି ଓ ନ୍ୟୁଜିଲାଣ୍ଡର ଡାରିଲ୍ ମିଚେଲ୍ ଏହି ପୁରସ୍କାର ଦୌଡ଼ରେ ରହିଥିଲେ। ତେବେ ଦିନିକିଆ ବିଶ୍ୱକପ୍‌ରେ ଅଭୂତପୂର୍ବ ପ୍ରଦର୍ଶନ ସହ ତାଲିକାରେ ଥିବା ସମସ୍ତ ଖେଳାଳିଙ୍କୁ କୋହଲି ପଛରେ ପକାଇଥିଲେ। ହେଲେ ସେ ଅଳ୍ପକେ ଆଇସିସିର ଅନ୍ତର୍ଜାତୀୟ କ୍ରିକେଟର ଅଫ୍ ଦି ଇୟର ଭାବରେ ସାର ଗାର୍‌ଫିଲ୍ଡ ସୋବର୍ସ ପୁରସ୍କାର ମିସ୍ କରିଥିଲେ। ଅଷ୍ଟ୍ରେଲିଆ କ୍ରିକେଟ ଦଳ ଅଧିନାୟକ ପ୍ୟାଟ୍ କମିନ୍ସ ଏହି ପୁରସ୍କାର ହାସଲ କରିଥିଲେ। ଅନ୍ୟପକ୍ଷରେ ଉସ୍‌ମାନ ଖ୍ୱାଜାଙ୍କୁ ଟେଷ୍ଟ ପ୍ଲେୟର ଅଫ୍ ଦି ଇୟର ଘୋଷଣା କରାଯାଇଥିବାବେଳେ ଭାରତର ସୂର୍ଯ୍ୟକୁମାର ଯାଦବଙ୍କୁ ଟି୨୦ ପ୍ଲେୟର ଅଫ୍ ଦି ଇୟର ଘୋଷଣା କରାଯାଇଥିଲା।

# ମହିଳା ଫୁଟ୍‌ବଲ ଦଳର କୋଚ୍ ହେବେ ଚାଓବା

**ନୂଆଦିଲ୍ଲୀ, ୨୫ା୧ (ପି.ଟି.)**

ଜାତୀୟ ସିନିୟର ମହିଳା ଫୁଟ୍ବଲ ଦଳର ମୁଖ୍ୟ କୋଚ୍ ପଦବୀ ପାଇଁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଟେକ୍ନିକାଲ କମିଟି ଗୁରୁବାର ଭାରତର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଲାନଗାମ ଚାଓବା ଦେବୀଙ୍କ ନାମ ସୁପାରିସ କରିଛି। ଚାଓବା ଦୁଇଟି ଏଏଫ୍‌ସି ମହିଳା ଚାମ୍ପିୟନଶିପ୍ ଏବଂ ବ୍ୟାଙ୍କକ୍‌ରେ ୧୯୯୮ ଏସିଆନ ଗେମ୍ସରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ପୂର୍ବରୁ ସେ ସିନିୟର ମହିଳା ଦଳର ସହକାରୀ କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସେ କିକ୍‌ଷ୍ଟାର୍ଟ ଏଫ୍‌ସିର ମୁଖ୍ୟ କୋଚ୍ ଅଛନ୍ତି। ତାଙ୍କ ଦଳ ଚଳିତ ସିଜନ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଅପରାଜିତ ରହିବା ସହ ଦ୍ୱିତୀୟ ସ୍ଥାନରେ ରହିଛି। ୨୦୨୩ରେ ଏଆଇଏଫଏଫ୍ ଓମେନ୍ସ କୋଚ୍ ଅଫ୍ ଦି ଇୟର ମନୋନୀତ ହୋଇଥିବା ପ୍ରିୟା ପିଭି ବ୍ଲୁ ଟାଇଗ୍ରେସ୍ ଦଳର ସହାକାରୀ କୋଚ୍ ପଦବୀ ପାଇଁ ମନୋନୀତ ହୋଇଛନ୍ତି। ଗତବର୍ଷ ସେ ୧୭ ବର୍ଷରୁ କମ୍ ଭାରତୀୟ ଦଳର ମୁଖ୍ୟ କୋଚ୍ ଥିଲେ। ତାଙ୍କ ତତ୍ତ୍ୱାବଧାନରେ ଦଳ ପ୍ରଥମ ଥର ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସିଆନ କପ୍ କ୍ୱାଲିଫାୟର୍ସର ରାଉଣ୍ଡ-୨କୁ ଉନ୍ନୀତ ହୋଇଥିଲା। ଲୌରେମବାମ୍ ରୋନିବାଲା ଚାନୁ ପୂର୍ବଭଳି ଭାରତୀୟ ସିନିୟର ମହିଳା ଦଳର ଗୋଲ୍‌କିପର କୋଚ୍ ରହିବେ। ବ୍ଲୁ ଟାଇଗ୍ରେସ ଦଳ ଫେବୃୟାରୀ ୧୯ରୁ ୨୮ ତୁର୍କୀରେ ଖେଳାଯିବାକୁଥିବା ୨୦୨୪ ତୁର୍କୀଶ ଓମେନ୍ସ କପ୍‌ରେ ଭାଗ ନେବ।


ଲାନଗାମ ଚାଓବା ଦେବୀ

**୫ ଏ-ସାଇଡ ମହିଳା ହକି ବିଶ୍ୱକପ୍**

# ନାମ୍ବିଆକୁ ହରାଇ କ୍ୱାର୍ଟରରେ ଭାରତ

**ମସ୍କଟ, ୨୫ା୧ (ପି.ଟି.):** ଭାରତୀୟ ମହିଳା ଦଳ ଏଠାରେ ଚାଲିଥିବା ଏଫ୍ଆଇଏଚ୍ ୫ ଏ-ସାଇଡ ମହିଳା ହକି ବିଶ୍ୱକପର ଏକ ମ୍ୟାଚରେ ନାମ୍ବିଆକୁ ୭-୨ ଗୋଲ୍‌ରେ ପରାସ୍ତ କରି ଭାରତ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ପୁଲ୍ 'ସି'ରେ ଭାରତର ଏହା ହେଉଛି କ୍ରମାଗତ ତୃତୀୟ ବିଜୟ। ଭାରତ ବର୍ତ୍ତମାନ ସେମିଫାଇନାଲରେ ସ୍ଥାନ ପାଇବା ପାଇଁ ଶୁକ୍ରବାର ପୁଲ୍ 'ଡି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଥିବା ନ୍ୟୁଜିଲାଣ୍ଡ ସହ ମୁକାବିଲା କରିବ। ଭାରତ ପୂର୍ବରୁ ପୋଲାଣ୍ଡକୁ ୫-୪ରେ ଏବଂ ୟୁଏସ୍‌ଏକୁ ୭-୩ ଗୋଲ୍‌ରେ ହରାଇ ଦେଇଛି।

# ଆୟର୍ଲାଣ୍ଡକୁ ୨୦୧ ରନରେ ହରାଇଲା ଭାରତ

**ବ୍ଲୋଏମ୍‌ଫଣ୍ଟିନ, ୨୫ା୧ (ପି.ଟି.)**

ମୁଶିର ଖାନ୍‌ଙ୍କ ଦର୍ଶନୀୟ ଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଆଇସିସି କ୍ରିକେଟ ବିଶ୍ୱକପ୍‌ର ଏକ ମ୍ୟାଚରେ ଆୟର୍ଲାଣ୍ଡକୁ ୨୦୧ ରନରେ ପରାସ୍ତ କରିଛି। ଏଥି ସହିତ ଦଳ ସୁପର ସିକ୍ସ ରାଉଣ୍ଡରେ ପ୍ରବେଶ କରିଛି। ମୁଶିର ୧୦୬ ବଲ୍‌ରେ ୧୧୮ରନ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୩୦୧ ରନ କରିଥିଲା। ଜବାବରେ ଆୟର୍ଲାଣ୍ଡ ୨୯. ୪ ଓଭରରେ ମାତ୍ର ୧୦୦ରନ କରି ଅଲଆଉଟ ହୋଇଯାଇଥିଲା। ଭାରତର ନମନ ତିୱାରୀ (୧୦ ଓଭରରେ ୪/୫୩) ଓ ବାମହାତି ସ୍ପିନର ସୌମି କୁମାର ପାଣ୍ଡେ (୯ ଓଭରରେ ୩/୨୧)ଚମତ୍କାର ବୋଲିଂ କରି ବିପକ୍ଷ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଆୟର୍ଲାଣ୍ଡର ୭ଜଣ ବ୍ୟାଟର ଦୁଇଅଙ୍କ ସ୍କୋର କରିବାରେ ବିଫଳ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

୧୯ ବର୍ଷରୁ କମ୍ ଭାରତ: ୩୦୧/୭ (ମୁଶିର ଖାନ୍-୧୧୮, ଉଦୟ ଶରଣ-୭୫, ଅଲିଭର ରିଲି-୩/୫୫)। ଆୟର୍ଲାଣ୍ଡ: ୨୯.୪ ଓଭରରେ ୧୦୦/ଅଲଆଉଟ (ନମନ ତିୱାରୀ-୪/୫୩, ସୌମି କୁମାର ପାଣ୍ଡେ-୩/୨୧)।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ